# ଧରିତ୍ରୀ
DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ଶନିବାର, ଫେବୃଆରୀ ୧୫/୨୦୨୫ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, February 15/2025 Page 16 ₹ 7.00

୫୧ଶ ଭାଗ ୮୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 83 ମୂଲ୍ୟ ₹୭/-




## ଅର୍ଜୁନ-ମଲାଇକାଙ୍କ ପ୍ୟାଚ୍‌ଅପ୍

ବଲିଉଡ୍‌ର ଚର୍ଚ୍ଚିତ ଯୋଡ଼ି ମଲାଇକା ଅରୋରା ଏବଂ ଅର୍ଜୁନ କପୁର ପରସ୍ପରଠାରୁ ଦୂରେଇ ଯାଇଥିବା କୁହାଯାଉଥିଲା। ସେମାନଙ୍କ ମଧ୍ୟରେ ପୁଣିଥରେ ପ୍ୟାଚ୍‌ଅପ୍ ହୋଇଥିବା ଚର୍ଚ୍ଚା ହେଉଛି। ୦୨

୧୬

## ହରମନପ୍ରୀତ ଆଶାବାଦୀ

ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଶକ୍ତିଶାଳୀ ଦଳ ଗୁଡ଼ିକ ବିପକ୍ଷରେ ଭାରତ ଭଲ ପ୍ରଦର୍ଶନ କରିବ ବୋଲି ଆଶା ପ୍ରକାଶ କରିଛନ୍ତି ଭାରତୀୟ ଦଳର ଅଧିନାୟକ ହରମନପ୍ରୀତ ସିଂ।



## ସୁନା ୮୯ ହଜାର ଟପିଲା

**ନୂଆଦିଲ୍ଲୀ,୧୪।୨**

ସୁନା ଦର ଶୁକ୍ରବାର ୧୩ ଶହ ଟଙ୍କା ବୃଦ୍ଧି ପାଇ ୧୦ ଗ୍ରାମକୁ ୮୯,୪୦୦ ଟଙ୍କାରେ ପହଞ୍ଚିଛି। ଜୁଏଲେରି ଏବଂ ଖୁଚୁରା ବ୍ୟବସାୟୀମାନେ ପର୍ଯ୍ୟାପ୍ତ ସୁନା କିଣୁଥିବାରୁ ଏହା ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି ବୋଲି ଅଲ୍ ଇଣ୍ଡିଆ ସରାଫା ଆସୋସିଏସନ୍ ପକ୍ଷରୁ କୁହାଯାଉଛି। ୨୪ କ୍ୟାରେଟ୍ ଧାତୁର ମୂଲ୍ୟ ଗୁରୁବାର ୧୦ ଗ୍ରାମ ପିଛା ୮୮, ୧୦୦ ଟଙ୍କା ଥିଲା। ଶୁକ୍ରବାର ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ୧୦ ଗ୍ରାମ ପିଛା ୮୭,୦୮୦ ଟଙ୍କା ରହିଥିବାବେଳେ ୨୨ କ୍ୟାରେଟ୍‌ର ଦାମ୍ ୭୯,୯୦୦ ଟଙ୍କା ପହଞ୍ଚିଛି।

**ଆଜିର ସମ୍ପାଦକୀୟ**

ନିଯୁକ୍ତିରେ ପରିବର୍ତ୍ତନ








ଆମେରିକାର ୱାଶିଂଟନ ଡିସିରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କରମର୍ଦ୍ଦନ କରୁଥିବାର ଏକ ବିଶେଷ ମୁହୂର୍ତ୍ତ।

# ଭାରତକୁ ଟାରିଫ୍, ମୋଦିଙ୍କୁ ତାରିଫ୍

**ଡୋନାଲ୍ଡ ଟ୍ରମ୍ପ ଦ୍ୱିତୀୟ ଥର ଆମେରିକା ରାଷ୍ଟ୍ରପତି ହେବା ପରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ୱାଶିଂଟନ୍ ଡିସିରେ ଭେଟିଛନ୍ତି। ନିକଟରେ ବେଆଇନ ଭାରତୀୟ ଆପ୍ରବାସୀଙ୍କୁ ଟ୍ରମ୍ପ ପ୍ରଶାସନ ଫେରାଇବା କାର୍ଯ୍ୟ ଆରମ୍ଭ କରିଥିବାବେଳେ ଏଚ୍‌୧ବି ଭିଜା ସଂକ୍ରାନ୍ତରେ କଠୋର ମନୋଭାବ ପୋଷଣ କରିଛି। ଏଭଳି ସ୍ଥଳେ ଆଶା କରାଯାଉଥିଲା, ମୋଦିଙ୍କ ଗସ୍ତ ଦ୍ୱିପାକ୍ଷିକ ସମ୍ପର୍କକୁ ସୁଦୃଢ଼ କରିବ। କିନ୍ତୁ ଟ୍ରମ୍ପ କହିଛନ୍ତି, ଯେଉଁ ରାଷ୍ଟ୍ରଗୁଡ଼ିକ ଆମେରିକୀୟ ସାମଗ୍ରୀ ଉପରେ ଆମଦାନୀ ଟିକସ ବସାଉଛନ୍ତି, ସେମାନଙ୍କ ବିପକ୍ଷରେ ପାରସ୍ପରିକ ଶୁଳ୍କ (ରେସିପ୍ରୋକାଲ ଟାରିଫ୍) ଲାଗୁ କରାଯିବ, ସିଏ ବନ୍ଧୁ ରାଷ୍ଟ୍ର ହୁଅନ୍ତୁ ବା ପ୍ରତିଦ୍ୱନ୍ଦ୍ୱୀ। ଆମେରିକାଠାରୁ ତୈଳ, ଗ୍ୟାସ ଓ ପ୍ରତିରକ୍ଷା ସାମଗ୍ରୀ କିଣିବା ଉପରେ ୱାଶିଂଟନ୍ ଦେଇଥିବା ପ୍ରସ୍ତାବକୁ ଭାରତ ମାନିନେଇଛି। ଅନ୍ୟପକ୍ଷରେ ଭାରତର ଦାବି ଉପରେ ମୋଦି-ଟ୍ରମ୍ପ ଭେଟଘାଟରୁ କିଛି ସ୍ପଷ୍ଟ ସୂଚନା ମିଳିପାରି ନାହିଁ। ଟ୍ରମ୍ପ ଭାରତ ଉପରେ ଅତ୍ୟଧିକ ଶୁଳ୍କ (ଇଂଲିଶ୍‌ରେ ଟାରିଫ୍) ବସାଇବା ନେଇ ସ୍ପଷ୍ଟ କରିଥିବାବେଳେ ଭାରତୀୟ ଗଣମାଧ୍ୟମ ମୋଦିଙ୍କୁ ଟ୍ରମ୍ପ ପ୍ରଶଂସା (ହିନ୍ଦୀରେ ତାରିଫ୍)ରେ ପୋତୁଥିବା ବିଷୟରେ ଉଲ୍ଲେଖ କରୁଥିବା ଦେଖିବାକୁ ମିଳିଛି।**

**ନୂଆଦିଲ୍ଲୀ,୧୪।୨**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨ ଦିନିଆ ଆମେରିକା ଗସ୍ତରେ ଯାଇ ଗୁରୁବାର ବିଳମ୍ବିତ ରାତିରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ହ୍ୱାଇଟ୍ ହାଉସ୍‌ରେ ଟ୍ରମ୍ପ ପ୍ରଧାନମନ୍ତ୍ରୀଙ୍କୁ ଆଲିଙ୍ଗନ ଓ କରମର୍ଦ୍ଦନ ସହ ଅଭିନନ୍ଦନ ଜଣାଇବା ଅବସରରେ ତାଙ୍କୁ ଜଣେ ଭଲ ମଧ୍ୟସ୍ଥ କହି ତାରିଫ୍ (ପ୍ରଶଂସା) କରିଥିବାବେଳେ ସେପଟେ ଭାରତ ନୂଆ ଟାରିଫ୍ (ଶୁଳ୍କ) ବୋଝ ବହନ କରିବାକୁ ଯାଉଛି। କାରଣ ମୋଦିଙ୍କ ସହ ଆଲୋଚନା ପୂର୍ବରୁ ଟ୍ରମ୍ପ ସହଯୋଗୀ ଓ ପ୍ରତିଦ୍ୱନ୍ଦ୍ୱୀ ରାଷ୍ଟ୍ରଗୁଡ଼ିକ ବିରୋଧରେ ପାରସ୍ପରିକ ଶୁଳ୍କ (ରେସିପ୍ରୋକାଲ ଟାରିଫ୍) ଘୋଷଣା କରିଛନ୍ତି। ଏହି ଟାରିଫ୍ ଲାଗୁ ହେଲେ ଆମେରିକା ସହ ଭାରତର ବାଣିଜ୍ୟ ଗୁରୁତର ପ୍ରଭାବିତ ହେବ ବୋଲି କୁହାଯାଉଛି।

ପ୍ରଧାନମନ୍ତ୍ରୀ ମୋଦି ଆମେରିକାରେ ପହଞ୍ଚିବା ପରଠାରୁ ସବୁକିଛି ଅନୁକୂଳ ଲାଗୁଥିଲା। ସେ ରହିଥିବା ବ୍ଲେୟାର ହାଉସ୍‌ରୁ ଆମେରିକା ପତାକା କଢ଼ାଯାଇ ସେଠାରେ ତ୍ରିରଙ୍ଗା ଲଗାଯାଇଥିଲା, ଯାହାକି ଗସ୍ତରେ ଆସିଥିବା ବିଦେଶୀ ନେତାଙ୍କ ପାଇଁ ଏକ ବିରଳ ଅଭିବ୍ୟକ୍ତି। ଏଥିସହିତ ଟ୍ରମ୍ପ ପ୍ରଶାସନର ଅନେକ ଶୀର୍ଷ ଅଧିକାରୀମାନଙ୍କ ସହ ମୋଦିଙ୍କ ଆଲୋଚନା ହୋଇଥିଲା। ସେମାନଙ୍କ ମଧ୍ୟରେ ଥିଲେ ସ୍ପେସ୍‌ଏକ୍ସ ସିଇଓ ତଥା ଟ୍ରମ୍ପ ପ୍ରଶାସନରେ ସରକାରୀ ଦକ୍ଷତା ବିଭାଗ ମୁଖ୍ୟ ଏଲନ୍ ମସ୍କ, ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ମିଚେଲ୍ ୱାଲ୍ଟଜ୍ ଏବଂ ଜାତୀୟ ଗୋଇନ୍ଦା ମୁଖ୍ୟ ତୁଲସୀ ଗାବାର୍ଡ ପ୍ରମୁଖ। ହ୍ୱାଇଟ୍ ହାଉସ୍‌ରେ ଟ୍ରମ୍ପ ମୋଦିଙ୍କୁ ଆଲିଙ୍ଗନ ଏବଂ କରମର୍ଦ୍ଦନ କରି ଅଭିନନ୍ଦନ ଜଣାଇବା କିଛି ସେକେଣ୍ଡ ପର୍ଯ୍ୟନ୍ତ ଚାଲିଥିଲା, ଯାହାର ଦୃଶ୍ୟ ପ୍ରସାରିତ ହୋଇଥିଲା। ବିଭିନ୍ନ ଅଧିକାରୀଙ୍କ ସହ ପରିଚୟ କରାଇବା ପୂର୍ବରୁ ପ୍ରିୟ ବନ୍ଧୁ ମୋଦିଙ୍କୁ ଟ୍ରମ୍ପ ପ୍ରଶଂସାରେ ପୋତିପକାଇଥିଲେ। ଦ୍ୱିପାକ୍ଷିକ ଆଲୋଚନା ପାଇଁ ବସିବା ବେଳେ ଟ୍ରମ୍ପ ନିଜେ ମୋଦିଙ୍କ ପାଇଁ ଚେୟାର ଟାଣିଥିଲେ। କେବଳ ☞ପୃଷ୍ଠା-୪

# ଭାଇଙ୍କ ଆଗରେ ଭଉଣୀ ଜୀବନ ନେଲା ମୋ ବସ୍

## ଦୁର୍ଘଟଣାରେ ୪ରୁ ଊର୍ଦ୍ଧ୍ୱ ଆହତ, ସ୍କୁଟିକୁ ୧୦୦ମି. ଘୋଷାଡ଼ି ନେଲା

**ଭୁବନେଶ୍ୱର,୧୪।୨(ସତ୍ୟଜିତ୍ ରାଉତ)**

ସବୁ ସୀମା ଲଙ୍ଘିଲେ ମୋ ବସ୍ ଡ୍ରାଇଭର। ଭୁବନେଶ୍ୱର ତମାଣ୍ଡୋ ଥାନା ଅନ୍ତର୍ଗତ ପାତ୍ରପଡ଼ା ଓଭରବ୍ରିଜ୍ ନିକଟ ନିର୍ମାଣାଧୀନ ଫୁଟ୍ ଓଭରବ୍ରିଜ ପାଖରେ ଶୁକ୍ରବାର ରାତି ପ୍ରାୟ ୧୦ଟା ୩୦ ବେଳେ ମୋ ବସ୍ (ନଂ. ଓଡି ୦୨ବିଜେ ୯୪୧୦) ଭୟଙ୍କର ଦୁର୍ଘଟଣା ଘଟାଇଛି। ଏଥିରେ ୪ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଜଣେ ମହିଳାଙ୍କର ତାଙ୍କ ଭାଇଙ୍କ ସାମ୍ନାରେ ମୃତ୍ୟୁ ଘଟିଛି। ମୃତ ମହିଳା ହେଲେ ନନ୍ଦିନୀ ପ୍ରଧାନ (୫୨)। ତାଙ୍କ ଭାଇ ବିଦ୍ୟାସାଗର ପ୍ରଧାନ ଗୁରୁତର ଆହତ ହୋଇ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଦୁର୍ଘଟଣା ଘଟାଇବା ପରେ ମଧ ଚାଳକ ଜଣକ ବସ୍‌କୁ ଅଟକାଇ ନ ଥିଲେ। ବସ୍‌ଟି ଏକ ସ୍କୁଟିକୁ ୧୦୦ ମିଟର ଘୋଷାଡ଼ି ନେବା ସହ ରାସ୍ତା କଡ଼ରେ ଫିଙ୍ଗି ଦେଇଥିଲା। ☞ପୃଷ୍ଠା-୪




**ମାଡିଲେ ମନ୍ଦିର ହାତୀ : କାନ୍ଥ ଧସି ୩ ମୃତ**

କେରଳର କୋୟିଲାଣ୍ଡିସ୍ଥିତ ମନକୁଲଙ୍ଗରା ମନ୍ଦିରରେ ଉତ୍ସବ ପାଳନ ବେଳେ ବାଣ ଫୁଟିବାରୁ ୨ଟି ହାତୀ ଉତ୍ତେଜିତ ହୋଇ ଗହଳି ମଧ୍ୟକୁ ମାଡ଼ିଆସିବା ସହ ଏକ ଘରକୁ ଭାଙ୍ଗିବା ବେଳେ କାନ୍ଥ ଧସି ୩ ଜଣଙ୍କ ମୃତ୍ୟୁ ଘଟିଛି। ଉତ୍ତେଜିତ ହାତୀଙ୍କୁ ଦେଖି ଲୋକେ ଧାଁଦଉଡ଼ କରିବାରୁ ଦଳାଚକଟା ଯୋଗୁ ୨୦ ଜଣ ଆହତ ହୋଇଥିବା ପୋଲିସ କହିଛି।



## ରାଣାଙ୍କ ପ୍ରତ୍ୟର୍ପଣ: ଟ୍ରମ୍ପଙ୍କ ସମ୍ମତି



ୱାଶିଂଟନ,୧୪।୨

୨୬/୧୧ ମୁମ୍ବାଇ ଆକ୍ରମଣ ଅଭିଯୁକ୍ତ ତଥା ପାକିସ୍ତାନୀ ବଂଶୋଦ୍ଭବ କାନାଡୀୟ ନାଗରିକ ତହଉର ରାଣାଙ୍କୁ ଭାରତକୁ ପ୍ରତ୍ୟର୍ପଣ କରାଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟରେ ଆଲୋଚନା ପରେ ଏହା ସ୍ପଷ୍ଟ ହୋଇଛି। ରାଣାଙ୍କୁ ଭାରତ ଅଣାଗଲେ, ୧୬୬ ଜଣଙ୍କ ଜୀବନ ଯାଇଥିବା ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ପଛରେ ପାକିସ୍ତାନର ସମ୍ପୃକ୍ତି ପଦାରେ ପଡ଼ିବା ନେଇ ଆଶା କରାଯାଉଛି। ଟ୍ରମ୍ପ ଗୁରୁବାର ଘୋଷଣା କରିଛନ୍ତି ଯେ, 'ବିଶ୍ୱର ଅନ୍ୟତମ ଘାତକ ଷଡ଼ଯନ୍ତ୍ରକାରୀ' ରାଣାଙ୍କୁ ପ୍ରତ୍ୟର୍ପଣ କରିବା ପାଇଁ ତାଙ୍କ ପ୍ରଶାସନ ଅନୁମୋଦନ କରିଛି। ଭାରତରେ ରାଣା ଆଇନଗତ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବେ। ଲସ୍ ଏଞ୍ଜେଲ୍ସର ଏକ ଅଟକ କେନ୍ଦ୍ରରେ ବନ୍ଦୀ ଥିବା ରାଣା ପାକିସ୍ତାନୀ-ଆମେରିକୀୟ ଆତଙ୍କବାଦୀ ଡାଭିଡ୍ କୋଲ୍ମ୍ୟାନ୍ ହେଡ୍ଲିଙ୍କ ସହ ମିଶି ଏହି ଆକ୍ରମଣର ଷଡ଼ଯନ୍ତ୍ର ରଚିଥିବା ଅଭିଯୋଗ ରହିଛି। ତାଙ୍କୁ ଭାରତକୁ ଆଣିବା ପାଇଁ ଚାଲିଥିବା ଉଦ୍ୟମ ସମ୍ପର୍କରେ ବହିର୍ବ୍ୟାପାର ସଚିବ ବିକ୍ରମ ମିସ୍ତ୍ରି ସୂଚନା ଦେଇଛନ୍ତି। ପ୍ରକାଶ ଯେ, ୨୦୦୮ ନଭେମ୍ବର ୨୬ରେ ୧୦ ପାକିସ୍ତାନୀ ଆତଙ୍କବାଦୀ ମୁମ୍ବାଇର ଏକ ରେଳଷ୍ଟେଶନ, ଦୁଇଟି ବିଳାସପୂର୍ଣ୍ଣ ହୋଟେଲ ଓ ଏକ ଇହୁଦୀ କେନ୍ଦ୍ରରେ ଆକ୍ରମଣ କରିଥିଲେ। ଦେଶର ଆର୍ଥିକ ରାଜଧାନୀକୁ ଦୋହଲାଇ ଦେଇଥିବା ତଥା ୬୦ ଘଣ୍ଟା ଧରି ଚାଲିଥିବା ଏହି ଆକ୍ରମଣରେ ଅନେକ ଭାରତୀୟଙ୍କ ସମେତ ଆମେରିକା, ବ୍ରିଟେନ୍‌ଓ ଇସ୍ରାଏଲର ନାଗରିକମାନେ ନିହତ ହୋଇଥିଲେ।

# ଟ୍ରମ୍ପଙ୍କ ଟାରିଫ୍: ଯେସାକୁ ତେସା

**ଆମେରିକା ହେଉଛି ଭାରତର ଅନ୍ୟତମ ବୃହତ୍ ବାଣିଜ୍ୟିକ ସହଯୋଗୀ। ୨୦୨୪ରେ ଭାରତ-ଆମେରିକା ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ୧୧୮.୨ ବିଲିୟନ୍ ଡଲାର ରହିଥିଲା। ଭାରତ ଆମେରିକାରୁ ୫,୭୪୯ ସାମଗ୍ରୀ ଆମଦାନୀ କରିଥିଲା, ଯାହାର ମୂଲ୍ୟ ୪୦.୭ ବିଲିୟନ୍ ଡଲାର ହେବ। ସେହିପରି ଆଲୋଚ୍ୟ ଆର୍ଥିକବର୍ଷରେ ଭାରତରୁ ଆମେରିକାକୁ ୭,୩୪୬ ସାମଗ୍ରୀ ରପ୍ତାନି କରାଯାଇଥିଲା, ଯାହାର ମୂଲ୍ୟ ୭୭.୫ ବିଲିୟନ୍ ଡଲାର ରହିଥିଲା। ଇତିମଧ୍ୟରେ ଫେବୃଆରୀ ୧୩ରେ ଆମେରିକାର ସମସ୍ତ ବାଣିଜ୍ୟିକ ସହଯୋଗୀ ରାଷ୍ଟ୍ର ଉପରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପାରସ୍ପରିକ ଶୁଳ୍କ କଷିବା ପାଇଁ ଏକ ଅର୍ଡରରେ ସ୍ୱାକ୍ଷର କରିଛନ୍ତି। ଆସନ୍ତା ଏପ୍ରିଲରୁ ଏହି ନୂଆ ଟାରିଫ୍ ଲାଗୁ ହୋଇପାରେ। ଏଥିଯୋଗୁ ଭାରତ ସମେତ ବିଶ୍ୱର ଅନେକ ରାଷ୍ଟ୍ର ସହ ଆମେରିକାର ବାଣିଜ୍ୟିକ ସମ୍ପର୍କ ପ୍ରଭାବିତ ହୋଇପାରେ। କଜିନ୍ସ ବିଶ୍ଳେଷଣ ଅନୁସାରେ ଭାରତ ଆମେରିକାରୁ ଆମଦାନୀ କରୁଥିବା ସାମଗ୍ରୀଗୁଡ଼ିକ ଉପରେ ୧୦%ରୁ ଅଧିକ ଟିକସ ବସାଇଥାଏ, ଯାହାକି ଆମେରିକା ଭାରତରୁ ଆମଦାନୀ ସାମଗ୍ରୀ ଉପରେ କଷୁଥିବା ଟିକସର ପ୍ରାୟ ୩ ଗୁଣା ଅଧିକ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜ ୱାଶିଂଟନ୍ ଗସ୍ତବେଳେ ଆମେରିକା ସହ ଅସନ୍ତୁଳିତ ବାଣିଜ୍ୟିକ କାରବାରରେ ସନ୍ତୁଳନ ଆଣିବାକୁ ପ୍ରୟାସ କରିଥିବାବେଳେ ଟ୍ରମ୍ପଙ୍କ ଟାରିଫ୍ ଭାରତୀୟ ଅର୍ଥନୀତି ପାଇଁ ଶୁଭଙ୍କର ନୁହେଁ ବୋଲି ବଜାର ବିଶେଷଜ୍ଞ ଓ ରେଟିଂ ଏଜେନ୍ସିଗୁଡ଼ିକ ମତ ଦେଇଛନ୍ତି।**

## ପ୍ରଭାବିତ ହେବ ଭାରତ-ଆମେରିକା ବାଣିଜ୍ୟିକ ସମ୍ପର୍କ



ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ରେସିପ୍ରୋକାଲ ଟାରିଫ୍ ଅର୍ଡରରେ ସ୍ୱାକ୍ଷର କରୁଛନ୍ତି।

ୱାଶିଂଟନ୍/ନୂଆଦିଲ୍ଲୀ (ରଏଟର୍ସ/ଏଜେନ୍ସି),୧୪।୨

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାକ୍ଷାତ କରିବାର ଠିକ୍ ପୂର୍ବରୁ ଆମେରିକା ରାଷ୍ଟ୍ରପତି ଏକ ନୂଆ ନିର୍ଦ୍ଦେଶନାମାରେ ସ୍ୱାକ୍ଷର କରିଛନ୍ତି। ଏହା ହେଉଛି ରେସିପ୍ରୋକାଲ୍ ଟାରିଫ୍ ବା ପାରସ୍ପରିକ ଶୁଳ୍କ। ଅର୍ଥାତ୍ ଯେଉଁ ଦେଶଗୁଡ଼ିକ ଆମେରିକାଠାରୁ ଆମଦାନୀ କରୁଥିବା ସାମଗ୍ରୀଗୁଡ଼ିକ ଉପରେ ଯେତେ ଟିକସ କଷୁଛନ୍ତି, ଏଣିକି ସେହି ଦେଶରୁ ଆମେରିକାକୁ ରପ୍ତନୀ ହେଉଥିବା ସାମଗ୍ରୀ ଉପରେ ମଧ୍ୟ ସମପରିମାଣର ଶୁଳ୍କ ଲାଗୁହେବ। ଅର୍ଡରରେ ସ୍ୱାକ୍ଷର କରିବା ପରେ ଟ୍ରମ୍ପ କହିଛନ୍ତି, ଯେଉଁ ରାଷ୍ଟ୍ର ଆମେରିକାରେ ଫ୍ୟାକ୍ଟ୍ରି, ପ୍ଲାଣ୍ଟ ଆଦି ପ୍ରତିଷ୍ଠା କରି ସାମଗ୍ରୀ ଉତ୍ପାଦନ କରିବେ, ସେମାନଙ୍କ ମେଡିକାଲ, କାର୍, ଚିପ୍ସ, ସେମିକଣ୍ଡକ୍ଟର ଆଦି ଉତ୍ପାଦିତ ସାମଗ୍ରୀ ଉପରେ ଟିକସ ଲାଗିବ ନାହିଁ। କାରଣ ଏହାଦ୍ୱାରା ଆମେରିକାରେ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

ଟ୍ରମ୍ପଙ୍କ ଏହି ନିଷ୍ପତ୍ତି ଭାରତ ପାଇଁ ବିଶେଷ ଗୁରୁତ୍ୱ ବହନ କରେ। କାରଣ ଟିକସ କ୍ଷେତ୍ରରେ ସେ ଆପଣାଇଥିବା 'ଯେସାକୁ ତେସା' ନୀତିରେ ଭାରତୀୟ ବଜାର ବହୁଳ ଭାବେ କ୍ଷତିଗ୍ରସ୍ତ ହେବ।

ଆମେରିକୀୟ ସାମଗ୍ରୀଗୁଡ଼ିକ ଉପରେ ଭାରତ କଷୁଥିବା ହାରାହାରି ଟିକସ ହେଉଛି ୯.୫%। ଅନ୍ୟପକ୍ଷେ ଆମେରିକା ଭାରତୀୟ ସାମଗ୍ରୀ ଉପରେ ୩% ଟିକସ କଷିଥାଏ। ପ୍ରତିଷୋଧମୂଳକ ଟିକସ ଲାଗୁ ହେଲେ ଭାରତୀୟ ସାମଗ୍ରୀଗୁଡ଼ିକୁ ଆମେରିକା ବଜାରରେ ପ୍ରବେଶ ପାଇଁ କଷ୍ଟକର ହୋଇଯିବ। ଏଥିଯୋଗୁ ଭାରତର ରପ୍ତାନି ବାଧାପ୍ରାପ୍ତ ହେବ ବୋଲି ନୋମୁରା ରେଟିଂ ଏଜେନ୍ସିର

**୨୦୨୪ରେ ଭାରତ-ଆମେରିକା ବାଣିଜ୍ୟ କାରବାର ୧୧୮.୨ ବିଲିୟନ ଡଲାର**

**ଭାରତ ଆମେରିକାକୁ ଯାନ୍ତ୍ରିକ ଉପକରଣ, ଇଲେକ୍ଟ୍ରୋନିକ୍ ସାମଗ୍ରୀ, ରତ୍ନ, ଅଳଙ୍କାର, ଔଷଧୀୟ ଉତ୍ପାଦ, ଲାଇଟ୍ କ୍ରୁଡ୍ ଅଏଲ୍, ପେଟ୍ରୋଲିୟମ୍ ଓ ଟେକ୍ସଟାଇଲ୍ସ ସାମଗ୍ରୀ ରପ୍ତାନି କରିଥାଏ।**

ବିଶେଷଜ୍ଞମାନେ ମତ ଦେଇଛନ୍ତି।

ମୋଦିଙ୍କୁ ଭେଟିବା ପୂର୍ବରୁ ଟ୍ରମ୍ପ ଆହୁରି କହିଥିଲେ, ଭାରତ ହେଉଛି 'ବ୍ୟବସାୟ ପାଇଁ କଷ୍ଟକର ସ୍ଥାନ'। କାରଣ ଏହାର ଟାରିଫ୍ ଅତ୍ୟନ୍ତ ଉଚ୍ଚ ରହିଛି। କିନ୍ତୁ ସେମାନେ ଆମ ପାଇଁ ଟିକସରେ ଯେଉଁ ପରିବର୍ତ୍ତନ ଆଣିବେ, ଆମେ ମଧ୍ୟ ଅନୁରୂପ ଆଭିମୁଖ୍ୟ ଗ୍ରହଣ କରିବୁ। ଏପରି ହେଲେ ଉତ୍ତମ କାରବାର ଚାଲିବ। ଏଭଳି ସ୍ଥଳେ ଟ୍ରମ୍ପଙ୍କ ପାରସ୍ପରିକ ଶୁଳ୍କର

**ଆମେରିକା ଭାରତକୁ ଖଣିଜ ଇନ୍ଧନ ଓ ତୈଳ, ମୁକ୍ତା, ମୂଲ୍ୟବାନ୍ ଧାତୁ, ନ୍ୟୁକ୍ଲିୟର ରିଏକ୍ଟର୍ସ ବୋଇଲର ଓ ଯନ୍ତ୍ରପାତି, ବୈଦ୍ୟୁତିକ ଯନ୍ତ୍ରପାତି ଆଦି ରପ୍ତାନି କରିଥାଏ।**

ପ୍ରଭାବ ସୁଦୂରପ୍ରସାରୀ ହୋଇପାରେ। ଭାରତର ଖାଦ୍ୟ ସାମଗ୍ରୀ, ପନିପରିବା, ଟେକ୍ସଟାଇଲ୍ସ ଓ କପଡ଼ା ସେକ୍ଟର ବିଶେଷ ପ୍ରଭାବିତ ହେବା ଆଶଙ୍କା ସୃଷ୍ଟି ହୋଇଛି। ଇଲେକ୍ଟ୍ରିକାଲ ସାମଗ୍ରୀ, ରତ୍ନ, ଫାର୍ମା ଉତ୍ପାଦ, ଲୌହ, ଷ୍ଟିଲ୍ ଆଦି ମଧ୍ୟ ଭାରତ ଆମେରିକାକୁ ପଠାଇଥାଏ, ଯାହାକି ରପ୍ତାନି କରିବାରେ ଅସୁବିଧା ହେବ। ରପ୍ତାନିରେ ବାଧା ଉପୁଜିଲେ ଏହି ସାମଗ୍ରୀଗୁଡ଼ିକର ଦରଦାମ୍ ଭାରତରେ ବଢ଼ିଯିବା ଆଶଙ୍କା ସୃଷ୍ଟି ହୋଇଛି।

ପ୍ରକାଶ ଯେ, ୟୁଏସ୍ ରେସିପ୍ରୋକାଲ୍ ଟ୍ରେଡ୍ ଏଗ୍ରିମେଣ୍ଟ୍ସ ଆକ୍ଟ, ୧୯୩୪କୁ ସମ୍ପ୍ରତି ଆମେରିକାର ଜାତୀୟ ସ୍ୱାର୍ଥ ଉଦ୍ଦେଶ୍ୟରେ ବ୍ୟବହାର କରାଯାଉଛି। ଏହାଦ୍ୱାରା ଆମେରିକା ଓ ବାଣିଜ୍ୟିକ ସହଯୋଗୀ ପରସ୍ପରର ଉତ୍ପାଦ ଉପରେ ନିମ୍ନ ଟିକସ ଲଗାଇବା ପାଇଁ ମୂଳଚାଲ କ୍ଷମତା ପାଇଛନ୍ତି। ବିଶେଷକରି ଟ୍ରମ୍ପ ୨.୦ ପ୍ରଶାସନ ଏହାକୁ ଆମେରିକାର ନାଗରିକମାନଙ୍କ ଉନ୍ନତି ପାଇଁ ଉପଯୋଗ କରୁଥିବା କହିଛି।

## ଆମେରିକାରୁ ଆଉ ୧୧୯ ବେଆଇନ ପ୍ରବାସୀ ବିଦା

ଚଣ୍ଡିଗଡ଼,୧୪।୨(ପି.ଟି.)

ଆମେରିକାରୁ ଦ୍ୱିତୀୟ ପର୍ଯ୍ୟାୟରେ ୧୧୯ ଜଣ ବେଆଇନ ପ୍ରବାସୀ ଭାରତୀୟଙ୍କୁ ବିତାଡ଼ିତ କରାଯାଇଛି। ସେମାନଙ୍କୁ ଆଣି ଆସୁଥିବା ଆମେରିକୀୟ ବିମାନ ଶନିବାର ରାତିରେ ଅମୃତସର ବିମାନବନ୍ଦରରେ ଅବତରଣ କରିପାରେ ବୋଲି ଜଣାପଡ଼ିଛି। ଗତ ମାସରେ ଡୋନାଲ୍ଡ ଟ୍ରମ୍ପ ଆମେରିକା ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିବା ସମୟରେ ବେଆଇନ ପ୍ରବାସୀଙ୍କୁ ବିଦାକରିବେ ବୋଲି ସଂକଳ୍ପ କରିଥିଲେ। ୧୧୯ ବେଆଇନ ଭାରତୀୟ ପ୍ରବାସୀଙ୍କ ମଧ୍ୟରେ ୬୭ ଜଣ ପଞ୍ଜାବର ହୋଇଥିବାବେଳେ ହରିୟାଣାରୁ ୩୩, ଗୁଜରାଟରୁ ୮, ଉତ୍ତରପ୍ରଦେଶରୁ ୩, ଗୋଆ, ମହାରାଷ୍ଟ୍ର ଓ ରାଜସ୍ଥାନରୁ ୨ ଜଣ ଲେଖାଏ ଏବଂ ହିମାଚଳପ୍ରଦେଶ ଓ ଜମ୍ମୁ-କଶ୍ମୀରରୁ ଜଣେ ଲେଖାଏ ଅଛନ୍ତି। ସୂଚନାଯୋଗ୍ୟ, ଗତ ସପ୍ତାହରେ ଆମେରିକାର ଏକ ସାମରିକ ବିମାନ ୧୦୪ ଜଣ ବେଆଇନ ଭାରତୀୟ ପ୍ରବାସୀଙ୍କୁ ଆଣି ଅମୃତସର ବିମାନବନ୍ଦରରେ ପହଞ୍ଚିଥିଲା। ତେବେ ସେମାନଙ୍କ ପ୍ରତି ଦୁର୍ବ୍ୟବହାର କରାଯିବା ସହ ହାତଗୋଡ଼ରେ ବେଡ଼ି ପକାଇ ଅଣାଯାଇଥିବାରୁ ଏହାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଥିଲା।

## ଭାରତୀୟ ଖବରଦାତାଙ୍କ ଉପରେ ବିଗିଡ଼ିଲେ ଟ୍ରମ୍ପ

ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ରାଷ୍ଟ୍ରପତି ଟ୍ରମ୍ପ ମିଳିତ ପ୍ରେସ୍ କନ୍‌ଫରେନ୍ସକୁ ସମ୍ବୋଧିତ କରୁଥିବାବେଳେ ଜଣେ ଭାରତୀୟ ଖବରଦାତାଙ୍କ ଉପରେ ବିଗିଡ଼ିଥିଲେ। ଆମେରିକାରେ ଭାରତ ବିରୋଧୀ କାର୍ଯ୍ୟକଳାପ ନେଇ ଖବରଦାତା ଜଣକ ଟ୍ରମ୍ପଙ୍କୁ ପ୍ରଶ୍ନ କରିଥିଲେ। ଏଠାରେ ଭାରତ ବିରୋଧୀ ସ୍ୱର ଉତ୍ତୋଳନ ଜାରି ରହିବ କି ବୋଲି ସେ ପ୍ରଶ୍ନ କରିଥିଲେ। ଟ୍ରମ୍ପ ବିରକ୍ତି ପ୍ରକାଶ କରି କହିଥିଲେ, ତୁମେ ଯାହା କହୁଛ ମୁଁ ଗୋଟିଏ ହେଲେ ଶବ୍ଦ ବୁଝିପାରୁନାହିଁ। ଅନ୍ୟ ଜଣେ ଖବରଦାତା ଖଲିସ୍ତାନୀ ଆତଙ୍କବାଦୀ ଗୁରପତ୍‌ୱନ୍ତ ସିଂ ପନ୍ନୁଙ୍କ ପ୍ରସଙ୍ଗରେ ଭାରତକୁ ଆମେରିକା କିପରି ସହଯୋଗ କରିବ ବୋଲି ପଚାରିଥିଲେ। ଟ୍ରମ୍ପ ତାଙ୍କ ପ୍ରଶ୍ନକୁ ଏଡ଼ାଇ ଯାଇଥିଲେ।

## କେନ୍ଦ୍ର, ଇସିଙ୍କୁ ଲିଖିତ ଜବାବ ମାଗିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୪।୨(ପି.ଟି.)

**ରାଜନୈତିକ ଦଳଙ୍କୁ ଆରଟିଆଇ ଅନ୍ତର୍ଭୁକ୍ତ କରିବାକୁ ଆବେଦନ**

ରାଜନୈତିକ ଦଳଗୁଡ଼ିକୁ ସୂଚନା ଅଧିକାର ଆଇନ (ଆର୍‌ଟିଆଇ) ଅନ୍ତର୍ଭୁକ୍ତ କରିବା ପାଇଁ ହୋଇଥିବା ଆବେଦନ ଉପରେ ସୁପ୍ରିମକୋର୍ଟ ଶୁକ୍ରବାର କେନ୍ଦ୍ର ସରକାର, ନିର୍ବାଚନ କମିଶନ ଏବଂ ୬ଟି ଦଳଠାରୁ ଲିଖିତ ଜବାବ ମାଗିଛନ୍ତି। ରାଜନୈତିକ ଦଳଗୁଡ଼ିକୁ ଉତ୍ତରଦାୟୀ କରାଇବା ଏବଂ ନିର୍ବାଚନରେ କଳାଟଙ୍କାର ବ୍ୟବହାର ରୋକିବା ପାଇଁ ସେଗୁଡ଼ିକୁ ଆର୍‌ଟିଆଇ ପରିସରଭୁକ୍ତ କରିବାକୁ ଡେମୋକ୍ରାଟିକ୍ ରିଫର୍ମ୍ସ (ଏଡିଆର୍) ଏବଂ ଆଇନଜୀବୀ ଅଶ୍ୱିନୀ ଉପାଧ୍ୟାୟଙ୍କ ପକ୍ଷରୁ ସର୍ବୋଚ୍ଚ ଅଦାଲତରେ ଦୁଇଟି ପିଟିଶନ ଦାଏର ହୋଇଥିଲା। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସଞ୍ଜୀବ ଖାନ୍ନା ଏବଂ ଜଷ୍ଟିସ୍ ସଞ୍ଜୟ କୁମାରଙ୍କ ଖଣ୍ଡପୀଠ ଉକ୍ତ ପିଟିଶନ୍‌ର ଶୁଣାଣି କରି ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତିପକ୍ଷଗୁଡ଼ିକ ୩ ପୃଷ୍ଠା ମଧ୍ୟରେ ସେମାନଙ୍କ ଲିଖିତ ଜବାବ ଦାଖଲ କରିବାକୁ କୁହାଯାଇଛି। ସୂଚନାଯୋଗ୍ୟ, ସମସ୍ତ ଜାତୀୟ ଏବଂ ଆଞ୍ଚଳିକ ରାଜନୈତିକ ଦଳଗୁଡ଼ିକୁ ଆର୍‌ଟିଆଇ ଅଧୀନକୁ ଆଣିବା ପାଇଁ ସେଗୁଡ଼ିକୁ ସରକାରୀ କର୍ତ୍ତୃପକ୍ଷ ଘୋଷଣା କରିବା ନିମନ୍ତେ ଆବେଦନ ଉପରେ ୨୦୧୫ ଜୁଲାଇ ୭ରେ ସର୍ବୋଚ୍ଚ ଅଦାଲତ କେନ୍ଦ୍ର ସରକାର, ନିର୍ବାଚନ କମିଶନ ଏବଂ ୬ଟି ଦଳଙ୍କୁ ନୋଟିସ୍ ଜାରି କରିଥିଲେ। ୨୦୧୯ରେ ଉପାଧ୍ୟାୟ ଦଳଗୁଡ଼ିକୁ ଆର୍‌ଟିଆଇ ପରିସରଭୁକ୍ତ କରିବାକୁ ଅନୁରୂପ ପିଟିଶନ ଦାଏର କରିଥିଲେ। ଦୁର୍ନୀତି ଏବଂ ସାମ୍ପ୍ରଦାୟିକୀକରଣର ବିପଦର ମୁକାବିଲା ପାଇଁ କେନ୍ଦ୍ର ସରକାର ପଦକ୍ଷେପ ନେବାକୁ ଅଦାଲତ ନିର୍ଦ୍ଦେଶ ଦିଅନ୍ତୁ ବୋଲି ସେ ନିବେଦନ କରିଥିଲେ। ରାଜନୈତିକ ଦଳଗୁଡ଼ିକୁ ସ୍ୱଚ୍ଛ, ଲୋକଙ୍କ ନିକଟରେ ଉତ୍ତରଦାୟୀ ଏବଂ ନିର୍ବାଚନରେ କଳାଟଙ୍କା ଉପଯୋଗ ବନ୍ଦ କରିବା ପାଇଁ ଜନପ୍ରତିନିଧି ଆଇନ, ୧୯୫୧ର ଧାରା ୨୯ଏ'ରେ ପଞ୍ଜୀକୃତ ହୋଇଥିବା ଦଳଗୁଡ଼ିକୁ ସୂଚନା ଅଧିକାର ଆଇନ, ୨୦୦୫ର ଧାରା ୨(ଏଚ୍) ଅନୁଯାୟୀ ସରକାରୀ କର୍ତ୍ତୃପକ୍ଷ ଘୋଷଣା କରିବାକୁ ପିଟିଶନରେ କୁହାଯାଇଥିଲା।

## 'ଆଇନକୁ ନିର୍ଦ୍ଦିଷ୍ଟ ମାର୍ଗରେ ପ୍ରଣୟନ କରିବାକୁ ଅଦାଲତ କହିପାରିବେ ନାହିଁ'

ନୂଆଦିଲ୍ଲୀ,୧୪।୨(ପି.ଟି.)

କୌଣସି ଆଇନକୁ ନିର୍ଦ୍ଦିଷ୍ଟ ମାର୍ଗରେ ପ୍ରଣୟନ କରିବା ପାଇଁ ଅଦାଲତଗୁଡ଼ିକ ଆଇନ ପ୍ରଣେତାଙ୍କୁ ନିର୍ଦ୍ଦେଶ ଦେଇପାରିବେ ନାହିଁ ବୋଲି ସୁପ୍ରିମକୋର୍ଟ ଶୁକ୍ରବାର କହିଛନ୍ତି। ଏସମ୍ପର୍କିତ ଏକ ଜନସ୍ୱାର୍ଥ ମାମଲାକୁ ରଫାଦଫା କରିବା ଅବସରରେ ଦିଲ୍ଲୀ ହାଇକୋର୍ଟ ଦେଇଥିବା ରାୟ ବିରୋଧରେ ପିଟିଶନ୍‌ର ଶୁଣାଣି ବେଳେ ଜଷ୍ଟିସ୍ ବି.ଆର୍. ଗଭାଇ ଏବଂ ଅଗଷ୍ଟାଇନ୍ ଜର୍ଜ ମସିହଙ୍କ ଖଣ୍ଡପୀଠ ଉପରୋକ୍ତ ଟିପ୍ପଣୀ ଦେଇଛନ୍ତି। ପାର୍ଲାମେଣ୍ଟ ସମସ୍ତ ଦୃଷ୍ଟିକୋଣକୁ ବିଚାରକୁ ନେଇ ନୂଆ ଆଇନ ପ୍ରଣୟନ କରିଥାନ୍ତି। ଏହାକୁ ନିର୍ଦ୍ଦିଷ୍ଟ ଢଙ୍ଗରେ ପ୍ରଣୟନ କରିବା ପାଇଁ ସୁପ୍ରିମକୋର୍ଟ କିମ୍ବା ହାଇକୋର୍ଟ ନିର୍ଦ୍ଦେଶ ଦେଇପାରିବେ ନାହିଁ ବୋଲି ଖଣ୍ଡପୀଠ କହିବା ସହ ପିଟିଶନ୍‌ର ଶୁଣାଣି କରିବାକୁ ମନା କରିଦେଇଛନ୍ତି। ଜିଲା ଅଦାଲତ କିମ୍ବା ପୋଲିସ ଚାର୍ଜଶିଟ୍‌ର ନକଲ ଅଭିଯୋଗକାରୀ କିମ୍ବା ପୀଡ଼ିତାଙ୍କୁ ମାଗଣାରେ ଯୋଗାଇବା ପାଇଁ ଜନସ୍ୱାର୍ଥ ମାମଲାରେ ନିବେଦନ କରାଯାଇଥିଲା।

## ୟୁକ୍ରେନ୍ ଆଣବିକ କେନ୍ଦ୍ରରେ ରୁଷିଆର ଡ୍ରୋନ୍ ମାଡ଼

କିଭ୍,୧୪।୨

ମ୍ୟୁନିକ୍ ସିକ୍ୟୁରିଟି କନ୍‌ଫରେନ୍ସର ଅବ୍ୟବହିତ ପୂର୍ବରୁ ୟୁକ୍ରେନ୍ ପାୱାର ପ୍ଲାଣ୍ଟ ଉପରେ ରୁଷିଆ ଡ୍ରୋନ୍ ଆକ୍ରମଣ କରିଛି। ବିଶ୍ୱକୁ ବିକିରଣରୁ ସୁରକ୍ଷା ଦେଉଥିବା ଚେର୍ନୋବିଲ୍ ଆଣବିକ କେନ୍ଦ୍ର ଉପରେ ଗୁରୁବାର ରାତି ପ୍ରାୟ ୨ଟାରେ ରୁଷିଆ ପକ୍ଷରୁ ଉଚ୍ଚ ବିସ୍ଫୋରକଯୁକ୍ତ ଏକ ଡ୍ରୋନ୍ ଆକ୍ରମଣ କରାଯାଇଛି ବୋଲି ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ସୂଚନା ଦେଇଛନ୍ତି। ଚେର୍ନୋବିଲ୍ ଆଣବିକ କେନ୍ଦ୍ରର ଚତୁର୍ଥ ପାୱାର ୟୁନିଟ୍‌କୁ ଆକ୍ରମଣ କରାଯିବା ପରେ ସେଠାରେ ବଡ଼ ବିସ୍ଫୋରଣ ହୋଇଛି। ଏଥିରେ ୟୁନିଟ୍‌ର ଛାତରେ ଏକ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। ଜେଲେନ୍‌ସ୍କି ଏହାକୁ ସାରା ବିଶ୍ୱର ଉପରେ ଏକ ଆତଙ୍କବାଦୀ ଆକ୍ରମଣ ବୋଲି ଅଭିହିତ କରିଛନ୍ତି। ରୁଷୀୟ ସୈନ୍ୟ ସାରା ଦେଶର ବିଭିନ୍ନ ଭାଗରେ ୧୦୦ରୁ ଅଧିକ ଡ୍ରୋନ୍ ଆକ୍ରମଣ କରିଥିବା ୟୁକ୍ରେନୀୟ ବାୟୁସେନା ପକ୍ଷରୁ କୁହାଯାଇଛି।

ଦିନ କେଇଟା ପରେ ରୁଷିଆର ୟୁକ୍ରେନ୍ ଆକ୍ରମଣକୁ ୩ ବର୍ଷ ପୂରିବାକୁ ଯାଉଥିବାବେଳେ ଜର୍ମାନୀର ମ୍ୟୁନିକ୍ ସହରରେ ଶୁକ୍ରବାର ସୁରକ୍ଷା ସମ୍ମିଳନୀ ଆରମ୍ଭ ହୋଇଛି। ୧୬ ତାରିଖ ଯାଏ ଚାଲିବାକୁ ଥିବା ମ୍ୟୁନିକ୍ ସିକ୍ୟୁରିଟି କନ୍‌ଫରେନ୍ସର ଫୋକସ୍ ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଉପରେ ରହିଛି।



ଚେର୍ନୋବିଲ୍ ଆଣବିକ କେନ୍ଦ୍ର ଚତୁର୍ଥ ପାୱାର ୟୁନିଟ୍‌ର ଯାନ୍ତ୍ରିକ ଉପକରଣ ନଷ୍ଟ ହୋଇଯାଇଛି।

## ମସ୍କଙ୍କ ମାଲିକାନା ପରେ ଏକ୍ସରେ ଘୃଣା ମନ୍ତବ୍ୟ ୫୦% ବଢ଼ିଛି

ୱାଶିଂଟନ,୧୪।୨

ଆମେରିକୀୟ ବିଲିୟନେୟାର ଏଲନ୍ ମସ୍କ ସୋସିଆଲ୍ ମିଡିଆ ପ୍ଲାଟ୍‌ଫର୍ମ ଏକ୍ସ'କୁ କିଣିବା ପରେ ଏହି ପ୍ଲାଟ୍‌ଫର୍ମରେ ଘୃଣା ମନ୍ତବ୍ୟ ପୂର୍ବାପେକ୍ଷା ୫୦ ପ୍ରତିଶତ ବଢ଼ିଥିବା ଏକ ନୂଆ ବିଶ୍ଳେଷଣରେ ଦର୍ଶାଯାଇଛି। ବର୍କେଲସ୍ଥିତ ୟୁନିଭର୍ସିଟି ଅଫ୍ କାଲିଫର୍ନିଆର ଗବେଷକମାନେ ମଧ୍ୟ ୨୦୨୩ ଜୁନ୍ ପର୍ଯ୍ୟନ୍ତ ଏହା ଉପରେ ଅଧ୍ୟୟନ କରିଥିଲେ। ପୂର୍ବରୁ ଟୁଇଟର ନାମରେ ପରିଚିତ ଏହି ପ୍ଲାଟ୍‌ଫର୍ମର ମାଲିକାନା ସ୍ୱତ୍ୱ ମସ୍କଙ୍କୁ ହାତକୁ ଯିବା ପରେ ଘୃଣା ମନ୍ତବ୍ୟ ସମ୍ବଳିତ ପୋଷ୍ଟଗୁଡ଼ିକ ବଢ଼ିଥିଲା। ପ୍ରକାଶ ଯେ, ଏହା ପୂର୍ବରୁ ୨୦୨୨ ଏପ୍ରିଲରେ ମସ୍କ ଏକ୍ସରେ ଲେଖିଥିଲେ, 'ଡିଫିଟ୍ ଦି ସ୍ପାମ୍ ବଟ୍ସ'। କିନ୍ତୁ ପରବର୍ତ୍ତୀ ସମୟରେ ବର୍ଣ୍ଣଭେଦୀ, ସମଲିଙ୍ଗୀ ଏବଂ ତୃତୀୟଲିଙ୍ଗୀ ବିରୋଧୀ ଘୃଣାପୂର୍ଣ୍ଣ ମତ ମନ୍ତବ୍ୟ ଏଥିରେ ସ୍ଥାନ ପାଇଥିଲା।

## ମମତା କୁଲକର୍ଣ୍ଣୀ ପୁଣି ମହାମଣ୍ଡଳେଶ୍ୱର

ପ୍ରୟାଗରାଜ,୧୪।୨

ଏକ କୌତୂହଳପୂର୍ଣ୍ଣ ଘଟଣାକ୍ରମରେ ବଲିଉଡ୍‌ର ପୂର୍ବତନ ଅଭିନେତ୍ରୀ ମମତା କୁଲକର୍ଣ୍ଣୀ କିନ୍ନର ଆଖାଡ଼ାର ମହାମଣ୍ଡଳେଶ୍ୱର ପଦବୀରୁ ଇସ୍ତଫା ଦେବାର ୩ ଦିନ ପରେ ତାଙ୍କୁ ପୁନଃ ଅବସ୍ଥାପିତ କରାଯାଇଛି। ମହାମଣ୍ଡଳେଶ୍ୱର ଭାବେ ପ୍ରତ୍ୟାବର୍ତ୍ତନ ନେଇ ମମତା ଏକ ଭିଡିଓରେ ନିଜ ବିବୃତି ଜାରି କରିଛନ୍ତି। ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ କିନ୍ନର ଆଖଡ଼ାର ଆଚାର୍ଯ୍ୟ ମହାମଣ୍ଡଳେଶ୍ୱର ଲକ୍ଷ୍ମୀନାରାୟଣ ତ୍ରିପାଠୀ ମମତାଙ୍କ ଇସ୍ତଫାପତ୍ରକୁ ଗ୍ରହଣ କରିବାକୁ ମନା କରିଦେଇଛନ୍ତି। ଶ୍ରୀ ଯମାଇ ମମତାନନ୍ଦ ଗିରି ନାମରେ ପରିଚିତ ମମତା ସନାତନ ଧର୍ମ ଓ ଆଖଡ଼ା ପ୍ରତି ନିଜ ପ୍ରତିଶ୍ରୁତିବଦ୍ଧତାକୁ ଦୋହରାଇଛନ୍ତି।

## ନୂଆ ସିଇସି ଚୟନ ପାଇଁ ୧୭ରେ ବୈଠକ

ନୂଆଦିଲ୍ଲୀ,୧୪।୨(ପି.ଟି.)

ବର୍ତ୍ତମାନର ମୁଖ୍ୟ ନିର୍ବାଚନ କମିଶନର (ସିଇସି) ରାଜୀବ କୁମାରଙ୍କ କାର୍ଯ୍ୟକାଳ ଆସନ୍ତା ୧୮ ତାରିଖରେ ଶେଷ ହେବାକୁ ଯାଉଛି। ତେଣୁ ନୂଆ ସିଇସି ଚୟନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ନୂଆ ମୁଖ୍ୟ ନିର୍ବାଚନ କମିଶନରଙ୍କ ନାଁ ଚୂଡ଼ାନ୍ତ କରିବା ପାଇଁ ଆସନ୍ତା ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଚୟନ କମିଟି ବୈଠକ ବସିବାକୁ ଯାଉଛି। କମିଟିରେ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ରହିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ସରକାରୀ ବାସଭବନରେ ବୈଠକ ବସି ସର୍ଚ୍ଚ କମିଟି ଦେଇଥିବା ପ୍ରାର୍ଥୀମାନଙ୍କ ସଂକ୍ଷିପ୍ତ ତାଲିକାରୁ ସିଇସି ଚୟନ କରାଯିବ। କମିଟିର ସୁପାରିସ୍‌କ୍ରମେ ନୂଆ ସିଇସି ନିଯୁକ୍ତ ହେବେ। ରାଜୀବ କୁମାରଙ୍କ ପରେ ଜ୍ଞାନେଶ କୁମାର ବରିଷ୍ଠତମ ନିର୍ବାଚନ କମିଶନର ଏବଂ ତାଙ୍କ କାର୍ଯ୍ୟକାଳ ୨୦୨୯ ଜାନୁଆରୀ ୨୬ ପର୍ଯ୍ୟନ୍ତ ରହିଛି।

## ଅର୍ଜୁନ-ମଲାଇକାଙ୍କ ପ୍ୟାଚ୍‌ଅପ୍

ମୁମ୍ବାଇ: କେତେବେଳେ ବ୍ରେକ୍‌ଅପ୍ ତ କେତେବେଳେ ପ୍ୟାଚ୍‌ଅପ୍। ଖବରର ଶିରୋନାମାରେ ରହିବାକୁ ପସନ୍ଦ କରନ୍ତି ବଲିଉଡ୍‌ର ଅନ୍ୟତମ ଚର୍ଚ୍ଚିତ ଯୋଡ଼ି ମଲାଇକା ଅରୋରା ଏବଂ ଅର୍ଜୁନ କପୁର। କିଛିଦିନ ଧରି ଉଭୟ ବାଟ ଅଲଗା କରିନେଇଥିବା କୁହାଯାଉଥିଲା। ହେଲେ ଏବେ ତାହା ମିଛ ଲାଗିଲାଣି। କହିବାର ଅର୍ଥ ଦୁହିଁଙ୍କର କୁଆଡେ ପ୍ୟାଚ୍‌ଅପ୍ ହୋଇଯାଇଛି ବୋଲି ଚର୍ଚ୍ଚା ଜୋର ଧରିଛି।

ରିଲିଜ ହେବାକୁ ଯାଉଛି ଫିଲ୍ମ 'ମେରେ ହଜବ୍ୟାଣ୍ଡ କି ବିୱି'। ଏଥିରେ ଅର୍ଜୁନ ଅଭିନେତ୍ରୀ ଭୂମି ପେଡନେକର, ରକୁଲ ପ୍ରିତ ସିଂଙ୍କ ସହ ନଜର ଆସିବେ। ଫେବୃୟାରୀ ୨୧ରେ ଏହା ସିନେମାଘରେ ରିଲିଜ ହେବ। ତେବେ ଏହାକୁ ନେଇ ଅର୍ଜୁନ ଏବେ ପ୍ରମୋଶନରେ ବ୍ୟସ୍ତ ରହୁଛନ୍ତି। ଏହିପରି ଭାବେ ସେ ରିଆଲିଟି ଶୋ' 'ଇଣ୍ଡିଆଜ୍ ବେଷ୍ଟ ଡ୍ୟାନ୍ସର' ଭର୍ସେସ୍ 'ସୁପର ଡ୍ୟାନ୍ସର'ମଞ୍ଚରେ ପହଞ୍ଚିଥିଲେ। ଏଥିରେ ମଲାଇକା ବିଚାରପତି ଆସନ ଅଳଙ୍କୃତ କରିଛନ୍ତି। ଶୋ'ରେ ହିଁ ଦୁଇ ଲଭବାର୍ଡ ମୁହାଁମୁହିଁ ହୋଇଯାଇଛନ୍ତି।

ଶୋ'ରେ ଅର୍ଜୁନ ମଲାଇକାଙ୍କୁ ପ୍ରଶଂସାରେ ପୋତି ପକାଇଛନ୍ତି। ଅଭିନେତ୍ରୀଙ୍କ ନୃତ୍ୟ ତାଙ୍କୁ ମତୁଆଲା କରେ। ସେସବୁକୁ କହିବାକୁ ଭାଷା ମିଳେନା ବୋଲି ଅର୍ଜୁନ କହିଛନ୍ତି। ମଲାଇକା ହସ ହସ ମୁହଁରେ ହଁ କହୁଥିବାର ପ୍ରମୋ ଭିଡିଓ ସାମ୍ନାକୁ ଆସିଛି।



## ମାର୍ଚ୍ଚ ୧୯ରେ ଫେରିବେ ସୁନୀତା ୱିଲିୟମ୍ସ

ୱାଶିଂଟନ,୧୪।୨

ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସ୍‌ଏସ୍)ରେ ଦୀର୍ଘ ୮ ମାସରୁ ଊର୍ଦ୍ଧ୍ୱ ସମୟ ରହିବା ପରେ ନାସା ମହାକାଶଚାରୀ ସୁନୀତା ୱିଲିୟମ୍‌ସ ଏବଂ ବୁଚ୍ ୱିଲ୍‌ମୋର ମାର୍ଚ୍ଚ ୧୯ରେ ପୃଥିବୀକୁ ଫେରିବେ। ମହାକାଶରୁ ସେମାନଙ୍କ ସୂଚନା ଅନୁଯାୟୀ ମାର୍ଚ୍ଚ ୧୨ରେ କ୍ରିଉ-୧୦ ମିଶନ ମାର୍ଚ୍ଚ ୧୨ରେ ପୃଥିବୀରୁ ଲଞ୍ଚ୍ କରିବ। ସେଥିରେ ଯାଇଥିବା ମହାକାଶଚାରୀଙ୍କୁ ଉଭୟ ସୁନୀତା ଏବଂ ବୁଚ୍ କାର୍ଯ୍ୟ ହସ୍ତାନ୍ତର କରିବା ପରେ ମାର୍ଚ୍ଚ ୧୯ରେ ଡ୍ରାଗନ୍ ସ୍ପେସ୍‌କ୍ରାଫ୍ଟରେ ପୃଥିବୀକୁ ଫେରିବେ। ସମ୍ପ୍ରତି ସୁନୀତା ଉକ୍ତ ଉଡ଼ନ୍ତା ଲାବରେଟୋରିର କମାଣ୍ଡର ରହିଥିବାବେଳେ ମାର୍ଚ୍ଚ ୧୨ରେ ଯିବାକୁ ଥିବା ଅନ୍ୟ ଜଣେ ମହାକାଶଚାରୀ ଏହି ଦାୟିତ୍ୱ ସମ୍ଭାଳିବେ। ଗତବର୍ଷ ଜୁନ୍‌ରେ ସୁନୀତା ଏବଂ ବୁଚ୍ ବୋଇଂର ଷ୍ଟାର୍‌ଲାଇନର କ୍ୟାପ୍‌ସୁଲ୍‌ରେ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରକୁ ଯାଇଥିଲେ। ଉକ୍ତ ମହାକାଶ ଯାନରେ ବୈଷୟିକ ତ୍ରୁଟି ଦେଖାଦେବାରୁ ସେମାନେ ୮ ମାସରୁ ଊର୍ଦ୍ଧ୍ୱ ସମୟ ହେଲା ସେଠାରେ ଫସିରହିଛନ୍ତି।



ସୁନୀତା ୱିଲିୟମ୍‌ସଙ୍କ ସହ ବୁଚ୍ ୱିଲ୍‌ମୋର




# ସରକାରୀ ବିଶ୍ୱବିଦ୍ୟାଳୟର ୨୦୦୩ ଅଧ୍ୟାପକ ପଦବୀରୁ ୧୩୦୭ ଖାଲି

ଭୁବନେଶ୍ୱର,୧୪।୨(ସୁଚିସ୍ମିତା ସାହୁ)

ରାଜ୍ୟର ସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଅଧାରୁ ଅଧିକ ଅଧ୍ୟାପକ ପଦବୀ ଖାଲି ପଡ଼ିଛି। ୧୭ଟି ସରକାରୀ ବିଶ୍ୱବିଦ୍ୟାଳୟ ଅତିଥି ଅଧ୍ୟାପକ/ଅଧ୍ୟାପିକାଙ୍କ ଭରସାରେ ଚାଲିଛି। ସେହିପରି ୫ଟି ବିଶ୍ୱବିଦ୍ୟାଳୟରେ ଖାଲି ପଡ଼ିଛି କୁଳପତି ପଦବୀ। ଶୁକ୍ରବାର ବିଧାୟକ ଅରବିନ୍ଦ ମହାପାତ୍ରଙ୍କ ପ୍ରଶ୍ନର ଉତ୍ତର ରଖି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବିଧାନସଭାରେ ଉପସ୍ଥାପନା କରିଥିବା ତଥ୍ୟରୁ ଏହା ଜଣାପଡ଼ିଛି। ଉକ୍ତ ତଥ୍ୟ ଅନୁଯାୟୀ, ରାଜ୍ୟରେ ଥିବା ୧୭ଟି ସରକାରୀ ବିଶ୍ୱବିଦ୍ୟାଳୟରେ ବିଭିନ୍ନ ବିଭାଗରେ ମୋଟ ୨୦୦୩ଟି ମଞ୍ଜୁରୀପ୍ରାପ୍ତ ଅଧ୍ୟାପକ ପଦବୀ ଅଛି। ସେଥିମଧ୍ୟରୁ ୬୯୬ଟି ପଦବୀରେ ଅଧ୍ୟାପକ/ଅଧ୍ୟାପିକା କାର୍ଯ୍ୟରତ ଥିବାବେଳେ ୧୩୦୭ଟି ପଦବୀ ଖାଲି ପଡ଼ିଛି। ତେଣୁ ୯୬୩ଜଣ ଅତିଥି ଅଧ୍ୟାପକଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ବିଶ୍ୱବିଦ୍ୟାଳୟଗୁଡ଼ିକର ବିଭିନ୍ନ ବିଭାଗରେ ମୋଟ ୨୬୯୨ଟି ମଞ୍ଜୁରୀପ୍ରାପ୍ତ ଅଣଶିକ୍ଷକ ପଦବୀ ରହିଥିବାବେଳେ ୭୮୨ଟି ପଦବୀରେ କର୍ମଚାରୀ କାର୍ଯ୍ୟ କରୁଥିବା ବେଳେ ୧୯୧୦ଟି ପଦବୀ ଖାଲି ପଡ଼ିଛି।

## ଓଡ଼ିଆ, ବିକ୍ରମଦେବ ଓ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ଖାଲିପଡ଼ିଛି ସବୁ ପଦବୀ

ଓଡ଼ିଆ ବିଶ୍ୱବିଦ୍ୟାଳୟରେ ୨୧ଟି ଅଧ୍ୟାପକ ପଦବୀ ରହିଛି। ୩ଟି ପ୍ରଫେସର, ୬ଟି ଆସୋସିଏଟ୍ ପ୍ରଫେସର ଓ ୧୨ଟି ଆସିଷ୍ଟାଣ୍ଟ ପ୍ରଫେସର ପଦବୀ ରହିଥିବା ବେଳେ ସବୁ ଖାଲି ପଡ଼ିଛି। ୧୦ଜଣ ଅତିଥି ଅଧ୍ୟାପକ (୩ ପ୍ରଫେସର ଓ ୭ ଜଣ ଆସିଷ୍ଟାଣ୍ଟ ପ୍ରଫେସର)ରେ ଏହି ବିଶ୍ୱବିଦ୍ୟାଳୟ ଚାଲିଛି। ସେହିପରି ଖଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ୧୧୨ଟିରୁ ୧୧୨ଟି, ଧରଣୀଧର ବିଶ୍ୱବିଦ୍ୟାଳୟରେ ୯୭ଟିରୁ ୯୭ଟି, ବିକ୍ରମଦେବ ବିଶ୍ୱବିଦ୍ୟାଳୟରେ ୧୧୧ରୁ ୧୧୧ଟି ଅଧ୍ୟାପକ ପଦବୀ ଖାଲି ପଡ଼ିଛି। ଉତ୍କଳ ବିଶ୍ୱବିଦ୍ୟାଳୟରେ ମୋଟ ୨୩୯ଟି ପଦରୁ ୧୩୬ଟି ପଦବୀ ଖାଲି ପଡ଼ିଛି। ସେଥିରୁ ୪୬ଟି ପ୍ରଫେସର ପଦବୀ ଥିବା ବେଳେ ୩୬ଟି ଖାଲି ପଡ଼ିଛି। ସେହିପରି ୭୫ଟି ଆସୋସିଏଟ୍ ପ୍ରଫେସର ପଦବୀ ରହିଥିବା ବେଳେ ୪୫ଟି ଓ ୧୧୮ଟି ଆସିଷ୍ଟାଣ୍ଟ ପ୍ରଫେସର ପଦବୀରୁ ୫୫ଟି ଖାଲି ପଡ଼ିଛି। ରେଭେନ୍ସା ବିଶ୍ୱବିଦ୍ୟାଳୟରେ ପ୍ରଫେସର, ଆସୋସିଏଟ୍ ପ୍ରଫେସର ଓ ଆସିଷ୍ଟାଣ୍ଟ ପ୍ରଫେସରକୁ ମିଶାଇ ମୋଟ ୨୬୭ଟି ପଦବୀ ରହିଥିବା ବେଳେ ୧୫୭ଟି ଖାଲି ପଡ଼ିଛି। ଏମ୍ଏସ୍‌ସିବିରେ ୧୧୫ଟି ଅଧ୍ୟାପକ ପଦବୀରୁ ୬୫ଟି ଖାଲି ରହିଛି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ପ୍ରଫେସର, ଆସୋସିଏଟ୍ ପ୍ରଫେସର ଓ ଆସିଷ୍ଟାଣ୍ଟ ପ୍ରଫେସରକୁ ମିଶାଇ ଥିବା ୧୮୨ଟି ପଦବୀରୁ ୯୩ଟି ଖାଲି ପଡ଼ିଛି। ଜିଏମ୍ ବିଶ୍ୱବିଦ୍ୟାଳୟରେ ୧୪୪ରୁ ୭୮ଟି, ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ୧୩୫ଟିରୁ ୭୧ଟି, ଫକୀର ମୋହନ ବିଶ୍ୱବିଦ୍ୟାଳୟରେ ୧୧୭ଟିରୁ ୪୯ଟି, ଏସ୍‌ଜେଏସ୍‌ଭିରେ ୩୮ଟିରୁ ୧୯ଟି, ରମାଦେବୀ ବିଶ୍ୱବିଦ୍ୟାଳୟରେ ୧୩୭ଟିରୁ ୭୮ଟି, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ୧୨୬ଟିରୁ ୧୦୬ଟି, ଏମ୍ଏସ୍ ଲ' ବିଶ୍ୱବିଦ୍ୟାଳୟରେ ୫୦ରୁ ୩୦ ଓ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ୧୧୨ଟିରୁ ୮୪ଟି ପଦବୀ ଖାଲି ପଡ଼ିଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି।

# 'ଅନୁସନ୍ଧାନ' ପୋର୍ଟାଲ ଲୋକାର୍ପିତ

ରାଉରକେଲା,୧୪।୨(ସଙ୍ଗୀତା ଜେନା)

ନାଗରିକମାନଙ୍କ ପକ୍ଷରୁ ଥାନାରେ ହେଉଥିବା ଏଫ୍ଆଇଆର୍‌ର ସୁଗମ ଟ୍ରାକିଂ ଏବଂ ପୋଲିସ କାର୍ଯ୍ୟକଳାପରେ ପାରଦର୍ଶିତା ଆଣିବା ପାଇଁ ରାଉରକେଲାସ୍ଥିତ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ(ଏନ୍ଆଇଟି) ସହଯୋଗରେ ରାଉରକେଲା ପୋଲିସ ପକ୍ଷରୁ 'ଅନୁସନ୍ଧାନ' ନାମରେ ଏକ ପୋର୍ଟାଲ ବିକଶିତ କରାଯାଇଛି। ଶୁକ୍ରବାର ମଧ୍ୟାହ୍ନ ୧୨ଟାରେ ରାଉରକେଲା ଏସ୍‌ପି ନିତେଶ ୱାଧୱାନୀ ଓ ଏନ୍ଆଇଟି ନିର୍ଦ୍ଦେଶକ ପ୍ରଫେସର କେ. ଉମା ମହେଶ୍ୱର ରାଓ ମିଳିତ ଭାବେ ଏହି ନୂତନ ପୋର୍ଟାଲର ଶୁଭାରମ୍ଭ କରିଥିଲେ। 'ଅନୁସନ୍ଧାନ' ପୋର୍ଟାଲ ମାଧ୍ୟମରେ ଅଭିଯୋଗକାରୀମାନେ ସେମାନଙ୍କ ଏତଲାର ବର୍ତ୍ତମାନ ସ୍ଥିତି ଯାଞ୍ଚ କରିବାର ସୁବିଧା ପାଇବେ। ଏହାଦ୍ୱାରା ମାମଲା ସହ ଜଡ଼ିତ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇବାରେ ସୁଗମ ଏବଂ ଦକ୍ଷ ଅଭିଜ୍ଞତା ସୁନିଶ୍ଚିତ ହେବ। ଏହି ପୋର୍ଟାଲ ଆଇନଗତ ଅନୁପାଳନ, ଉପଯୋଗକର୍ତ୍ତା ଅନୁକୂଳ ଇଣ୍ଟରଫେସ୍, ସ୍ୱଚ୍ଛତା ଓ ଦାୟିତ୍ୱ, ଡାଟା ସୁରକ୍ଷା ଓ ଗୋପନୀତା, ବହୁ ଭାଷା, ସ୍ୱୟଂ ସୂଚନା ନାଗରିକ ଇଣ୍ଟରଫେସ୍, ଅଧିକାରୀ ଇଣ୍ଟରଫେସ୍, କାଗଜବିହୀନ ସୁବିଧା ଆଦି ପ୍ରମୁଖ ବୈଶିଷ୍ଟ୍ୟ ବହନ କରୁଛି। ଏହି ଅବସରରେ ଏସ୍‌ପି ୱାଧୱାନୀ କହିଥିଲେ, ଏନ୍ଆଇଟି ସହଯୋଗରେ ବିକଶିତ ହୋଇଥିବା 'ଅନୁସନ୍ଧାନ' ପୋର୍ଟାଲ ରାଜ୍ୟରେ ପ୍ରଥମ। ଏହି ପୋର୍ଟାଲ ଦ୍ୱାରା ନିଜ ମୋବାଇଲ ନମ୍ବରରେ ଦାଖଲ କରାଯାଇଥିବା ଏଫ୍ଆଇଆର୍ ଷ୍ଟାଟସ୍ ରିପୋର୍ଟ ସହଜରେ ଦେଖାଯାଇପାରିବ। ମାମଲାର ତଦନ୍ତ କରୁଥିବା ଅଧିକାରୀଙ୍କୁ ଯୋଗାଯୋଗ ନ କରି ଉକ୍ତ ପୋର୍ଟାଲ ଜରିଆରେ ଗତ ୮ ମାସର କେଶ୍ ରିପୋର୍ଟ ଜଣାଯାଇପାରିବ। ଏତଲାକାରୀ ନିଜ ମୋବାଇଲ ଏସ୍ଏମ୍ଏସ୍ ମାଧ୍ୟମରେ ପୋଲିସର ତଦନ୍ତ ଆଗକୁ କଣ ହେବ ତାହାର ଅପ୍‌ଡେଟ୍ ନେଇପାରିବେ ବୋଲି ଏସ୍‌ପି ୱାଧୱାନୀ କହିଥିଲେ। ଏନ୍ଆଇଟି ନିର୍ଦ୍ଦେଶକ ରାଓ କହିଲେ, 'ଅନୁସନ୍ଧାନ' ପୋର୍ଟାଲ ନାଗରିକ ଓ ପୋଲିସ ଯୋଗସୂତ୍ରରେ ପାରଦର୍ଶିତା ବଜାୟ ରଖିବ। ଏହି କାର୍ଯ୍ୟରେ ଏନ୍ଆଇଟି ରାଉରକେଲା ଏକ ପ୍ରମୁଖ ଭୂମିକା ନିର୍ବାହ କରିଛି। ଏଥିପାଇଁ ପୋଲିସ ବିଭାଗ ଏନ୍ଆଇଟିର ସହଯୋଗ ଲୋଡ଼ିଥିଲା ବୋଲି ରାଓ କହିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଏସ୍‌ପି ରାଜକିଶୋର ମିଶ୍ର, ପ୍ରଭାଶଙ୍କର ନାଏକଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଅନ୍‌ଲାଇନରେ ଏଫ୍ଆଇଆର୍ ଟ୍ରାକିଂ ସୁଗମ ହେବ



ପୋଲିସ ମୁଖ୍ୟାଳୟରେ ପୋର୍ଟାଲର ଶୁଭାରମ୍ଭ କରାଯାଉଛି।

# ବିକଶିତ ଓଡ଼ିଶାର ସାରଥି ହେବେ ମତ୍ସ୍ୟଚାଷୀ, ପ୍ରାଣୀପାଳକ

## ରାଜ୍ୟସ୍ତରୀୟ ମତ୍ସ୍ୟ-ପ୍ରାଣୀ ସମାବେଶ ଉଦ୍‌ଘାଟିତ

ଭୁବନେଶ୍ୱର,୧୪।୨(ଅନୁରାଧା ମହାରଣା)

ରାଜ୍ୟସ୍ତରୀୟ ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା-୨୦୨୫ ଶୁକ୍ରବାର ବରମୁଣ୍ଡା ବିଜୁ ପଟ୍ଟନାୟକ ପଡ଼ିଆଠାରେ ଆରମ୍ଭ ହୋଇଛି। ମୁଖ୍ୟ ଅତିଥିଭାବେ ଯୋଗଦେଇ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ମତ୍ସ୍ୟ ଓ ପ୍ରାଣୀପାଳନ କୃଷି ଅର୍ଥନୀତି ଓ ପ୍ରଗତିକୁ ବହୁଗୁଣିତ କରିବାରେ ସହାୟକ ହେବ। ସମ୍ମାନିତ ଅତିଥି ଭାବେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ କହିଲେ, ବିକଶିତ ଓଡ଼ିଶା ଗଠନରେ ମତ୍ସ୍ୟଚାଷୀ ଓ ପ୍ରାଣୀପାଳକମାନେ ସାରଥି ସାଜିବେ। ଜୀବନ୍ତ ପ୍ରଦର୍ଶନୀରୁ ପ୍ରତ୍ୟକ୍ଷ ଉପଲବ୍ଧି ଆହରଣ, ନୂତନ ଜ୍ଞାନକୌଶଳ ସମ୍ପର୍କରେ ଜ୍ଞାନାର୍ଜନ, ବିଶେଷଜ୍ଞଙ୍କଠାରୁ ମାର୍ଗଦର୍ଶନ, ସଫଳ ଚାଷୀଙ୍କ ସହ ଭାବ ବିନିମୟ ଦ୍ୱାରା


ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର 'କାମଧେନୁ' ଯୋଜନାରେ ଜଣେ ହିତାଧିକାରୀଙ୍କୁ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ଗୋ-ଆହେଡ୍ ପ୍ରମାଣପତ୍ର ପ୍ରଦାନ କରୁଛନ୍ତି।

ପ୍ରେରିତ ହୋଇ ଚାଷୀମାନେ ଏହାକୁ କର୍ମ କ୍ଷେତ୍ରରେ ପ୍ରୟୋଗ କଲେ ସେମାନଙ୍କ ସାମାଜିକ-ଆର୍ଥିକ ସଶକ୍ତୀକରଣ ହୋଇପାରିବ। ଚାଷୀଙ୍କ ଆୟ ଦୁଇ ଗୁଣା କରିବା ହେଉଛି ଆମ ସରକାରଙ୍କ ଲକ୍ଷ୍ୟ ବୋଲି ମନ୍ତ୍ରୀ ଗୋକୁଳାନନ୍ଦ କହିଛନ୍ତି। ତିନିଦିନ ଧରି ଚାଲିବାକୁ ଥିବା ଏହି ସମାବେଶର ଚଳିତବର୍ଷର ବିଷୟବସ୍ତୁ ରହିଛି 'ମତ୍ସ୍ୟ ଓ ପ୍ରାଣୀପାଳନ, ଜୀବନଜୀବିକା ଜୈବ ସନ୍ତୁଳନ'। ଏଥିରେ ମୋଟ ୧୧ଟି ଇଣ୍ଟରାକ୍ଟିଭ ପ୍ୟାନେଲ ଆଲୋଚନାଚକ୍ର ଆୟୋଜନ ହୋଇଛି। 'ମନ୍ତ୍ରୀଙ୍କୁ ପଚାରନ୍ତୁ' କାର୍ଯ୍ୟକ୍ରମରେ ସିଧାସଳଖ ବିଭାଗୀୟ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଉତ୍ତର ରଖିବେ। ପ୍ରାୟ ୨୦୦ଟି ଷ୍ଟଲ୍‌ରେ ମତ୍ସ୍ୟ, ପ୍ରାଣୀପାଳନ, ବିଭିନ୍ନ ବିଭାଗ ଓ କମ୍ପାନୀର ଉତ୍ପାଦ ପ୍ରଦର୍ଶିତ ହୋଇଛି। ସେହିପରି ୨ଟି ଖୋଲା ହ୍ୟାଙ୍ଗରରେ ଜୀବନ୍ତ ପ୍ରାଣୀ ଓ ମତ୍ସ୍ୟ ପ୍ରଦର୍ଶନୀ କରାଯାଇଛି। ଉଦ୍‌ଘାଟନୀ ସମାରୋହରେ ମତ୍ସ୍ୟ ନିର୍ଦ୍ଦେଶକ ମହମ୍ମଦ ସାଦିକ ଆଲମ ସ୍ୱାଗତ ଭାଷଣ ଦେଇଥିଲେ। ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ଏମ୍‌ପେଡାର ଅଧ୍ୟକ୍ଷ ଡି. ଭି. ସାମୀ, ୱାର୍ଲ୍ଡଫିସ୍‌ର ମହାନିର୍ଦ୍ଦେଶକ ଡ.ଏସାମ ୟାସିନ ମହମ୍ମଦଙ୍କ ସହ ବିଭିନ୍ନ ଜିଲାରୁ ବିଭାଗୀୟ ଅଧିକାରୀ, ମତ୍ସ୍ୟଚାଷୀ ଓ ପ୍ରାଣୀପାଳକମାନେ ଯୋଗଦେଇଥିଲେ। ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ସଫଳ ମତ୍ସ୍ୟ ଚାଷୀ, ପ୍ରାଣୀ ପାଳକ, ଉଦ୍ୟୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ 'କାମଧେନୁ ଯୋଜନା'ରେ ହିତାଧିକାରୀଙ୍କୁ ନୂଆ ଉଦ୍ୟୋଗ ଆରମ୍ଭ ଲାଗି ଗୋ-ଆହେଡ୍ ପ୍ରମାଣପତ୍ର ଦିଆଯାଇଥିଲା। ପରେ ଦୁଇ ମନ୍ତ୍ରୀଙ୍କ ସହ ଅନ୍ୟ ଅତିଥି ଓ ଅଧିକାରୀମାନେ ବିଭିନ୍ନ ପ୍ରଦର୍ଶନୀ ବୁଲି ଦେଖିଥିଲେ।

## ୧୬ରେ ସେଲିବ୍ରିଟି କ୍ରିକେଟ ଲିଗ୍

# ସ୍ନେକ୍ ହେଲ୍ପଲାଇନ ପକ୍ଷରୁ ବାରବାଟୀରେ ଯାଞ୍ଚ

କଟକ,୧୪।୨(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ବାରବାଟୀ ଷ୍ଟାଡିୟମରେ ଆସନ୍ତା ୧୬ ତାରିଖରେ ସେଲିବ୍ରିଟି କ୍ରିକେଟ ଲିଗ୍ ଅନୁଷ୍ଠିତ ହେବ। ଅପରାହ୍ନ ୨ଟାରେ ପଞ୍ଜାବ ଦି ଶେର୍-ଭୋଜପୁରୀ ଦବଙ୍ଗ୍ସ ଏବଂ ଅପରାହ୍ନ ୬ଟା ୩୦ରେ ମୁମ୍ବାଇ ହିରୋଜ୍-ବେଙ୍ଗଲ ଟାଇଗର୍ସ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ। ତେବେ ଷ୍ଟାଡିୟମରେ ଖେଳ ସମୟରେ ସାପ ଭୟକୁ ଦୃଷ୍ଟିରେ ରଖି ଆୟୋଜକ କମିଟି ସ୍ନେକ୍ ହେଲ୍ପଲାଇନର ସହାୟତା ଲୋଡ଼ିଛି। ଶୁକ୍ରବାର ଅପରାହ୍ନ ସମୟରେ ସ୍ନେକ୍ ହେଲ୍ପଲାଇନର ସାଧାରଣ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକ ଓ ଅନ୍ୟ ଜଣେ ସଦସ୍ୟ ବାରବାଟୀ ଷ୍ଟାଡିୟମରେ ପହଞ୍ଚି ଯାଞ୍ଚ କରିଛନ୍ତି। ଏନେଇ ଶୁଭେନ୍ଦୁ କହିଛନ୍ତି, ବାରବାଟୀ ଷ୍ଟାଡିୟମରେ ଆଗରୁ ଖେଳ ସମୟରେ କେବେ ସାପ ଦେଖାଯାଇ ନାହିଁ। ହେଲେ ଷ୍ଟାଡିୟମରେ ବର୍ଷାଜଳ ନିଷ୍କାସନ ପାଇଁ ଥିବା ଡ୍ରେନ୍ ସହ ମୁଖ୍ୟ ଡ୍ରେନ୍ ସଂଯୋଗ କରୁଛି। ତେଣୁ ଏହି ଡ୍ରେନ୍ ପଟେ ସାପ ପଶିଆସିବା ଆଶଙ୍କା ରହିଛି। ମ୍ୟାଚ୍ ଓ ଅଭ୍ୟାସ ସମୟରେ ଷ୍ଟାଡିୟମକୁ ସାପ ପଶିଆସିଲେ ତାହାକୁ ଧରିବା ପାଇଁ ୫ଜଣିଆ ଟିମ୍ ଉପସ୍ଥିତ ରହିବ। ୨୦୨୨ରେ ଗୁଆହାଟୀ ଷ୍ଟାଡିୟମରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଟି ୨୦ ମ୍ୟାଚ୍ ଚାଲିଥିବାବେଳେ ସାପ ପଶିଥିଲା। ତାହାକୁ ନଜରରେ ରଖି କର୍ତ୍ତୃପକ୍ଷ ଆଗୁଆ ସତର୍କ ହୋଇଥିବା ମଲ୍ଲିକ କହିଛନ୍ତି।


ବାରବାଟୀ ଷ୍ଟାଡିୟମରେ ସ୍ନେକ୍ ହେଲ୍ପଲାଇନର ସାଧାରଣ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକ ଯାଞ୍ଚ କରୁଛନ୍ତି।

# ମିଠା ହେବ ସମୁଦ୍ର ପାଣି

## ଗଞ୍ଜାମ ଜିଲା ପ୍ରଶାସନ-ଆଇଆର୍‌ଇଏଲ୍ ମଧ୍ୟରେ ଏମ୍‌ଓୟୁ

ଛତ୍ରପୁର,୧୪।୨
(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)

ଗଞ୍ଜାମ ଜିଲାରେ ସମୁଦ୍ରର ଲୁଣି ପାଣିକୁ ମଧୁର କରାଯିବ। ଏହି ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ଶୁକ୍ରବାର ଜିଲା ପ୍ରଶାସନ ସହ ଆଇଆର୍‌ଇଏଲ୍ (ଭାରତୀୟ ବିରଳ ମୃତ୍ତିକା ଲିମିଟେଡ)ର ଏମ୍‌ଓୟୁ ସ୍ୱାକ୍ଷର ହୋଇଛି। ଏମ୍‌ଓୟୁ ସ୍ୱାକ୍ଷର ବେଳେ ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡା ଓ ଆଇଆର୍‌ଇଏଲ୍ ଜେନେରାଲ ମ୍ୟାନେଜର ସି.ଭି.ଆର ମୂର୍ତ୍ତି, ବ୍ରହ୍ମପୁର ଆର୍‌ଡବ୍ଲ୍ୟୁଏସ୍‌ଏସ୍ ବିଭାଗର ନିର୍ବାହୀ ଯନ୍ତ୍ରୀ ବିକାଶ କୁମାର ପତି ଉପସ୍ଥିତ ଥିଲେ। ପ୍ଲାଣ୍ଟ ଦ୍ୱାରା ପ୍ରସ୍ତୁତ ମଧୁର


ଏମ୍‌ଓୟୁ ସ୍ୱାକ୍ଷର ବେଳେ ଉପସ୍ଥିତ ଜିଲାପାଳ ଓ ଅନ୍ୟମାନେ।

ଜଳକୁ ଗଞ୍ଜାମବାସୀ ବ୍ୟବହାର କରିବେ। ଆଇଆର୍‌ଇଏଲ୍ ପ୍ଲାଣ୍ଟ ପରିସରରେ ଏହି ପ୍ରୋଜେକ୍ଟ ହେବ। ଏହାର କାମ ଗୋଟିଏ ବର୍ଷ ମଧ୍ୟରେ ସରିବ। ପ୍ରଥମ ପର୍ଯ୍ୟାୟରେ ଦୁଇଟି ଗାଁ ଆର୍ଯ୍ୟପଲ୍ଲୀ ଓ ମାଟିଖାଲକୁ ଏହି ପାଣି ଯୋଗାଇ ଦିଆଯିବ। ଆଇଆରଇଏଲ ଓ ଆର୍‌ଡବ୍ଲ୍ୟୁଏସ୍‌ଏସ୍ ମିଳିତ ଭାବେ ଦୈନିକ ୧.୫ ଏମ୍ଏଲ୍‌ଡି ପାଣି ଯୋଗାଇଦେବେ। ଏହାଫଳରେ ଖରାଦିନେ ଯେଉଁ ପାଣି ସମସ୍ୟା ରହୁଛି, ତାହା ଦୂର ହୋଇପାରିବ। ଏଥିରେ ୧୫୦୦ରୁ ୨୦୦୦ ପରିବାର ଉପକୃତ ହେବେ। ଆଗକୁ କେତେ ଗାଁକୁ ଜଳ ଯୋଗାଣ ହେବ ତାହା ଏଷ୍ଟିମେଟ ଉପରେ ନିର୍ଭର କରିବ ବୋଲି ଜିଲାପାଳ କହିଛନ୍ତି। ଏହି ପ୍ଲାଣ୍ଟ ପ୍ରତିଷ୍ଠା ପରେ ପାଇପ ବିଛାଯିବା ସହ ପମ୍ପିଂ ଷ୍ଟେଶନ ଓ ଓଭରହେଡ୍ ଟାଙ୍କି ନିର୍ମାଣ କରାଯିବ। ପ୍ରକଳ୍ପ ପାଇଁ ଶୀଘ୍ର ଟେଣ୍ଡର ପ୍ରକ୍ରିୟା ସରିବ ଏବଂ କାମ ଆରମ୍ଭ ହେବ ବୋଲି ସୂଚନା ଦିଆଯାଇଛି। ଓଡ଼ିଶାରେ ୪୮୦ କି.ମି. ସମୁଦ୍ର ତଟରେ ଏଭଳି ପ୍ରକଳ୍ପ ନାହିଁ। ଇଷ୍ଟ କୋଷ୍ଟ ପାଇଁ ଏହି ପ୍ରକଳ୍ପ ଏକ ଉଦାହରଣ ହେବ। ସମୁଦ୍ର ଜଳକୁ ମଧୁର ଜଳ କରିବା ପରେ ଏହା ଉଭୟ ଶିଳ୍ପ ଓ ସାଧାରଣ ଲୋକଙ୍କ ବ୍ୟବହାରଯୋଗ୍ୟ ହୋଇପାରିବ ବୋଲି ଆଇଆରଇଏଲ ଜେନେରାଲ ମ୍ୟାନେଜର ମୂର୍ତ୍ତି କହିଛନ୍ତି।

# ୫ ମାସର ଝିଅକୁ ଅନ୍ୟ ହାତକୁ ଟେକିଦେଲେ ମା'

ମୋରଡ଼ା(ସ୍ମାରକ ମାଜୀ)/ ବାରିପଦା (ନୀଳାଦ୍ରି ବିହାରୀ ଦଣ୍ଡପାଟ),୧୪।୨

ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଞ୍ଚଳରେ ଜଣେ ଜନ୍ମଦାତ୍ରୀ ମା' ୫ ମାସର ଶିଶୁକନ୍ୟାଙ୍କୁ ଅନ୍ୟ ହାତକୁ ଟେକି ଦେଇଛନ୍ତି। ଦାରିଦ୍ର୍ୟ କାରଣରୁ ଅଷ୍ଟମ ଗର୍ଭର ଏହି ଶିଶୁ କନ୍ୟାଙ୍କ ଲାଳନପାଳନ ନିମନ୍ତେ ମାତାପିତା ଚରମ ନିଷ୍ପତ୍ତି ଗ୍ରହଣ କରିବାକୁ ବାଧ୍ୟ ହୋଇଥିବା କହିଛନ୍ତି। ଖବରପାଇ ବ୍ଲକ ପ୍ରଶାସନ ଶିଶୁକନ୍ୟାଙ୍କୁ ଉଦ୍ଧାର କରି ବାରିପଦାସ୍ଥିତ ଜିଲା ଶିଶୁ କଲ୍ୟାଣ ବିଭାଗକୁ ପଠାଇ ଦେଇଛି।

ସୂଚନାଯୋଗ୍ୟ, ଶାମାଖୁଣ୍ଟା ବ୍ଲକ୍ ଆମ୍ବସିକଡ଼ା ଗ୍ରାମର ମୋହନ ହାଁସଦା ମୋରଡ଼ା ବ୍ଲକ ସନପୁରିଆ ଗ୍ରାମର ଲାଖିଆ ହାଁସଦାଙ୍କୁ ବିବାହ କରିଥିଲେ। ବିବାହ ପରେ ଶ୍ୱଶୁର ଘର ଗ୍ରାମରେ ଏକ ପଲିଥିନ ଢଙ୍କା ଘରେ ବସବାସ କରୁଥିଲେ। ତାଙ୍କର ୪ପୁଅ ଓ ୪ଝିଅ ଅଛନ୍ତି। କେବଳ ରାଶନ କାର୍ଡଟିଏ ଥିବା ବେଳେ ମାସକୁ ୩୦କେଜି ଚାଉଳ ପାଇଥାନ୍ତି। ମୋହନ ଦିନମଜୁରିଆ ଭାବେ କାମ କରି ପାଉଥିବା ଅର୍ଥରେ ୧୦ପ୍ରାଣୀ କୁଟୁମ୍ବଙ୍କୁ ଦୁଇ ଓଳି ପେଟପୂରା ଖାଇବାକୁ ଦେବା ସମ୍ଭବ ହୋଇପାରୁ ନ ଥିବା ଲାଖିଆ ପ୍ରକାଶ କରିଛନ୍ତି।

# ବିଶ୍ୱକୁ ଶାନ୍ତିର ବାର୍ତ୍ତା ଦେଇଛି ମହିମା ଧର୍ମ: ମୁଖ୍ୟମନ୍ତ୍ରୀ

## ଯୋରନ୍ଦା ମହିମା ପୀଠରେ ମହିମା ସାଧୁସନ୍ଥମାନଙ୍କ ଆଶୀର୍ବାଦ ନେଲେ

ଢେଙ୍କାନାଳ,୧୪।୨(ରତନ ନାୟାର)

ବିଶ୍ୱକୁ ଶାନ୍ତି, ମୈତ୍ରୀ ଓ ସୌହାର୍ଦ୍ଦ୍ୟର ବାର୍ତ୍ତା ଦେଇ ପ୍ରଗତିର ପଥ ଦେଖାଉଛି ମହିମା ଧର୍ମ। ଏ ଧର୍ମର ସନ୍ଥ ଭୀମ ଭୋଇଙ୍କ ରଚନା ବିଶ୍ୱକୁ ଅନୁପ୍ରାଣିତ କରିଛି ବୋଲି ଢେଙ୍କାନାଳ ଯୋରନ୍ଦା ମହିମା ପୀଠ ପରିଦର୍ଶନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି। ମହିମା ପୀଠର ବିକାଶ ପାଇଁ ମହିମା ସାଧୁ, ମହିମା ଧର୍ମାବଲମ୍ବୀ, ଅଞ୍ଚଳବାସୀ ଦାବି କରିଆସୁଥିଲେ। ପୀଠର ବିକାଶ ପାଇଁ ପୂର୍ବ ସରକାର ଘୋଷଣା କରିଥିଲେ ମଧ୍ୟ ଏହା କାର୍ଯ୍ୟକାରୀ ହୋଇନାହିଁ। ତା'ସହିତ ଭିତରର ଅନେକ ଅଂଶକୁ ମଧ୍ୟ ଭଙ୍ଗା ଯାଇଛି। ତେଣୁ ଏଠାରେ ଏକ ଭବ୍ୟ ମନ୍ଦିର ନିର୍ମାଣ ହେବା ସହ ଏହାକୁ ଏକ ବିଶ୍ୱସ୍ତରୀୟ କ୍ଷେତ୍ରରେ ପରିଣତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିପାଇଁ ଏକ ନୂଆ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରିବାକୁ ସେ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମହିମା ପୀଠର ବିକାଶ ପାଇଁ ଅର୍ଥର ଅଭାବ ରହିବ ନାହିଁ ବୋଲି ପ୍ରକାଶ କରି ସେ କହିଛନ୍ତି ଯେ ନୂଆ ରିପୋର୍ଟ ଅନୁଯାୟୀ ଅର୍ଥ ଯୋଗାଇ ଦିଆଯିବ।


ଢେଙ୍କାନାଳ ଜିଲା ଯୋରନ୍ଦାସ୍ଥିତ ବିଶ୍ୱପ୍ରସିଦ୍ଧ ମାଘମେଳାର ଉଦ୍‌ଯାପନୀ ସନ୍ଧ୍ୟାରେ ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇଛନ୍ତି। ନିକଟରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ସହ ସାଧୁସନ୍ଥମାନେ ଉପସ୍ଥିତ ଅଛନ୍ତି।

ବ୍ଲକ, ଏନଏସି ଗଠନ, ସ୍ଥାନୀୟ ଫାଣ୍ଡିକୁ ଥାନାରେ ପରିଣତ କରିବା, ପାନୀୟ ଜଳର ସୁବିଧା, ବାଇପାସ ରାସ୍ତା ନିର୍ମାଣ ଆଦି ବିଭିନ୍ନ ପ୍ରସ୍ତାବ ଉପରେ ଫୋକସ କରାଯିବ ବୋଲି ସେ କହିଛନ୍ତି। ସେ ପୁଣି କହିଛନ୍ତି, ବର୍ତ୍ତମାନ ଯୋରନ୍ଦାରୁ ପୁରୀକୁ ଗୋଟିଏ ମାତ୍ର ବସ୍ ଚାଲୁଛି। ଆଗାମୀ ଦିନରେ ଆହୁରି ଅଧିକ ବସ୍ ଚଳାଚଳ କରିବାର ବ୍ୟବସ୍ଥା କରାଯିବ। ତାଙ୍କ ସରକାର ଯାହା କଥା ଦେଇଥିଲେ ତାହା ପୂରଣ କରୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଏମ୍‌ପି ରୁଦ୍ର ନାରାୟଣ ପାଣି, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ବକଳଧାରୀ ମହିମା ସମାଜର ବାବା ନିତ୍ୟାନନ୍ଦ ଦାସ, କୌପିନ ଧାରୀ ମହିମା ସମାଜର ବାବା ରଘୁନାଥ ଦାସ, ବାବା ସୁଶାନ୍ତ ଦାସ, ବାବା ଅନାମ ଦାସ, ବାବା ଅବିନାଶ ଦାସ ଉପସ୍ଥିତ ଥିଲେ। ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ଧନ୍ୟବାଦ ଦେଇଥିଲେ।

# ୧୯ରୁ ୨୧ ହାଲୁକା ବର୍ଷା

ଭୁବନେଶ୍ୱର,୧୪।୨(ଅନୁରାଧା ମହାରଣା)

ରାଜ୍ୟରେ ଗତ କିଛିଦିନ ପାରଦ ଉପର ମୁହାଁ ରହିଥିବାବେଳେ ୨ଦିନ ହେବ ତାପମାତ୍ରାରେ ସାମାନ୍ୟ ହ୍ରାସ ପାଇଛି। ଆସନ୍ତା ୧୯ରୁ ୨୧ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ହାଲୁକାରୁ ମଧ୍ୟମଧରଣର ବର୍ଷା ହେବାନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ୧୯ରେ ମୟୂରଭଞ୍ଜ ଜିଲା ସମେତ ଉତ୍ତର ଉପକୂଳ ଓଡ଼ିଶାରେ ହାଲୁକାରୁ ମଧ୍ୟମଧରଣର ବର୍ଷା ହୋଇପାରେ। ୨୦ ଓ ୨୧ ତାରିଖରେ ମୟୂରଭଞ୍ଜ, କେନ୍ଦୁଝରଗଡ଼, ଢେଙ୍କାନାଳ ଆଦି ଜିଲାରେ ବର୍ଷା ସମ୍ଭାବନା ରହିଛି।

# ଅସ୍ମିତାର ଅର୍ଥ ପଚାରିଲେ ବିଧାୟକ ଅରୁଣ ସାହୁ

ଭୁବନେଶ୍ୱର,୧୪।୨(ବନ୍ଦନା ସେଠୀ)

ବିଧାନସଭା ବଜେଟ ଅଧିବେଶନର ଦ୍ୱିତୀୟ ଦିନରେ ନୟାଗଡ଼ ବିଧାୟକ ଅରୁଣ ସାହୁ ଓଡ଼ିଆ ଅଭିଧାନରେ 'ଅସ୍ମିତା' ଶବ୍ଦର ଅର୍ଥ କଣ ବୋଲି ପଚାରିଥିଲେ। ଓଡ଼ିଆ ଅସ୍ମିତାର ସମ୍ପୂର୍ଣ୍ଣ ବ୍ୟାଖ୍ୟା ସମ୍ପର୍କରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଧାୟକ ଏହି ପ୍ରଶ୍ନ ପଚାରିଥିଲେ। ଏହାପରେ ଲିଖିତ ଉତ୍ତର ରଖି ସ୍ପଷ୍ଟ ଭାବରେ ଅସ୍ମିତାର ଅର୍ଥ ବୁଝାଇଥିଲେ ବିଭାଗୀୟ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ତେବେ ଶବ୍ଦର ଅର୍ଥ ବୁଝି ପାରି ନ ଥିବାରୁ ଆଉଥରେ ଏହାର ଅର୍ଥ ପଚାରିବି ବୋଲି ଅରୁଣ କହିଛନ୍ତି। ସେହିପରି ସରକାର ଯେଉଁ ଅସ୍ମିତା କଥା କହୁଛନ୍ତି, ପ୍ରଥମେ ତାକୁ ବଞ୍ଚାନ୍ତୁ ବୋଲି ସେ କହିଛନ୍ତି। ଏନେଇ ମନ୍ତ୍ରୀ ସୂର୍ଯ୍ୟବଂଶୀ କହିଛନ୍ତି, ସେ ସମୟର ସରକାର ଅସ୍ମିତାର ଅର୍ଥ ଯାହା ବୁଝିଛନ୍ତି, ତାହାକୁ କେବଳ କୋଟ୍ କରାଯାଇଛି। ଉତ୍ତରରେ କୁହାଯାଇଛି ଯେ, 'ଅସ୍ମିତା' ହେଉଛି ଏକ ବିଶେଷ୍ୟ। ନିରୂପଣ, ଅହଂଜ୍ଞାନ, ମୁଁ ଭାବ, ମୁଁ ଅଛି ବା ଆତ୍ମପରିଚିତ ହେଉଛି ଅସ୍ମିତା। ତେବେ ବିଧାୟକଙ୍କର ମୋଠାରୁ ଅଧିକ ଜ୍ଞାନ, ଅନୁଭୂତି ଏବଂ ଅନୁଭବ ରହିଛି। ତେଣୁ ତାଙ୍କ କଥାକୁ ସମ୍ମାନ ଜଣାଉଛି। ସରକାରୀ ପୃଷ୍ଠପୋଷକତାରେ ପ୍ରକାଶିତ ଅଭିଧାନରୁ ଏହା ଉଲ୍ଲେଖ କରାଯାଇଛି। ଓଡ଼ିଆ ଅସ୍ମିତାକୁ କାଗଜ କଲମରେ ବ୍ୟାଖ୍ୟା କରିବା ସମ୍ଭବ ନୁହେଁ। ଏହା ଏକ କଳାତ୍ମକ ଏବଂ ସୃଜନାତ୍ମକ ବିଷୟବସ୍ତୁ ବୋଲି ମନ୍ତ୍ରୀ ସୂର୍ଯ୍ୟବଂଶୀ କହିଛନ୍ତି।

**ଆଜିର ମନ୍ତବ୍ୟ**

“ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶିଳ୍ପପତି ଗୌତମ ଆଦାନୀଙ୍କ ଦୁର୍ନୀତିକୁ ଲୁଚାଉଛନ୍ତି। ଆଦାନୀଙ୍କୁ ଲାଞ୍ଚ ମାମଲାରେ ଅଭିଯୁକ୍ତ କରାଯିବା ନେଇ ଭାରତରେ ପ୍ରଶ୍ନ ହେଲେ ନୀରବ ରହୁଥିବା ମୋଦି ଆମେରିକାରେ ପ୍ରଶ୍ନ ହେବାରୁ ଏହା ତାଙ୍କର ବ୍ୟକ୍ତିଗତ ମାମଲା ବୋଲି କହିଛନ୍ତି। –ରାହୁଲ ଗାନ୍ଧୀ, କଂଗ୍ରେସ ନେତା



# ଆଜି କ’ଣ କେଉଁଠି

## ଭୁବନେଶ୍ୱର

- ଓଡ଼ିଶା ୟୁନିଭର୍ସିଟି ଅଫ ଟେକ୍ନୋଲୋଜି ଆଣ୍ଡ ରିସର୍ଚ୍ଚ ସ୍କୁଲ ଅଫ୍ ଇଲେକ୍ଟ୍ରିକାଲ ସାଇନ୍ସ ପକ୍ଷରୁ କର୍ମଶାଳା, ସ୍ଥାନ: ସମ୍ମିଳନୀ କକ୍ଷ, ଓୟୁଟିଆର୍, ସମୟ: ସକାଳ ୯ଟା ୩୦।
- ନନ୍ଦିଘୋଷ ଟିଭିର ସ୍ୱନକ୍ଷତ୍ର ‘ଜାତି ନନ୍ଦିଘୋଷ କନ୍‌କ୍ଲେଭ’, ସ୍ଥାନ: ସ୍ୱସ୍ତି ପ୍ରିମିୟମ, ସମୟ: ପୂର୍ବାହ୍ନ ୧୧ଟା।
- ନ୍ୟାଶନାଲ ଶର୍ଟ ଫିଲ୍ମ ଫେଷ୍ଟିଭାଲ ନିମନ୍ତେ ଖବରଦାତା ସମ୍ମିଳନୀ, ସ୍ଥାନ: ସ୍ୱସ୍ତି ପ୍ରିମିୟମ, ସମୟ: ପୂର୍ବାହ୍ନ ୧୧ଟା ୪୫।
- ଫିଲ୍ମ ‘ଛାଭା’ ସ୍କ୍ରିନିଂ, ସ୍ଥାନ: ପିଭିଆର୍ ସିନେମା, ଉତ୍କଳ ଗାଲେରିଆ, ସମୟ: ଅପରାହ୍ନ ୪ଟା ୩୦।
- ପୃଥ୍ୱୀପନ୍ନା ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ନାଟକ ‘ଅଗ୍ନିସ୍ନାତ’, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

## କଟକ

- ପ୍ରଥମ ରାଜ୍ୟସ୍ତରୀୟ ପତିତପାବନ କପ୍ କ୍ରିକେଟ ଟୁର୍ନାମେଣ୍ଟ ଶୁଭାରମ୍ଭ, ସ୍ଥାନ: ଭୋଗଡା ପଞ୍ଚାୟତ ଖେଳ ପଡ଼ିଆ, ଭୋଗଡା, ତିଗିରିଆ, ସମୟ: ପୂର୍ବାହ୍ନ ୧୧ଟା।
- ଆମେ ଓଡ଼ିଆ ପକ୍ଷରୁ କର୍ମକର୍ତ୍ତାମାନଙ୍କ ପ୍ରସ୍ତୁତି ବୈଠକ, ସ୍ଥାନ: କଟକ ଟାଉନ୍ ହଲ, ସମୟ: ପୂର୍ବାହ୍ନ ୧୧ଟା।
- ନେହେରୁ ଯୁବକେନ୍ଦ୍ର କଟକ ଦ୍ୱାରା କଶ୍ମୀର ଯୁବ ବିନିମୟ କାର୍ଯ୍ୟକ୍ରମର ଉଦ୍‌ଘାଟନ, ସ୍ଥାନ: କଟକ ନେତାଜୀ ବସ୍ ଟର୍ମିନାଲ ଉପର ମହଲା, ସମୟ: ଅପରାହ୍ନ ୩ଟା।
- ରାମକୃଷ୍ଣ ନନ୍ଦ ସ୍ମୃତି ପରିଷଦ ପକ୍ଷରୁ ଶିଶୁ ସାହିତ୍ୟିକ ସ୍ୱର୍ଗତ ରାମକୃଷ୍ଣ ନନ୍ଦଙ୍କ ୧୧୯ ତମ ଜୟନ୍ତୀ ଉତ୍ସବ, ସ୍ଥାନ: ସୌଦାମିନୀ ପାଠାଗାର ସଭାଗୃହ, ବାଇରୋଇ, କଣ୍ଟାପଡ଼ା, ସମୟ: ଅପରାହ୍ନ ୩ଟା।

## ପୁରୀ

- ସତ୍ୟବାଦୀ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ପଞ୍ଚସଖା ଖେଳପଡ଼ିଆ ମହୋତ୍ସବ ମଞ୍ଚ, ସାକ୍ଷୀଗୋପାଳ, ସମୟ: ଅପରାହ୍ନ ୫ଟା।

## ବାଲେଶ୍ୱର

- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବର ଦ୍ୱିତୀୟ ଦିବସ, ସ୍ଥାନ: ଝାଡ଼େଶ୍ୱର ମନ୍ଦିର ପରିସର, ନୂଆବଜାର, ବାଲେଶ୍ୱର, ସମୟ: ଦିବସବ୍ୟାପୀ।
- ୭୮ତମ ସାର୍ବଜନୀନ ବାଣୀଶ୍ରୀ ମେଳାର ଚତୁର୍ଥ ସନ୍ଧ୍ୟା, ସ୍ଥାନ: ବଗଦା, ଦୁବଲାଗଡ଼ି, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।
- ଖବରଦାତା ସମ୍ମିଳନୀ, ସ୍ଥାନ: ସର୍କିଟ୍ ହାଉସ, ବାଲେଶ୍ୱର, ସମୟ–ସନ୍ଧ୍ୟା ୬ଟା ୩୦।
- ୧୪ତମ ବାର୍ଷିକ ରୂପସା ମହୋତ୍ସବର ପଞ୍ଚମ ସନ୍ଧ୍ୟା, ସ୍ଥାନ: ପୋଡ଼ାଡିହା ମହୋତ୍ସବ ପଡ଼ିଆ, ରୂପସା, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ

- ବିଜ୍ଞାନ ମେଳା ଓ ପୁରସ୍କାର ବିତରଣ ସଭା, ସ୍ଥାନ: ଓଡ଼ିଶା ବ୍ରିଗେଡ ସ୍କୁଲ, ଆଡ଼ିଆ, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା।
- ମୁନୀସମାଜର ଜିଲା ଅଧିବେଶନ, ସ୍ଥାନ: କଳ୍ପତରୁ ସଂସ୍କୃତ ମହାବିଦ୍ୟାଳୟ ପାଖ ପଡ଼ିଆ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- କାନାରା ବ୍ୟାଙ୍କ ବେଙ୍ଗାଲୁରୁ – ସାପିଏନ୍ସ ଦିଲ୍ଲୀ ମଧ୍ୟରେ ଟିଲୋ କପ୍‌ର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍, ସ୍ଥାନ: ହନୁମାନ ଜୀଉ ମିନି ଷ୍ଟାଡିୟମ, ଟିଲୋ, ବନ୍ତ, ସମୟ: ମଧ୍ୟାହ୍ନ ୧୨ଟା।

## କେନ୍ଦୁଝର

- ଶ୍ରୀ ଶନିଙ୍କ ମନ୍ଦିରରେ ମେଳା, ପୂଜା ଏବଂ ଭଜନ, କୀର୍ତ୍ତନ, ସ୍ଥାନ: ମୋଟରାଗଡ଼ିଆ, ଛେନାପଦୀ, ହାଟଡ଼ିହୀ, ସମୟ : ସକାଳ ୭ ଏବଂ ସନ୍ଧ୍ୟା ୬ ଟା।
- ଶ୍ରୀ ଅନନ୍ତ ଗୋପାଳ ମନ୍ଦିରର ରତ୍ନମୁଦ ଉତ୍ସବ, କଳସ ପୂଜା, ସୂର୍ଯ୍ୟ ଏବଂ ଗୋ ପୂଜା, ସ୍ଥାନ: : ବଂଚୋ, ହାଟଡ଼ିହୀ, ସମୟ: ସକାଳ ୮ ଟା।
- ଶିଶୁ ଶିବିର ଉତ୍ସବ, ସ୍ଥାନ: ବଣିଆପାଟଶିଶୁ ମନ୍ଦିର, କେନ୍ଦୁଝର, ସମୟ : ପୂର୍ବାହ୍ନ ୧୦ଟା।

## ମୟୂରଭଞ୍ଜ

- ମା’ହିଙ୍ଗୁଳାଙ୍କ ବାର୍ଷିକ ବଡ଼ପୂଜା ଓ ପୂର୍ଣ୍ଣାହୂତି, ସ୍ଥାନ:କଉଡ଼ିଖଣି, ସୁହାଗପୁର ବଡ଼ସାହି,ସମୟ:ସକାଳ ୭ଟା।
- ମା’ ହିଙ୍ଗୁଳାଙ୍କ ବାର୍ଷିକ ପୂଜା, ସ୍ଥାନ: ଛେଳିଆ(କ), ବଡ଼ସାହି,ସମୟ: ସକାଳ ୭ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଭଜନ ସନ୍ଧ୍ୟା, ସ୍ଥାନ:କଉଡ଼ିଖଣି, ସୁହାଗପୁର ବଡ଼ସାହି,ସମୟ:ସନ୍ଧ୍ୟା ୬ଟା।

## ଗଞ୍ଜାମ

- ପ୍ରାଥମିକ ବିଦ୍ୟାଳୟ ବାର୍ଷିକୋତ୍ସବ, ସ୍ଥାନ: ଦିଗପହଣ୍ଡି ବ୍ଲକ ମଦନମୋହନପୁର ବିଦ୍ୟାଳୟ ପରିସର,ସମୟ: ଅପରାହ୍ନ ୫ଟା।
- ୧୧ତମ ବ୍ରହ୍ମପୁର ସାହିତ୍ୟ ଉତ୍ସବ, ସ୍ଥାନ: ଗୋପାଳପୁର ହୋଟେଲ ହିଲ୍‌ଭ୍ୟୁ କଟେଜ୍, ସମୟ: ସନ୍ଧ୍ୟା ୬ଟା ।

## କନ୍ଧମାଳ

- ହନୁମାନ ଜୀଉଙ୍କ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ଉତ୍ସବ ନିମନ୍ତେ ଦୀକ୍ଷାଗ୍ରହଣ, ଅଙ୍କୁରାରୋପଣ, ସ୍ଥାନ: ବାଲିଗୁଡା ପାଟଖଣ୍ଡା ମନ୍ଦିର ପରିସର,ସମୟ: ପୂର୍ବାହ୍ନ ୧୦ଟା।

## ଜଗତ୍‌ସିଂହପୁର

- ଜଗତ୍‌ସିଂହପୁର ଜିଲା ପ୍ରଶାସନ ପକ୍ଷରୁ ମହିଳା ଅଧିକାର କର୍ମଶାଳା ଓ ବ୍ଲକସ୍ତରୀୟ ସଚେତନତା କାର୍ଯ୍ୟକ୍ରମ, ପାରାଦୀପ କଲେଜ ଅଡିଟୋରିୟମ, ନୂଆବଜାର, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।
- ଶାରଳା ପୀଠରେ ଜଗନ୍ନାଥ ପଞ୍ଚରାତ୍ର ପ୍ରସ୍ତୁତି ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: କନକପୁର, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ସର୍ବଭାରତୀୟ ବୃହତ୍‌ବନ୍ଦର ଫୁଟ୍‌ବଲ ଟୁର୍ନାମେଣ୍ଟର ସେମିଫାଇନାଲ ମ୍ୟାଚ, ସ୍ଥାନ: ଗୋପବନ୍ଧୁ ଷ୍ଟାଡିୟମ, ନୂଆବଜାର, ପାରାଦୀପ, ସମୟ: ଅପରାହ୍ନ ୪ଟା।

## କେନ୍ଦ୍ରାପଡ଼ା

- ଅନ୍ଧବର ଲୋକମେଳା ଓ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ବଙ୍ଗାରୀ, ଗରଦପୁର, ସମୟ: ସକାଳ ୬ଟା।

## ଯାଜପୁର

- ଶ୍ରୀଶ୍ରୀ ରାମେଶ୍ୱର ମହାଦେବଙ୍କ ମନ୍ଦିର ପ୍ରତିଷ୍ଠା ଓ ବିଗ୍ରହ ସ୍ଥାପନା, ସ୍ଥାନ: ଧର୍ମଶାଳା ବ୍ଲକ ଅଧୀନ ଥାନୁଆଳ ପଞ୍ଚାୟତର କାନପୁର ଗ୍ରାମ, ସମୟ: ପୂର୍ବାହ୍ନ ୧୦ଟା।
- ଧର୍ମଶାଳା ସାହିତ୍ୟ ସମାଜ ପକ୍ଷରୁ ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତ ସିଂହାରଙ୍କ ଜୟନ୍ତୀ, ସ୍ଥାନ: ଧର୍ମଶାଳା ବ୍ଲକ ଜାରକା ସ୍ଥିତ ସନ୍‌ସାଇନ୍ ପ୍ଲେ ସ୍କୁଲ ପରିସର, ସମୟ: ଅପରାହ୍ନ ୩ଟା୩୦।
- ବ୍ୟାସସରୋବର ମହୋତ୍ସବର ୮ମ ଦିବସ, ସ୍ଥାନ: ବ୍ୟାସସରୋବର ମେଳା ପଡ଼ିଆ, ସମୟ: ଅପରାହ୍ନ ୫ଟା।

## ନୟାଗଡ଼

- ମହାପ୍ରଭୁ ନୀଳମାଧବଙ୍କ ମାଘମେଳାର ଅଷ୍ଟମ ଦିବସ, ସ୍ଥାନ: କଣ୍ଟିଲୋ ମିନି ଷ୍ଟାଡିୟମ, ସମୟ: ସକାଳ ୭ଟା।
- ମହିଳା ଆତ୍ମ ସୁରକ୍ଷା ଦକ୍ଷତା କର୍ମଶାଳାର ୫ମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ରାୟଗଡ଼ା

- ସିବିଏସ୍‌ଇ ମ୍ୟାଟ୍ରିକ ପରୀକ୍ଷା ଆରମ୍ଭ, ସ୍ଥାନ: ସେଣ୍ଟ ଜାଭିଅର ସ୍କୁଲ, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୦ଟା ୩୦ରୁ।

## ନବରଙ୍ଗପୁର

- ସିବିଏସ୍‌ଇ ମାଟ୍ରିକ ପରୀକ୍ଷା ଆରମ୍ଭ, ସ୍ଥାନ: ନବରଙ୍ଗପୁର ୟୁନିକ ପବ୍ଲିକ ସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା ୩୦।

## କୋରାପୁଟ

- ସିବିଏସ୍‌ଇ ମାଟ୍ରିକ ପରୀକ୍ଷା ଆରମ୍ଭ, ସ୍ଥାନ: ଜବାହାରଲାଲ ନବୋଦୟ ବିଦ୍ୟାଳୟ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବାର୍ଷିକ ଉତ୍ସବ, ସ୍ଥାନ: ସରକାରୀ ଉଚ୍ଚ ବିଦ୍ୟାଳୟ, ଜୟପୁର, ସମୟ: ପୂର୍ବାହ୍ନ ୧୧ଟା।
- କୋରାପୁଟ ଆଇଟିଡ଼ିଏ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, କୋରାପୁଟ, ସମୟ :ଅପରାହ୍ନ ୪ ଟା।

## ମାଲକାନଗିରି

- ବ୍ଲକସ୍ତରୀୟ ମହିଳା, ସମାଜ ମଙ୍ଗଳ ଆଇନ ସମ୍ବନ୍ଧୀୟ କାର୍ଯ୍ୟକ୍ରମ, ସ୍ଥାନ: ସଂସ୍କୃତି ଭବନ, ମାଲକାନଗିରି, ସମୟ:ପୂର୍ବାହ୍ନ ୧୦ଟା ୩୦।
- ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ବୁଟିଗୁଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ ଟା।

## ସମ୍ବଲପୁର

- ପତଞ୍ଜଳି ଯୋଗ ସମିତି ପକ୍ଷରୁ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ସହଯୋଗ ନଗରସ୍ଥିତ ରାଧାକୃଷ୍ଣ ମନ୍ଦିର ପରସର, ସମୟ: ସକାଳ ୬ଟା।
- ସରକାରୀ ମହିଳା ମହାବିଦ୍ୟାଳୟ ଓ ସରକାରୀ ମହିଳା ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ମହାବିଦ୍ୟାଳୟ ସ୍ଥିତ ସଭାକକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ବର୍ଷିୟାନ କ୍ରୀଡା ସଂଘ ଆୟୋଜିତ ଦ୍ୱିତୀୟ ଜିଲାସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା।
- ସୁର ଘୁଙ୍ଗୁର ଉତ୍ସବ–୨୦୨୫, ସ୍ଥାନ: ରେଢ଼ାଖୋଲସ୍ଥିତ କଦମ୍ବ ପଡିଆ, ସମୟ: ସନ୍ଧ୍ୟା ୬ଟା ।

## ବଲାଙ୍ଗୀର

- ଫ୍ରେଣ୍ଡସ୍ କ୍ଲବ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଦ୍ୱିତୀୟ ସେମିଫାଇନାଲ ଭୁବନେଶ୍ୱର ବନାମ କଟକ ମ୍ୟାଚ୍ , ସ୍ଥାନ: ପୃଥ୍ୱୀରାଜ ହାଇସ୍କୁଲ ଷ୍ଟାଡିୟମ, ବଲାଙ୍ଗୀର, ସମୟ: ଅପରାହ୍ନ ୩ଟା ୩୦ ମିନିଟ ।

## ରାଉରକେଲା

- ଅନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଯାପନୀ ଦିବସ, ସ୍ଥାନ: ରାଉରକେଲା ଏନ୍‌ଆଇଟି, ସମୟ: ପୂର୍ବାହ୍ନ ୧୦ଟା।
- ନୃତ୍ୟପଦ୍ମ– ଅନ୍ତର୍ଜାତୀୟ ଶାସ୍ତ୍ରୀୟ ନୃତ୍ୟ ଏବଂ ସଙ୍ଗୀତ କାର୍ଯ୍ୟକ୍ରମ, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା।
- ପ୍ରଗତି ଉତ୍କଳ ସଂଘର ପୁସ୍ତକ ଲୋକାର୍ପଣ ଉତ୍ସବ, ସ୍ଥାନ: ପ୍ରଗତି ଉତ୍କଳ ସଂଘ କାର୍ଯ୍ୟାଳୟ, ସେକ୍ଟର–୭, ସମୟ: ସନ୍ଧ୍ୟା ୬ଟା ୩୦।

## ସୁନ୍ଦରଗଡ଼

- ଅଖିଳ ଭାରତୀୟ ଅଘରିଆ ସମାଜ, ଓଡିଶା ପ୍ରଦେଶ ଦଶମ ପ୍ରାନ୍ତୀୟ ମହାସମ୍ମିଳନୀ ଏବଂ ଚତୁର୍ଥ ଗାଙ୍ଗପୁର ଆଞ୍ଚଳିକ ବାର୍ଷିକ ସମ୍ମିଳନୀର ଉଦ୍‌ଘାଟନ ସମାରୋହ, ସ୍ଥାନ: ସବଡେଗା, ସମୟ: ସକାଳ୮ଟା।
- ଅଲ୍ ଇଣ୍ଡିଆ ଅଖଣ୍ଡ ଭୂୟାଁ ସମାଜର ମହାସଭା, ସ୍ଥାନ: ବଡ଼ଗାଁ ଇଲେକ୍ଟ୍ରି ଅଫିସ ନିକଟ ପଡିଆ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବ୍ଲକସ୍ତରୀୟ ନିପୁଣ ଓଡିଶା କାର୍ଯ୍ୟକ୍ରମ,ସ୍ଥାନ: କୁତ୍ରା ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- କଟଙ୍ଗ ସେବାଶ୍ରମର ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର,ସମୟ: ଅପରାହ୍ନ ୧ଟା।

## ବରଗଡ଼

- ଶ୍ରୀ ଶ୍ରୀ ଗୁପ୍ତେଶ୍ୱର ବାବାଙ୍କ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ଦୁର୍ଗା ମନ୍ଦିର ପରିସର, ବରଗଡ଼, ସମୟ: ସକାଳ ୮ଟା।
- ବରଗଡ଼ ଟାଉନ ପ୍ରିମିୟର ଲିଗ୍, ସ୍ଥାନ: ଜର୍ଜ ହାଇସ୍କୁଲ ପଡ଼ିଆ, ବରଗଡ଼, ସମୟ: ସକାଳ ୯ଟା।

## କଳାହାଣ୍ଡି

- ଜୁନାଗଡ଼ ମହୋତ୍ସବର ଦ୍ୱିତୀୟ ଦିବସ, ସ୍ଥାନ: ଜୁନାଗଡ଼ ହାଇସ୍କୁଲ ପଡିଆ, ସମୟ: ସନ୍ଧ୍ୟା ୬ଟା।
- କମ୍ପାନୀ ସପକ୍ଷରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ଅଫିସ, ସମୟ: ପୂର୍ବାହ୍ନ ୧୧ଟା।

## ଦେବଗଡ଼

- ଜିଲାସ୍ତରୀୟ ନିପୁଣ ଓଡ଼ିଶା ମେଳା, ସ୍ଥାନ: ବାଳକ ପ୍ରାଥମିକ ବିଦ୍ୟାଳୟ, ଦେବଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ବଜରଙ୍ଗ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ନାଳ ପଡ଼ିଆ, ଦେବଗଡ଼, ସମୟ: ଅପରାହ୍ନ ୧ଟା।

## ସୁବର୍ଣ୍ଣପୁର

- ସୋନପୁର ବିଜୁ ପଟ୍ଟନାୟକ ମହିଳା ଡିଗ୍ରୀ କଲେଜର ବାର୍ଷିକ ଉତ୍ସବ, ସ୍ଥାନ: କଲେଜ ପରିସର, ସମୟ: ସକାଳ ୯ଟା।
- ସୋନପୁର କଲେଜର ବାର୍ଷିକ ଉତ୍ସବ, ସ୍ଥାନ: କଲେଜ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ତରଭା ଶନିଶ୍ଚର ମନ୍ଦିରରେ ମହାଆଳତୀ ଓ ଭଜନ କାର୍ଯ୍ୟକ୍ରମ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା

- ଶ୍ରୀମଦ୍ ଭାଗବତ କଥା ଉପଲକ୍ଷେ ଶ୍ରୀକୃଷ୍ଣ ଜନ୍ମକଥା, ସ୍ଥାନ: ନୂଆପଡ଼ା ସଦର ବ୍ଲକ ଭାଇସାତାଲ ଗାଁ, ସମୟ: ଅପରାହ୍ନ ୧ଟା।
- ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କୋମନା ବ୍ଲକ ତରବୋଡ ଗାଁ ଯାଦବ ସମାଜ ଭବନ, ସମୟ: ପୂର୍ବାହ୍ନ ୧୦ଟା।

## ଝାରସୁଗୁଡ଼ା

- ପ୍ରଗତିଶୀଳ ଶ୍ରମିକ ମଞ୍ଚ ପକ୍ଷରୁ ରାଲି, ସ୍ଥାନ: ବମ୍ବେ ଛକ, ସମୟ: ପୂର୍ବାହ୍ନ ୧୧ଟା।
- ମାସିକ ବାଲ୍ମୀକି ରାମାୟଣ ପାଠ, ସ୍ଥାନ: କୁମର କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ** ଆଜି ବନ୍ଧୁଙ୍କ କାମରେ ନିଜକୁ ନିୟୋଜିତ କରିପାରନ୍ତି। ଯାତ୍ରା ସମୟରେ ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ। ପ୍ରଶାସନ, ଆଇନ, କଳା, ସାହିତ୍ୟ କ୍ଷେତ୍ରରେ ପ୍ରଶଂସନୀୟ କାମ କରିପାରନ୍ତି। ପାରିବାରିକ କ୍ଷେତ୍ରରେ ସାମାନ୍ୟ ଯୁକ୍ତିତର୍କ କାରଣରୁ ସାମୟିକ ଅଶାନ୍ତ ରହିପାରନ୍ତି।

**ବୃଷ** ପୂର୍ବନିର୍ଦ୍ଧାରିତ ଯୋଜନାନୁଯାୟୀ ବନ୍ଧୁମିଳନ ସାଙ୍ଗକୁ ମନୋରଞ୍ଜନ ପ୍ରୀତିପ୍ରଦ ହେବ। ପରିସ୍ଥିତିକୁ ସ୍ୱାଭାବିକ କରିବାକୁ ଯାଇ କଅଁଳ କଥା କହି ସବୁ ସମ୍ଭାଳି ନେବେ। ଅଫିସରେ କୌଣସି ନୀଚଜାତିର ବ୍ୟକ୍ତିବିଶେଷଙ୍କ ସହାୟତାରୁ ଉପକୃତ ହୋଇପାରନ୍ତି। ଆର୍ଥିକସ୍ଥିତି ଉନ୍ନତ ରହିବା କାରଣରୁ ଅଟକି ରହିଥିବା କାମଗୁଡ଼ିକୁ ତ୍ୱରାନ୍ୱିତ କରିପାରିବେ।

**ମିଥୁନ** କର୍ମକ୍ଷେତ୍ରରେ ଅର୍ଥ ଓ ସମ୍ମାନ ପାଇବା ସହ ବନ୍ଧୁବର୍ଗଙ୍କ ସହାନୁଭୂତି ଯୋଗୁ କାର୍ଯ୍ୟରେ ସଫଳତା ଘଟିବ। ନିଜ ବ୍ୟବହାର୍ଯ୍ୟ ଜିନିଷ ପରକୁ ଦେଇ ଅପଦସ୍ତ ହୋଇପାରନ୍ତି। ବନ୍ଧୁଙ୍କ ଘରୋଇ ସମସ୍ୟାରେ ମନ ବିଚଳିତ ରହିବ। ଉପରିସ୍ଥଙ୍କ ଆଦେଶପ୍ରାପ୍ତ ହୋଇ ଦୂରଯାତ୍ରା କରିବାକୁ ପଡ଼ିପାରେ।

**କର୍କଟ** ସମସ୍ୟାର ସମାଧାନ ସକାଶେ ସ୍ଥାନୀୟ ବ୍ୟକ୍ତିଙ୍କ ସହାୟତା ନେଲେ ଉପକୃତ ହେବେ। ଲକ୍ଷ୍ୟସାଧନ ପରିପ୍ରେକ୍ଷୀରେ ବିନୟଭାବ ପୋଷଣ କଲେ କୌଣସି କାମ ଅଟକିବ ନାହିଁ। ପରିବାରରେ ଛୋଟ କଥାକୁ କେନ୍ଦ୍ରକରି ଝମେଲାରେ ପଶନ୍ତୁ ନାହିଁ। ସ୍ୱାସ୍ଥ୍ୟରେ ଉନ୍ନତି ଘଟିବ ମାତ୍ର ପିଲାଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ।

**ସିଂହ** ନିଜର କୌଣସି ଦୁର୍ବଳତା ହେତୁ ଜୋର୍ ଦେଇ ଯୁକ୍ତିତର୍କ କରିବା ଦିଗରୁ ଦୂରେଇ ରହିବେ। ନକାରାତ୍ମକ ଚିନ୍ତାଧାରା ପ୍ରତ୍ୟେକ କ୍ଷେତ୍ରରେ ମନକୁ ବେଶି ବିବ୍ରତ କରିବ। ଯାତ୍ରା ସମୟରେ ପକେଟ୍‌ମାର ପ୍ରତି ସତର୍କ ରହିବା ଭଲ ହେବ। ପାରିବାରିକ ଜୀବନରେ ଉଚିତ ବୁଝାମଣା ପୂର୍ବପରି ଅକ୍ଷୁର୍ଣ୍ଣ ରହିବାରୁ ଶାନ୍ତି ପାଇବେ।

**କନ୍ୟା** ପୂର୍ବ ଶତ୍ରୁତାର ବଦଳା ନେବାକୁ ଯାଇ ନିଜ ଲୋକ ହଇରାଣ କରିପାରନ୍ତି। କର୍ମକ୍ଷେତ୍ରରେ ପାରିବାରିକ ମତଭେଦ କାରଣରୁ ବିବାଦୀୟ ପରିସ୍ଥିତି ସୃଷ୍ଟି ହେବ। ସାମାନ୍ୟ କଥାରେ ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିବ। ଆର୍ଥିକ ସ୍ଥିତି, ବ୍ୟବସାୟିକ ପରିସ୍ଥିତି, ମାଙ୍ଗଳିକ କାର୍ଯ୍ୟ ଏବଂ ବନ୍ଧୁଙ୍କ ସହ ଆଲୋଚନା ଫଳପ୍ରଦ ହେବ।

**ତୁଳା** ଆତ୍ମୀୟମାନଙ୍କ ସହଯୋଗରେ କାର୍ଯ୍ୟରେ ସଫଳତା ହାସଲ କରିବେ। କିଣା ବିକା କ୍ଷେତ୍ରରେ ସତର୍କ ନ ହେଲେ ଠକାମିରେ ପଡ଼ିପାରନ୍ତି। କର୍ମକ୍ଷେତ୍ରରେ ତଥା ବିବାଦୀୟ ପରିସ୍ଥିତିରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବେ। ନିର୍ମାଣାଧୀନ କାର୍ଯ୍ୟରେ ପ୍ରତିବନ୍ଧକ ହଟିଯିବାର ଆଶା ରହିଛି।

**ବିଛା** ଅନ୍ୟମାନଙ୍କ ବିଷୟ ଚିନ୍ତାକରି ନିଜ ପ୍ରତି ଅବହେଳା କରିପାରନ୍ତି। ପାରିବାରିକ କ୍ଷେତ୍ରରେ ମନ ଭୁଲାଣିଆ କଥା କହି ପରିସ୍ଥିତିକୁ ସମ୍ଭାଳି ନେବେ। ଦୀର୍ଘଦିନର ଉପରାନ୍ତେ ମାଲିମକଦ୍ଦମାରେ ବିଜୟଲାଭର ସୂଚନା ରହିଛି। କର୍ମକ୍ଷେତ୍ର, ପାରିବାରିକସ୍ଥିତି, ବ୍ୟବସାୟିକ ପରିସ୍ଥିତି ପ୍ରାୟତଃ ଉନ୍ନତଧରଣର ରହିବ।

**ଧନୁ** ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣରେ ରହିବା କାରଣରୁ ଆଶ୍ୱସ୍ତି ଲାଭ କରିବେ। ଜଣେ ସମ୍ପର୍କୀୟଙ୍କ ପରାମର୍ଶରେ ତୀର୍ଥାଟନ କିମ୍ବା ପରିଦର୍ଶନ କଥା ଚିନ୍ତା କରିପାରନ୍ତି। ମନରେ ପ୍ରଫୁଲ୍ଲତା ରହିଥିବାରୁ କାର୍ଯ୍ୟସାଧନରେ କୌଣସି ଅସୁବିଧା ରହିବନାହିଁ। କଳା, ସାହିତ୍ୟ, ସାମ୍ବାଦିକତା ଓ ମନୋରଞ୍ଜନ, ଖେଳକୁଦରେ ପ୍ରଶଂସା ପାଇବେ।

**ମକର** ପ୍ରତ୍ୟେକ କ୍ଷେତ୍ରରେ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିବ। ପିଲାଙ୍କ ବୈବାହିକ ସମ୍ବନ୍ଧ ପରିପ୍ରେକ୍ଷୀରେ ନୂତନ ବନ୍ଧୁ ପ୍ରସ୍ତାବ ସ୍ଥିରୀକୃତ ହୋଇପାରେ। ରାଜନୀତି, ସଂଗଠନ, ଗବେଷଣା, ସଭାସମିତି କ୍ଷେତ୍ରରେ ଲୋକ ସମ୍ପର୍କ ବଢ଼ିବ। ମାତ୍ର ଧନିଷ୍ଠା ନକ୍ଷତ୍ରର ଭାବପ୍ରବଣତା ଯୋଗୁ ମନୋବଳ ହ୍ରାସ ପାଇବ।

**କୁମ୍ଭ** ବନ୍ଧୁମାନଙ୍କ ସହ ଭ୍ରମଣ ଓ କାର୍ଯ୍ୟସିଦ୍ଧି ଯୋଗୁ ମନ ପ୍ରଫୁଲ୍ଲିତ ରହିବ। ପାରିବାରିକ କ୍ଷେତ୍ର ବୁଝାମଣା ଜନିତ ଶାନ୍ତି ଫେରିଆସିବ। ଆର୍ଥିକ ସମସ୍ୟା,ବନ୍ଧୁଙ୍କ ମତାନ୍ତର,ସ୍ଥଗିତ ରହିଯାଇଥିବା କାମ ସୁବିଧାରେ ସମ୍ପନ୍ନ ହୋଇଯିବ। ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ପରିବହନ କ୍ଷେତ୍ରରୁ ବିଶେଷ ଲାଭବାନ୍ ହୋଇପାରନ୍ତି।

**ମୀନ** ପାରିବାରିକ ଜୀବନରେ ସୁଖ ସନ୍ତୋଷ ମାନସିକ ସ୍ଥିରତା ଆଣିବାରେ ସହାୟକ ହେବ। ସାହାଯ୍ୟକାରୀ ମନୋଭାବ କାରଣରୁ ପଡ଼ୋଶୀଙ୍କ ସହ ସମ୍ପର୍କ ବୃଦ୍ଧି ପାଇବ। ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ସକାଳୁ ସକାଳୁ ଶୁଭଖବର ପାଇ ମନ ଏକଦମ୍ ଖୁସି ହୋଇଯିବାର ସୂଚନା ରହିଛି।

ଆଜି ଫେବୃଆରୀ ୧୫ ତାରିଖ, ଫାଲଗୁନ୍ କୃଷ୍ଣ ତୃତୀୟା, ଶନିବାର, ରାଶିନକ୍ଷତ୍ର–ଉତ୍ତରା ଫାଲ୍‌ଗୁନୀ/କନ୍ୟା, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ. ୧୦।୩୫ ଗତେ ଘ.୦୧।୦୯ ମଧ୍ୟେ ଶୁଦ୍ଧ ଶୁଭବେଳା । ଦିବା ଘ.୦୯/୧୦ ଗତେ ଘ.୧୦/୩୫ ମଧ୍ୟେ ରାହୁ କାଳ ।।

# ବକେୟା ଅର୍ଥ ପାଇବେ କମ୍ୟୁନିଟି ସପୋର୍ଟ ଷ୍ଟାଫ୍: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର ୧୪।୨ (ବନ୍ଦନା ସେଠୀ)**

ବିଧାନସଭା ବଜେଟ ଅଧିବେଶନର ଶୁକ୍ରବାର ଥିଲା ଦ୍ୱିତୀୟ ଦିନ। ଆରମ୍ଭରୁ ହଟ୍ଟଗୋଳ ଓ ଦୁଇଥର ଗୃହ ମୁଲତବୀ ଭିତରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ବଡ଼ ଘୋଷଣା କରିଥିଲେ। ଗୃହରେ ବିବୃତ୍ତି ରଖି ମୁଖ୍ୟମନ୍ତ୍ରୀ କହିଲେ, ରାଜ୍ୟ ସରକାର ସିଆର୍‌ପି, ବ୍ୟାଙ୍କମିତ୍ର, ଏମ୍‌ବିକେ (ମାଷ୍ଟର ବୁକ୍ କିପର) ଓ ପ୍ରାଣୀମିତ୍ରଙ୍କୁ ସେମାନଙ୍କ ବକେୟା ପାଉଣା ପ୍ରଦାନ କରିବେ। ରାଜ୍ୟରେ ମୋଟ ୬୨ହଜାର ୩୪୧ଜଣ କମ୍ୟୁନିଟି ସପୋର୍ଟ ଷ୍ଟାଫ୍ ଥିବାବେଳେ ଖୁବ୍‌ଶୀଘ୍ର ସେମାନଙ୍କୁ ୨୦୨୪ ଏପ୍ରିଲ୍‌ଠାରୁ ୧୦ମାସର ବକେୟା ଦରମା ପ୍ରଦାନ କରାଯିବ। ସେହିପରି ରାଜ୍ୟ ସରକାର ମା’ମାନଙ୍କ ସମସ୍ୟା ପ୍ରତି ସମ୍ବେଦନଶୀଳ ଅଛନ୍ତି। ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କ ଆର୍ଥିକ ଅଭିବୃଦ୍ଧି କରାଇବା ଲକ୍ଷ୍ୟ ନେଇ ଲକ୍ଷପତି ଦିଦି ଯୋଜନା କାର୍ଯ୍ୟକାରୀ ହେଉଛି। ଏହି ଯୋଜନାରେ ୨୦୨୭ ସୁଦ୍ଧା ୨୫ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରିବା ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ରଖିଥିବା ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। ପୂର୍ବାହ୍ନ ୧୦ଟା ୩୦ରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ତେବେ ପ୍ରଶ୍ନକାଳ ଆରମ୍ଭରୁ ଏକାଧିକ ପ୍ରସଙ୍ଗ ନେଇ ବିରୋଧୀ ବିଜେଡି ଓ କଂଗ୍ରେସ ହଟ୍ଟଗୋଳ କରିଥିଲେ। ରାଜ୍ୟରେ ଆଇନଶୃଙ୍ଖଳା ପ୍ରସଙ୍ଗରେ ଉଭୟ ଦଳର ସଦସ୍ୟମାନେ ବାଚସ୍ପତିଙ୍କ ପୋଡିୟମ ତଳେ ପ୍ରତିବାଦ କରିଥିଲେ। ବିଜେଡି ସଦସ୍ୟମାନେ ଚାଷୀମାରଣ ନୀତିକୁ ନେଇ ନାରାବାଜି କରିଥିଲେ। ହୋହଲ୍ଲା ଭିତରେ ବାଚସ୍ପତି ସୁରମା ପାଢୀ ସେମାନଙ୍କୁ ନିଜ ନିଜ ସ୍ଥାନକୁ ଯିବା ଲାଗି ଏକାଧିକ ବାର ନିବେଦନ କରିଥିଲେ। ସ୍ଥିତି ନ ସୁଧୁରିବାରୁ ମାତ୍ର ୪ ମିନିଟ୍ ଗୃହ ଚାଲିବା ପରେ ୧୦ଟା ୩୪ରୁ ମଧ୍ୟାହ୍ନ ୧୨ଟା ଯାଏ ଗୃହକୁ ମୁଲତବୀ ଘୋଷଣା କରିଥିଲେ ବାଚସ୍ପତି। ପୁନର୍ବାର ସମାନ ସ୍ଥିତି ଉପୁଜିବାରୁ ପୁଣି ଗୃହକୁ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରାଯାଇଥିଲା। ତେବେ ୪ଟା ପରେ ଗୃହକାର୍ଯ୍ୟ ସ୍ୱାଭାବିକ ଭାବେ ଚାଲିଥିଲେ ମଧ୍ୟ ହଟ୍ଟଗୋଳ ଆରମ୍ଭ ହୋଇ ଯିବାରୁ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପସ୍ଥାପିତ ହୋଇପାରି ନ ଥିଲା। ଶନିବାର ବିଧାନସଭାର ତୃତୀୟ ଦିବସରେ ମଧ୍ୟ ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟ ନେଇ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି।

### ହଟ୍ଟଗୋଳରେ କଟିଲା, ଅପରାହ୍ନରେ ଗୃହ ଚାଲିଲା

## ପ୍ରଥମ ପୃଷ୍ଠାରୁ...

### ଭାରତକୁ ଟାରିଫ୍, ...

ସେତିକି ନୁହେଁ, ମୋଦିଙ୍କୁ ଉପହାର ଭାବେ ଟ୍ରମ୍ପ୍ ‘ଆୱାର ଜର୍ନି ଟୁଗେଦର’ ଶୀର୍ଷକ ଏକ ପୁସ୍ତକ ଦେଇଥିଲେ, ଯେଉଁଥିରେ ଟ୍ରମ୍ପଙ୍କ ପ୍ରଥମ ପାଳି ରାଷ୍ଟ୍ରପତିତ୍ୱ କାଳରେ ମୋଦିଙ୍କ ସହ ରାଲିର ସ୍ନାପ୍‌ଶଟ୍‌ଗୁଡ଼ିକ ରହିଥିଲା। ମିଳିତ ଖବରଦାତା ସମ୍ମିଳନୀରେ ଉଭୟ ନେତା ପରସ୍ପରକୁ ପ୍ରଶଂସା କରିଥିଲେ। ଟ୍ରମ୍ପଙ୍କ ‘ମେକ୍ ଆମେରିକା ଗ୍ରେଟ୍ ଏଗେନ୍’( ଆମେରିକାକୁ ଆଉ ଥରେ ମହାନ୍ କରିବା) ସ୍ଲୋଗାନ୍‌କୁ ମୋଦି ପ୍ରଶଂସା କରିବା ସହ ଭାରତରେ ଆମେ ବିକଶିତ ଭାରତ ପାଇଁ କାମ କରୁଛୁ, ଯାହା ଆମେରିକା ଭାଷାରେ ଏମ୍‌ଆଇଜିଏ (ମେକ୍ ଇଣ୍ଡିଆ ଗ୍ରେଟ୍ ଏଗେନ୍) ବୋଲି କହିଥିଲେ। ଯେତେବେଳେ ଭାରତ ଏବଂ ଆମେରିକା ଏକାଠି କାମ କରିବେ, ଏମ୍‌ଏଜିଏ ଏବଂ ଏମ୍‌ଆଇଜିଏ ମିଶି ସମୃଦ୍ଧିର ‘ମେଗା’ ପାର୍ଟନରଶିପ୍ ହେବ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

ତେବେ ପାରସ୍ପରିକ ପ୍ରଶଂସା ତଳେ ବାଣିଜ୍ୟ ଓ ଟାରିଫ୍‌ର କଠିନ ବାସ୍ତବତା ଲୁଚିରହିଥିଲା। ଦୀର୍ଘଦିନର ମହାନ୍ ବନ୍ଧୁଙ୍କ ସହ ବୈଠକ ପୂର୍ବରୁ ଟ୍ରମ୍ପ୍ ରେସିପ୍ରୋକାଲ ଟାରିଫ୍ ଘୋଷଣା କରିଥିଲେ, ଯେଉଁଥିରୁ ଭାରତ ବାଦ୍ ପଡ଼ିନାହିଁ। ଏହି ଟାରିଫ୍ କଥା ଆସିଲେ ଭାରତ ତାଲିକାର ଶୀର୍ଷରେ ରହିଥାଏ ବୋଲି ଟ୍ରମ୍ପ୍ ଖବରଦାତାମାନଙ୍କୁ କହିଥିଲେ। ମୋଦିଙ୍କ ସହ ଗଣମାଧ୍ୟମକୁ ମିଳିତ ଭାବେ ସମ୍ବୋଧିତ କଲାବେଳେ ଟ୍ରମ୍ପ୍ କହିଥିଲେ, ‘ଭାରତ ଆମ ଉପରେ ଯାହା ଶୁଳ୍କ ଲଗାଇବ, ଆମେ ସେଠାରୁ ଆସୁଥିବା ସାମଗ୍ରୀ ଉପରେ ସେପରି ଶୁଳ୍କ ଲଗାଇବୁ’। ତେଣୁ ସେମାନେ ଯେତେ ଶୁଳ୍କ ଲଗାଇଲେ ମଧ୍ୟ ଆମ ପାଇଁ ଏଣିକି ଆଉ କୌଣସି ସମସ୍ୟା ହେବ ନାହିଁ। ଟ୍ରମ୍ପଙ୍କ ପାରସ୍ପରିକ ଶୁଳ୍କ ଯୋଗୁ ଭାରତ ଆମେରିକାକୁ ରପ୍ତାନି କରୁଥିବା ବୟନ ସାମଗ୍ରୀ, ଔଷଧ ଏବଂ କୃଷି ସାମଗ୍ରୀଗୁଡ଼ିକ ମହଙ୍ଗା ହେବ। ସମ୍ପ୍ରତି ଭାରତ ସହ ଆମେରିକାର ବାଣିଜ୍ୟ ନିଅଣ୍ଟ ପ୍ରାୟ ୧୦୦ ବିଲିୟନ ଡଲାର ରହିଛି। ଦୀର୍ଘଦିନ ଧରି ରହିଥିବା ଏହି ତାରତମ୍ୟର ସମାଧାନ ପାଇଁ ମୋଦି ଏବଂ ମୁଁ ବୁଝାମଣା ପାଇଁ ରାଜି ବୋଲି ଟ୍ରମ୍ପ୍ କହିଥିଲେ। ମୋଦିଙ୍କ ଏହି ଗସ୍ତବେଳେ ଭାରତ ପ୍ରତି ଟ୍ରମ୍ପଙ୍କ ପ୍ରଶଂସା ଓ ଚାପ ଦେଖିବାକୁ ମିଳିଛି। କେବଳ ଟାରିଫ୍ ନୁହେଁ, ଟ୍ରମ୍ପଙ୍କ ଇମିଗ୍ରେଶନ ନୀତି ମଧ୍ୟ ସେଠାରେ ଥିବା ଭାରତୀୟଙ୍କୁ ଅଡୁଆରେ ପକାଇଛି। ବେଆଇନ ଭାବେ ରହିଥିବା ଭାରତୀୟମାନଙ୍କୁ ଟ୍ରମ୍ପ୍ ସେଠାରୁ ତଡ଼ିବାରେ ଲାଗିଛନ୍ତି। ଇତିମଧ୍ୟରେ ୨ ପର୍ଯ୍ୟାୟରେ ୨୨୩ ଜଣ ବେଆଇନ ପ୍ରବାସୀ ଭାରତୀୟଙ୍କୁ ବିଦା କରାଗଲାଣି।

### ଭାଇଙ୍କ ଆଗରେ ...

ଏପରିକି ଚାଳକ ପ୍ରଶାନ୍ତ ଛୋଟରାୟ ବସ୍ ନେଇ ପଳାଇବା ସହ ପୁଣି ଖଣ୍ଡଗିରି ଅଭିମୁଖେ ଆସୁଥିବା ବେଳେ ଲୋକମାନେ ତାଙ୍କୁ କାବୁ କରିଥିଲେ। ଉତ୍ତେଜିତ ଲୋକଙ୍କ ନିସ୍ଥୁକ ମାଡ଼ରେ ପ୍ରଶାନ୍ତ ଗୁରୁତର ହୋଇଛନ୍ତି। ଲୋକମାନେ ବସ୍‌କୁ ମଧ୍ୟ ଭଙ୍ଗାରୁଜା କରିଛନ୍ତି। ଅନ୍ୟପକ୍ଷରେ ଆହତ ଅନ୍ୟ ୩ଜଣଙ୍କୁ ଏମ୍‌ସରେ ଭର୍ତ୍ତି କରାଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ଦୁର୍ଘଟଣା ଘଟାଇଥିବା ବସ୍ ୩୩ ନଂ. ରୁଟ୍ (ଭୁବନେଶ୍ୱର ରେଳଷ୍ଟେଶନରୁ ପିପିଲି)ରେ ଯାତାୟାତ କରେ। ଡ୍ୟୁଟି ସାରି ବସ୍‌ଟି ପାତ୍ରପଡ଼ା ଡିପୋ ଅଭିମୁଖେ ଆସୁଥିଲା। ଏପଟେ ପାତ୍ରପଡ଼ା ଜାତୀୟ ରାଜପଥ କଡ଼ରେ ନନ୍ଦିନୀ ଓ ତାଙ୍କ ଭାଇ ବିଦ୍ୟାସାଗର ସ୍କୁଟି ସହ କୌଣସି ଏକ ବସ୍‌କୁ ଅପେକ୍ଷା କରିଥିଲେ। ସେହିପରି ଆଉ କେତେ ଜଣ ମଧ୍ୟ ସେଠାରେ ଛିଡ଼ା ହୋଇଥିଲେ। ଏହି ସମୟରେ ବସ୍‌ଟି ଦ୍ରୁତଗତିରେ ଆସି ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଭାଇ, ଭଉଣୀ ତଳେ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ଅନ୍ୟପକ୍ଷରେ ୩ଜଣ ବ୍ୟକ୍ତି ମଧ୍ୟ ଆହତ ହୋଇଥିଲେ। ଘଟଣାସ୍ଥଳରେ ନନ୍ଦିନୀଙ୍କ ମୃତ୍ୟୁ ଘଟିଥିଲା।

# ଅଷ୍ଟମରେ ୬୯.୫% ପିଲାଙ୍କୁ ଆସୁନି ଫେଡ଼ାଣ

**ଭୁବନେଶ୍ୱର,୧୪।୨(ସୁଚିସ୍ମିତା ସାହୁ)**

ରାଜ୍ୟରେ ଅଷ୍ଟମ ଶ୍ରେଣୀରେ ପାଠପଢୁଥିବା ଅଧିକାଂଶ ପିଲାଙ୍କୁ ଫେଡାଣ ଓ ହରଣ ଆସୁନି। ଜାତୀୟସ୍ତରରେ ୬୮.୫% ପିଲାଙ୍କୁ ଫେଡାଣ ଆସୁ ନ ଥିବାବେଳେ ୪୫.୮% ପିଲା ହରଣ କରିପାରୁ ନାହାନ୍ତି। ତେବେ ଅସର ରିପୋର୍ଟ ଅନୁସାରେ, ଓଡ଼ିଶାରେ ୬୯.୫ ପ୍ରତିଶତ ପିଲାଙ୍କୁ ଫେଡ଼ାଣ ଓ ୪୮.୮ ପ୍ରତିଶତ ପିଲାଙ୍କୁ ହରଣ ଆସୁନାହିଁ ବୋଲି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ବିଧାନସଭାରେ ଉପସ୍ଥାପିତ କରିଥିବା ତଥ୍ୟରୁ ଜଣାପଡିଛି। ବାଲିଗୁଡା ବିଧାୟକ ଚକ୍ରମଣି କହଁର ରାଜ୍ୟର ବିଦ୍ୟାଳୟଗୁଡିକରେ ଡ୍ରପ୍‌ଆଉଟ୍ ହାର ଏବଂ ଅସର ରିପୋର୍ଟର ତଥ୍ୟ ଚିନ୍ତାଜନକ ରହୁଛି। ଏନେଇ ରାଜ୍ୟ ସରକାର କ’ଣ ପଦକ୍ଷେପ ନେଉଛନ୍ତି ବୋଲି ସେ ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ମନ୍ତ୍ରୀ ନିତ୍ୟାନନ୍ଦ ୧୦ବର୍ଷର ବିବୃତି ରଖି କହିଲେ, ୨୦୧୪ରେ ୬୩.୪ ପ୍ରତିଶତ ଏବଂ ୨୦୨୪ରେ ୬୯.୫ ପ୍ରତିଶତ ଛାତ୍ରୀଛାତ୍ର ଫେଡାଣ ଜାଣି ନ ଥିବା ତଥ୍ୟରୁ ଜଣାପଡିଛି। ସେହିପରି ୨୦୧୪ରେ ୩୭.୯% ଓ ୨୦୨୪ରେ ୪୮.୮% ବିଦ୍ୟାର୍ଥୀ ହରଣ ଜାଣିନାହାନ୍ତି। ଏହି ସଂଖ୍ୟା ପ୍ରତିବର୍ଷ ବଢ଼ି ବଢ଼ି ଚାଲିଛି । ବିଗତ ଦଶ ବର୍ଷରେ ଅଷ୍ଟମ ଶ୍ରେଣୀରେ ପଢୁଥିବା ବିଦ୍ୟାର୍ଥୀଙ୍କ ମଧ୍ୟରୁ ଫେଡାଣରେ ମାତ୍ର ୬% ଏବଂ ହରଣରେ ୧୧% ପିଲା ସମାଧାନ କରିପାରୁଛନ୍ତି। ମନ୍ତ୍ରୀ ଆହୁରି କହିଛନ୍ତି, ରାଜ୍ୟର ସମସ୍ତ ସରକାରୀ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୧୬୦୦୯ କନିଷ୍ଠ ଶିକ୍ଷକଙ୍କୁ ନିଯୁକ୍ତ କରାଯାଇଛି। ଅନୁଦାନପ୍ରାପ୍ତ ଉଚ୍ଚ ବିଦ୍ୟାଳୟରେ ୧୭୯୮ ଶିକ୍ଷକ ଓ ସରକାରୀ ଉଚ୍ଚ ବିଦ୍ୟାଳୟରେ ୬୦୨୫ ଶିକ୍ଷକଙ୍କୁ ନିଯୁକ୍ତ କରାଯାଇଛି। ୧୭ଟି ଜିଲାରେ ୨୧ଟି ଭାଷାରେ ଶିକ୍ଷାଦାନ କରାଯାଉଛି। ଏହିସବୁ ବିଦ୍ୟାଳୟରେ ଶିକ୍ଷାଦାନ ପାଇଁ ୩୧୮୮ ଶିକ୍ଷକଙ୍କୁ ବହୁଭାଷୀ ଶିକ୍ଷା ସହାୟକ ଏବଂ ୧୪୩ଜଣ ବହୁଭାଷୀ ଶିକ୍ଷା ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରାଯାଇଛି। ବର୍ତ୍ତମାନ ରାଜ୍ୟର ଉଚ୍ଚ ପ୍ରାଥମିକ ବିଦ୍ୟାଳୟଗୁଡିକରେ ୧୨୪୮୪ଟି ପ୍ରଧାନ ଶିକ୍ଷକ ପଦବୀ ଖାଲି ରହିଛି।

# ରାଜ୍ୟରେ ୫ହଜାରରୁ ଊର୍ଦ୍ଧ୍ୱ ଭିକାରି: ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ

**ଭୁବନେଶ୍ୱର ୧୪।୨ (ବନ୍ଦନା ସେଠୀ)**

ରାଜ୍ୟରେ ଏବେ ୫ହଜାର ୨୮୪ଜଣ ଭିକାରି ଅଛନ୍ତି। ସେଥିମଧ୍ୟରୁ କଟକରେ ସର୍ବାଧିକ ୧ହଜାର ୬୦ ଭିକାରି ରହିଛନ୍ତି। ଏନେଇ ଶୁକ୍ରବାର ବିଧାନସଭାରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସୂଚନା ଦେଇଛନ୍ତି। ମନ୍ତ୍ରୀଙ୍କ ତଥ୍ୟ ଅନୁସାରେ, କଟକରେ ସର୍ବାଧିକ ଭିକାରି ଥିବାବେଳେ ବରଗଡ଼ରେ ୫୯୫, ଗଞ୍ଜାମରେ ୫୪୫, ବଲାଙ୍ଗୀରରେ ୪୮୨, ସୁନ୍ଦରଗଡ଼ରେ ୪୧୭ ଓ ପୁରୀରେ ୩୫୦ ଭିକାରି ଅଛନ୍ତି। ରାଜ୍ୟକୁ ଭିକାରିମୁକ୍ତ କରିବାକୁ ସରକାର ଅଭିଯାନ ଚଳାଇଛନ୍ତି। ଏଥିପାଇଁ ପ୍ରଥମ ପର୍ଯ୍ୟାୟରେ ପୁରୀଠାରେ ନୀଳାଦ୍ରି ନିଳୟ, ଭୁବନେଶ୍ୱରରେ ଏକାମ୍ର ନିଳୟ ଅଭିଯାନ ଜାରି ରହିଛି ବୋଲି ମନ୍ତ୍ରୀ କହିଛନ୍ତି। ବିଧାନସଭାରେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗଙ୍କ ପ୍ରଶ୍ନରେ ଲିଖିତ ଉତ୍ତର ରଖି ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏହି ତଥ୍ୟ ଦେଇଛନ୍ତି।

# ଆଗୁଆ ଜାମିନ ପାଇଁ ହାଇକୋର୍ଟରେ ବିଧାୟିକା ପ୍ରମିଳା

**କଟକ,୧୪।୨(କାର୍ତ୍ତିକ ସାହୁ)**

ଯାଜପୁର ଜିଲା ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ ଆଗୁଆ ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ତାଙ୍କ ଜାମିନ ଆବେଦନର ନିର୍ଦ୍ଦିଷ୍ଟ କାରଣ ଜଣାପଡ଼ିନାହିଁ। ତେବେ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନାନୁସାରେ, ନିକଟରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପ୍ରମିଳାଙ୍କ ଭାଇଙ୍କ ଘରେ ଚଢ଼ାଉ କରିଥିଲା। ଇଡି ପ୍ରସଙ୍ଗରେ ପ୍ରମିଳା ଗିରଫଦାରୀର ଆଶଙ୍କା କରିଛନ୍ତି। ଫଳରେ ସମ୍ଭାବ୍ୟ ଗିରଫଦାରୀକୁ ଏଡ଼ାଇବା ପାଇଁ ସେ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଛନ୍ତି ବୋଲି ଜଣାଯାଇଛି।

# ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବ



ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ଅବସରରେ କଳସଯାତ୍ରା।

**ତାଳଚେର, ୧୪।୨ (ମନୋଜ ନନ୍ଦ)**

ତାଳଚେର ବ୍ଲକ ସୋଲଡ଼ା ଗ୍ରାମସ୍ଥିତ ବାବା ବାଲୁଙ୍କେଶ୍ୱର ମନ୍ଦିର ପରିସରରେ ନବନିର୍ମିତ ଜଗନ୍ନାଥ ମନ୍ଦିରର ଓ ପାର୍ଶ୍ୱ ଦେବତାମାନଙ୍କ ପ୍ରାଣପ୍ରତିଷ୍ଠା ମହୋତ୍ସବ ୧୩ ତାରିଖରୁ ଆରମ୍ଭ ହୋଇଛି। ଏହା ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଅବସରରେ ଏକ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଗ୍ରାମର ଶତାଧିକ ଶ୍ରଦ୍ଧାଳୁ ନିକଟସ୍ଥ ବାଲିବନ୍ଧ ପୋଖରୀରୁ ପବିତ୍ର ପାଣି ଆଣି ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ମନ୍ଦିର ପ୍ରାଙ୍ଗଣରେ ସ୍ଥାପନ କରିଥିଲେ। ପରେ ବିଭିନ୍ନ ପୂଜାନୀତି ଆରମ୍ଭ ହୋଇଥିଲା। ଆସନ୍ତା ରବିବାର ବିଗ୍ରହମାନଙ୍କ ନଗର ପରିକ୍ରମା, ସୋମବାର ଦେବତାମାନଙ୍କ ନ୍ୟାସବିଧି, ପ୍ରାଣ ପ୍ରତିଷ୍ଠା ଓ ମନ୍ଦିର ପ୍ରବେଶ ଆଦି କରାଯିବ। ଏହାସହିତ ଜଗନ୍ନାଥ ମନ୍ଦିର ପରିସରରେ ନାମ ସଂକୀର୍ତ୍ତନ ସହ ପ୍ରବଚନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି ବୋଲି ମନ୍ଦିର ପରିଚାଳନା କମିଟି ପକ୍ଷରୁ ସୂଚନା ଦିଆଯାଇଛି।

RAIN, SUN AND FIREPROOF
KONARK IS THE RIGHT ROOF
KONARK
Right at the top
USE
KONARK
AC SHEETS & ACCESSORIES
UAL - ODISHA
(PROP. : UAL INDUSTRIES LTD.)
(AN ISO 9001, 14001 & 45001 CERTIFIED COMPANY)
ODISHA WORKS
At/P.o. Korian, Dist. Dhenkanal-759013 (Odisha)
Mobile : 9437021312, 9437960758
E-mail : brmohanty@ualind.com
BENGAL WORKS
UAL - BENGAL
Guptamani Kultikri Road, Midnapore (West Bengal)
Phone : (03222) 202401, 202402
Fax : (03222) 257274, E-mail : ual_kgp@ualind.com
U.P. WORK
UAL - UTTAR PRADESH
At- Barmanpur, Tehsil- Kerakat, Dist. Jaunpur - 222129 (U.P.)
Phone : (05450) 249301, E-mail : ual_up@ualind.com

WHILE SOME PERSUE FOR EXCELLENCE
WE ARE BORN TO EXCELL.

## ଉଚ୍ଚ ବିଦ୍ୟାଳୟରେ ହୋମଯଜ୍ଞ

**ଛେଣ୍ଡିପଦା, ୧୪।୨ (ଅଜିତ ଧଳ)**

ଛେଣ୍ଡିପଦା ବ୍ଲକ ବଡ଼ ମହିତଲାସ୍ଥିତ ଡିଏଭି ସାବିତ୍ରୀ ଜିନ୍ଦଲ ଉଚ୍ଚ ବିଦ୍ୟାଳୟରେ ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ଜୟନ୍ତୀ ବିଦ୍ୟାଳୟ ଅଧ୍ୟକ୍ଷ ଫକୀର ମୋହନ ସାହୁଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ଉତ୍ସବରେ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ରହି ସ୍ୱାମୀ ଦୟାନନ୍ଦଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହାପରେ ହୋମଯଜ୍ଞ କରାଯାଇଥିଲା। ପରେ ବକ୍ତୃତା ଓ ବେଦପାଠ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

# ଓଡ଼ିଆ ସିନେ ପରଦାରେ ଢେଙ୍କାନାଳ ମାଟିର ମହକ

## ଜ୍ୟୋତ୍ସ୍ନା ମିଶ୍ର, ରାଲି ନନ୍ଦ ଓ ସ୍ୱପ୍ନା ପ୍ରିୟଦର୍ଶିନୀ

**ଢେଙ୍କାନାଳ କଳା, ସଂସ୍କୃତିର ଜିଲା ଭାବେ କେବଳ ରାଜ୍ୟ କାହିଁକି ଜାତୀୟସ୍ତରରେ ମଧ ନିଜର ସ୍ୱତନ୍ତ୍ରତା ବଜାୟ ରଖିଛି। ଢେଙ୍କାନାଳର ପ୍ରତିଭାବାନ କଳାକାରମାନେ କେବଳ ଶାସ୍ତ୍ରୀୟ ନୃତ୍ୟ କାହିଁକି, ମଞ୍ଚ ଅଭିନୟ ଏବଂ ଚଳଚ୍ଚିତ୍ର ଅଭିନୟରେ ନିଜର ପାରଦର୍ଶିତା ଦେଖାଇ ଓଡ଼ିଶାରେ ଢେଙ୍କାନାଳ ପାଇଁ ସାଜିଛନ୍ତି ଗର୍ବ ଓ ଗୌରବର ପ୍ରତୀକ। ସେମାନଙ୍କ ମଧ୍ୟରୁ ଢେଙ୍କାନାଳ ମାଟିର ମହକ ଭାବେ ଶାସ୍ତ୍ରୀୟ ନୃତ୍ୟଶିଳ୍ପୀ ଓ ଗୁରୁ ତଥା ଚଳଚ୍ଚିତ୍ର ଅଭିନେତ୍ରୀ ଜ୍ୟୋତ୍ସ୍ନାରାଣୀ ମିଶ୍ର, ରାଲି ନନ୍ଦ ଓ ସ୍ୱପ୍ନା ପ୍ରିୟଦର୍ଶିନୀ ଅନ୍ୟତମ। ଏହି ୩ଜଣଙ୍କୁ ନେଇ ଆମର ସ୍ୱତନ୍ତ୍ର ଉପସ୍ଥାପନା**

ଢେଙ୍କାନାଳର ବରିଷ୍ଠ ସାଂସ୍କୃତିକ ସଂଗଠକ କୃଷ୍ଣ କୁମାର ମିଶ୍ରଙ୍କ ସ୍ତ୍ରୀ ଜ୍ୟୋତ୍ସ୍ନାରାଣୀ ମିଶ୍ର। ସେ ୧୯୮୧ରେ ଓଡ଼ିଆ ଚଳଚ୍ଚିତ୍ର 'କାଚଘର'ରେ ପ୍ରମୁଖ ନାୟିକା ଭାବେ ଅଭିନୟ କରି ଦିଲ୍ଲୀଠାରେ ସେହି ସମୟରେ କ୍ରିଟିକ୍ କାଉନସିଲ ଇଣ୍ଡିଆ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ ହୋଇଥିଲେ। 'କାଚଘର' ବ୍ୟତୀତ ସେ 'ଦେବଯାନୀ' ଓ 'ଉଲ୍‌କା' ଚଳଚ୍ଚିତ୍ରରେ ମଧ ଅଭିନୟ କରିଛନ୍ତି। ସେ 'ଦେବଯାନୀ' ଚଳଚ୍ଚିତ୍ରରେ ଅଜିତ ଦାସଙ୍କ ସହିତ ଅଭିନୟ କରିଥିଲେ। ଚଳଚ୍ଚିତ୍ର ଅଭିନୟ ଛାଡ଼ିବା ପରେ ସେ ଓଡ଼ିଶୀ ଓ ଅନ୍ୟ ଶାସ୍ତ୍ରୀୟ ନୃତ୍ୟକୁ ଆପଣାଇ ତାଙ୍କର ନିଜସ୍ୱ ଅନୁଷ୍ଠାନ ନଟରାଜ ସଙ୍ଗୀତ ମହାବିଦ୍ୟାଳୟରେ କଳାକାରମାନଙ୍କୁ ଓଡିଶୀ ଓ ଶାସ୍ତ୍ରୀୟ ନୃତ୍ୟ ପ୍ରଶିକ୍ଷଣ ଜାରି ରଖିଛନ୍ତି। ସେ ନୃତ୍ୟ ବିଶାରଦ ପାସ୍ କରିବା ସହିତ ଦୂରଦର୍ଶନରେ ଜଣେ ପଞ୍ଜିକୃତ ବି-ଗ୍ରେଡ୍ କଳାକାର ବୋଲି ଜଣାପଡିଛି। ଜିଲା ପ୍ରଶାସନ ଓ ସଂସ୍କୃତି ପରିଷଦ ପକ୍ଷରୁ ଆୟୋଜିତ ଢେଙ୍କାନାଳ ମହୋତ୍ସବରେ ତାଙ୍କୁ ପ୍ରସିଦ୍ଧ ରାଜ୍ୟସ୍ତରୀୟ ମହିମା ସମ୍ମାନ ପ୍ରଦାନ କରାଯିବା ସହ ବହୁ ସରକାରୀ ଓ ବେସରକାରୀ ଅନୁଷ୍ଠାନ ପକ୍ଷରୁ ମଧ ସମ୍ବର୍ଦ୍ଧିତ ହୋଇଛନ୍ତି।

ସେହିପରି ଢେଙ୍କାନାଳ ମାଟିର ଅନ୍ୟତମ ମହକ ହେଲେ ଓଡ଼ିଆ ଚଳଚ୍ଚିତ୍ର ଅଭିନେତ୍ରୀ ରାଲି ନନ୍ଦ। ରାଲି ନିଜ ଛୋଟ ବେଳୁ ଓଡିଶୀ ନୃତ୍ୟକୁ ଆପଣାଇ ଜଣେ ପ୍ରତିଷ୍ଠିତ ଓଡିଶୀ ନୃତ୍ୟଶିଳ୍ପୀ ଭାବେ ସମଗ୍ର ରାଜ୍ୟରେ ନିଜର ପରିଚୟ ସୃଷ୍ଟି କରିଥିଲେ। ସେ ନିଜର ପ୍ରଥମ ଓଡିଆ ଚଳଚ୍ଚିତ୍ର 'କଳିଙ୍ଗପୁତ୍ର'ରେ ସଫଳ ଅଭିନୟ କରି ୨୦୦୮ରେ ରାଜ୍ୟ ସରକାରଙ୍କର ଚଳଚ୍ଚିତ୍ର ପୁରସ୍କାରରେ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ରାଜ୍ୟପାଳଙ୍କ ଠାରୁ ପୁରସ୍କୃତ ହୋଇଥିଲେ। ଏହି ଚଳଚ୍ଚିତ୍ରରେ ସେ ଅଭିନେତା ଆକାଶ ଦାସନାୟକଙ୍କ ସହ ଅଭିନୟ



ଜ୍ୟୋତ୍ସ୍ନା ମିଶ୍ର



ରାଲି ନନ୍ଦ



ସ୍ୱପ୍ନା ପ୍ରିୟଦର୍ଶିନୀ

କରିଥିଲେ। ଏହାପରେ ସେ ପଛକୁ ଫେରି ଚାହିଁ ନ ଥିଲେ। ପରେ ପରେ ସେ 'ଆକାଶେ କି ରଙ୍ଗ ଲାଗିଲା' ଅନୁଭବ ମହାନ୍ତିଙ୍କ ସହ, 'ତୁ ଥିଲେ ମୋ ଡର କାହାକୁ'ରେ ବୁଦ୍ଧାଦିତ୍ୟ, ବିଜୟ ମହାନ୍ତି ଓ ମହାଶ୍ୱେତାଙ୍କ ସହ ଅଭିନୟ କରି ବେଶ ପ୍ରଶଂସିତ ହୋଇଥିଲେ। ସେହିପରି 'ମା ଖୋଜେ ମମତା'ରେ ମିହିର ଦାସଙ୍କ ସହ ଅଭିନୟ କରିଥିଲେ। ଏତଦବ୍ୟତୀତ ସେ 'ସୁପରଷ୍ଟାର', 'ଅଭିମାନୀ ପ୍ରିୟା ମୋର', 'ଟଙ୍କା ତୋତେ ସଲାମ', 'ପୁଣି ଦେଖାହେବ ଆର ଜନମରେ', 'ଓଁ ନମଃ ଶିବାୟ', 'ନଈ ସେପାରି କନକଗୋରୀ' ସହିତ ଏକ ଛତିଶଗଡ଼ି ଚଳଚ୍ଚିତ୍ରରେ ମଧ ଅଭିନୟ କରିଛନ୍ତି। ସେ ରାଜ୍ୟ ସମେତ ଢେଙ୍କାନାଳ ଜିଲା ପ୍ରଶାସନ, ସଂସ୍କୃତି ପରିଷଦ ଓ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ପକ୍ଷରୁ ନିଜର ପ୍ରତିଭା ପାଇଁ ବହୁବାର ସମ୍ମାନିତ ହୋଇଛନ୍ତି। ସେ ଢେଙ୍କାନାଳର ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କର ବରିଷ୍ଠ ପରିଚାଳକ ପ୍ରଶାନ୍ତ କୁମାର ପଣ୍ଡାଙ୍କୁ ନିଜର ଜୀବନସାଥୀ କରିଛନ୍ତି।

ସେହିପରି ବର୍ତ୍ତମାନ ପିଢ଼ିର ଅଭିନେତ୍ରୀ ଭାବେ ସିନେ ପରଦାରେ ଚର୍ଚ୍ଚିତ ଚେହେରା ହେଉଛନ୍ତି ଢେଙ୍କାନାଳ ମାଟିର ଝିଅ ସ୍ୱପ୍ନା ପ୍ରିୟଦର୍ଶିନୀ। ସ୍ୱପ୍ନା ୨୦୨୧ରେ ଏମ୍ ଟିଭି ସୁପର ମଡେଲ ଅଫ୍ ଦି ଇୟର ସିଜିନ-୨ରେ ପ୍ରଥମ ଓଡ଼ିଆ ଝିଅ ଭାବେ ଶ୍ରେଷ୍ଠ ୩ଜଣଙ୍କ ମଧ୍ୟରେ ରହିଥିଲେ। ଏହାପରେ ସେ ୨୦୨୧ରେ ପ୍ରଥମ ଓଡ଼ିଆ ସିନେମା 'ଟୁ ଟକୋଲେଟ'ରେ ଅଭିନୟ ଜୀବନ ଆରମ୍ଭ କରିଥିଲେ। ଏହାପରେ ସେ ଅନୁଭବ ମହାନ୍ତିଙ୍କ ସହ 'ଲଭ୍ ଇନ୍ ଲଣ୍ଡନ'ରେ ପ୍ରଭାବୀ ଅଭିନୟ କରି ଓଡିଆ ଚଳଚ୍ଚିତ୍ର ଜଗତରେ ଚର୍ଚ୍ଚିତ ହୋଇଥିଲେ। ତାଙ୍କର ଆଗାମୀ ଓଡ଼ିଆ ଚଳଚ୍ଚିତ୍ର 'ଦୋ ଛକି' ମୁକ୍ତିଲାଭ ଅପେକ୍ଷାରେ ରହିଛି। ନିକଟରେ ସେ ଏକ ହିନ୍ଦୀ ମ୍ୟୁଜିକ ଭିଡିଓରେ ହିନ୍ଦୀ ଓ ପଞ୍ଜାବୀ ଜଗତର ବରିଷ୍ଠ ଚଳଚ୍ଚିତ୍ର ଅଭିନେତା କନୱଲଜିତ୍ ଓ ପଞ୍ଜାବୀ ଗାୟକ ଗୁରନଜର ଛଟାଙ୍କ ସହ ଅଭିନୟ କରି ଚର୍ଚ୍ଚିତ ହୋଇଛନ୍ତି। ସେ ମଧ ବୟସ୍ୟଠାରୁ ଆରମ୍ଭ କରି ବିଭିନ୍ନ ରାଜ୍ୟ ଏବଂ ଓଡ଼ିଶାର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ନିଜର ପ୍ରତିଭା ପାଇଁ ସମ୍ବର୍ଦ୍ଧିତ ହୋଇଛନ୍ତି। ସେ ଢେଙ୍କାନାଳର କୁଞ୍ଜକାନ୍ତ ଅଞ୍ଚଳରେ ରହୁଥିବା ବିଶିଷ୍ଟ ବ୍ୟାଙ୍କ ଅଧିକାରୀ ବିଶ୍ୱଜିତ ରାଉତରାୟ ଓ ମଧୁମିତା ରାଉତରାୟଙ୍କ କନ୍ୟା ଅଟନ୍ତି।

ଢେଙ୍କାନାଳରେ ପ୍ରତିଭାବାନ କଳାକାରମାନେ ନିଜର ପ୍ରତିଭା ପ୍ରଦର୍ଶନ କରି ରାଜ୍ୟ ଓ ଜାତୀୟସ୍ତରରେ ଢେଙ୍କାନାଳକୁ ଗର୍ବିତ କରିବା ସହ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବାରୁ ଏହି ମାଟି ପାଇଁ ସେମାନେ ମହକ ବୋଲି କଳା ଓ ସଂସ୍କୃତି ପ୍ରେମୀମାନେ ମତବ୍ୟକ୍ତ କରନ୍ତି।

**ରିପୋର୍ଟ- ରତନ ନାୟାର, ଢେଙ୍କାନାଳ**






ଯଦି ତୁମେ ସତକୁ ସତ କିଛି ଭଲ କାମ କରିବାକୁ ଚାହଁ– ତା' ହେଲେ ସବୁଠାରୁ ବଡ କାମ ହେବ–ଯଦି ତୁମେ ତୁମ ଚରିତ୍ରରେ ନିଷ୍ଠାପର ଭାବେ ଛୋଟ ଛୋଟ ବିଜୟଗୁଡିଏ ହାସଲ କରିପାରିବ। ତୁମ ଚରିତ୍ରରେ ଗୋଟିକ ପରେ ଗୋଟିଏ ବିଜୟ ଲାଭ କରିବା ଦ୍ୱାରା ହିଁ ତୁମେ ପୃଥିବୀର ସବୁଠାରୁ ବଡ ଉପକାର କରିପାରିବ। –ଶ୍ରୀମା



# ନିଯୁକ୍ତିରେ ପରିବର୍ତ୍ତନ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଗତ ସପ୍ତାହରେ ଦିଲ୍ଲୀ ଅମଲାତାନ୍ତ୍ରିକ ପରିସରରେ କିଛି କୌତୂହଳ ଘଟଣା ଘଟିଥିଲା। ସରକାର ଯୁଗ୍ମ ସଚିବ (ଜେଏସ୍) କିମ୍ବା ଜେଏସ୍ ଭଳି ସମାନ ପଦବୀଗୁଡ଼ିକ ପାଇଁ ୪୨ ଅଧିକାରୀଙ୍କ ନିଯୁକ୍ତି ତାଲିକା ଘୋଷଣା କରିଥିଲେ। ଆଶ୍ଚର୍ଯ୍ୟର ବିଷୟ ହେଉଛି, ଏହି ତାଲିକାରେ ୨୦୦୯ ବ୍ୟାଚ୍‌ର କେବଳ ୧୬ ଜଣ ଆଇଏଏସ୍ ଅଧିକାରୀ ଥିଲେ। ଏହା ସ୍ପଷ୍ଟତଃ ଏକ ବିଭାଜନ। ଏହି ସଂଖ୍ୟାକୁ ନେଇ ଆଇଏଏସ୍ କ୍ୟାଡରର ପ୍ରତିନିଧିତ୍ୱ ଭଲ ମନେହେଉଥିଲେ ବି ଏହା ନୈରାଶ୍ୟଜନକ। ସବୁଠୁ ଆଶ୍ଚର୍ଯ୍ୟଜନକ କଥା ହେଉଛି, କେନ୍ଦ୍ରୀୟ ସଚିବାଳୟ ସେବା (ସିଏସ୍ଏସ୍) ଅଧିକାରୀମାନେ ଏକ ଗୁରୁତ୍ୱପୂର୍ଣ୍ଣ ଭାଗ ନେଇଥିବା ଜଣାପଡୁଛି। ଏହି ପ୍ରକ୍ରିୟାରୁ ଜଣାପଡୁଛି ଯେ, କେତେଜଣ ଆଇଏଏସ୍ ଅଧିକାରୀ ଜେଏସ୍ ସ୍ତରକୁ ପ୍ରବେଶ କରିଥିବାବେଳେ ସିଏସ୍ଏସ୍ ଓ ଅନ୍ୟ କେନ୍ଦ୍ରୀୟ ସେବାରୁ ଆସିଥିବା ଅଣ–ଆଇଏଏସ୍ ଅଧିକାରୀମାନେ ସେମାନଙ୍କ ଅଂଶ ଧୀରେ ଧୀରେ ବୃଦ୍ଧି କରୁଛନ୍ତି। ଏହି ପଦକ୍ଷେପ ସମ୍ଭବତଃ ଆଇଏଏସ୍ ଅଧିକାରୀଙ୍କ ପ୍ରାଧାନ୍ୟକୁ ଦୁର୍ବଳ କରିବା ସହ ଅନ୍ୟ ସେବାଗୁଡ଼ିକ ମଧ୍ୟରେ ଅଧିକ ସମାନ ଭାବେ କ୍ଷମତାର ପୁନଃ ବଣ୍ଟନ କରୁଛି କି? ଏଭଳି ପଦକ୍ଷେପ ବାବୁ ପରିସରରେ କଳ୍ପନାଜଳ୍ପନା ସହ ଗୁଞ୍ଜରଣ ସୃଷ୍ଟି କରିଛି। ଆଇଏଏସ୍‌ର ପାରମ୍ପରିକ ଆଧିପତ୍ୟକୁ ନେଇ ସରକାର ଅଧିକ ସତର୍କ ବୋଲି କେତେକେ ବିଚାର କରୁଛନ୍ତି। ଅନ୍ୟମାନେ ଯୁକ୍ତି ବାଢୁଛନ୍ତି ଯେ, କେନ୍ଦ୍ରର ଆଶା ପୂରଣ କରୁଥିବା ଏହି ସେବା ନିଜେ ଅଧିକ ବିକଶିତ ହେବାରେ ବିଫଳ ହେଉଛି। ସେ ଯାହା ବି ହେଇଥାଉ, ଏହା ସ୍ପଷ୍ଟ ଯେ, ଗୋଟିଏ ସମୟରେ ଆଇଏଏସ୍ ଅଧିକାରୀଙ୍କ ପାଇଁ ନିଯୁକ୍ତି ତାଲିକାକୁ ଏକ ସ୍ୱାଭାବିକ ପ୍ରଗତି ବୋଲି ବିଚାର କରାଯାଉଥିଲା, ଏବେ ଏଥିରେ ଆଉ ନିଶ୍ଚିତତା ନାହିଁ।

### ସମୟୋପଯୋଗୀ ଆଶ୍ୱସ୍ତି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୱାଶିଂଟନ୍ ଗସ୍ତ ପୂର୍ବରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏକ ପଦକ୍ଷେପ ନେଇଥିଲେ। ସେ ଫରେନ୍ କରପ୍ଟ ପ୍ରାକ୍ଟିସ୍ ଆକ୍ଟ (ଏଫ୍‌ସିପିଏ) ବା ବିଦେଶୀ ଦୁର୍ନୀତି ଆଚରଣ ଆଇନ ଅଧୀନରେ ଥିବା ଅଭିଯୋଗକୁ ବନ୍ଦ କରିବା ପାଇଁ ନ୍ୟାୟ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଆର୍ଥିକ ଅନିୟମିତତା କାର୍ଯ୍ୟ ପାଇଁ ଆଇନଗତ ଯୁଦ୍ଧର ସମ୍ମୁଖୀନ ହେଉଥିବା ଅନେକେ ବିଶ୍ୱସ୍ତରୀୟ ବିଜନେସ୍‌ର ମାଲିକ ଓ କମ୍ପାନୀ ଉପରେ ଏହାର ଏକ ଦୀର୍ଘମିଆଦୀ ପରିଣାମ ପଡ଼ିବାର ସମ୍ଭାବନା ଦେଖାଦେଇଛି। ଆମ ବିଚାରରେ, ଭାରତର ଜଣେ ଉଦ୍ୟୋଗପତି ଆମେରିକାର ନ୍ୟାୟିକ କ୍ଷମତାପ୍ରାପ୍ତ ସଂସ୍ଥାଗୁଡ଼ିକର ଟାର୍ଗେଟ୍ ବା ଯାଞ୍ଚରେ ରହିଛନ୍ତି, ତାଙ୍କୁ ଏଥିରୁ ଆଶ୍ୱସ୍ତି ମିଳିପାରେ। କିନ୍ତୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ବାବୁମାନେ ଏବେ ଆଶା ବାନ୍ଧିଛନ୍ତି ଯେ, ସେମାନେ ପୁନର୍ବାର ପ୍ରଶଂସା ପାଇପାରିବେ। ଦେଖିବାକୁ ଗଲେ ବିଜନେସ୍ ଚୁକ୍ତି ହାସଲ କରିବା ପାଇଁ ବିଦେଶୀ ଅଧିକାରୀଙ୍କୁ ଲାଞ୍ଚ ଦେବା ଉପରେ ଏଫ୍‌ସିପିଏ ୧୯୭୭ରୁ କଟକଣା ଲଗାଇଛି। ଅନେକ ବର୍ଷ ମଧ୍ୟରେ ଏହା ଭାରତ ସମେତ ବିଶ୍ୱରେ ଅନେକ କର୍ପୋରେଟ୍ ମାଲିକଙ୍କୁ ଧରିପାରିଛି। ଆମେରିକାର ନ୍ୟାୟିକ ପଦକ୍ଷେପର ଭୟ ଏହାର କମ୍ପାନୀଗୁଡ଼ିକ ଉପରେ ମଧ୍ୟ ଗମ୍ଭୀର ବିପଦ ସୃଷ୍ଟି କରିଛି। ଟ୍ରମ୍ପ୍‌ଙ୍କ ସରକାରୀ ଆଦେଶ ଏଫ୍‌ସିପିଏ ଅଭିଯୋଗ ବିଚାରକୁ ରୋକିଥିବାବେଳ ସାମ୍ପ୍ରତିକ ଘଟଣାଗୁଡ଼ିକର ପୁନଃ ମୂଲ୍ୟାୟନ କରାଯାଇପାରେ। ସମ୍ଭବତଃ ଅଭିଯୋଗ କିମ୍ବା ବୁଝାମଣାକୁ ବନ୍ଦ କରିପାରେ, ଯାହା ଅଭିଯୁକ୍ତଙ୍କ ପାଇଁ ଅନୁକୂଳ। ତେବେ ବିଶ୍ୱସ୍ତରରେ କମ୍ପାନୀରେ କାର୍ଯ୍ୟରତ ଲୋକଙ୍କ ମଙ୍ଗଳ ପାଇଁ ଲଢୁଥିବା ବ୍ୟକ୍ତିମାନେ ଯୁକ୍ତି ଉପସ୍ଥାପନ କରନ୍ତି ଯେ, ଦୁର୍ନୀତି ବିରୋଧୀ ଆଇନକୁ ଦୁର୍ବଳ କଲେ ତାହା କର୍ପୋରେଟ୍ ଦୁର୍ନୀତିକୁ ପ୍ରୋତ୍ସାହିତ କରିବ। ଏହାସହ ବିଶ୍ୱରେ ନୈତିକ ମାନକକୁ ମଧ୍ୟ କ୍ଷତି ପହଞ୍ଚାଇବ।

### ଅତିରିକ୍ତ ଦାୟିତ୍ୱ

ପୁନର୍ବାର ଗୁଜରାଟ ଅମଲାତାନ୍ତ୍ରିକ ପରିସରରେ ଅଦଳବଦଳ କରାଯାଇଛି। ଏହି କ୍ରମରେ ୯ ଜିଲାପାଳ ଓ ୧୬ ଡିଡିଓଙ୍କ ସମେତ ୬୮ ବରିଷ୍ଠ ଅଧିକାରୀଙ୍କୁ ବଦଳି କରାଯାଇଛି। ଏହି କାର୍ଯ୍ୟ ଶାସନ, ପ୍ରାଥମିକତା ଏବଂ ସ୍ଥାୟିତ୍ୱ ସମ୍ପର୍କରେ ପ୍ରାସଙ୍ଗିକ ପ୍ରଶ୍ନ ଉଠାଇଛି। ମୁଖ୍ୟ ସଚିବ ଭାବେ ପଙ୍କଜ ଜୋଶୀଙ୍କ ନିଯୁକ୍ତିରୁ ଏହା ଆରମ୍ଭ ହୋଇଛି। ସେ ଛାଡ଼ିଯାଇଥିବା ଦାୟିତ୍ୱଗୁଡ଼ିକର ପୁନଃ ବଣ୍ଟନ କରାଯାଇଥିବାବେଳେ ପ୍ରଥମ ଥର ପାଇଁ ଅହମ୍ମଦାବାଦ ଜିଲାପାଳ ଓ ମ୍ୟୁନିସିପାଲ କମିଶନରଙ୍କୁ ଏକାବେଳକେ ବଦଳି କରାଯାଇଥିଲା। ଏହି ନିଷ୍ପତ୍ତି ପଛରେ ଏକ ଗଭୀର ରାଜନୈତିକ ଅଭିସନ୍ଧି ଥିବା କୁହାଯାଉଛି। ଏହା ବ୍ୟତୀତ କିଛି ପୁନଃ ନିଯୁକ୍ତି ଘଟଣା ସାମ୍ନାକୁ ଆସିଛି। ସହର ବିକାଶ ଦାୟିତ୍ୱରେ ଥିବା ଅଶ୍ୱିନୀ କୁମାରଙ୍କୁ ଏବେ ବନ୍ଦର ଓ ପରିବହନ ଦାୟିତ୍ୱ ଦିଆଯାଇଛି। ଅର୍ଥ ବିଭାଗର ଅଭିଜ୍ଞ ଅଧିକାରୀ ଟି. ନଟରାଜନଙ୍କୁ ଗୁଜରାଟ ନର୍ମଦା ଭ୍ୟାଲି ଫର୍ଟିଲାଇଜର କମ୍ପାନୀର ଦାୟିତ୍ୱ ଦିଆଯାଇଛି। ଅଭିଜ୍ଞତାରୁ ଲାଭ ଉଠାଇବା ଲାଗି ଏଭଳି ନିଷ୍ପତ୍ତି ନିଆଯାଇଥିବା କୁହାଯାଉଛି। କିନ୍ତୁ ବରିଷ୍ଠ ଅଧିକାରୀମାନଙ୍କୁ ଏକାଧିକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇବାକୁ ହେଉଛି। ଅତିକମ୍‌ରେ ଏବେ ୧୫ ଅଧିକାରୀ ଗୃହ ବ୍ୟାପାର, ବନ୍ଦର ଓ ଶିପିଂ ଏବଂ ପ୍ରଯୁକ୍ତି ଶିକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ ସେକ୍ଟରରେ ଅତିରିକ୍ତ ଦାୟିତ୍ୱ ନିର୍ବାହ କରୁଛନ୍ତି। ଏହି ସମୟରେ ଆଇପିଏସ୍ କ୍ୟାଡରରେ ଲଗାତର ପରିବର୍ତ୍ତନ ଜାରି ରହିଛି। ଏକ ଡଜନରୁ ଉର୍ଦ୍ଧ୍ୱ ଅଧିକାରୀ ବିଭିନ୍ନ ଦାୟିତ୍ୱରେ ରହିଛନ୍ତି। ଏପରିକି ଗୁଜରାଟର ଦୁର୍ନୀତି ବିରୋଧୀ ବ୍ୟୁରୋ ମୁଖ୍ୟ ଏବଂ ସିଆଡି କ୍ରାଇମ୍ ଶାଖା ମୁଖ୍ୟ ପଦବୀ ଖାଲିପଡ଼ିଛି। ତେବେ ବଜେଟ ପରେ ଆଉ ଏକ ପର୍ଯ୍ୟାୟ ଅଦଳବଦଳ ହେବ ବୋଲି ଆଶା କରାଯାଉଛି। ତେବେ ଏଭଳି ପରିବର୍ତ୍ତନ କ'ଣ ଉନ୍ନତି ଆଣିପାରିବ।

Email: dilipcherian@gmail.com

# ପେନ୍‌ସନ ବ୍ୟବସ୍ଥା ରହିବ ତ



ବୃହସ୍ପତି ସାମଲ

ସାରା ଦେଶର କର୍ମଚାରୀଙ୍କ ପକ୍ଷରୁ ୨୦୦୪ରୁ ପ୍ରଚଳିତ ନୂତନ ପେନ୍‌ସନ ଯୋଜନା (ଏନ୍‌ପିଏସ୍)ର ସମ୍ପୂର୍ଣ୍ଣ ଉଚ୍ଛେଦ ସହ ପୁରାତନ ପେନ୍‌ସନ ଯୋଜନା (ଓପିଏସ୍)ର ପୁନଃ ପ୍ରଚଳନ ପାଇଁ ଦୀର୍ଘ ୨୦ ବର୍ଷ ଧରି ଯେଉଁ ନିରବଚ୍ଛିନ୍ନ ସଂଗ୍ରାମ ଚାଲିଥିଲା ତାହାର ପରିଣତିସ୍ୱରୂପ କେନ୍ଦ୍ର ସରକାର ୨୪ ଅଗଷ୍ଟ ୨୦୨୪ରେ ଏକ ପ୍ରେସ୍ ଇସ୍ତାହାର ଜରିଆରେ ଏକୀକୃତ ପେନ୍‌ସନ ଯୋଜନା (ୟୁନିଫାଏଡ୍ ପେନ୍‌ସନ ସ୍କିମ ବା ୟୁପିଏସ୍) ନାମରେ ଏକ ନୂଆ ପେନ୍‌ସନ ଯୋଜନା ଘୋଷଣା କରି ୨୫ ଜାନୁଆରୀ ୨୦୨୫ରେ ରାଜପତ୍ର ବିଜ୍ଞପ୍ତି ଜାରି କରିଛନ୍ତି। କିଛି ନେତୃମଣ୍ଡଳୀ ଓ ସଂଗଠନ ଏହାକୁ ସ୍ୱାଗତ କରିଥିଲାବେଳେ, ଓପିଏସ୍ ବଦଳରେ କର୍ମଚାରୀଙ୍କ ହିତକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଏନ୍‌ପିଏସ୍‌ରେ ଯଥେଷ୍ଟ ଉନ୍ନତି ଆଣିବାକୁ କର୍ମଚାରୀ ପକ୍ଷକୁ ସରକାରଙ୍କ ବାରମ୍ବାର ପ୍ରତିଶ୍ରୁତି, ଉପରୋକ୍ତ ପ୍ରେସ୍ ଇସ୍ତାହାର ଏବଂ ରାଜପତ୍ର ବିଜ୍ଞପ୍ତି ଭିତରେ ତାଳମେଳ ରହୁ ନ ଥିବାରୁ ବହୁ କର୍ମଚାରୀ ଓ ଶ୍ରମିକ ସଂଗଠନ ନିଜ ନିଜର ଅସନ୍ତୋଷ ଜାହିର କରିବା ସହ ଓପିଏସ୍‌ର ନିଃସର୍ତ୍ତ ପୁନଃ ପ୍ରଚଳନ ଦାବିକୁ ଦୋହରାଉଛନ୍ତି ମଧ୍ୟ। ଇତିମଧ୍ୟରେ, ପେନ୍‌ସନ ନିଧି ନିୟାମକ ଓ ବିକାଶ ପ୍ରାଧିକରଣ (ପିଏଫ୍‌ଆର୍‌ଡିଏ) ୟୁପିଏସ୍‌ର ଚିଠା ନିୟମାବଳୀ ପ୍ରସ୍ତୁତି ପାଇଁ ସର୍ବସାଧାରଣଙ୍କଠାରୁ ଫେବୃଆରୀ ୧୭ ସୁଦ୍ଧା ମତାମତ ଲୋଡ଼ିଥିବା ବେଳେ ଉପରୋକ୍ତ ରାଜପତ୍ର ବିଜ୍ଞପ୍ତିର ଅନେକ ଧାରା ଓ ଶବ୍ଦାବଳୀ କର୍ମଚାରୀଙ୍କ ମନରେ ସନ୍ଦେହ ଓ ଦ୍ୱନ୍ଦ୍ୱ ସୃଷ୍ଟି କରି ବହୁ ପରିମାଣରେ ହତୋତ୍ସାହିତ କରିଛି। ସମସ୍ତଙ୍କ ମନରେ ମାତ୍ର ଗୋଟିଏ ପ୍ରଶ୍ନ, ଆଗକୁ ପେନ୍‌ସନ ବ୍ୟବସ୍ଥା ରହିବ ତ?

ପ୍ରଥମତଃ, ୟୁପିଏସ୍‌କୁ ଏକ ପେନ୍‌ସନ ଯୋଜନା ଭାବେ ୨୪ ଅଗଷ୍ଟ ୨୦୨୪ରେ ଯେଉଁ କ୍ୟାବିନେଟ ମଞ୍ଜୁରୀ ମିଳିଥିଲା, ୨୫ ଜାନୁଆରୀ ୨୦୨୫ର ରାଜପତ୍ର ବିଜ୍ଞପ୍ତି ତାହା ଏକ ନୂତନ ପେନ୍‌ସନ ଯୋଜନା ନୁହେଁ, ବରଂ ଏନ୍‌ପିଏସ୍ ଅନ୍ତର୍ଗତ ଏକ ଇଚ୍ଛାଧୀନ ବ୍ୟାପାର ବୋଲି ସ୍ପଷ୍ଟ କଲା। ଜଣେ କର୍ମଚାରୀ ଚାହିଁଲେ ଇଚ୍ଛା ପ୍ରକଟ କରି ୟୁପିଏସ୍‌କୁ ଆପଣେଇ ପାରିବେ ନ ହେଲେ କୌଣସି ବାଧ୍ୟବାଧକତା ବିନା ଏନ୍‌ପିଏସ୍‌ରେ ପୂର୍ବଭଳି ରହିପାରିବେ। ମାତ୍ର ଥରେ ଇଚ୍ଛାକରି ଆପଣେଇ ନେଲେ, ପୁନର୍ବାର ଏନ୍‌ପିଏସ୍‌କୁ ଫେରିବାର ବାଟ ବନ୍ଦ।

ଦ୍ୱିତୀୟତଃ, ପ୍ରେସ୍ ଇସ୍ତାହାରରେ ଯେଉଁ ସବୁ ଅବସରକାଳୀନ ପ୍ରାପ୍ୟ ସ୍ଥିରୀକୃତ ବୋଲି କୁହାଯାଇଥିଲା, ସେସବୁ ପ୍ରକୃତରେ କର୍ମଚାରୀ ଓ ନିଯୁକ୍ତିଦାତାଙ୍କ ଦ୍ୱାରା ନିୟମିତ ବିନିଯୋଗ (ଉଭୟଙ୍କ ତରଫରୁ ମୂଳ ଦରମାର ଓ ମହଙ୍ଗା ଭତ୍ତାର ୧୦% ଲେଖାଏ)ରୁ ସୃଷ୍ଟି ଇଣ୍ଡିଭିଜୁଆଲ କର୍ପସ ବା ଆଇସି ଓ ସରକାରଙ୍କ ତରଫରୁ ମହଙ୍ଗା ଭତ୍ତା ସହ ମୂଳ





ଦରମାର ଅତିରିକ୍ତ ୮.୫%ର ବିନିଯୋଗରେ ସୃଷ୍ଟି ପୁଲ କର୍ପସ ବା ପିସି ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ। ତେଣୁ ୟୁପିଏସ୍ ଏକ ପାଣ୍ଠିଭିତ୍ତିକ ଯୋଜନା। ଏହି ଯୋଜନାରୁ ସମ୍ପୂର୍ଣ୍ଣ ସୁବିଧା ପାଇବା ପାଇଁ ଜଣେ କର୍ମଚାରୀଙ୍କୁ ଆଇସିର ସମସ୍ତ ଜମାରାଶି ପିସିକୁ ହସ୍ତାନ୍ତର କରିବାକୁ ହେବ। ଚାକିରିକାଳ ଭିତରେ ଯଦି ଆଂଶିକ ଉଠାଣ ହୋଇଥାଏ, ଏହି ଯୋଜନାରୁ ପୂରା ଲାଭ ଉଠେଇବାକୁ ତାକୁ ଭରଣା କରିବାକୁ ହେବ। ଆଂଶିକ ଉଠାଣ କିମ୍ବା ନିୟମିତ ଦେୟରେ ଖିଲାପ ହୋଇଥିଲେ ପିଏଫ୍‌ଆର୍‌ଡିଏ ଏକ ବେଞ୍ଚମାର୍କ କର୍ପସ (ବିସି) ନିର୍ଦ୍ଧାରଣ କରିବେ। ଆଇସି ଯଦି ନିର୍ଦ୍ଧାରିତ ପରିମାଣରୁ ଅଧିକ ହୋଇଥାଏ, ତେବେ ବଳକା ପରିମାଣ କର୍ମଚାରୀଙ୍କୁ ଫେରେଇ ଦିଆଯିବ। କିନ୍ତୁ ଯଦି କମ୍ ଥାଏ, ନିର୍ଦ୍ଧାରିତ ପ୍ରାପ୍ୟ ସମାନୁପାତିକ ହାରରେ କମିଯିବ। ଅଧିକନ୍ତୁ, ପୂର୍ଣ୍ଣ ପ୍ରାପ୍ୟ (ଅବସର ପୂର୍ବ ୧୨ ମାସର ହାରାହାରି ମୂଳ ଦରମାର ୫୦%) ପାଇଁ ସର୍ବନିମ୍ନ ୨୫ ବର୍ଷର ନିୟମିତ ଚାକିରି ଆବଶ୍ୟକ ଥିବାବେଳେ, ୨୫ ବର୍ଷରୁ କମ୍ ସମୟ ପାଇଁ ମଧ୍ୟ ପ୍ରାପ୍ୟ ସମାନୁପାତିକ ହେବ। ସର୍ବନିମ୍ନ ପ୍ରାପ୍ୟ ୧୦,୦୦୦ ଟଙ୍କା ପାଇଁ ଅତି କମ୍‌ରେ ୧୦ ବର୍ଷର ନିୟମିତ ଚାକିରି କାଳ ଆବଶ୍ୟକ। କିନ୍ତୁ ତାହା ଥାଇ ମଧ୍ୟ ଯଦି ଆଇସି, ବିସିଠାରୁ କମ୍ ହୋଇଯାଏ, ତେବେ ବି ସର୍ବନିମ୍ନ ପ୍ରାପ୍ୟ ଆନୁପାତିକ ଭାବେ ପ୍ରଦାନ କରାଯିବ। ଏହି ସବୁ ଜଟିଳ ସର୍ତ୍ତାବଳୀରୁ ସ୍ପଷ୍ଟ ଅନୁମେୟ ଯେ ୟୁପିଏସ୍‌ରେ କର୍ମଚାରୀଙ୍କୁ ସ୍ଥିରୀକୃତ ପ୍ରାପ୍ୟ ମିଳିବାର ସମ୍ଭାବନା ଅତି କ୍ଷୀଣ।

ତୃତୀୟତଃ, ଏନ୍‌ପିଏସ୍‌ରେ କର୍ମଚାରୀର ଦେୟ ମୂଳ ଦରମା ଓ ମହଙ୍ଗା ଭତ୍ତାର ୧୦% ଥିବା ବେଳେ ନିଯୁକ୍ତି ଦାତାଙ୍କର ୧୪% ରହିଛି। ରାଜପତ୍ର ବିଜ୍ଞପ୍ତି ଅନୁଯାୟୀ ସରକାର ତାଙ୍କର ଦେୟ ପରିମାଣକୁ ୧୪%ରୁ ୧୮.୫%କୁ ବୃଦ୍ଧି କରିବେ। ଅର୍ଥାତ ମୋଟ ୨୮.୫%ରୁ ୨୦%କୁ ନେଇ ଆଇସି ଓ ୮.୫%ରେ ପିସିର ସୃଷ୍ଟି ହେବ ଏବଂ ଯୋଜନାଟି ଏପ୍ରିଲ ୨୦୨୫ରୁ ଲାଗୁ ହେବ। କିନ୍ତୁ ଦୁଃଖର ବିଷୟ ଯେ ସରକାରଙ୍କ ଏଇ ଦେୟ ବୃଦ୍ଧି ବାବଦକୁ ଫେବୃଆରୀ ୧, ୨୦୨୫ରେ ଆଗତ କେନ୍ଦ୍ରୀୟ ବଜେଟରେ କୌଣସି ପ୍ରାବଧାନ ନାହିଁ। ତେଣୁ ୟୁପିଏସ୍‌ର ଫଳପ୍ରଦ କାର୍ଯ୍ୟକାରିତାକୁ ନେଇ ସନ୍ଦେହ ଉପୁଜିବା ଅତି ସ୍ୱାଭାବିକ।

ଏତଦ୍‌ବ୍ୟତୀତ, ସ୍ଥିରୀକୃତ ପ୍ରାପ୍ୟ ପ୍ରଦାନ ପାଇଁ ପ୍ରତିଶ୍ରୁତି ରଖିଥିବା ୟୁପିଏସ୍ ଯୋଜନାରେ କମ୍ୟୁଟେସନ ତଥା ପରବର୍ତ୍ତୀ ସମୟରେ ପ୍ରାପ୍ୟ ବୃଦ୍ଧିର କିମ୍ବା ସଂଶୋଧନର ପ୍ରାବଧାନ ନାହିଁ। ସେହିଭଳି, ତଥାକଥିତ ସ୍ଥିରୀକୃତ ପାରିବାରିକ ପ୍ରାପ୍ୟ କେବଳ ମୃତ କର୍ମଚାରୀର ସ୍ତ୍ରୀ ଅଥବା ସ୍ୱାମୀଙ୍କ ଭିତରେ ସୀମିତ ରହିଛି। କର୍ମଚାରୀ ହିତରେ ଏନ୍‌ପିଏସ୍‌ରେ ଉନ୍ନତି ଆଣିବାର ପ୍ରତିଶ୍ରୁତି ଦେଇ କେନ୍ଦ୍ର ସରକାର ଏପ୍ରିଲ ୨୦୨୩ରେ ପେନ୍‌ସନ କମିଟି ବସେଇ ଥିଲେ। ହେଲେ ୟୁପିଏସ୍ ନାମରେ ଏକ ଇଚ୍ଛାଧୀନ ପ୍ରସଙ୍ଗକୁ କର୍ମଚାରୀଙ୍କ ପାଖରେ ଉପସ୍ଥାପିତ କରି ସରକାର ପେନ୍‌ସନ ସମସ୍ୟାକୁ ଅଧିକ ଜଟିଳ ଓ ସନ୍ଦେହଜନକ ପରିସ୍ଥିତି ଭିତରକୁ ଠେଲି ଦେଇଛନ୍ତି।

ଶେଷରେ ମୁଖ୍ୟ କଥାଟି ହେଲା, ୨୪ ଅଗଷ୍ଟ ୨୦୨୪ର ପ୍ରେସ ଇସ୍ତାହାର ଅନୁଯାୟୀ ୟୁପିଏସ୍ ସୁନିଶ୍ଚିତ ପେନ୍‌ସନ, ସୁନିଶ୍ଚିତ ପାରିବାରିକ ପେନ୍‌ସନ ଓ ସୁନିଶ୍ଚିତ ସର୍ବନିମ୍ନ ପେନ୍‌ସନ କଥା କୁହାଯାଇଥିବା ବେଳେ, ୨୫ ଜାନୁଆରୀ ୨୦୨୫ର ରାଜପତ୍ର ବିଜ୍ଞପ୍ତି ପେନ୍‌ସନ ବଦଳରେ ପେଆଉଟ ଶବ୍ଦ ବ୍ୟବହାର କରି ଏକ ଭିନ୍ନ ଦିଗକୁ ସୂଚିତ କରୁଛି। ଅର୍ଥାତ୍ ୟୁପିଏସ୍‌ର ପ୍ରଚଳନ ଦ୍ୱାରା ପେନ୍‌ସନ ବ୍ୟବସ୍ଥା ଉଚ୍ଛେଦ ହୋଇ ପେଆଉଟ ବ୍ୟବସ୍ଥାର ଅୟମାରମ୍ଭ ହେଲା ବୋଲି ବୁଝିବାକୁ ହେବ। ଏବେ ଆଉ ଅବସରପ୍ରାପ୍ତ ସରକାରୀ କର୍ମଚାରୀମାନେ ପେନ୍‌ସନଭୋଗୀ ନ ହୋଇ ଅନ୍ୟ କୌଣସି ନାମରେ ହୁଏତ ପରିଚିତ ହେବେ ଯାହାଦ୍ୱାରା ଭବିଷ୍ୟତରେ ଏକ ଭିନ୍ନ ସର୍ତ୍ତାବଳୀର ଅନ୍ତର୍ଭୁକ୍ତ ହୋଇ ସେମାନେ ସରକାରଙ୍କଠାରୁ ପେନ୍‌ସନ ଓ ତତ୍‌ସଂକ୍ରାନ୍ତୀୟ ଲାଭସମୂହ ପାଇବା ପାଇଁ ଦାବି କରିବାର କ୍ଷମତା ହରେଇ ବସିବେ।

ଏହି ପରିପ୍ରେକ୍ଷୀରେ ଭାରତୀୟ ଡାକ ବିଭାଗର ଏକ୍ସଟ୍ରା ଡିପାର୍ଟମେଣ୍ଟାଲ ଏଜେଣ୍ଟ (ଅତିରିକ୍ତ ବିଭାଗୀୟ କର୍ମଚାରୀ) ବା ଇଡିଏ(ଯେଉଁମାନେ ଏବେ ଗ୍ରାମୀଣ ଡାକ ସେବକ ଭାବେ ପରିଚିତ)ଙ୍କ କଥା ଟିକେ ଆଲୋଚନା କରିବା ଯୁକ୍ତିସଙ୍ଗତ ମନେହୁଏ। କେନ୍ଦ୍ର ସରକାରଙ୍କ ଅଧୀନରେ ସିଧାସଳଖ କାମକରି ମଧ୍ୟ ଏମାନେ ନିୟମିତ କେନ୍ଦ୍ର ସରକାରୀ କର୍ମଚାରୀର ମାନ୍ୟତା ପାଇଲେ ନାହିଁ କି ପେନ୍‌ସନ ଭଳି ସୁବିଧା ସୁଯୋଗରୁ ବଞ୍ଚିତ ହେଲେ ମଧ୍ୟ। ଅପରପକ୍ଷେ, ଏମାନଙ୍କୁ କେନ୍ଦ୍ର ସରକାରୀ କର୍ମଚାରୀ ଭାବେ ବିଚାର କରି ରାଜ୍ୟ ସରକାର ରାଶନ କାର୍ଡ, ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡ, ଆବାସ ଯୋଜନା ଭଳି ବିଭିନ୍ନ କଲ୍ୟାଣକାରୀ ଯୋଜନାରୁ ଦୂରେଇ ରଖୁଛନ୍ତି। ଶବ୍ଦଟିଏ ବଦଳିଲେ ଗୋଟେ କର୍ମଚାରୀର ଭାଗ୍ୟ କେମିତି ବଦଳିଯାଏ, ଗ୍ରାମୀଣ ଡାକ ସେବକମାନେ ତା'ର ନିଚ୍ଛକ ଉଦାହରଣ। ତେଣୁ ପେନ୍‌ସନରୁ ପେଆଉଟର ଯାତ୍ରା ପ୍ରାରମ୍ଭିକ ପର୍ଯ୍ୟାୟରେ ସମସ୍ତ କେନ୍ଦ୍ର ସରକାରୀ କର୍ମଚାରୀ ଓ ପରବର୍ତ୍ତୀ ସମୟରେ ରାଜ୍ୟ ସରକାରୀ କର୍ମଚାରୀଙ୍କ ପେନ୍‌ସନକୁ ଯେ ସମୂଳେ ବିନାଶ ନ କରିବ, ଏକଥା କିଏ କହିବ।

ମୋ: ୯୪୩୭୦୨୨୬୬୯

# ବାଲ୍ୟବିବାହ ନିଷେଧ ପାଇଁ ନୂଆ ଅଧିକାରୀ



ଘାସିରାମ ପଣ୍ଡା

ବାଲ୍ୟବିବାହର ନିରାକରଣ ପାଇଁ ସରକାର ବଦ୍ଧପରିକର, ଏକଥା ଆଉ ଥରେ ପ୍ରମାଣିତ ହୋଇଛି। ଗତ ବର୍ଷର ଶେଷ ଦିନରେ ମହିଳାଙ୍କ ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ବସିଥିବା ବୈଠକରେ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ କିଛି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପସ୍ଥାପିତ କରିଛନ୍ତି। ସେଗୁଡ଼ିକ ମଧ୍ୟରେ ଏଣିକି ଗ୍ରାମପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କୁ ପଞ୍ଚାୟତ ସ୍ତରୀୟ ବାଲ୍ୟବିବାହ ନିଷେଧ ଅଧିକାରୀ ଭାବେ ସରକାର ଘୋଷଣା କରିବେ। ଆଦିବାସୀ ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ଆବାସିକ ବିଦ୍ୟାଳୟଗୁଡ଼ିକରେ ଥିବା ୱାର୍ଡେନ ଓ ମାଟ୍ରନ୍‌ମାନଙ୍କୁ ମଧ୍ୟ ବାଲ୍ୟବିବାହ ନିଷେଧ ଅଧିକାରୀ ଭାବରେ ଦାୟିତ୍ୱ ଦିଆଯିବ। ଏଥି ସହ ବିଦ୍ୟାଳୟଗୁଡ଼ିକର ପ୍ରଧାନ ଶିକ୍ଷକ ଓ ଅଧ୍ୟକ୍ଷଙ୍କୁ ବାଲ୍ୟବିବାହ ସୂଚନା ଅଧିକାରୀର ଅତିରିକ୍ତ ଦାୟିତ୍ୱ ଦିଆଯିବ। ସେମାନେ ନିଜ ପରିଧିରେ ଘଟୁଥିବା ବାଲ୍ୟବିବାହ ଘଟଣାକୁ ବାଲ୍ୟବିବାହ ନିଷେଧ ଅଧିକାରୀଙ୍କୁ ସୂଚିତ କରିବେ। ଏମାନେ ସମସ୍ତେ ନିଜର ନାମ ଫଳକରେ ଏହି ପଦବୀକୁ ଉଲ୍ଲେଖ କରିବା ସହ ସହାୟତା ପାଇଁ ଥିବା ସମସ୍ତ ଦେୟମୁକ୍ତ ଫୋନ୍ ନମ୍ବର ସମ୍ପର୍କରେ ସଚେତନତା ସୃଷ୍ଟି କରିବେ। ପିଲାଙ୍କ ଭିତରେ ସଚେତନତା ସୃଷ୍ଟି ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ବାଲ୍ୟବିବାହକୁ ପାଠ୍ୟକ୍ରମରେ ସାମିଲକରିବେ।

ଏବେ ପ୍ରତ୍ୟେକ ବ୍ଲକ୍ ସ୍ତରରେ ଆମର ଜଣେ ଜଣେ ବାଲ୍ୟବିବାହ ନିଷେଧ ଅଧିକାରୀ ଅଛନ୍ତି। ଉପରୋକ୍ତ ପ୍ରସ୍ତାବ କାର୍ଯ୍ୟକାରୀ ହେଲେ ବାଲ୍ୟବିବାହ ରୋକିବା ପାଇଁ ଅଧିକ ଅଧିକାରୀ ନିୟୋଜିତ ହେବେ। ପଞ୍ଚାୟତ ଓ ବିଦ୍ୟାଳୟ ସ୍ତରରେ ନିଯୁକ୍ତି ହେଲେ ତଦାରଖର ପରିଧି କମିବ ଓ ଦାୟିତ୍ୱ ବିଭାଜିତ ହୋଇପାରିବ।

ତେବେ ଏଭଳି ଏକ ନିଷ୍ପତ୍ତି ନେବା ବେଳେ ଅକ୍ଟୋବର ୨୦୨୪ରେ ବାଲ୍ୟବିବାହ ନିରାକରଣ ପାଇଁ ଉଚ୍ଚତମ ନ୍ୟାୟାଳୟ ଦେଇଥିବା ରାୟକୁ ମଧ୍ୟ ଅନୁଧ୍ୟାନ କରାଯିବା ଆବଶ୍ୟକ। ଏହାଦ୍ୱାରା ଉଚ୍ଚତମ ନ୍ୟାୟାଳୟ ଦେଇଥିବା ମତାମତ ଓ ନିର୍ଦ୍ଦେଶକୁ ଅନୁପାଳନର ସୁଯୋଗ ତିଆରି ହେବ। ଏହି ରାୟରେ ବିଭିନ୍ନ ରାଜ୍ୟରେ ବାଲ୍ୟବିବାହ ନିରାକରଣ ପାଇଁ ନିଆଯାଉଥିବା ପଦକ୍ଷେପକୁ ନେଇ ନ୍ୟାୟାଳୟ ଅସନ୍ତୋଷ ପ୍ରକାଶ କରିଛନ୍ତି। ବିଶେଷକରି ବାଲ୍ୟବିବାହ ନିଷେଧ ଅଧିକାରୀ ନିଯୁକ୍ତ ସମ୍ପର୍କରେ ନିଜର ମତ ରଖିବାକୁ ଯାଇ କହିଛନ୍ତି, କର୍ନାଟକର ୩୧ଟି ଜିଲାରେ ୫୮,୫୨୨ ଜଣ, ମହାରାଷ୍ଟ୍ରର ୩୬ ଜିଲାରେ ୨୫,୫୬୨ ଜଣ, ଆନ୍ଧ୍ରପ୍ରଦେଶରେ ୧୬,୫୯୦ ଜଣ, ଉତ୍ତରପ୍ରଦେଶରେ ଜିଲାକୁ ଜଣେ ହିସାବରେ ୭୫ଟି ଜିଲା ପାଇଁ ୭୫ ଜଣଙ୍କୁ ବାଲ୍ୟବିବାହ ନିଷେଧ ଅଧିକାରୀ ଭାବେ ନିଯୁକ୍ତି ଦେଇଛନ୍ତି। କର୍ନାଟକ, ମହାରାଷ୍ଟ୍ର ଓ ଆନ୍ଧ୍ରପ୍ରଦେଶ ଭଳି ରାଜ୍ୟରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ରାଜସ୍ୱ ନିରୀକ୍ଷକ, ପଟୁଆରି ପ୍ରଭୃତିଙ୍କୁ ବାଲ୍ୟବିବାହ ନିଷେଧ ଅଧିକାରୀ ଭାବେ ଦାୟିତ୍ୱ ଦିଆସରିଛି। ହେଲେ ଏହା ଅତିରିକ୍ତ ଦାୟିତ୍ୱ ହୋଇଥିବାରୁ ବିଶେଷ ସୁଫଳ ପରିଲକ୍ଷିତ ହେଉନାହିଁ। ପୂର୍ବରୁ ନିଜର ମୂଳ ଦାୟିତ୍ୱର ବୋଝରେ ବୁଡ଼ି ରହୁଥିବା ଏହି ଅଧିକାରୀମାନେ ବାଲ୍ୟବିବାହ ପରି ଏକ ସମ୍ବେଦନଶୀଳ ଘଟଣାରେ ପ୍ରଭାବୀ ଢଙ୍ଗରେ କାମ କରିପାରୁନାହାନ୍ତି। ବାଲ୍ୟବିବାହ ନିଷେଧ ଆଇନରେ ବାଲ୍ୟବିବାହ ନିଷେଧ ଅଧିକାରୀଙ୍କ ଗୁରୁଦାୟିତ୍ୱ ଥିବାରୁ ଏହି ଅତିରିକ୍ତ ଦାୟିତ୍ୱରେ ଥିବା ଅଧିକାରୀଙ୍କ ସମେତ ଜିଲା ସ୍ତରରେ ଜଣେ ସ୍ୱତନ୍ତ୍ର ବାଲ୍ୟବିବାହ ନିଷେଧ ଅଧିକାରୀ ନିଯୁକ୍ତି କରିବାକୁ ପ୍ରତ୍ୟେକ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳକୁ ଉଚ୍ଚତମ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି। ଯଦି କୌଣସି ରାଜ୍ୟ ସ୍ୱତନ୍ତ୍ର ଜିଲାସ୍ତରୀୟ ବାଲ୍ୟବିବାହ ନିଷେଧ ଅଧିକାରୀ ନିଯୁକ୍ତ କରିବା ଉଚିତ ମନେକରୁନାହାନ୍ତି ତେବେ ନ୍ୟାୟାଳୟଙ୍କୁ ଅବଗତ କରିବା ପୂର୍ବକ ଅନୁମତି ନେବାକୁ ନିର୍ଦ୍ଦେଶ ଦିଆଯାଇଛି।

ଅନ୍ୟପକ୍ଷରେ ପ୍ରାଥମିକ ଶିକ୍ଷାରେ ଯୌନଶିକ୍ଷାକୁ ସାମିଲକରିବା ପାଇଁ ନ୍ୟାୟାଳୟ ଗୁରୁତ୍ୱ ଆରୋପ କରିଛନ୍ତି। ଏହା ଯୌନ ଶୋଷଣ ଓ ହିଂସା ଯୋଗୁ ହେଉଥିବା ଶାରୀରିକ ଓ ମାନସିକ ଅବସାଦ ଦୂରକରିବାରେ ସହାୟକ ହେବ ବୋଲି ରାୟରେ ଉଲ୍ଲେଖ କରାଯାଇଛି। ଏହି ପରିପ୍ରେକ୍ଷୀରେ ସରକାର ନେବାକୁ ଥିବା ନିଷ୍ପତ୍ତିକୁ ପୁନର୍ବିଚାର ପୂର୍ବକ ଜିଲା ସ୍ତରରେ ସ୍ୱତନ୍ତ୍ର ବାଲ୍ୟବିବାହ ନିଷେଧ ଅଧିକାରୀ ନିଯୁକ୍ତି, ଅତିରିକ୍ତ ଦାୟିତ୍ୱରେ ହେବାକୁ ଥିବା ନବନିଯୁକ୍ତଙ୍କୁ କେବଳ ବାଲ୍ୟବିବାହ ନିଷେଧ ପାଇଁ ଦାୟିତ୍ୱ ନ ଦେଇ ଅନ୍ୟାନ୍ୟ ଶିଶୁ ଅଧିକାରର ସୁରକ୍ଷା ପାଇଁ ମଧ୍ୟ ଉତ୍ତରଦାୟୀ କରାଯାଇ ପାରିଲେ ସୁଫଳ ମିଳିବ। ତେବେ ଏମାନଙ୍କୁ ଏସବୁ ବିଷୟ ଓ ପ୍ରକ୍ରିୟା ସମ୍ପର୍କରେ ଦକ୍ଷ କରିବା ପାଇଁ ନିରନ୍ତର ଦକ୍ଷତା ବିକାଶର କାର୍ଯ୍ୟକ୍ରମର ଆବଶ୍ୟକତା ରହିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା, ସେମାନଙ୍କର କାର୍ଯ୍ୟ ପରିଧି, ଦାୟିତ୍ୱ ଓ ରିପୋର୍ଟିଂରେ ସ୍ପଷ୍ଟତା ରହିବା ଆବଶ୍ୟକ। ନ ହେଲେ ଘଟଣା ଘଟିଲା ପରେ କାହାରି ଉପରେ ଉତ୍ତରଦାୟିତ୍ୱ ନ୍ୟସ୍ତ କରାଯାଇପାରିବ ନାହିଁ। ପାଠ୍ୟକ୍ରମରେ କେବଳ ବାଲ୍ୟବିବାହ ନିଷେଧ ଆଇନ ଓ ପରିଣାମ ବ୍ୟତୀତ ନିଜ ଶରୀରକୁ ବୁଝିବା, କିଶୋରକିଶୋରୀ ବୟସରେ ମାନସିକ, ଆବେଗିକ ଓ ଶାରୀରିକ ପରିବର୍ତ୍ତନ ଓ ଏହାର ପ୍ରଭାବ ଏବଂ ପରିଣାମ ସମ୍ପର୍କରେ ଅବଗତ କରାଇହେଲା ଭଳି ପାଠ୍ୟକ୍ରମ ପ୍ରସ୍ତୁତ ହେଲେ ପିଲାମାନେ ବନ୍ଧୁତା, ସମ୍ପର୍କ ଓ ସମ୍ଭୋଗକୁ ନେଇ ନିଷ୍ପତ୍ତି ନେଇପାରିବେ। ଏହା ବାଲ୍ୟବିବାହ ନିରାକରଣ ସହ କିଶୋରୀ ମାତୃତ୍ୱ ଓ ଯୌନ ଶୋଷଣର ଘଟଣାକୁ ନିୟନ୍ତ୍ରଣ କରିବାରେ ସହାୟକ ହେବ।



ମୋ: ୯୪୩୮୩୪୧୭୯୪

## ଏଇ ଭାରତରେ

ସ୍କୁଲରେ ପଢୁଥିବାବେଳେ ଅଧାରୁ ପାଠ ଛାଡ଼ି ଦେଇଥିଲେ ତାମିଲନାଡୁର ପୋନାରସି। ହେଲେ କମ୍ ଶିକ୍ଷାଗତ ଯୋଗ୍ୟତାରେ ମଧ୍ୟ ସେ ଏବେ ଜଣେ ସଫଳ ସଜନା ଚାଷୀ ହେବା ସହ ଦକ୍ଷ ଉଦ୍ୟୋଗୀ ଭାବେ ନିଜକୁ ପ୍ରତିଷ୍ଠିତ କରିପାରିଛନ୍ତି। ସେ ସଜନା ଚାଷ କରି ବର୍ଷକୁ ୧୨ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ପୋନାରସିଙ୍କ ବୟସ ଏବେ ୩୮। ସେ ରହୁଛନ୍ତି ଡିଣ୍ଡିଗୁଲ୍‌ରେ ଓ ସେଠାରେ ଏହି ଚାଷ କରୁଛନ୍ତି। ସେ ଏବେ ୧୦ ଏକର ଜମିରେ ଏହି ଚାଷ କରୁଛନ୍ତି। ବିଶେଷକରି ସଜନା ଛୁଇଁ, ଶାଗ, ଚେର ଓ ମଞ୍ଜି ବିକ୍ରି କରି ଭଲ ଲାଭ ପାଉଛନ୍ତି। ପୋନାରସଙ୍କ ପରିବାର ଚାଷ ଉପରେ ନିର୍ଭର କରୁଥିବାରୁ ସେ ଏଭଳି ଚାଷ କରିବାକୁ ନିଷ୍ପତ୍ତି ନେଇଥିଲେ। ପରେ କୋଏମ୍ବାଟୁର ସ୍ଥିତ ତାମିଲନାଡୁ କୃଷି ମହାବିଦ୍ୟାଳୟରୁ ଏହି ଚାଷ ସମ୍ପର୍କରେ ପ୍ରଶିକ୍ଷଣ ପାଇଛନ୍ତି। ସେଠାରେ କୃଷି ବିଶେଷଜ୍ଞ ଜନ୍ କେନେଡିଙ୍କୁ ଭେଟିବା ପରେ କ୍ଷେତ୍ରରେ ସେ ତାଙ୍କୁ ଅଧିକ ସହଯୋଗ କରିଛନ୍ତି। ପୋନାରସି କେବଳ ଚାଷରେ ଅଟକି ଯାଇ ନାହାନ୍ତି, ସେ ସଜନାରୁ ୩୬ ପ୍ରକାର ଉତ୍ପାଦ ପ୍ରସ୍ତୁତ କରିପାରୁଛନ୍ତି। ସଜନା ତେଲଠାରୁ ଆରମ୍ଭ କରି ସାବୁନ, ଶାମ୍ପୁ, ଲିପ୍‌ବାମ୍ ଇତ୍ୟାଦି ତିଆରି ହେଉଛି ସେ ଏବେ ତାମିଲନାଡୁରେ 'ସଜନା ରାଣୀ' ଭାବେ ପରିଚିତ।

## ୫୦ ବର୍ଷ ତଳର ଧରିତ୍ରୀ

୧୫ ଫେବୃଆରୀ ୧୯୭୬

- ବାଧ୍ୟତାମୂଳକ ଅବସର ସଂକ୍ରାନ୍ତ ଅଭିଯୋଗର ବିଚାର ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ।
- ପୂର୍ବତନ କେନ୍ଦ୍ରମନ୍ତ୍ରୀ ମୈନୁଲ ହକ୍ ଚୌଧୁରୀଙ୍କ ୫୪ ବର୍ଷ ବୟସରେ ପରଲୋକ।
- କେନ୍ଦ୍ର ସରକାରୀ କର୍ମଚାରୀଙ୍କ ପକ୍ଷରେ ଯୌତୁକ ଦାନ ଓ ଗ୍ରହଣ ଅବୈଧ ଘୋଷିତ।

## ସୁ-ଡୋ-କୁ

sudoku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 5 | | | | | 6 | 8 |
| 2 | | | 4 | | 3 | | 7 | |
| | 8 | | | | | 4 | | 1 |
| | | | 9 | | 6 | 1 | | |
| 4 | 7 | | | 3 | 8 | 5 | | |
| | | 1 | | | | | | |
| | | | | | | | | |
| | | | | 9 | 1 | | | |
| 1 | 3 | 2 | | | 5 | | | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 8 | 9 | 6 | 3 | 1 | 4 | 7 | 2 |
| 2 | 7 | 1 | 9 | 8 | 4 | 5 | 6 | 3 |
| 4 | 3 | 6 | 2 | 7 | 5 | 9 | 1 | 8 |
| 1 | 4 | 7 | 5 | 6 | 8 | 3 | 2 | 9 |
| 9 | 5 | 2 | 4 | 1 | 3 | 7 | 8 | 6 |
| 3 | 6 | 8 | 7 | 9 | 2 | 1 | 5 | 4 |
| 7 | 1 | 3 | 8 | 4 | 6 | 2 | 9 | 5 |
| 8 | 9 | 5 | 3 | 2 | 7 | 6 | 4 | 1 |
| 6 | 2 | 4 | 1 | 5 | 9 | 8 | 3 | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଆଗକୁ ଏପରି ନ ଘଟୁ

ମହାଶୟ,

ନିକଟରେ ମହାକୁମ୍ଭରେ ଦଳାଚକଟାରେ ସରକାରୀ ତଥ୍ୟ ମୁତାବକ ୩୦ ଜଣ ତୀର୍ଥଯାତ୍ରୀଙ୍କ ଜୀବନହାନି ହେବା ଘଟଣା ପ୍ରକୃତରେ ହୃଦୟବିଦାରକ । ଠିକ୍ ମୃତ୍ୟୁସଂଖ୍ୟାକୁ ନେଇ ଏପର୍ଯ୍ୟନ୍ତ ଦ୍ୱନ୍ଦ୍ୱ ରହିଛି। ଏତଦବ୍ୟତୀତ ମେଳା ସ୍ଥଳରେ ଘଟିଥିବା କିଛି ଅଗ୍ନିକାଣ୍ଡ ଘଟଣା ଆହୁରି ଚିନ୍ତାଜନକ । ଦିନକୁ ଦିନ ଭିଡ଼ ବଢ଼ିବାରେ ଲାଗିଛି। ନିକଟରେ ଅସମ୍ଭାଳ ଜନସମାଗମ ଯୋଗୁ ପ୍ରୟାଗରାଜକୁ ସଂଲଗ୍ନ କରୁଥିବା ରାଜପଥଗୁଡିକରେ ଟ୍ରାଫିକ ଜାମ୍ ହେତୁ ରାସ୍ତା ଉପରେ ଯାନବାହନଗୁଡିକ ଫସିରହିଥିବାରୁ ଶ୍ରଦ୍ଧାଳୁମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ଯେତେବେଳେ କର୍ତ୍ତୃପକ୍ଷ ଜାଣନ୍ତି ଯେ ଏପରି ମହାକୁମ୍ଭ ଅଧିକ ତୀର୍ଥଯାତ୍ରୀଙ୍କୁ ଆକର୍ଷିତ କରିବ, ସେଥିପାଇଁ ପ୍ରବାହକୁ ନିୟନ୍ତ୍ରଣ କରିବା, ଅଗ୍ନିକାଣ୍ଡ ଘଟଣା ନ ହେବା ଇତ୍ୟାଦି ପାଇଁ ପର୍ଯ୍ୟାପ୍ତ ସତର୍କତା ଅବଲମ୍ବନ କରିବା ପ୍ରଥମ ପ୍ରାଥମିକତା ଥିଲା। ଏହି ପରିପ୍ରେକ୍ଷୀରେ, ଆଗାମୀ ପବିତ୍ର ଦିନଗୁଡ଼ିକରେ ଏହି ମହାକୁମ୍ଭରେ ଯେପରି ଏପରି ଘଟଣା ନ ଘଟେ, ସେଥିପାଇଁ ସତର୍କ ରହିବା ଆବଶ୍ୟକ ।

– ନବୀନ ପାଣିଗ୍ରାହୀ, ରାୟଗଡ଼ା

## ଚିରନ୍ତନୀ

ପଉଷ ଶୀତର ନିବିଡ଼ ବେଦନା ପରେ
ବସନ୍ତ କ୍ଷଣେ ବହିଥିଲା କେବେ ଥରେ,
କେବେ ଜୋଛନାର ସଲାଜ ପରଶେ
ପ୍ରାଣ ଉଠିଥିଲା ପୁଲକି ହରଷେ,
କେବେ କେଉଁ ଦିନ ଗୋଧୂଳି ଆଲୋକ ପରେ
ହଳିଆର ଗୀତ ଭାସି ଆସିଥିଲା ଖରେ।
–(ଲୋହିତ ବ୍ୟଥା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ପର୍ଯ୍ୟଟନର ନୂଆ ପରିଚୟ

## ନାରାୟଣ ସେବାଶ୍ରମ




**ପୂରିଲା ପୂରିଲା ଲାଗୁଛି ପ୍ରକୃତି। ଶୋଭା ବର୍ଦ୍ଧନ କରୁଛି ସବୁଜିମା। ଅନନ୍ୟ ଆକର୍ଷଣରେ ଆନମନା ହେଉଛନ୍ତି ଆଗନ୍ତୁକ। ଥରେ ଏଠାରେ ପାଦ ପଡ଼ିଲେ ହାଲ୍‌କା ହୋଇଯାଉଛି ଥକ୍କାପଣ। ସୁଶୋଭିତ ତରୁଲତା ସାଙ୍ଗକୁ ସୁଗନ୍ଧମୟ ପରିବେଶ ତୃପ୍ତ କରିଦେଉଛି ସଭିଙ୍କୁ। ପର୍ଯ୍ୟଟନର ନୂଆ ପରିଚୟ 'ନାରାୟଣ ସେବାଶ୍ରମ' ପୁଲକ ଭରିଦେଉଛି ପର୍ଯ୍ୟଟକଙ୍କ ପ୍ରାଣରେ।**

ଅନୁଗୋଳ ଜିଲା ପର୍ଯ୍ୟଟନରେ ଯୋଡ଼ିହୋଇଛି ଏକ ନୂଆ ନାମ। ସାତକୋଶିଆ ଅଭୟାରଣ୍ୟ ପୂର୍ବରୁ ସମସ୍ତଙ୍କ ନିକଟରେ ପରିଚିତ ଥିବାବେଳେ ଜିଲାର ଅନ୍ୟତମ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଛି ନାରାୟଣ ସେବାଶ୍ରମ। ବଁଅରପାଳ ବ୍ଲକ କୁକୁଡ଼ାଙ୍ଗଠାରେ ଥିବା ୧୪ ଏକର ପରିମିତର ଏହି ଉପବନ ନାରାୟଣ ସେବାଶ୍ରମକୁ ନିକଟରେ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦିଆଯାଇଛି। ଏହା ବଁଅରପାଳ ବ୍ଲକ ଅଞ୍ଚଳ ପାଇଁ ଖୁସି ଆଣିଦେଇଥିବା ବେଳେ ଜିଲାର ପର୍ଯ୍ୟଟନ ମାନଚିତ୍ରରେ ନୂଆ ପଦଚିହ୍ନ ସୃଷ୍ଟି କରିଛି।

ବଁଅରପାଳ ବ୍ଲକ ସଦର ମହକୁମାଠାରୁ ଅଳ୍ପ ଦୂର ନନ୍ଦିରା ନଦୀକୂଳ କୁକୁଡ଼ାଙ୍ଗ ନିକଟରେ ପୂର୍ବରୁ ଥିବା ଲଣ୍ଡା ପାହାଡ଼ରେ ସୃଷ୍ଟି କରାଯାଇଛି ସବୁଜିମା। ଏଠାରେ ତୁଳସୀ ବଣ ସମେତ ବିଭିନ୍ନ ଔଷଧୀୟ ବୃକ୍ଷ, ଫୁଲ, ଫଳ ଗଛ, ଶୋ' ଗଛ ଆଦି ରହିଛି। ଉପବନ ଭିତରେ କଂକ୍ରିଟ ପାଦଚଲା ରାସ୍ତା ସହିତ ବିଭିନ୍ନ ଦେବଦେବୀ ଏବଂ ମହାପୁରୁଷଙ୍କ ପଥର ମୂର୍ତ୍ତି ସ୍ଥାପିତ ହୋଇଛି। ପର୍ଯ୍ୟଟକଙ୍କ ବସିବା ପାଇଁ ପକ୍କା ବେଞ୍ଚ ନିର୍ମାଣ କରାଯାଇଛି। ପ୍ରବେଶ ପଥରେ ସୁନ୍ଦର ଫାଟକ ତିଆରି ହୋଇଛି। ନନ୍ଦିରା ନଦୀ ଘାଟରେ ପକ୍କା ପାହାଚ କରାଯାଇଛି। ଆଖପାଖ ଗାଁ ଲୋକମାନେ ଦୈନିକ ଅପରାହ୍ଣରେ ନାରାୟଣ ସେବାଶ୍ରମର ସୌନ୍ଦର୍ଯ୍ୟ ଉପଭୋଗ କରୁଥିବା ବେଳେ ଉଦ୍ୟାନ ମଧ୍ୟସ୍ଥଳରେ ରହିଛି ନାରାୟଣ ସେବାଶ୍ରମ। ଏହି ସେବାଶ୍ରମରେ ଧାର୍ମିକ ଅନୁଚିନ୍ତନ, ସଭା, ସତ୍‌ସଙ୍ଗ ଆଦି ଅନୁଷ୍ଠିତ ହେଉଛି। କେଇବର୍ଷ ହେଲା ଏହି ସ୍ଥାନ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବାରେ ଲାଗିଛି। ବିଭିନ୍ନ ଶିକ୍ଷାନୁଷ୍ଠାର ଛାତ୍ରୀଛାତ୍ର, ନାଲ୍‌କୋ, ଜିନ୍ଦଲ, ଭୂଷଣ, ଏମ୍‌ସିଏଲ୍ ପରି କମ୍ପାନୀର କର୍ମଚାରୀମାନେ ଏଠାକୁ ବଣଭୋଜି ପାଇଁ ଆସୁଥିବା ଦେଖାଯାଉଛି। ବିଶେଷକରି ପର୍ଯ୍ୟଟନ ଋତୁରେ ପ୍ରାୟ ୫/୬ ହଜାର ପର୍ଯ୍ୟଟକ ଏଠାକୁ ପରିଦର୍ଶନ, ପିକ୍‌ନିକ୍ ପାଇଁ ଆସୁଥିବା ଅଞ୍ଚଳବାସୀ କହିଛନ୍ତି। ସହରଠାରୁ ଦୂରରେ ଥିବା ଏହି ନିରୋଳା ପ୍ରାକୃତିକ ସୌନ୍ଦର୍ଯ୍ୟଭରା ଶାନ୍ତ ପରିବେଶ ସମସ୍ତଙ୍କ ପାଇଁ ଆକର୍ଷଣ ସାଜିଥିବାବେଳେ ବିଶୁଦ୍ଧ ପାନୀୟ ଜଳ, ପାର୍କିଂ ସୁବିଧା, ନିଃଶୁଳ୍କ ପ୍ରବେଶ ଆଦି ପର୍ଯ୍ୟଟକମାନଙ୍କୁ ଏଠାକୁ ଟାଣିଆଣୁଛି।

**ରିପୋର୍ଟ- ସୁବାସ ସାହୁ, ବଁଅରପାଳ**

### ପ୍ରାକୃତିକ ପରିବେଶ ପଛରେ ପ୍ରମୋଦ



୨୦୦୫ ପୂର୍ବରୁ କୁକୁଡ଼ାଙ୍ଗ ଗାଁ ନିକଟରେ ଥିବା ଲଣ୍ଡା ପାହାଡ଼ ସମସ୍ତଙ୍କ ପାଇଁ ପରିତ୍ୟକ୍ତ ସ୍ଥାନ ଥିଲା। ଏହି ପତିତ, ପଥୁରିଆ ଜମିରେ ଦୂବ ବି କଅଁଳୁ ନ ଥିଲା। ହେଲେ କୁକୁଡ଼ାଙ୍ଗ ଗ୍ରାମର ପ୍ରମୋଦ କୁମାର ସାହୁ (୪୩) ଏହି ଲଣ୍ଡା ପାହାଡ଼ରେ ଭରିଦେଇଛନ୍ତି ସବୁଜିମା। ଏହି ପ୍ରାକୃତିକ ପରିବେଶ ସୃଷ୍ଟି ପଛରେ ରହିଛି ତାଙ୍କର ଦୀର୍ଘ ୨୦ ବର୍ଷର ଅକ୍ଳାନ୍ତ ପରିଶ୍ରମ। ତାଳଚେର କୋଇଲା ଖଣିର ଏକ ଠିକା ସଂସ୍ଥାରେ ସୁପରଭାଇଜର କାମ କରୁଥିବା ପ୍ରମୋଦ +୨ ଯାଏ ପଢ଼ିଛନ୍ତି। ପ୍ରକୃତି, ପରିବେଶ ପ୍ରତି ତାଙ୍କ ମନରେ ଥିବା ଆଦର ତାଙ୍କୁ ଏହି କାର୍ଯ୍ୟପାଇଁ ପ୍ରୋତ୍ସାହିତ କରିଥିଲା। ପରିବାର ପରିବର୍ତ୍ତେ ପ୍ରକୃତିକୁ ଅଧିକ ଭଲପାଉଥିବା ପ୍ରମୋଦ ନିଜ ଅର୍ଜିତ ଅର୍ଥକୁ ଏଠାରେ ଖର୍ଚ୍ଚ କରୁଛନ୍ତି। ଦୈନିକ କାମରୁ ଫେରିବା ପରେ ବାକି ସମୟ ସେ ଗଛ ଲଗାଇବା, ଯତ୍ନନେବା, ସଫେଇ, ମୂର୍ତ୍ତିଗଢ଼ା ଆଦିରେ ବିତାଉଛନ୍ତି। ଫଳରେ ଯେଉଁଠି ଦିନେ ଲଣ୍ଡାପାହାଡ଼ ଥିଲା ସେଠାରେ ଆଜି ଗଢ଼ିଉଠିଛି ତାଙ୍କ କଳ୍ପନାର ଉଦ୍ୟାନ। ଅଞ୍ଚଳର ପ୍ରକୃତି ପ୍ରେମୀମାନେ ମଧ୍ୟ ସହଯୋଗର ହାତ ବଢ଼ାଇଛନ୍ତି। ରାଜ୍ୟ ସରକାର ନାରାୟଣ ସେବାଶ୍ରମକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେଇଥିବାରୁ ପ୍ରମୋଦ ଖୁସିବ୍ୟକ୍ତ କରିବା ସହ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।



# ପ୍ରକୃତି, ସଂସ୍କୃତିର ସଙ୍ଗମସ୍ଥଳ

## ଅନୁଗୋଳର ମନ୍ଦରଗିରି

**ପ୍ରକୃତି, ପରିବେଶରେ ପରିପୂର୍ଣ୍ଣ ମନ୍ଦରଗିରି। ପ୍ରାଚୀନ କଳା, ସଂସ୍କୃତି, ଭାସ୍କର୍ଯ୍ୟ ଓ ଐତିହ୍ୟର ଏହା ସଙ୍ଗମସ୍ଥଳ। ଏଠାକାର ମାଟି ଓ ବୃକ୍ଷରେ ଭରିରହିଛି ଔଷଧୀୟ ଗୁଣବତ୍ତା। ଗୁମ୍ଫାଗୁଡ଼ିକ ମୁନିମାନଙ୍କ ଆବାସସ୍ଥଳ କୁହାଯାଉଥିବା ବେଳେ ଧାଡ଼ି ଧାଡ଼ି ମନ୍ଦିର ଓ ଦେବଦେବୀଙ୍କୁ ନେଇ ରହିଛି ଅନେକ ଅଲୌକିକ କାହାଣୀ। ନିକଟରେ ଅନୁଗୋଳର ମନ୍ଦରଗିରିକୁ ମିଳିଛି ପର୍ଯ୍ୟଟନସ୍ଥଳୀ ମାନ୍ୟତା। ଏଥିସହ ଜିଲା ପର୍ଯ୍ୟଟନରେ ଯୋଡ଼ିହୋଇଛି ଆଉ ଏକ ନୂଆ ନାମ।**

ଅନୁଗୋଳ ସହରଠାରୁ ମାତ୍ର ୧୦ କିଲୋମିଟର ଦୂର ଚନ୍ଦ୍ରବାହାଲ ଗାଁରେ ରହିଛି ମନ୍ଦରଗିରି ପର୍ବତ। ନିକଟରେ ଏହାକୁ ପର୍ଯ୍ୟଟନସ୍ଥଳୀ ମାନ୍ୟତା ଦେଇଛନ୍ତି ରାଜ୍ୟ ସରକାର। ମନ୍ଦରଗିରି ପର୍ବତ ଉପରେ ପ୍ରାଚୀନ ଗୁମ୍ଫା ସହିତ ଶ୍ରୀଶ୍ରୀ ଅନନ୍ତ ନାରାୟଣଙ୍କ ମନ୍ଦିର ରହିଛି। ପଞ୍ଚମହଲାରୁ ଚନ୍ଦ୍ରବାହାଳର ଭାଲିଆବାଟ ପର୍ଯ୍ୟନ୍ତ ପର୍ବତର ଏକ ଅଂଶ କାଳିମା ମନ୍ଦରଗିରି ଭାବେ ଜଣାଶୁଣା। ଭାଲିଆବାଟରୁ ମୂଷାପାପୁଲିର ଭୀମମୁଣ୍ଡିଆ ଅଂଶକୁ ବାବା ମନ୍ଦରଗିରି ବୋଲି କୁହାଯାଏ। ପଶ୍ଚିମଭାଗରେ ଥିବା ପୁରୁଣାଗଡ଼, ବଡ଼କେରା, ଡୁମୁଣୀ ଆଦି ଅଞ୍ଚଳ ଗୋବର୍ଦ୍ଧନ ପର୍ବତ ଭାବେ ପରିଚିତ।

ସ୍ଥାନୀୟ ଅଞ୍ଚଳବାସୀଙ୍କ ଧର୍ମୀୟ ଭାବନା ସହ ମନ୍ଦରଗିରି ଆରମ୍ଭରୁ ଜଡ଼ିତ। ମା' ବନଦୁର୍ଗା ଓ ଅନନ୍ତ ଗୁମ୍ଫା ମଧ୍ୟରେ ଥିବା ମହାଦେବ ଏଠାକାର ମୁଖ୍ୟ ଆରାଧ୍ୟ ହୋଇଥିଲେ ମଧ୍ୟ ପାଦଦେଶରୁ ଶିଖର ପର୍ଯ୍ୟନ୍ତ ଅନେକ ଦେବଦେବୀ ପୂଜା ପାଉଛନ୍ତି। ପର୍ବତ ସୁଡ଼ଙ୍ଗରେ ନାଗ ଦେବତା ରହିଥିବା ବିଶ୍ୱାସ କରାଯାଏ। ଉପରି ଭାଗରେ ବିଷ୍ଣୁଙ୍କ ଅନନ୍ତ ଶୟନ ମନ୍ଦିର ରହିଛି। ତଳେ ମା' ତାରିଣୀଙ୍କ ପୀଠ ସ୍ଥାପନ ହୋଇଥିବାବେଳେ ଯଜ୍ଞ ମଣ୍ଡପ, ରାମ ମନ୍ଦିର ସହ ଅନ୍ୟ ମନ୍ଦିର ରହିଛି। ପ୍ରତିବର୍ଷ ମାଘ ମାସରେ ମନ୍ଦରଗିରି ଉପରେ ହେଉଥିବା ମାଘ ମେଳା ଓ ଯଜ୍ଞ ବେଶ୍ ପ୍ରସିଦ୍ଧ। ୫ ଲକ୍ଷରୁ ଅଧିକ ଲୋକଙ୍କ ସମାଗମ ଏଠାରେ ହୋଇଥାଏ। ଶ୍ରଦ୍ଧାଳୁମାନଙ୍କ କହିବା ଅନୁଯାୟୀ, ଏହି ପର୍ବତ ଏତେ ପବିତ୍ର ଯେ ଏଠାକୁ ଆସି କେହି କେବଳ ମାନସିକ କରି ନ ଥାନ୍ତି, ବରଂ ବିଭିନ୍ନ ରୋଗ ବ୍ୟାଧିରୁ ମୁକ୍ତି ପାଇଁ ଆବଶ୍ୟକ ଔଷଧୀୟ ଗୁଳ୍ମ ସଂଗ୍ରହ କରିନିଅନ୍ତି। ମନ୍ଦିରଗିରି ପର୍ବତ ଔଷଧୀୟ ବୃକ୍ଷଲତାରେ ଭରପୂର। ଅତୀତରେ ରାସ୍ତା ସୁବିଧା ନ ଥିବାରୁ ବହୁ କଷ୍ଟ ସ୍ୱୀକାର କରି ଲୋକେ ଏଠାକୁ ଔଷଧୀୟ ବୃକ୍ଷ ନେବାକୁ ଆସୁଥିବା ନଜିର ରହିଛି। ଭାଦ୍ରବ ଓ ଆଶ୍ୱିନ ମାସରେ ସ୍ଥାନୀୟ ଅଞ୍ଚଳର ଲୋକେ ବନଦୁର୍ଗା, ଅନନ୍ତ ଗୁମ୍ଫା ଓ ଅନନ୍ତ ଶୟନ ମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ ବିଭିନ୍ନ ଔଷଧୀୟ ଗଛର ଡାଳ, ପତ୍ର ଓ ଚେର ସଂଗ୍ରହ କରିଥାନ୍ତି। ପର୍ଯ୍ୟଟନ ଦୃଷ୍ଟିରୁ ମଧ୍ୟ ମନ୍ଦରଗିରି ବେଶ୍ ସମୃଦ୍ଧ। ପ୍ରାକୃତିକ ଶୋଭାର ଗନ୍ତାଘର ଏହି ପର୍ବତ ପରିଦର୍ଶନ କରିବାକୁ ପ୍ରତିବର୍ଷ ଲକ୍ଷାଧିକ ପର୍ଯ୍ୟଟକ ଆସିଥାନ୍ତି। ଏହାଛଡ଼ା ଟ୍ରେକିଂ କରିବାକୁ ଅନେକ ଯୁବପିଢ଼ି ଏହି ପର୍ବତକୁ ପସନ୍ଦ କରିଥାନ୍ତି। ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ଏହା ସ୍ଥାନିତ ହୋଇଥିବାରୁ ଅନୁଗୋଳ ଜିଲାର ବିଭିନ୍ନ ପର୍ଯ୍ୟଟନସ୍ଥଳକୁ ଆସୁଥିବା ପର୍ଯ୍ୟଟକ ନିଶ୍ଚିତ ମନ୍ଦରଗିରି ପର୍ବତର ପ୍ରାକୃତିକ ଶୋଭା ଦେଖିବାକୁ ମନ ବଳାଇବେ ବୋଲି କୁହାଯାଉଛି।

**ରିପୋର୍ଟ- ଜ୍ୟୋତିରଞ୍ଜନ ସାହୁ, ଅନୁଗୋଳ**








# ପ୍ରକୃତି-ଶିବଙ୍କ ମିଳନ ସ୍ଥଳ

## ଆଠମଲ୍ଲିକର ଦେଉଳଝରି

**ଏଠାରେ ରହିଛି ପ୍ରାଚୀନ ସଂସ୍କୃତି ଓ ପରମ୍ପରାର ଛାପ। ଅତୀତରୁ ଏଯାଏ ଉଭୟ ସାଂସ୍କୃତିକ ଏବଂ ଆଧ୍ୟାତ୍ମିକ କ୍ଷେତ୍ରରେ ପ୍ରସିଦ୍ଧି ଲାଭ କରିଛି ଦେଉଳଝରି। ଏହା କେବଳ ଶୈବପୀଠ ନୁହେଁ ବରଂ ଶାକ୍ତମାନଙ୍କ ଆରାଧନାର ଏକ ପ୍ରମୁଖ ପୁଣ୍ୟପୀଠ ହୋଇପାରିଛି।**

କିଆବଣ ମଧ୍ୟରେ ପୂଜା ପାଉଛନ୍ତି ଆରାଧ୍ୟ ଦେବତା ସିଦ୍ଧେଶ୍ୱର। ପଞ୍ଚଧାରା ଉତ୍ତୁଙ୍ଗ ପର୍ବତ ଶ୍ରେଣୀର ପ୍ରାକୃତିକ ସୌନ୍ଦର୍ଯ୍ୟ ସାଙ୍ଗକୁ ନିକଟରେ ବହିଯାଇଛି ଓଡ଼ିଶାର ଗଙ୍ଗା ମହାନଦୀ। ଶୈବପୀଠ ମଧ୍ୟ ଦେଇ ପ୍ରବାହିତ ୫ଟି କ୍ଷୁଦ୍ର ଚିରସ୍ରୋତା ଝରଣା ଧୋଇଦେଉଛି ବାବା ସିଦ୍ଧେଶ୍ୱର ମହାଦେବଙ୍କ ପାଦ। ଉଭୟ ଦେଉଳ ଓ ଝରର ଅପୂର୍ବ ସମନ୍ୱୟ ହିଁ ଏହାକୁ ଦେଉଳଝରି ନାମରେ ନାମିତ କରାଇଛି। ବିଶାଳ ଶୃଙ୍ଗ ପଞ୍ଚଧାରାର ପାଦଦେଶରେ ପ୍ରତିଷ୍ଠିତ ଅନୁଗୋଳ ଜିଲା ଆଠମଲ୍ଲିକ ଉପଖଣ୍ଡର ପ୍ରସିଦ୍ଧ ଶୈବପୀଠ ଦେଉଳଝରିରେ ଚାରି ଶମ୍ଭୁ ସିଦ୍ଧେଶ୍ୱର, ମହେଶ୍ୱର, କେଦାରଶ୍ୱର ଏବଂ ଜାଗେଶ୍ୱରଙ୍କୁ ପୂଜା କରାଯାଏ। ଏହାସହ ଶାକ୍ତ ଧର୍ମର ପ୍ରଧାନ ଠାକୁରାଣୀ ମା' ମାହେଶ୍ୱରୀ, ମା' ଖମ୍ବେଶ୍ୱରୀ ମଧ୍ୟ ଏଠାରେ ପୂଜା ପାଆନ୍ତି। ପ୍ରକୃତି ଓ ଶିବଙ୍କ ମିଳନ ସ୍ଥଳ ଭାବରେ ଅନୁଗୋଳ ଜିଲାରେ ଏହା ବେଶ୍ ପରିଚିତ ଥିବାବେଳେ ଜିଲାକୁ ବୁଲିବାକୁ ଆସୁଥିବା ପର୍ଯ୍ୟଟକ ଦେଉଳଝରି ନ ଆସିଲେ ସେମାନଙ୍କ ଭ୍ରମଣ ଅଧୁରା ରହିଯାଏ ବୋଲି କୁହାଯାଉଛି।



ଗଜପତି ରାଜା ସୁବର୍ଣ୍ଣ କେଶରୀଙ୍କୁ ହୋଇଥିବା ସ୍ୱପ୍ନାଦେଶ ଅନୁଯାୟୀ ପ୍ରତିଷ୍ଠା ହୋଇଛି ଦେଉଳଝରି। ଏହି ଶୈବପୀଠର ଅଧିକାଂଶ ଭାଗ କିଆ, କେତକୀ ବଣରେ ପରିପୂର୍ଣ୍ଣ। ଏହି ପୀଠର ଆଖପାଖ ଦୁର୍ମୂଲ୍ୟ ଔଷଧୀୟ ଗୁଳ୍ମଲତାରେ ପରିପୂର୍ଣ୍ଣ ଥିବା ଅନେକ ବିଶେଷଜ୍ଞ ମତ ଦିଅନ୍ତି। ଦେଉଳଝରିର ଚାରି ଶମ୍ଭୁଙ୍କ ମଧ୍ୟରେ ମୁଖ୍ୟ ହେଉଛନ୍ତି ବାବା ସିଦ୍ଧେଶ୍ୱର ମହାଦେବ। ୧୯୩୯ରେ ଆଠମଲ୍ଲିକ ଗଡ଼ଜାତର ରାଜା କିଶୋର ଚନ୍ଦ୍ର ଦେଓଙ୍କ ଦ୍ୱାରା ପକ୍କା ମନ୍ଦିର ନିର୍ମାଣ କରାଯାଇଥିଲା। ମନ୍ଦିର ବେଢ଼ା ମଧ୍ୟରେ ମୁଖ୍ୟ ମନ୍ଦିର, ଜଗମୋହନ, ନାଟ ମନ୍ଦିର, ଭୋଗ ମଣ୍ଡପ ଆଦି ରହିଛି। ଜଗମୋହନ ମନ୍ଦିର ଗର୍ଭଗୃହରେ ଶିବ ଓ ପାର୍ବତୀଙ୍କ ଅଷ୍ଟଧାତୁ ପ୍ରତିମା ଭୂପୃଷ୍ଠରୁ ପ୍ରାୟ ୬ଫୁଟ ତଳେ ପ୍ରତିଷ୍ଠିତ। ଏହି ଲିଙ୍ଗର ନିମ୍ନଭାଗକୁ ଏକ ଉଷ୍ଣଝର ଅନବରତ ଧୋଇବାରେ ଲାଗିଛି। ମନ୍ଦିର ଦକ୍ଷିଣ ଦିଗରେ ଗଣେଶ୍ୱର, ପଶ୍ଚିମ ଦିଗରେ କାର୍ତ୍ତିକେଶ୍ୱର ଏବଂ ଉତ୍ତରରେ ଦେବୀ ସରସ୍ୱତୀ ଅବସ୍ଥାନ କରୁଛନ୍ତି। ଦେଉଳଝରି ପରିସରସ୍ଥ ମାହେଶ୍ୱରୀ ମନ୍ଦିର ସମ୍ମୁଖରେ ରହିଛି ଉଷ୍ମଜଳ କୁଣ୍ଡ। ଗୋଟିଏ କୁଣ୍ଡ ଶିବଙ୍କ ପ୍ରତୀକ ହୋଇଥିବା ବେଳେ ଏକ ହାତ ଦୂରରେ ରହିଛି ଏକ ଶୀତଳ କୁଣ୍ଡ। ଏହି କୁଣ୍ଡ ଦୁଇଟି ବର୍ଷର ସବୁ ସମୟରେ ନିଜର ଉତ୍ତାପ ଅକ୍ଷୁଣ୍ଣ ରଖିଥାନ୍ତି। ଏଥିସହ ହିମକୁଣ୍ଡ, ଅଗ୍ନିକୁଣ୍ଡ, ତପ୍ତକୁଣ୍ଡ, କ୍ଷୀରକୁଣ୍ଡ, ରକ୍ତକୁଣ୍ଡ, ଲବକୁଶ କୁଣ୍ଡ, ଅଣ୍ଡାକୁଣ୍ଡ, ମରିଚୀକୁଣ୍ଡ ଏବଂ ଘୃତକୁଣ୍ଡ ଆଦି ନାମରେ ଏହା ନାମିତ। ପ୍ରତି କୁଣ୍ଡର ବିଶେଷତ୍ୱ ଭିନ୍ନ ଭିନ୍ନ। ସନ୍ତାନହୀନ ନାରୀ ମରିଚୀ କୁଣ୍ଡରେ ସ୍ନାନକଲେ ସନ୍ତାନପ୍ରାପ୍ତ ହୋଇଥାଏ ବୋଲି ସାଧାରଣରେ ବିଶ୍ୱାସ ରହିଛି। ଏଠାରେ ଥିବା କୁଣ୍ଡଗୁଡ଼ିକ ମଧ୍ୟରୁ ସବୁଠାରୁ ଉତ୍ତପ୍ତ ଜଳକୁଣ୍ଡର ଉତ୍ତାପ ହେଉଛି ୧୩୫ ଡିଗ୍ରୀ ସେଲ୍‌ସିୟସ। ତେବେ ଗନ୍ଧକ ମିଶି ରହିଥିବାରୁ ଅଧିକାଂଶ କୁଣ୍ଡର ଜଳ ଉତ୍ତପ୍ତ ହେଉଥିବା ବୈଜ୍ଞାନିକମାନେ ମତ ଦିଅନ୍ତି।

**ରିପୋର୍ଟ- ପରିକ୍ଷିତ ସାହୁ, ବଇଣ୍ଡା**










**ନନ୍ଦନକାନନରେ ବେଲେରା ମୂଷା, କୁଜି ହରିଣ ମୃତ**

ତ୍ରିଶୂଳିଆ,(ତୁଷାରକାନ୍ତ ବେହେରା):ନନ୍ଦନକାନନ ପ୍ରାଣୀ ଉଦ୍ୟାନ ବନ୍ୟପ୍ରାଣୀ ଚିକିତ୍ସାଳୟ ପ୍ରାଣୀ ଉଦ୍ୟାନର ୩୭ ନଂ.(ଘ) ଖୁଆଡ଼ରେ ରହୁଥିବା ଏକ ମାଈ ବେଲେରା ମୂଷାର ଶୁକ୍ରବାର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତ୍ୟୁର କାରଣ ଜାଣିବାକୁ ବ୍ୟବଚ୍ଛେଦ କରାଯାଇଛି। ମୂଷା ମୃତ୍ୟୁ ପରେ ସେମାନଙ୍କ ସଂଖ୍ୟା ୪କୁ ହ୍ରାସ ପାଇଛି। ସେହିପରି ହରିଣ ଖୁଆଡ଼ରେ ରହୁଥିବା ଏକ କୁଜି ହରିଣର ମଧ ଶୁକ୍ରବାର ମୃତ୍ୟୁ ହୋଇଛି।

## ସଂକ୍ଷେପରେ

### ସାଇଶଙ୍କର ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

ପୁରୁଣା ଭୁବବନେଶ୍ୱର, ୧୪।୨ (ସୁବାସ ଚନ୍ଦ୍ର ପ୍ରଧାନ):ସ୍ଥାନୀୟ ସାଙ୍ଗଳାଇ ଶାସନ ଖେଳ ପଡିଆରେ ଆୟୋଜିତ ୨୫ତମ ସାଇଶଙ୍କର ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଛି। ଫାଇନାଲରେ ଭୁବନେଶ୍ୱରର ରେନବୋ -୧ ଟିମକୁ ହରାଇ ବାଲେଶ୍ୱର ଚାମ୍ପିୟନ ହୋଇଛି। ବିଧାୟକ ଆଶ୍ରିତ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ସମ୍ମାନୀୟ ଅତିଥି ଭାବେ ବିରଜା ପ୍ରସାଦ ପଟ୍ଟନାୟକ, ଆମ୍ବା ଅଧକ୍ଷ ସୁବୋଧ ମହାନ୍ତି, ପୂର୍ବତନ ସରପଞ୍ଚ ସୁବାଶିଷ ରଥ, ଶିକ୍ଷାବିତ ପଣ୍ଡିତ ପ୍ରମୋଦ ଶତପଥୀ, ପିପିଲି ସାଂସ୍କୃତିକ ପରିଷଦ ର ସମ୍ପାଦକ ରମେଶ ଚନ୍ଦ୍ର ମହାପାତ୍ର, ସମାଜସେବୀ ଦୀନବନ୍ଧୁ ବେହୁରା ପ୍ରମୁଖ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ପ୍ରଦୀପ୍ତ କୁମାର ମହାପାତ୍ର ପବିତ୍ର ମୋହନ ଉପାଧ୍ୟାୟ ଏବଂ ଅଶୋକ ବାରିକ ରେଫରି କାର୍ଯ୍ୟ ତୁଲାଇଥିଲେ। ଆୟୋଜକ ସାଇ ଶଙ୍କର ଭଲିବଲ କ୍ଲବର ସୂର୍ଯ୍ୟ କାନ୍ତ ପଣ୍ଡା, ଶୁଭମ ପଣ୍ଡା, ଶୁଭ୍ରାଂଶୁ ପ୍ରଧାନ, ଅଭିରାମ ପ୍ରଧାନ, ପବିତ୍ର ବାରିକ, ଦିପ୍ତୀରଂଜନ ପଣ୍ଡା, ମାନସ ପ୍ରଧାନ, ଗୌରୀଶଙ୍କର ଉପାଧ୍ୟାୟ, ପ୍ରହ୍ଲାଦ ଉପାଧ୍ୟାୟ ପ୍ରମୁଖ ମ୍ୟାଚ ପରିଚାଳନା କରିଥିଲେ।

### ଗାଡ଼ି ଧକ୍କାରେ ପୁଣି ଭାଙ୍ଗିଲା ରେଳ ସୁରକ୍ଷା ବାଡ଼

ବାରଙ୍ଗ,୧୪।୨(ଲିଙ୍ଗରାଜ ରାଉତ) ଗୋଡ଼ିସାହି ଫାଣ୍ଡି ଅଧୀନ ଷଣ୍ଢପୁର ନିକଟ ମୁଖ୍ୟରାସ୍ତାରେ ଥିବା ରେଳ ସୁରକ୍ଷା ବାଡ଼କୁ ଏକ ଗାଡ଼ି (ଏପି ୩୧ ଟିଡି ୨୨୫୧) ଶୁକ୍ରବାର ସନ୍ଧ୍ୟାରେ ଧକ୍କା ଦେଇ ରାସ୍ତା ମଝିରେ ରହିଯାଇଥିଲା। ଫଳରେ ସୁରକ୍ଷାବାଡ଼ ବଙ୍କା ହୋଇଯିବା ସହ ଯାତାୟାତରେ ବାଧା ସୃଷ୍ଟି ହୋଇଥିଲା। ପରେ ରେଳ ବିଭାଗୀୟ ଅଧିକାରୀ ପହଞ୍ଚି ଭାରିଯାନକୁ ଜବତ କରି ରାସ୍ତାରୁ ଉଠାଇବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ଏହି ଗାଡ଼ିଟି ଯନ୍ତ୍ରାଂଶ ନେଇ ରାମଦାସପୁର ଅଞ୍ଚଳରେ ଥିବା ଶିଳ୍ପସଂସ୍ଥାକୁ ଯାଉଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ଏହି ସ୍ଥାନରେ ବାରମ୍ବାର ରେଳ ସୁରକ୍ଷା ବାଡ଼ ଭାଙ୍ଗିଲାଣି।

# 'ମତ୍ସ୍ୟଚାଷ ଓ ପ୍ରାଣୀପାଳନ, ଜୀବନ ଜୀବିକା ଜୈବ ସନ୍ତୁଳନ'

ଭୁବନେଶ୍ୱର,୧୪।୨(ଅନୁରାଧା ମହାରଣା) - ବରମୁଣ୍ଡା ପଡ଼ିଆରେ ଚାଲିଥିବା ରାଜ୍ୟସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମାବେଶରେ ପ୍ରାଣୀପାଳକ, ପ୍ରାଣୀପ୍ରେମୀ, ଚାଷୀ, ବ୍ୟବସାୟୀ ଓ ସାଧାରଣ ଲୋକଙ୍କ ଭିଡ଼ ଦେଖିବାକୁ ମିଳୁଛି। ଆଧୁନିକ ଓ ପାରମ୍ପରିକ ଜ୍ଞାନ କୌଶଳରେ ପଶୁପାଳନ ତଥା ମାଛ, ଚିଙ୍ଗୁଡ଼ି, କଙ୍କଡା ଆଦିର ଚାଷ ସମ୍ପର୍କରେ ସୂଚନା ଦେବା ପାଇଁ ବିଭିନ୍ନ ଷ୍ଟଲ ଖୋଲାଯାଇଛି। ରବିବାର ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ସମାବେଶ ବେଶ୍ ଲୋକପ୍ରିୟତା ସାଉଣ୍ଟିବା ସହ 'ମତ୍ସ୍ୟଚାଷ ଓ ପ୍ରାଣୀପାଳନ, ଜୀବନ ଜୀବିକା ଜୈବ ସନ୍ତୁଳନ'ର ବାର୍ତ୍ତା ଦେଉଛି।

## 'ଭୀମ' ପିଉଛି ମହୁମିଶା ୨୦ ଲିଟର କ୍ଷୀର




ସମାବେଶରେ ଆକର୍ଷଣର କେନ୍ଦ୍ର ପାଲଟିଛି ରାଜସ୍ଥାନ ଯୋଧପୁର ସହରରୁ ଆସିଥିବା ୯ବର୍ଷର ମଇଁଷି ଷଣ୍ଢ 'ଭୀମ'। ତା'ର ଜୀବନଶୈଳୀ, ଖାଦ୍ୟଶୈଳୀ ଓ ଭାବଭଙ୍ଗି ଲୋକଙ୍କ ମଧ୍ୟରେ ବିଶେଷ କୌତୁହଳ ସୃଷ୍ଟି କରୁଛି। ରଙ୍ଗ ଚିକ୍କଣ କଳା, ଓଜନ ପ୍ରାୟ ୧୫୦୦ କିଲୋଗ୍ରାମ ଓ ଉଚ୍ଚତା ପ୍ରାୟ ୬ଫୁଟ। ଏହାର ମାଲିକ ଜବାହରଲାଲ ଜାଙ୍ଗିଦଙ୍କ କହିବାନୁସାରେ, 'ଭୀମ' ପାଇଁ ଦୈନନ୍ଦିନ ଖାଦ୍ୟ ବାବଦକୁ ପ୍ରାୟ ୫ହଜାର ଟଙ୍କା ଖର୍ଚ୍ଚ ହୋଇଥାଏ। ସେ ପ୍ରତିଦିନ ୨୦ ଲିଟର ମହୁମିଶା କ୍ଷୀର ପିଇଥାଏ। ଏହା ସହ କାଜୁ, ପେସ୍ତାବାଦାମ, ଗାଜର, ବନ୍ଧାକୋବି, ଋତୁଜାତୀୟ ପରିବା, ଶୁଖିଲା ନଡ଼ା ଓ ସବୁଜ ଘାସ ଖାଇଥାଏ। ପୁଣି ପ୍ରତିଦିନ ବିଲୋନା ଘିଅର ପ୍ରାୟ ୧ କିଲୋ ହାଲୁଆ ଖାଇବାକୁ ଭଲପାଏ। ସୁନ୍ଦର ଓ ବଳିଷ୍ଠ ସ୍ୱାସ୍ଥ୍ୟ ପାଇଁ 'ଭୀମ' ପ୍ରତିଦିନ ଖୋଲା ବ୍ୟାୟାମ କରିଥାଏ ଓ ପ୍ରତିଦିନ ସକାଳୁ ଓ ସନ୍ଧ୍ୟାରେ ସନ୍ତରଣ କରିଥାଏ। ଏଥିସହ ଉଚ୍ଚକୋଟୀର ଶୁକ୍ରାଣୁ ପାଇଁ 'ଭୀମ' ସମଗ୍ର ଦେଶରେ ଏକ ମଇଁଷି ଷଣ୍ଢ ରୂପେ ପରିଚିତି ପାଇଛି। ତେବେ ଏହି ମୁରା ପ୍ରଜାତିର ମଇଁଷିଙ୍କ ଦୁଗ୍ଧ ଉତ୍ପାଦନ କ୍ଷମତା ଦିନକୁ ୨୦ରୁ ୨୫ ଲିଟର ହୋଇଥାଏ।

### ଆଜି ଡଗ୍ ଶୋ'

ଶନିବାର 'ଡଗ ଶୋ' ପ୍ରଦର୍ଶନ ହେବ। ଏଥିରେ ବିଭିନ୍ନ ପ୍ରଜାତିର କୁକୁରଙ୍କୁ ପ୍ରଦର୍ଶିତ କରାଯିବ। ସେହିପରି ରବିବାର 'ମନ୍ତ୍ରୀଙ୍କୁ ପଚାରନ୍ତୁ' କାର୍ଯ୍ୟକ୍ରମରେ ମତ୍ସ୍ୟଚାଷୀ ଓ ପ୍ରାଣିପାଳକମାନେ ମନରେ ଥିବା ପ୍ରଶ୍ନ ପଚାରିପାରିବେ। ସାଧାରଣ ଲୋକଙ୍କ ସମସ୍ତ ପ୍ରଶ୍ନର ମନ୍ତ୍ରୀ ଗୋକୁଳନନ୍ଦ ମଲ୍ଲିକ ଉତ୍ତର ରଖିବେ।



### ଚିକେନ୍, ଚିଙ୍ଗୁଡ଼ି ଆଚାର, ସାବେଳା ଶୁଖୁଆର ଚାହିଦା

ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ବ୍ୟବସାୟିକ ଅନୁଷ୍ଠାନ ପକ୍ଷରୁ ଏଠାରେ ବିକ୍ରି ତଥା ପ୍ରଦର୍ଶନ କରାଯାଉଥିବା ଚିକେନ୍, ଚିଙ୍ଗୁଡ଼ି ମାଛ ଆଦିରେ ପ୍ରସ୍ତୁତ ଆଚାରର ବେଶ୍ ଚାହିଦା ଦେଖିବାକୁ ମିଳୁଛି। ସେହିପରି ସାବେଳ, ଚାଉଳି, କାନଖୁରୁଦା, ପଥରମୁଣ୍ଡି ଶୁଖୁଆ ଆଦି ଗ୍ରାହକଙ୍କୁ ଆକୃଷ୍ଟ କରୁଛି। ଶୁଖୁଆ ଓ ଆଚାର ପ୍ରସ୍ତୁତିର ପ୍ରଣାଳି ସମୟରେ ଲୋକମାନେ ଅବଗତ ହୋଇପାରୁଛନ୍ତି। ସେହିପରି ଶୁଖୁଆ ଶୁଖାଇବା ପାଇଁ ସୌର ଚାଳିତ ଡ୍ରାଏର ମଧ ଏଠାରେ ପ୍ରଦର୍ଶିତ ହେଉଛି। ରଙ୍ଗେଇଲୁଣ୍ଡାର କଲେଜ ଅଫ୍ ଫିସେରିରୁ ଆସିଥିବା ଛାତ୍ରୀ ସ୍ୱାତୀ ଶୁଭଲକ୍ଷ୍ମୀ କହିଛନ୍ତି, ନନଭେଜ୍ ଆଚାରରର ଦରର ୧୫୦ରୁ ଆରମ୍ଭ କରି ଓଜନ ଅନୁସାରେ ରହିଛି। ଗୋପାଳପୁର, ବାଲୁଗାଁରୁ ମାଛ, ଚିଙ୍ଗୁଡ଼ି, ଶୁଖୁଆଦି ନେଇ ଏହି ସବୁ ଜିନିଷ ପ୍ରସ୍ତୁତ କରାଯାଉଛି।

### ଗୋବରରେ ତିଆରି ଆଣ୍ଟି ରେଡିଏଶନ୍ ଚିପ୍

ଏକ ଷ୍ଟଲରେ ଗୋବରରେ ପ୍ରସ୍ତୁତ ବିଭିନ୍ନ ସାମଗ୍ରୀ ଲୋକଙ୍କୁ ଏହା ଆକୃଷ୍ଟ କରୁଛି। ମୋବାଇଲରୁ ବାହାରୁଥିବା ରେଡିଏଶନ ଶରୀର ପାଇଁ କ୍ଷତିକାରକ ହୋଇଥିବାବେଳେ ଏଥିରୁ ସୁରକ୍ଷା ଦେବା ପାଇଁ ଏଠାରେ ଗୋବରରେ ତିଆରି ଆଣ୍ଟିରେଡିଏଶନ ଚିପ୍ ମିଳୁଛି। ଏହାକୁ ମୋବାଇଲ ନିକଟରେ ରଖିବାଦ୍ୱାରା ଶରୀର ଉପରେ ବିଶେଷ କୁପ୍ରଭାବ ପଡ଼େ ନାହିଁ ବୋଲି ଧୀର ପ୍ରସାଦ ମହାନ୍ତି କହିଛନ୍ତି। ଏହି ଷ୍ଟଲରେ ଗୋବରରେ ପ୍ରସ୍ତୁତ ଆକ୍ୟୁପ୍ରେସର୍ ପ୍ୟାଡ୍‌ଠାରୁ ଆରମ୍ଭ କରି କଠଉ, ଚପଲ, ଘରସଜ୍ଜା ସାମଗ୍ରୀ, କାଗଜ, ପେନ୍, ଡାଏରୀ, ଘଣ୍ଟା, ଫଟୋଚିତ୍ର ଆଦି ମିଳୁଛି। ଏହିସବୁ ସାମଗ୍ରୀର ଦାମ୍ ୧୫ଟଙ୍କାରୁ ଆରମ୍ଭ କରି ୫ ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି। ତେବେ ଏହି ସମସ୍ତ ଉତ୍ପାଦ ପ୍ରସ୍ତୁତ ପାଇଁ କେବଳ ଦେଶୀ ଗାଈର ଗୋବର ବ୍ୟବହାର କରାଯାଇଥାଏ।



### ଓୟୁଏଟିରୁ ବରମୁଣ୍ଡା ପାଇଁ ୱାକାଥନ୍

ରାଜ୍ୟସ୍ତରୀୟ ମତ୍ସ୍ୟ-ପ୍ରାଣୀ ସମାବେଶ ଉପଲକ୍ଷେ ଶୁକ୍ରବାର ସକାଳେ ଏକ ୱାକାଥନ ଅନୁଷ୍ଠିତ ହୋଇଥିଲା। ଏହାକୁ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଓୟୁଏଟି ଭେଟେରିନାରି କଲେଜଠାରୁ ବରମୁଣ୍ଡା ବିଜୁ ପଟ୍ଟନାୟକ ପଡ଼ିଆ ପର୍ଯ୍ୟନ୍ତ ଏହି ୱାକାଥନ ଆୟୋଜିତ ହୋଇଥିଲା। ମତ୍ସ୍ୟଚାଷ ଓ ପ୍ରାଣୀପାଳନର ଉପାଦେୟତା ସମ୍ପର୍କରେ ଜନସଚେତନତା ପାଇଁ ପ୍ଲାକାର୍ଡ ମାଧ୍ୟମରେ ଅନେକ ବାର୍ତ୍ତା ଦିଆଯାଇଥିଲା। ଏହି ୱାକାଥନରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ମତ୍ସ୍ୟ ନିର୍ଦ୍ଦେଶକ ମହମ୍ମଦ ସାଦିକ ଆଲମ, ପ୍ରାଣିପାଳନ ଓ ପ୍ରାଣି ଚିକିତ୍ସା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ, ବିଭାଗୀୟ ଅଧିକାରୀ ସାମିଲ ହୋଇଥିଲେ।



### ଓଡ଼ିଶାର ଗର୍ବ ଅସ୍‌ଲୀ କୁକୁଡ଼ା

ପ୍ରଦର୍ଶନୀରେ ଗଞ୍ଜାମ ଛେଳି, ଦକ୍ଷିଣ ଆଫ୍ରିକାର ବୋୟେର ଛେଳି, ମଧ୍ୟପ୍ରଦେଶର ମାଲୱା ଛେଳି, ଉତ୍ତର ପ୍ରଦେଶ ଛେଳିକୁ ଦେଖିବା ପାଇଁ ଲୋକଙ୍କ ଯେତିକି ଭିଡ଼ ଦେଖାଯାଉଛି ଓଡ଼ିଶାର ଗର୍ବ କୁହାଯାଉଥିବା ଅସଲୀ କୁକୁଡ଼ାର ମଧ ଅନୁରୂପ ଚାହିଦା ରହିଛି। ଅନ୍ୟ ପ୍ରାଣୀଙ୍କ ମଧ୍ୟରେ ହରିଆଣାର ମୁରା ମଇଁଷି, ଉତ୍ତର ଭାରତର ବୋଡାପୁରୀ ଛେଳି, ଚିଲକା ମଇଁଷି, ଭେଜାଗୁଡ଼ା, କୁକୁଡ଼ା, କଡ଼କନାଥ କୁକୁନା, ଟର୍କୀ, ଗିନି ବାର୍ଡ, ଚୀନର ସିଲ୍କି ବାର୍ଡ, ଖାକି କ୍ୟାମ୍ପ୍‌ବେଲ୍ ବତକ, ରେଡ୍ କର୍ନିସ ଆଦି ବିଭିନ୍ନ ପ୍ରଜାତିର ପ୍ରାଣୀଙ୍କ ଚାଷ ପ୍ରଣାଳୀ ଆଦି ସମ୍ପର୍କରେ ତଥ୍ୟ ଉପଲବ୍ଧ ହେଉଛି।

## ଶିକ୍ଷା, ନିଯୁକ୍ତି ମଧ୍ୟରେ ପାର୍ଥକ୍ୟ ଦୂର କରୁଛି ଆଇଏଚ୍‌ଏମ୍ ଭୁବନେଶ୍ୱର

ଭୁବନେଶ୍ୱର,୧୪।୨(ଅନୁରାଧା ମହାରଣା)

ଓଡ଼ିଶା ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଭାବେ ଉଭା ହୋଇଥିବାବେଳେ ବିଳାସପୂର୍ଣ୍ଣ ହୋଟେଲ ଏବଂ ରିସର୍ଟ ସଂଖ୍ୟାରେ ବୃଦ୍ଧି ଘଟିବା ସହିତ କୁଶଳୀ ପେସାଦାରଙ୍କ ଚାହିଦା ସର୍ବକାଳୀନ ଉଚ୍ଚସ୍ତରରେ ରହିଛି। ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ (ଆଇଏଚ୍‌ଏମ୍) ଭୁବନେଶ୍ୱର ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର ଅଧ୍ୟକ୍ଷା ଶାରଦା ଘୋଷ କହିଛନ୍ତି। ସେ କହିଛନ୍ତି, ଆଇଏଚ୍‌ଏମ୍ ଭୁବନେଶ୍ୱର ଶିକ୍ଷା ଓ ନିଯୁକ୍ତି ମଧ୍ୟରେ ପାର୍ଥକ୍ୟ ଦୂର କରି ଆତିଥ୍ୟ ଓ ପର୍ଯ୍ୟଟନ ଉଦ୍ୟୋଗକୁ ଆଗକୁ ନେବାରେ ଅଗ୍ରଣୀ ଭୂମିକା ନିର୍ବାହ କରୁଛି। ଶିଳ୍ପ ଉପଯୋଗୀ ଦକ୍ଷତା ପ୍ରଦାନ କରିବା ପାଇଁ ପରିକଳ୍ପିତ ପାଠ୍ୟକ୍ରମ ଛାତ୍ରୀଛାତ୍ରଙ୍କୁ ଲାଭଜନକ ତଥା ଗତିଶୀଳ କ୍ୟାରିୟର ପାଇଁ ସୁଯୋଗ ଦେଉଛି। ଅଧ୍ୟାପକ ସମ୍ବିତ ସୁମନ ସ୍ନାତକଙ୍କ ପାଇଁ ଉପଲବ୍ଧ କ୍ୟାରିୟର ସୁଯୋଗ ବିଷୟରେ କହିଥିଲେ। ପ୍ରଥମଦୀପ କର ପର୍ଯ୍ୟଟନ ମନ୍ତ୍ରଣାଳୟର ତତ୍ତ୍ୱାବଧାନରେ ଦକ୍ଷତା ବିକାଶ ପଦକ୍ଷେପ ଏବଂ ଦକ୍ଷତା ବିକାଶ କେନ୍ଦ୍ରଭାବେ ଆଇଏଚ୍‌ଏମ୍ ଭୁବନେଶ୍ୱରର ଭୂମିକା ବିଷୟରେ କହିଥିଲେ। ଆଇଏଚ୍‌ଏମ୍ ଭୁବନେଶ୍ୱରକୁ ପ୍ରତିରକ୍ଷା ମନ୍ତ୍ରଣାଳୟ ଦ୍ୱାରା ବିଭିନ୍ନ ଡିପ୍ଲୋମା ପାଠ୍ୟକ୍ରମରେ କର୍ମଚାରୀଙ୍କ ପାଇଁ ଏକ ପ୍ରଶିକ୍ଷଣ କେନ୍ଦ୍ରଭାବେ ମନୋନୀତ କରାଯାଇଥିବା ସେ ସୂଚନା ଦେଇଥିଲେ।



ଖବରଦାତା ସମ୍ମିଳନୀରେ ଆଇଏଚ୍‌ଏମ୍ ଭୁବନେଶ୍ୱରର ଅଧ୍ୟକ୍ଷା ଶାରଦା ଘୋଷ ସୂଚନା ଦେଉଛନ୍ତି।



ବିଧାନସଭା ସମ୍ମୁଖ ଗାନ୍ଧୀ ମାର୍ଗରେ ଶୁକ୍ରବାର ନିଖିଳ ଓଡ଼ିଶା ଜୀବିକା ମିଶନ ଇସି ସଂଘ ଏବଂ ଓଡିଶା ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳା ମହାସଂଘର ମହିଳାମାନେ ମୁହାଁମୁହିଁ ହୋଇଛନ୍ତି। ପୋଲିସ ପକ୍ଷରୁ ସ୍ଥିତି ନିୟନ୍ତ୍ରଣ କରାଯାଉଛି।

## ଜୀବିକା ମିଶନ ଇସି, ଏସ୍‌ଏଚ୍‌ଜି ମହିଳା ମୁହାଁମୁହିଁ

ଭୁବନେଶ୍ୱର, ୧୪।୨ (ସୁଚିସ୍ମିତା ସାହୁ)

ବିଧାନସଭା ସମ୍ମୁଖ ଗାନ୍ଧୀ ମାର୍ଗରେ ନିଖିଳ ଓଡ଼ିଶା ଜୀବିକା ମିଶନ ଇସି ସଂଘ ଏବଂ ଓଡିଶା ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳା ମହାସଂଘର ମହିଳାମାନେ ମୁହାଁମୁହିଁ ହୋଇଥିଲେ। ଜୀବିକା ମିଶନ ଇସିମାନେ ରାସ୍ତାରେ ଧାରଣାରେ ବସିଥିବାବେଳେ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ବିକ୍ଷୋଭ ଶୋଭାଯାତ୍ରାରେ ସେମାନଙ୍କ ଆଡ଼କୁ ମାଡ଼ି ଆସିଥିଲେ। ପୋଲିସ ସେମାନଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ ମଧ ଉଭୟ ଗୋଷ୍ଠୀ ମଧ୍ୟରେ ଧସ୍ତାଧସ୍ତି ପରିସ୍ଥିତି ସୃଷ୍ଟି ହୋଇଥିଲା। ପୋଲିସ ବୁଝାଶୁଝା କରି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ହୋହଲ୍ଲା ଓ ନାରାବାଜିରେ ଗାନ୍ଧୀମାର୍ଗ ପ୍ରକମ୍ପିତ ହୋଇପଡିଥିଲା। ତେବେ ଏମାନଙ୍କ ଦାବି ପ୍ରାୟତଃ ସମାନ ରହିଥିଲେ ମଧ ଦୁଇ ଗୋଷ୍ଠୀ ପଛରେ ରାଜନୈତିକ ସମ୍ପୃକ୍ତି ରହିଥିବା ଚର୍ଚ୍ଚା ହେଉଛି। ନିଖିଳ ଓଡ଼ିଶା ଜୀବିକା ମିଶନ ଇସି ସଂଘର ମହିଳାମାନେ ରିଷ୍ଟ୍ରକଚରିଂ ବ୍ୟବସ୍ଥା ବନ୍ଦ କରିବା ସହ ସ୍ଥାୟୀ ନିଯୁକ୍ତି କରିବା ପାଇଁ ଦାବି କରିଛନ୍ତି। ଏହା ସହିତ ବକେୟା ଭତ୍ତା ପ୍ରଦାନ ସହ ମିଶନଶକ୍ତି ଏବଂ ଜୀବିକା ମିଶନରେ କାର୍ଯ୍ୟରତ କମ୍ୟୁନିଟି ସପୋର୍ଟ ଷ୍ଟାଫ୍‌ଙ୍କ ୫ ବର୍ଷିଆ ଚୁକ୍ତି ବାତିଲ କରି ସ୍ଥାୟୀ କରିବା, ସ୍ୱୟଂ ସହାୟକ ଗୋଷ୍ଠୀର ପ୍ରତ୍ୟେକ ସଦସ୍ୟଙ୍କୁ ମାସିକ ଏକ ହଜାର ଟଙ୍କା ହାରରେ ମହିଳା ସଶକ୍ତୀକରଣ ଭତ୍ତା ପ୍ରଦାନ କରିବାକୁ ଦାବି କରାଯାଇଛି। ସେହିପରି ଓଡିଶା ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳା ମହାସଂଘର ମହିଳାମାନେ ଗୋଷ୍ଠୀର ସମସ୍ତ ମାଆଙ୍କୁ ମାସକୁ ୧୦୦୦ଟଙ୍କା ଲେଖାଏ ଭତ୍ତା ପ୍ରଦାନ ସହିତ ମିଶନଶକ୍ତିର ସିଏଲ୍‌ଏଫ, ଜିପିଏଲ୍‌ଏଫ, ବିଏଲ୍‌ଫ ଓ ଡିଏଲଏଫ୍‌କୁ ବନ୍ଦ କରି ଏସଏଚଜିଙ୍କୁ ସିଧାସଳଖ ଦାୟିତ୍ୱ ଦେବା ଆଦି ବିଭିନ୍ନ ଦାବି ରଖିଛନ୍ତି।

## ସିଜିୟୁର ସାଂସ୍କୃତିକ ଉତ୍ସବ 'ସେଲିଗାନ୍ସ' ଉଦ୍‌ଘାଟିତ

ଭୁବନେଶ୍ୱର,୧୪।୨(ଅନୁରାଧା ମହାରଣା)

ସି ଭି ରମଣ ଗ୍ଲୋବାଲ ବିଶ୍ୱବିଦ୍ୟାଳୟ (ସିଜିୟୁ)ର ବାର୍ଷିକ ସାଂସ୍କୃତିକ ଉତ୍ସବ 'ସେଲିଗାନ୍ସ-୨୦୨୫' ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଇସ୍ରୋର ମାନବ ସମ୍ବଳ ବିକାଶ ଏବଂ ଇନ୍‌କ୍ୟୁବେସନ, ସିବିପିଓ ବିଭାଗର ଡେପୁଟି ଡାଇରେକ୍ଟର ନିଶାନ୍ତ କୁମାର ଯୋଗଦେଇଥିଲେ। ସେ ମହାକାଶ ମିଶନରେ ଇସ୍ରୋର ଅବଦାନ ଉପରେ ଆଲୋକପାତ କରିବା ସହ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଉଦୀୟମାନ ପ୍ରଯୁକ୍ତିବିଦ୍ୟାକୁ ଗ୍ରହଣ କରିବାକୁ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ସିଜିୟୁ ଓଡିଶାର ଭାଇସ-ଚାନ୍ସେଲର ଡ. ବଂଶୀଧର ମାଝୀ କହିଲେ, ସେଲିଗାନ୍ସ ହେଉଛି ଛାତ୍ରୀଛାତ୍ରଙ୍କ ପ୍ରତିଭା ପ୍ରଦର୍ଶନ ସହ ଚିରକାଳ ପାଇଁ ସ୍ମୃତି ସୃଷ୍ଟି କରିବାର ଏକ ପ୍ଲାଟଫର୍ମ। କାର୍ଯ୍ୟକ୍ରମରେ ପ୍ରୋ-ଭାଇସ୍ ଚାନ୍ସେଲର ଡ. ଗୁଡା ଶ୍ରୀଦେବୀ ଏବଂ ରେଜିଷ୍ଟ୍ରାର ଡକ୍ଟର ବିନିତା ପଣ୍ଡା ସାଂସ୍କୃତିକ କାର୍ଯ୍ୟକଳାପ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ କମ୍ପ୍ୟୁଟର ସାଇନ୍ସ ଇଞ୍ଜିନିୟରିଂ ଛାତ୍ର ଦିଭି ପ୍ରକାଶ ତିୱାରୀଙ୍କୁ ତାଙ୍କର ଉଲ୍ଲେଖନୀୟ ସଫଳତା ପାଇଁ 'ବିଶ୍ୱବିଦ୍ୟାଳୟ ଅଲ୍-ରାଉଣ୍ଡର ସ୍ନାତକ' ପୁରସ୍କାରରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବଲିଉଡ୍ ଦିୱାନେ, ସେଲିଗାନ୍ସ ଗଟ୍ ଟ୍ୟାଲେଣ୍ଟ, ଡ୍ୟାନ୍ସିଂ ଫିଟ୍, ଖତରୋଁ-କେ-ଖିଲାଡି, ନୁକ୍କଡ, ସରଗମ, ସ୍କିଟସ୍‌ଭିଲା, ଟ୍ରେଜର ହଣ୍ଟ, ୱାହ ବାହ କ୍ୟା ବାତ୍ ହେ, ଜୁମ୍ବେରାନ୍ସ, ଗେମ ଫେଷ୍ଟ ରୟାଲ ଏବଂ ଇ-ସ୍ପୋର୍ଟସ ସମେତ ବିଭିନ୍ନ ରୋମାଞ୍ଚକର ପ୍ରତିଯୋଗିତା ଅନୁଷ୍ଠିତ କରାଯିବ। ଛାତ୍ର କଲ୍ୟାଣ ଡିନ ଡ. ରୁଦ୍ର ନାରାୟଣ ମହାପାତ୍ର ଧନ୍ୟବାଦ ଦେଇଥିଲେ। ଶନିବାର ଟିଆର୍‌ପି ବ୍ୟାଣ୍ଡ୍ ପ୍ରଦର୍ଶନ ଏବଂ ପାର୍ଥୋଙ୍କ ପ୍ରଦର୍ଶନ କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ରହିବ।



## ପିଏସ୍‌ୟୁ ସ୍ୱଚ୍ଛତା ବଜାୟ ରଖିବା ସହ ବିଶ୍ୱସନୀୟତା ବୃଦ୍ଧି କରନ୍ତୁ : ରାଜ୍ୟପାଳ

ଭୁବନେଶ୍ୱର,୧୪।୨(ସୁଚିସ୍ମିତା ସାହୁ)

ପବ୍ଲିକ ସେକ୍ଟର ଅଣ୍ଡରଟେକିଙ୍ଗ୍ (ପିଏସ୍‌ୟୁ)ଗୁଡ଼ିକ ସ୍ୱଚ୍ଛତା ବଜାୟ ରଖିବା ସହ ଜନସାଧାରଣଙ୍କ ସମ୍ମୁଖରେ ନିଜର ବିଶ୍ୱସନୀୟତା ବୃଦ୍ଧି କରନ୍ତୁ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍‌ପାଟି କହିଛନ୍ତି। ରାଜଭବନର ନ୍ୟୁ ଅଭିଷେକ ହଲ୍‌ଠାରେ ରାଜ୍ୟର ସମସ୍ତ ପିଏସ୍‌ୟୁ /କମ୍ପାନୀଙ୍କର କାର୍ଯ୍ୟଧାରା ସମୀକ୍ଷା କରିବା ଅବସରରେ ରାଜ୍ୟପାଳ କହିଲେ, ପିଏସ୍‌ୟୁ ରାଜ୍ୟ ଅର୍ଥନୀତିର ମେରୁଦଣ୍ଡ। ପିଏସ୍‌ୟୁର ପ୍ରାଥମିକ କର୍ତ୍ତବ୍ୟ ହେଉଛି ସାଧାରଣ ସମ୍ବଳ ପରିଚାଳନାରେ ସ୍ୱଚ୍ଛତା, ଦକ୍ଷତା ଏବଂ ଆର୍ଥିକ ଶୃଙ୍ଖଳା ବଜାୟ ରଖିବା। ପିଏସ୍‌ୟୁ କେବଳ କମ୍ପାନୀର ମୂଲ୍ୟ ନୁହେଁ, ରାଜ୍ୟର ସମ୍ପତ୍ତି ମଧ ବୃଦ୍ଧି କରନ୍ତି। ନିର୍ଦ୍ଧାରିତ ସମୟରେ ଅଡିଟ୍ କରାଇବା, ଅଡିଟ୍ ରିପୋର୍ଟ ଦାଖଲ କରି ଜନସାଧାରଣଙ୍କୁ ସେମାନଙ୍କ ଉତ୍ତରଦାୟିତ୍ୱ ଦେଖାଇବା ଏବଂ ବିଶ୍ୱସନୀୟତା ବୃଦ୍ଧି କରିବା ସେମାନଙ୍କର କର୍ତ୍ତବ୍ୟ। ରାଜ୍ୟ ସରକାର ଅଧୀନରେ ଥିବା ବହୁ ପିଏସ୍‌ୟୁ /କମ୍ପାନୀ ବାର୍ଷିକ ସାଧାରଣ ବୈଠକ କରୁନାହାନ୍ତି କିମ୍ବା ବାର୍ଷିକ ହିସାବ ବୃତାନ୍ତ କରୁ ନ ଥିବାରୁ ରାଜ୍ୟପାଳ ଗଭୀର ଉଦ୍‌ବେଗ ପ୍ରକାଶ କରି ଏହାକୁ କର୍ପୋରେଟ୍ ଶାସନ ନୀତିର ଉଲ୍ଲଂଘନ ବୋଲି କହିଥିଲେ। ଆର୍ଥିକ ବର୍ଷର ସେପ୍ଟେମ୍ବର ୩୦ ସୁଦ୍ଧା ବାର୍ଷିକ ରିପୋର୍ଟ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ପିଏସ୍‌ୟୁଗୁଡ଼ିକ ଅଡିଟ୍ ରିପୋର୍ଟ ଦାଖଲ ସମୟସୀମା ଅନୁପାଳନ ଉପରେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ପ୍ରମୁଖ ଆକାଉଣ୍ଟାଣ୍ଟ ଜେନେରାଲଙ୍କୁ ପରାମର୍ଶ ଦେଇଥିଲେ। ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନବିଏସ ରାଜପୁତ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ପ୍ରିନ୍ସିପାଲ ଆକାଉଣ୍ଟାଣ୍ଟ ଜେନେରାଲ ଡି. ସାହୁଙ୍କ ସମେତ ବରିଷ୍ଠ ଅଧିକାରୀ ବୈଠକରେ ଯୋଗଦେଇଥିଲେ।



କାର୍ଯ୍ୟକ୍ରମରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍‌ପାଟିଙ୍କ ବିଭିନ୍ନ କମ୍ପାନୀର ପ୍ରତିନିଧି ଓ ଅନ୍ୟମାନେ।

## ସଂକ୍ଷେପରେ

### ନନ୍ଦନକାନନରେ ବେଲେରା ମୂଷା, କୁଜି ହରିଣ ମୃତ

ତ୍ରିଶୂଳିଆ,୧୪।୨(ତୁଷାରକାନ୍ତ ବେହେରା)

ନନ୍ଦନକାନନ ପ୍ରାଣୀ ଉଦ୍ୟାନ ବନ୍ୟପ୍ରାଣୀ ଚିକିତ୍ସାଳୟ ପ୍ରାଣୀ ଉଦ୍ୟାନର ୩୭ ନଂ.(ଘ) ଖୁଆଡ଼ରେ ରହୁଥିବା ଏକ ମାଈ ବେଲେରା ମୂଷାର ଶୁକ୍ରବାର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତ୍ୟୁର କାରଣ ଜାଣିବାକୁ ବ୍ୟବଚ୍ଛେଦ କରାଯାଇଛି। ମୂଷା ମୃତ୍ୟୁ ପରେ ସେମାନଙ୍କ ସଂଖ୍ୟା ୪କୁ ହ୍ରାସ ପାଇଛି।

### ବାଇକ୍‌ରୁ ପଡ଼ି ଯୁବକ ଗୁରୁତର

ନିଶ୍ଚିନ୍ତକୋଇଲି, ୧୪।୨(ଅଶୋକ ମହାପାତ୍ର):

ନିଶ୍ଚିନ୍ତକୋଇଲି ବ୍ଲକ ବାଲିଆପଦା ନିକଟରେ ଏକ ଅଭାବନୀୟ ଘଟଣା ଘଟିଛି। ରାସ୍ତା ପାର୍ଶ୍ୱରେ ମାଟି ଗଦା ହୋଇଥିବା କାରଣରୁ ଜଣେ ଯୁବକ ଭାରସାମ୍ୟ ହରାଇ ବାଇକ୍‌ରୁ ପଡ଼ି ଗୁରୁତର ହୋଇଥିଲା ବେଳେ ଅନ୍ୟ ଜଣେ ଆହତ ହୋଇଛନ୍ତି। ଏହି ଘଟଣାକୁ ନେଇ ସାଧାରଣରେ ଉତ୍ତେଜନା ପ୍ରକାଶ ପାଇଛି। ଗୁରୁତର ଜଣକ ହେଲେ ବ୍ଲକ ଅନ୍ତର୍ଗତ ବନ୍ଧକାଟିଆ ଗ୍ରାମର କାର୍ତ୍ତିକ ସାହୁଙ୍କ ପୁତ୍ର ନିର୍ମାଇଁ ଚରଣ ସାହୁ(୩୧)। ସେ ଓ ତାଙ୍କ ସହଯୋଗୀ ଶୁକ୍ରବାର ରାତିରେ ଏକ ବାଇକ ଯୋଗେ ବାଲିଆପଦା ଯାଉଥିଲେ। ରାସ୍ତା ଉପରେ ମାଟି ପଡିଥିବା କାରଣରୁ ସାହୁଙ୍କ ଗାଡି ଭାରସାମ୍ୟ ହରାଇଥିଲା। ଫଳରେ ଦୁର୍ଘଟଣା ଘଟିଥିଲା। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସାହୁଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସୂଚନାଯୋଗ୍ୟ ସାଲେପୁର ପୂର୍ତ୍ତ ବିଭାଗ ଅଧୀନରେ ଥିବା ତିଳକଣା-ତରତ ପୂର୍ତ୍ତ ବିଭାଗ ରାସ୍ତା ନିର୍ମାଣ ଦୀର୍ଘ ଦିନ ହେଲା ଚାଲିଛି। ଠିକାଦାର ମନମୁଖୀଭାବେ ଏଠାରେ କାର୍ଯ୍ୟ କରୁଥିବା ବାରମ୍ବାର ଅଭିଯୋଗ ହେଉଛି। ରାସ୍ତା ପାର୍ଶ୍ୱକୁ ତାଡି ଦେଇ ସେଠାରେ ଗୋଡି, ବାଲି ଓ ମାଟି ପକାଇ ଦେଇଛନ୍ତି। ଫଳରେ ପଥଚାରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

### ଗାଡ଼ି ଧକ୍କାରେ ପୁଣି ଭାଙ୍ଗିଲା ରେଳ ସୁରକ୍ଷା ବାଡ଼

ବାରଙ୍ଗ,୧୪।୨(ଲିଙ୍ଗରାଜ ରାଉତ)

ଗୋଡ଼ିସାହି ଫାଣ୍ଡି ଅଧୀନ ଷଣ୍ଢପୁର ନିକଟ ମୁଖ୍ୟରାସ୍ତା ଉପରେ ଥିବା ରେଳ ସୁରକ୍ଷା ବାଡ଼କୁ ଏକ ଗାଡ଼ି (ଏପି ୩୧ ଟିଡି ୨୨୫୧) ଶୁକ୍ରବାର ସନ୍ଧ୍ୟାରେ ଧକ୍କା ଦେଇ ରାସ୍ତା ମଝିରେ ରହିଯାଇଥିଲା। ଧକ୍କା ଫଳରେ ସୁରକ୍ଷାବାଡ଼ଟି ବଙ୍କା ହୋଇଯିବା ସହ ଯାତାୟାତରେ ବାଧା ସୃଷ୍ଟି ହୋଇଥିଲା। ପରେ ରେଳ ବିଭାଗ ଘଟଣାସ୍ଥଳରେ ପହଞ୍ଚି ଭାରିଯାନକୁ ଜବତ କରି ରାସ୍ତାରୁ ଉଠାଇବା ପରେ ତ୍ରିଶୂଳିଆ-ବାଙ୍କୀ ମୁଖ୍ୟରାସ୍ତାରେ ଦେଖାଦେଇଥିବା ଟ୍ରାଫିକ ସମସ୍ୟା ଦୂର ହୋଇଥିଲା। ଏହି ଗାଡ଼ିଟି ଯନ୍ତ୍ରାଂଶ ନେଇ ରାମଦାସପୁର ଅଞ୍ଚଳରେ ଥିବା ଶିଳ୍ପସଂସ୍ଥାକୁ ଯାଉଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ଏହି ସ୍ଥାନରେ ଥରେ କି ଦୁଇ ଥର ନୁହେଁ, ବାରମ୍ବାର ରେଳ ସୁରକ୍ଷା ବାଡ଼ ଭାଙ୍ଗିଲାଣି। ଫଳରେ ରେଳ ବ୍ରିଜ୍ ପ୍ରତି ବିପଦ ଆଶଙ୍କା ସୃଷ୍ଟି ହେଉଛି।

# ପ୍ରଶାସନ ଧମକକୁ ଖାତିର ନ କରି ଧାରଣାରେ ଅଭିଭାବକ

### ମାର୍ଥାପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ ପୁନଃ ଖୋଲିବା ଦାବି

ବାରଙ୍ଗ,୧୪।୨(ଲିଙ୍ଗରାଜ ରାଉତ)

ବନ୍ଦ ହୋଇଯାଇଥିବା ମାର୍ଥାପୁର ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ପୁନଃ କାର୍ଯ୍ୟକ୍ଷମ କରିବା ଦାବିରେ ଅଭିଭାବକ ୧୨ ଦିନ ହେବ ଧାରଣାରେ ବସିଛନ୍ତି। ଏହି ଧାରଣାକୁ ବନ୍ଦ କରିବାକୁ ଶୁକ୍ରବାର ପ୍ରଶାସନ ପକ୍ଷରୁ ଅଭିଭାବକଙ୍କୁ ଗିରଫ ଭୟ ଦିଆଯାଇଥିଲେ ମଧ୍ୟ ସେମାନେ ଜିଦ୍‌ରେ ଅଟଳ ରହି ପ୍ରତିବାଦ ଚଳାଇଛନ୍ତି। ପ୍ରକାଶ ଯେ, ପିଲାସଂଖ୍ୟା କମ୍ ଥିବା ଦର୍ଶାଯାଇ ମାର୍ଥାପୁର ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ପାଖ ବିଦ୍ୟାଳୟରେ ମିଶା ଯାଇଥିଲା। କିନ୍ତୁ ମାର୍ଥାପୁର ଗ୍ରାମବାସୀଙ୍କ ସହ ଅଭିଭାବକ ପିଲାଙ୍କ ଯାତାୟାତର ଅସୁବିଧାକୁ ଦୃଷ୍ଟିରେ ରଖି ପୁନଃ ବିଦ୍ୟାଳୟ ଚାଲୁ ରଖିବାକୁ ଗତ ୩ ତାରିଖରେ କଟକ ଉପଜିଲାପାଳଙ୍କ ସହ ବାରଙ୍ଗ ବିଡିଓଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ ମଧ୍ୟ ପ୍ରଶାସନ କୌଣସି ପଦକ୍ଷେପ ନେଇନାହିଁ।



ପୋଲିସ ଆନ୍ଦୋଳନକାରୀ ଅଭିଭାବକମାନଙ୍କୁ ବୁଝାଶୁଝା କରୁଛି।

ଫଳରେ ଅଭିଭାବକ ସେହିଦିନଠାରୁ ବିଦ୍ୟାଳୟ ଆଗରେ ଧାରଣାରେ ବସି ରହିଛନ୍ତି। ବାରଙ୍ଗ ତହସିଲଦାର ତୁଷାର ଜ୍ୟୋତିରଞ୍ଜନ ଓ ବାରଙ୍ଗ ଥାନା ଅଧିକାରୀ ଦେବେନ୍ଦ୍ର ବିଶ୍ୱାଳ ସଦଳବଳ ପହଞ୍ଚି ଆନ୍ଦୋଳନକାରୀ ବୁଝାଇ ନ ପାରି ଫେରିଥିଲେ। ମାର୍ଥାପୁର ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ବନ୍ଦ କରାଯାଇ ସେଠାରେ ଗ୍ରାମୀଣ ଅଦାଲତ କରାଯିବ ବୋଲି ପ୍ରଶାସନ ନିଷ୍ପତ୍ତି ନେଇଛି। ଏଠାରେ ପୁନଃ ବିଦ୍ୟାଳୟ ଚାଲୁ କରିବାକୁ ୨୦୨୧ ମସିହାଠାରୁ ବିଦ୍ୟାଳୟ ସୁରକ୍ଷା କମିଟି ପକ୍ଷରୁ ଉଦ୍ୟମ ଆରମ୍ଭ କରାଯାଇ ପ୍ରଶାସନର ବହୁବାର ଦୃଷ୍ଟି ଆକର୍ଷଣ କରାଯାଇଛି। ପ୍ରଶାସନ ଦାବିକୁ ଭଲ ଭାବରେ ବୁଝି ପ୍ରତିଶ୍ରୁତି ଦେଉଥିଲେ ମଧ୍ୟ କାର୍ଯ୍ୟକାରୀ କରୁ ନ ଥିବାରୁ ଧାରଣାରେ ବସିଥିବା ନରାଜ-ମାର୍ଥାପୁର ସରପଞ୍ଚ ଗୀତାଞ୍ଜଳି ସାହୁ, ମାର୍ଥାପୁର ସରକାରୀ ବିଦ୍ୟାଳୟ ସୁରକ୍ଷା କମିଟି ପକ୍ଷରୁ ମମତା ବେହେରା, ମଞ୍ଜୁଲତା ବିଶ୍ୱାଳ, କୁନିଲତା ନାୟକ, ପୁଷ୍ପଲତା ପାଇଟାଲ, ରଶ୍ମିତା ପାଇଟାଲ, ଅମ୍ବିକା ବିଶ୍ୱାଳ, ଲକ୍ଷ୍ମୀପ୍ରିୟା ପାଇଟାଲ, ସମିତା ଓଝା, ସୌଦାମିନୀ ପାଇଟାଲ, ନଳିନୀ ପାଇଟାଲ, ବୀରେନ ପାଇଟାଲ, ଚାଷୀ ନେତା ବସନ୍ତ ନାୟକ ପ୍ରମୁଖ କହିଛନ୍ତି।

# ଫେରାର ଅଭିଯୁକ୍ତଙ୍କୁ କାବୁକଲା ପୋଲିସ

ବାଙ୍କୀ , ୧୪।୨( ଶୁଭେନ୍ଦୁ ମହାପାତ୍ର):

ବାଙ୍କୀ ପୋଲିସ ଜଣେ ଫେରାର ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ସେ ହେଲେ ବାଙ୍କୀ ଥାନା ସୁବର୍ଣ୍ଣପୁର ବିଟ ହାଉସ ଅଧୀନ କନ୍ତପହଁରା ପଞ୍ଚାୟତସ୍ଥିତ ଘୋଳପୁର ଗ୍ରାମର ରାଜେଶ ପ୍ରଧାନ।

ସୂଚନାଯୋଗ୍ୟ, ୨୩ ଡିସେମ୍ବର ୨୦୨୪ରେ ଟ୍ରାକ୍ଟର ଭଡ଼ା ଆଦାୟକକୁ କେନ୍ଦ୍ର କରି ଘୋଳପୁର ଗ୍ରାମର ରବୀନ୍ଦ୍ର ରାଉତ ଏବଂ ରାଜେଶ ପ୍ରଧାନ ଓ ବବୁଲ ପ୍ରଧାନଙ୍କ ମଧ୍ୟରେ ବଚସା ଓ ମାରପିଟ ହୋଇଥିଲା। ଏଥିରେ ରବୀନ୍ଦ୍ର ଗୁରୁତର ହୋଇଥିଲେ। ଏନେଇ ପରିବାର ଲୋକେ ବାଙ୍କୀ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ. ୪୬୭/୨୩) ରୁଜୁ କରିଥିଲା। ଏଥିସହ ବବୁଲ(୨୩)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ଘଟଣାର ୩ ମାସ ପରେ ରବୀନ୍ଦ୍ରଙ୍କ ମୃତ୍ୟୁ ଘଟିଥିଲା। ରାଜେଶଙ୍କୁ ଧରିବାକୁ ବାଙ୍କୀ ପୋଲିସ ବହୁବାର ପ୍ରୟାସ କରିଥିଲେ ମଧ୍ୟ ସେ ଖସିଯିବାକୁ ସକ୍ଷମ ହେଉଥିଲେ। ଆଠଗଡ଼ ଥାନା ଅନ୍ତର୍ଗତ ଦର୍ଶନପୁରଠାରେ ଅଭିଯୁକ୍ତ ରାଜେଶ ଥିବା ଖବର ପାଇ ସୁବର୍ଣ୍ଣପୁର ବିଟ ହାଉସ ଅଧିକାରୀ ପ୍ରସନ୍ନ କୁମାର ମାହାଳି ସଦଳବଳ ଘଟଣାସ୍ଥଳରେ ଚଢ଼ାଉ କରିଥିଲେ। ଏହି ସମୟରେ ମଧ୍ୟ ରାଜେଶ ଖସିଯିବାକୁ ଉଦ୍ୟମ କରୁଥିଲେ ମାତ୍ର ପୋଲିସ ତାଙ୍କୁ କାବୁ କରିବାକୁ ସକ୍ଷମ ହୋଇଥିଲା ବୋଲି ଆଇଆଇସି ଦିଲୀପ କୁମାର ମର୍ଦ୍ଦରାଜ ଭୂୟାଁ କହିଛନ୍ତି।

# ଆଠଗଡ଼ ବ୍ଲକ କର୍ମଚାରୀଙ୍କ କଲମଛାଡ଼ ଆନ୍ଦୋଳନ



ଆନ୍ଦୋଳନରେ ବସିଥିବା ବ୍ଲକ କର୍ମଚାରୀମାନେ।

ଆଠଗଡ,୧୪।୨(ସତ୍ୟ ପ୍ରସାଦ ରଥ)

ଖୁଣ୍ଟୁଣୀ ଗ୍ରାମ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ କାର୍ଯ୍ୟାଳୟରେ ପଶି ଆକ୍ରମଣ ଘଟଣାକୁ ୨୪ ଘଣ୍ଟା ପୁରି ଯାଇଥିଲେ ମଧ୍ୟ ପୋଲିସ ହାତ ଖାଲି ରହିଛି। ଏହାର ପ୍ରତିବାଦରେ ଆଠଗଡ ପଞ୍ଚାୟତ ସମିତିର ସମସ୍ତ କର୍ମଚାରୀମାନେ କଲମଛାଡ଼ ଆନ୍ଦୋଳନ କରିଛନ୍ତି। ଅଭିଯୁକ୍ତଙ୍କୁ ଧରିବାକୁ ବୁଲୁଥିଲେ ପୋଲିସ ଉଦ୍ୟମ କରୁନାହିଁ ବୋଲି ସେମାନେ ଅଭିଯୋଗ କରିଛନ୍ତି। ପୋଲିସ କାର୍ଯ୍ୟାନୁଷ୍ଠାନ ନ ନେବା ପର୍ଯ୍ୟନ୍ତ ଏହି କଲମ ଛାଡ ଆନ୍ଦୋଳନ ଜାରି ରହିବ ବ୍ଲକ କର୍ମଚାରୀମାନେ କହିଛନ୍ତି। ବର୍ତ୍ତମାନ ସାରା ରାଜ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସର୍ଭେ ଚାଲୁଥିବାବେଳେ ଆଠଗଡରେ କର୍ମଚାରୀମାନଙ୍କ କଲମ ଛାଡ ଆନ୍ଦୋଳନ ଯୋଗୁ ପ୍ରକୃତ ହିତାଧିକାରୀ ଚୟନରେ ପ୍ରଭାବ ପକାଇବ ବୋଲି ଆଶଙ୍କା ପ୍ରକାଶ ପାଇଛି। ସୂଚନାଯୋଗ୍ୟ,ଖୁଣ୍ଟୁଣୀ ପଞ୍ଚାୟତ କାର୍ଯ୍ୟାଳୟ ଭିତରେ ଗୁରୁବାର ମଧ୍ୟାହ୍ନରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ(ପିଇଓ) ଦିବ୍ୟାନୁ ରଞ୍ଜନ ବେହେରାଙ୍କୁ ଏହି ଗ୍ରାମର ତପନ ପ୍ରଧାନ ଓ ପରେଶ ସାହୁ ୩ ଜଣ ସହଯୋଗୀଙ୍କ ସହ ଆକ୍ରମଣ କରିଥିଲେ। ଏପରି ସେମାନେ ସରକାରୀ କାଗଜପତ୍ର ଛଡ଼ାଇ ନେବାକୁ ଉଦ୍ୟମ କରିଥିଲେ। ଏନେଇ ଖୁଣ୍ଟୁଣୀ ଥାନାରେ ଅଭିଯୋଗ ହୋଇଥିଲା। ଏହାକୁ ଭିତ୍ତି କରି ପୋଲିସ ମାମଲା (ନଂ.୩୬/୨୫) ରୁଜୁ କରିଥିଲା।

### ହିମୋଫିଲିଆ ରୋଗରେ ଆକ୍ରାନ୍ତ ନାବାଳକଙ୍କୁ ସାକ୍ଷାତ କଲେ ଭାଜପା ନେତା

ସାଲେପୁର,୧୪।୨(ଅରବିନ୍ଦ ଭୂୟାଁ):

ହିମୋଫିଲିଆ ରୋଗରେ ଆକ୍ରାନ୍ତ ହୋଇଥିବା ଉରବଟେଶ୍ୱର ଗ୍ରାମର ଦୀନବନ୍ଧୁ ବେହେରାଙ୍କ ପୁଅ ଅଭିଜିତ୍ ବେହେରାଙ୍କୁ ତାଙ୍କ ବାସଭବନରେ ସାକ୍ଷାତ କଲେ ଟାଙ୍ଗୀ ସାଲେପୁର ଅଞ୍ଚଳର ଭାଜପା ଯୁବନେତା ପ୍ରଫୁଲ୍ଲ ସ୍ୱାଇଁ। ଏଥିସହ ତାଙ୍କର ଚିକିତ୍ସା ନିମନ୍ତେ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବାପାଇଁ ପରିବାର ସଦସ୍ୟଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ପ୍ରକାଶ ଯେ, ଦୀନବନ୍ଧୁଙ୍କ ଦୁଇ ପୁଅ ଜନ୍ମରୁ ହିମୋଫିଲିଆ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହୋଇଆସୁଛନ୍ତି। ଚିକିତ୍ସା ପାଇଁ ଅର୍ଥର ଆବଶ୍ୟକତା ଥିବାରୁ ସେମାନଙ୍କ ଚିକିତ୍ସା ହୋଇପାରୁନାହିଁ। ଏହି ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ସ୍ୱାଇଁ ତାଙ୍କୁ ସାକ୍ଷାତ କରିଛନ୍ତି। ଏଥିରେ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

# ପିଏନ୍‌ବିର ଏମ୍‌ଏସ୍‌ଏମ୍‌ଇ ଏକ୍ସପୋ




ଏକ୍ସପୋରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

ଭୁବନେଶ୍ୱର,୧୪।୨(ଅନୁରାଧା ମହାରଣା):

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି)ର କଟକ ମଣ୍ଡଳ ପକ୍ଷରୁ କଟକସ୍ଥିତ ଓଡ଼ିଶା ସ୍ମଲ୍ ସ୍କେଲ୍ ଇଣ୍ଡଷ୍ଟ୍ରିଜ୍ ଆସୋସିଏଶନ (ଓଏସ୍‌ଏସ୍‌ଆଇଏ)ଠାରେ ଏମ୍‌ଏସ୍‌ଏମ୍‌ଇ-୨୦୨୫ ଏକ୍ସପୋ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଓଏସ୍‌ଏସ୍‌ଆଇଏର ସାଧାରଣ ସମ୍ପାଦକ ସଞ୍ଜୟ କୁମାର ମହାପାତ୍ର, ଡିଷ୍ଟ୍ରିକ୍ଟ ଇଣ୍ଡଷ୍ଟ୍ରିଜ୍ ସେଣ୍ଟର (ଡିଆଇସି) ଜେନେରାଲ ମ୍ୟାନେଜର ତରୁଣ କାନ୍ତ ମହାନ୍ତି, ଓଏସ୍‌ଏସ୍‌ଆଇଏର ସଭାପତି ହିମାଂଶୁ ଶେଖର ମିଶ୍ର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିଏନ୍‌ବି ମୁଖ୍ୟାଳୟ ଜେନେରାଲ ମ୍ୟାନେଜର ପରେଶ ଦାସ, ଭୁବନେଶ୍ୱରସ୍ଥିତ ଜୋନାଲ କାର୍ଯ୍ୟାଳୟର ଡେପୁଟି ଜେନେରାଲ ମ୍ୟାନେଜର, କ୍ଷେତ୍ରବାସୀ ମିଶ୍ର, କଟକ ସର୍କଲ ହେଡ୍ ଜଗବନ୍ଧୁ ପାଢ଼ୀ, କଟକ ଏମ୍‌ସିସି ହେଡ୍ ରଞ୍ଜନ ସିଂହ ପ୍ରମୁଖ ଯୋଗଦେଇଥିଲେ।

# ସଶକ୍ତ ସମାଜ ଗଠନ ପାଇଁ ନାରୀ ଶିକ୍ଷା ଆବଶ୍ୟକ

ଆଠଗଡ,୧୪।୨(ସତ୍ୟପ୍ରସାଦ ରଥ)

ସଶକ୍ତ, ସମୃଦ୍ଧ ସମାଜ ଗଠନ ପାଇଁ ନାରୀଶିକ୍ଷା ଓ ଭାଷା ଦକ୍ଷତା ବୃଦ୍ଧି ଆବଶ୍ୟକ ବୋଲି ଆଠଗଡ ସହରସ୍ଥିତ ଗୋପବନ୍ଧୁ ସ୍ନାତକ ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବରେ ଯୋଗଦେଇ ରେଭେନ୍ସା ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଧାପକ ନଟବର ଶତପଥୀ ଓ ବିଶିଷ୍ଟ ସାହିତ୍ୟକ ତଥା ଶିକ୍ଷାବିତ୍ ପ୍ରଧାପକ ଡ. ନାରାୟଣ ପଣ୍ଡା ମତବ୍ୟକ୍ତ କରିଛନ୍ତି। ଶୁକ୍ରବାର ଅପରାହ୍ନରେ ମହାବିଦ୍ୟାଳୟର ଅଧ୍ୟକ୍ଷା ସଙ୍ଗୀତା ମହାପାତ୍ରଙ୍କ ପୌରୋହିତ୍ୟରେ ଇଂଲିଶ୍ ବିଭାଗର ଅଧ୍ୟାପିକା ବବିତା ସାହୁ ମଞ୍ଚ ପରିଚାଳନାକରିଥିଲେ। ମହାବିଦ୍ୟାଳୟର ପୁରାତନ ଛାତ୍ରୀ ତଥା ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ରାଉତ, ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଶିଶିର କୁମାର ଉଦୟସିଂହ, ଗୋପବନ୍ଧୁ ମହିଳା ଉଚ୍ଚ ବିଦ୍ୟାଳୟର ଅଧ୍ୟକ୍ଷା ସଂଯୁକ୍ତା ମହାପାତ୍ର, ସହକାରୀ ଜିଲାପାଳ ମାନସ ରଞ୍ଜନ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ପାରମ୍ଭରେ ମହାବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତଗାନ କରିଥିଲେ। ଅଧ୍ୟାପିକା ସୂର୍ଯ୍ୟକାନ୍ତି ମହାପାତ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଅତିଥିମାନେ ମହାବିଦ୍ୟାଳୟର ମୁଖପତ୍ର ସ୍ରୋତସିନୀ ଉନ୍ମୋଚନ କରିଥିଲେ। ପରେ ମହାବିଦ୍ୟାଳୟ ପକ୍ଷରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗୀତାର କୃତି ଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହାପରେ ଛାତ୍ରୀମାନଙ୍କ ଦାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଧ୍ୟାପିକା ଟ୍ୱିଙ୍କିଲ୍ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ମାତୃପିତୃ ପୂଜନ କାର୍ଯ୍ୟକ୍ରମ

ବଡ଼ମ୍ବା,୧୪।୨(ମାୟାଧର ମଲ୍ଲିକ)

ବଡ଼ମ୍ବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମାତୃପିତୃ ପୂଜନ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ସମ୍ପାଦକ ରଶ୍ମିରଞ୍ଜନ ରଥ ଏଥିରେ ପୌରୋହିତ୍ୟ କରିଥିଲେ। ପ୍ରଧାନ ଆଚାର୍ଯ୍ୟା ସନ୍ଧ୍ୟାରାଣୀ ମଲ୍ଲିକ ସଂଯୋଜନା କରିଥିଲେ। ମୁଖ୍ୟ ଅତିଥି ଭାବେ ପ୍ରାଣଯୋଗ ପ୍ରତିଷ୍ଠାନ ଅଧ୍ୟକ୍ଷ ବିଜ୍ଞାନ କବି ଚନ୍ଦ୍ରଶେଖର ମହାନ୍ତି, ବିଶିଷ୍ଟ ଅତିଥି ଭାବେ ପ୍ରଜାପିତା ବ୍ରହ୍ମ କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପୁଷ୍ପ ଭଉଣୀ ଯୋଗଦେଇଥିଲେ। ମା'ବାପାଙ୍କ ଆଶୀର୍ବାଦ ସୌଭାଗ୍ୟ ଆଣିଥାଏ ବୋଲି ଅତିଥିମାନେ ବକ୍ତବ୍ୟ ଦେଇଥିଲେ। ଏହି ଅବସରରେ ବିଦ୍ୟାର୍ଥୀମାନେ ଅତିଥି, ମାତାପିତାଙ୍କୁ ଚନ୍ଦନ ଲାଗି ବନ୍ଦାପନା କରି ଆଶୀର୍ବାଦ ଭିକ୍ଷା କରିଥିଲେ।



କଟକ ବକ୍ସିବଜାର ବଡେଇସାହି ବାସ୍ତରୀ ମଠ ପ୍ରାଙ୍ଗଣରେ ଜୟ ଜଗନ୍ନାଥ ସେବା ସମିତି ଟ୍ରଷ୍ଟ ପକ୍ଷରୁ ମାତୃପିତୃ ପୂଜନ ଦିବସ ପାଳନ।

# ରାଜ୍ୟସ୍ତରୀୟ କୁଇଜ୍ ପ୍ରତିଯୋଗିତାରେ ଡ୍ରିମ୍‌ସ ଚାମ୍ପିୟନ

ଭୁବନେଶ୍ୱର,୧୪।୨(ଅଭୟ ଦାଶ):

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ସହାୟକ ପ୍ରତିଷ୍ଠାନ 'ଡ୍ରିମ୍‌ସ ମ୍ୟାନେଜମେଣ୍ଟ ସ୍କୁଲ'ର ବିଦ୍ୟାର୍ଥୀ ରାଜ୍ୟସ୍ତରୀୟ କୁଇଜ୍ ପ୍ରତିଯୋଗିତାରେ ଚାମ୍ପିୟନ ହୋଇଛନ୍ତି।

ଉଲ୍ଲେଖଯୋଗ୍ୟ, ଦିଲୀପ ଶତପଥୀ ମେମୋରିଆଲ ଟ୍ରଷ୍ଟ ଏବଂ ସୃଷ୍ଟି ଏକାଡେମୀ ଅଫ୍ ମ୍ୟାନେଜେମେଣ୍ଟର ମିଳିତ ସହଯୋଗରେ ଏହି ରାଜ୍ୟସ୍ତରୀୟ କୁଇଜ୍ ପ୍ରତିଯୋଗିତା ନିକଟରେ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରଠାରେ ଆୟୋଜିତ ଏହି ପ୍ରତିଯୋଗିତାରେ ଡ୍ରିମ୍‌ସ ମ୍ୟାନେଜମେଣ୍ଟ ସ୍କୁଲର ଛାତ୍ର ପାର୍ଥସାରଥି ସ୍ୱାଇଁ ଏବଂ ଦେବସ୍ମିତା ମହାନ୍ତଙ୍କ ଯୋଡ଼ି ଚାମ୍ପିୟନ ଟ୍ରଫି ହାସଲ କରିଛନ୍ତି। ଅପରପକ୍ଷରେ ଉଭୟଙ୍କୁ ପୁରସ୍କାର ସ୍ୱରୂପ ୨୫,୦୦୦ ଟଙ୍କାର ଅର୍ଥ ରାଶି ମିଳିଛି।

ସେହିପରି ପାର୍ଥସାରଥି ଏବଂ ଦେବସ୍ମିତା ଡ୍ରିମ୍‌ସ ମ୍ୟାନେଜମେଣ୍ଟ ସ୍କୁଲର ବିବିଏ ଶେଷବର୍ଷରେ ଅଧ୍ୟୟନ କରୁଛନ୍ତି। ଏହି ପୁରସ୍କାର ପାଇବା ପରେ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରୀ ଓ ଅଧ୍ୟାପିକା ଅଧ୍ୟାପକଙ୍କ ମହଲରେ ଖୁସିର ଲହରି ଖେଳିଯାଇଛି।




ଏହି ପରିପ୍ରେକ୍ଷୀରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରିବା ସହ ସେମାନଙ୍କୁ ଡ୍ରିମ୍‌ସର 'ବ୍ରାଣ୍ଡ ଆମ୍ବାସାଡର' ଭାବେ ବର୍ଣ୍ଣନାକରି ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

ଏହିଅବସରରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ସହ ଅଧ୍ୟକ୍ଷ ଇଂ. ଦୁର୍ଗାପ୍ରସାଦ ରଥ,ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ପ୍ରଫେସର ଡା. ଶିଶୁ ଶଙ୍କର ମିଶ୍ର, ନିର୍ଦ୍ଦେଶକ (ଛାତ୍ର ସମ୍ପର୍କ) ଲୋକନାଥ ବେହେରା, ଡିନ୍ ଡ. ଶ୍ରୀତା ଭୋଳ, ସ୍କୁଲ ଅଫ୍ ପ୍ରଫେସନାଲ ଷ୍ଟଡିଜ୍‌ର ଡିନ୍ ଡ. ବିଶ୍ୱରଞ୍ଜନ ଷଡ଼ଙ୍ଗୀ, ପ୍ରାଧ୍ୟାପିକା ଡ. ପ୍ରଣିତା ସାହୁ, ଡ. ହିମାଂଶୁ ଭୂଷଣ ଗୋଚ୍ଛାୟତ, ପ୍ରାଧ୍ୟାପକ ବାବୁରାମ ନାୟକ, ପ୍ରାଧ୍ୟାପକ ଶିବଚରଣ ବାରିକ, ପ୍ରାଧ୍ୟାପକ ସୁଦୀପ ଭାରତୀ, ପ୍ରାଧ୍ୟାପକ ଦୁର୍ଗାପ୍ରସାଦ ନାୟକ ପ୍ରମୁଖ ବିଜୟୀ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଥିଲେ।

# ସଞ୍ଜୀବ ପଟ୍ଟନାୟକ ସ୍ମାରକୀ କ୍ରିକେଟ: ବିନ୍ଧାଣିମା ଚାମ୍ପିୟନ

ତିଗିରିଆ,୧୪।୨(ଜାଫର ଖାଁ):

ତିଗିରିଆ ବ୍ଲକ ଅନ୍ତର୍ଗତ ବିନ୍ଧାଣିମାସ୍ଥିତ ହାଇସ୍କୁଲ ଖେଳ ପଡ଼ିଆଠାରେ ରାମଚଣ୍ଡୀ କ୍ରିକେଟ ଆସୋସିଏଶନ ଦ୍ୱାରା ଆୟୋଜିତ ୪ର୍ଥ ସଞ୍ଜୀବ ପଟ୍ଟନାୟକ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଶୁକ୍ରବାର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୋପପୁର ବଡ଼ମ୍ବାର ଆଞ୍ଚଳିକ ସ୍ପୋର୍ଟ୍ସ ଆସୋସିଏଶନକୁ ଆୟୋଜକ ରାମଚଣ୍ଡୀ କ୍ରିକେଟ ଆସୋସିଏଶନ ବିନ୍ଧାଣିମା ୪ ଉଇକେଟରେ ପରାସ୍ତ କରି ଚାମ୍ପିୟନ ହୋଇଛି। ଏସ୍‌ଏସ୍ ଟ୍ରେଡର୍ସର ପରିଚାଳନା ନିର୍ଦ୍ଦେଶିକା ଶୁଭସ୍ମିତା ପଟ୍ଟନାୟକ ଫାଇନାଲ ମ୍ୟାଚ୍‌କୁ ଉଦ୍‌ଘାଟନ କରିଥିଲେ। ଗୋପପୁର ଦଳ ପ୍ରଥମେ ବ୍ୟାଟିଂ କରି ୧୮ ଓଭରରେ ୬ ଉଇକେଟ ହରାଇ ୨୬୯ ରନ କରିଥିଲା। ଦଳ ତରଫରୁ କୁମାର ଲିକୁ ୨୩ ବଲରେ ୮୧ ଓ ରାମଚନ୍ଦ୍ର ଜେନା ୨୦ ବଲରେ ୪୭ରନ କରିଥିଲେ। ବୋଲିଂରେ ବିନ୍ଧାଣିମାର ବିକ୍ରମ ନାୟକ ୪ ଓଭରରେ ୩ ଉଇକେଟ ନେଇଥିଲେ। ବିନ୍ଧାଣିମା ୧୭.୧ ଓଭରରେ ୬ ଉଇକେଟ ହରାଇ ୨୭୨ ରନ କରି ଚାମ୍ପିୟନ ହୋଇଥିଲା। ଦଳ ତରଫରୁ ସୁଶାନ୍ତ ପଣ୍ଡା ୨୨ ବଲରେ ୮୨ ରନ, ରାକେଶ ରାଉତ ୧୪ ବଲରେ ୪୧ ରନ, ଗଣେଶ ରାଉତ ୨୧ ବଲରେ ଅପରାଜିତ ୪୦ ରନ କରିଥିଲେ। ଗୋପପୁର ତରଫରୁ ଭୀମସେନ ରାଉତ ୪ ଓ ହାଡିବନ୍ଧୁ ନାଏକ ୨ ଉଇକେଟ ନେଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ରାମଚଣ୍ଡୀ ଆସୋସିଏଶନର ପୂର୍ବତନ ଖେଳାଳି ବିଭୂତି ଭୂଷଣ ରାଉତ, ସମ୍ମାନିତ ଅତିଥିଭାବେ ମାନସ କୁମାର ସେଠ, ବିନ୍ଧାଣିମା ସେବା ସମବାୟ ସମିତି ସମ୍ପାଦକ ବିଷ୍ଣୁଚରଣ ନାୟକ, ସରପଞ୍ଚଙ୍କ ପ୍ରତିନିଧି ମାନସ ଜେନା, ଅବସରପ୍ରାପ୍ତ ସୈନିକ ରମେଶ ରାଉତ ଓ ବାଙ୍କୀ ପଞ୍ଚାୟତ ସମିତି ଉପାଧ୍ୟକ୍ଷାଙ୍କ ପ୍ରତିନିଧି ରବୀନ୍ଦ୍ର ବଳ ପ୍ରମୁଖ ଯୋଗଦେଇ ମ୍ୟାନ୍ ଅଫ ଦି ମ୍ୟାଚ ଓ ସିରିଜ ଭାବେ ବିନ୍ଧାଣିମାର ସୁଶାନ୍ତ ପଣ୍ଡାଙ୍କୁ ପୁରସ୍କୃତ କରିଥିଲେ। ଏଥିସହିତ ରନର ଅପ ଦଳକୁ ଟ୍ରଫି ସହିତ ୬ ହାଜର ଟଙ୍କା ଓ ଚାମ୍ପିୟନ ଦଳକୁ ଟ୍ରଫି ସହିତ ୧୦ ହାଜର ଟଙ୍କା ପ୍ରଦାନ କରିଥିଲେ। ମ୍ୟାଚକୁ ଅମ୍ପାୟର ଦିଲୀପ ରାଉତ ଓ ଉଦୟନାଥ ଛାଟୋଇ ପରିଚାଳନା କରିଥିଲେ। ଶରତ ରାଉତ ଧାରାବିବରଣୀ ପ୍ରଦାନ କରିଥିଲେ।




ଚାମ୍ପିୟନ ଦଳର ଖେଳାଳିଙ୍କୁ ଅତିଥି ଟ୍ରଫି ପ୍ରଦାନ କରୁଛନ୍ତି।

## ସଂକ୍ଷେପରେ

### ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ ଶିବିର

ବେଗୁନିଆ,୧୪।୨(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ଗୁଡୁମ ସରକାରୀ ଉଚ୍ଚ ପ୍ରାଥମିକବିଦ୍ୟାଳୟରେ ରାଷ୍ଟ୍ରୀୟ ବାଲ୍‌ସ୍ୱାସ୍ଥ୍ୟ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ଡିଇଆଇସି ଆନୁକୂଲ୍ୟରେ ବୋତଲମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଆୟୋଜିତ ଶିବିରରେ ମେଡିକାଲ ଅଫିସର ଡା.ଦେବେନ ଦାସ, ଫିଜିଓଥେରାପିଷ୍ଟ ଡା.ସୋନାଲି ପାତ୍ର, ମନସ୍ତତ୍ତ୍ୱବିତ୍ ନିହାରିକା ରଥ ଏବଂ ଶିକ୍ଷାବିତ୍ ଶିବର୍ଚ୍ଚନା ବିଶ୍ୱାଳ ଯୋଗଦେଇ ପିଲାମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ରୋଗ ଚିହ୍ନଟ କରାଯାଇ ଏହାର କାରଣ ଓ ନିରାକରଣ ସମ୍ପର୍କରେ ପରାମର୍ଶ ଦେଇଥିଲେ। ରାଷ୍ଟ୍ରୀୟ ବାଲ୍ ସାସ୍ଥ୍ୟ ବିଭାଗୀୟ ଫାର୍ମାସିଷ୍ଟ ନିବାସିନୀ ଶତପଥୀ ଏବଂ ଷ୍ଟାଫ ନର୍ସ ସୌଦାମିନୀ ସାହୁ ରୋଗୀଙ୍କ ନାମ ପଞ୍ଜୀକୃତ କରିଥିଲେ। ରାଷ୍ଟ୍ରୀୟ ବାଲ୍ ସାସ୍ଥ୍ୟ ବିଭାଗର ମେଡିକାଲ ଅଫିସର ଡା.ଦେବ ପ୍ରସାଦ ସାହୁ ଏବଂ ଡା.ଜ୍ୟୋତିର୍ମୟୀ ଜେନା ଶିବିରରେ ପରିଚାଳନା କରିଥିଲେ। ଆୟୋଜକ ପ୍ରାଥମିକ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ କର୍ମଚାରୀମାନେ ସହଯୋଗ କରିଥିଲେ।

### ବିଦ୍ୟାଳୟ ପ୍ରତିଷ୍ଠାତା ସମ୍ପାଦକ ସୁରେନ୍ଦ୍ର ନାଥଙ୍କ ସ୍ମୃତିଚାରଣ

ବାଘମାରୀ,୧୪।୨(ମିହିର ରଞ୍ଜନ ମହାପାତ୍ର)

ସିମୋରସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠାତା ସମ୍ପାଦକ ସୁରେନ୍ଦ୍ର ନାଥ ମହାନ୍ତିଙ୍କ ୨୯ତମ ଶ୍ରାଦ୍ଧବାର୍ଷିକୀ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସୁରେନ୍ଦ୍ର ନାଥ ସ୍ମୃତି ସଂସଦ ଆନୁକୂଲ୍ୟରେ ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ହରେକୃଷ୍ଣ ସାଥୁଆ ପୌରୋହିତ୍ୟ କରିଥିଲେ। ଶିକ୍ଷକ ଦାଶରଥି ସୁବୁଦ୍ଧି ମଙ୍ଗଳା ଚରଣ ପାଠ କରିଥିଲେ। ମୁଖ୍ୟ ଅତିଥିଭାବେ ସରପଞ୍ଚ ହାଡୁବନ୍ଧୁ ମହାପାତ୍ର, ମୁଖ୍ୟବକ୍ତା ଶିକ୍ଷାବିତ୍ ହରିବନ୍ଧୁ ତ୍ରିପାଠୀ, ବୀର କିଶୋର ପଣ୍ଡା, ବିଜୟ କୁମାର ସାହୁ, ଭଗବାନ ପଣ୍ଡା, ଦେବରାଜ ପ୍ରହରାଜ, ଶାନ୍ତିଲତା ମହାନ୍ତି, ଶିବ ପ୍ରସାଦ ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଶିକ୍ଷକ ବାସୁଦେବ ନାୟକ, ମୀନକେତନ ପାତ୍ର, ଗୋବିନ୍ଦ ଦେଉରି, ସରୋଜ ଖୁଣ୍ଟିଆ, ଭାନୁ ପ୍ରତାପ ବେହେରା, ଅର୍ଚ୍ଚନା ବେହେରା, ମଧୁସୂଦନ ମହାରଣା, ନିର୍ମଳା ଦାସ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଶିକ୍ଷକ ବିଭୁ ପ୍ରସାଦ ରାଉତ ଅତିଥି ପରିଚୟ, ଶିକ୍ଷକ ଦାଶରଥି ସୁବୁଦ୍ଧି ସଂଯୋଜନା କରିଥିବା ବେଳେ ତୁଷାରକାନ୍ତ ମହାନ୍ତି ଧନ୍ୟବାଦ ଦେଇଥିଲେ।

### ପୁରୁଣା ସ୍ମୃତି ମନେ ପକାଇଲେ

ବାଣପୁର,୧୪।୨( ଦିଲୀପ କୁମାର ସ୍ୱାଇଁ )

ଝିଣ୍ଟିକାପଲ୍ଲୀସ୍ଥିତ ମା'ତାରିଣୀଙ୍କ ପୀଠରେ ଗୋଦାବରୀଶ ମହାବିଦ୍ୟାଳୟର ୧୯୮୪–୧୯୮୯ ବ୍ୟାଚର ପଞ୍ଚମ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ଲକ୍ଷ୍ମୀଧର ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବ ହୋଇଥିଲା। ଏଥିରେ ପ୍ରାଧ୍ୟାପକ ଡ.ରମାକାନ୍ତ ମହାପାତ୍ର, ସୁଶାନ୍ତ ପଟ୍ଟନାୟକ, ସଞ୍ଜିତ୍ ମିଶ୍ର, ଛାୟାକାନ୍ତ ମିଶ୍ର, ସନ୍ତୋଷ ଷଡ଼ଙ୍ଗୀ, ସୁନିଲ ନନ୍ଦ, ସୁନିଲ ସୁବୁଦ୍ଧି, ମାଟିଆ ପ୍ରଧାନ, ଗୋପୀନାଥ ଜେନା, ଅଶୋକ ସ୍ୱାଇଁ, କୁଳମଣି ବାରିକ, ପୂର୍ଣ୍ଣ ଚନ୍ଦ୍ର ସାହୁ, ପ୍ରଦୀପ ଶତପଥୀ, ଭାସ୍କର ମୁଦୁଲି, ବୋତକେଶ ମହାପାତ୍ର, ମନୁ ଜାଲି, ମନୋଜ ସୁବୁଦ୍ଧି, ଦିବାକର ସୁବୁଦ୍ଧି, ଚିତ୍ରସେନ ସାହୁ ପ୍ରମୁଖ ଯୋଗଦେଇ ପୁରୁଣା ସ୍ମୃତି ମନେପକାଇଥିଲେ।

# ସଫଳତାର ମାର୍ଗ ପ୍ରଶସ୍ତ କରେ ମାତାପିତାଙ୍କ ଆଶୀର୍ବାଦ

## ମାତୃପିତୃ ପୂଜନ ଉତ୍ସବ

■ ଆଶିଷଙ୍କୁ କଳାପୁତ୍ର ସମ୍ମାନ, ପୁସ୍ତକ 'ସମ୍ପର୍କ' ଉନ୍ମୋଚିତ

ଖୋର୍ଦ୍ଧା,୧୪।୨(ପ୍ରଭାତ ପାଣିଗ୍ରାହୀ)


ଅତିଥିମାନେ ପୁସ୍ତକ 'ସମ୍ପର୍କ' ଉନ୍ମୋଚନ କରୁଛନ୍ତି।

ଭାରତୀୟ ବୈଦିକ ସଂସ୍କୃତି ଅତି ପ୍ରାଚୀନ। ସଂସ୍କୃତି ଯୋଡ଼ିବା ଶିଖାଏ। ମାତାପିତା, ଗୁରୁଜନଙ୍କୁ ଭକ୍ତି ଏବଂ ସେବା କରିବା ସଂସ୍କୃତିର ଏକ ଅଂଶ। ସକାଳୁ ଉଠିଲେ ଈଶ୍ୱରଙ୍କୁ ସ୍ମରଣ କରିବା ସହ ମାତାପିତାଙ୍କୁ ପ୍ରଣାମ କରନ୍ତୁ। ମାତାପିତାଙ୍କ ପ୍ରତି ସ୍ନେହ, ଶ୍ରଦ୍ଧା, ସମର୍ପଣ ଭାବ ରଖନ୍ତୁ। ଜୀବିତ ଅବସ୍ଥାରେ ମାତାପିତାଙ୍କୁ ଶ୍ରଦ୍ଧା କରିବା ହିଁ ପ୍ରକୃତ ଶ୍ରାଦ୍ଧ ସହ ସମାନ। ସେମାନଙ୍କ ଉପଯୁକ୍ତ ସେବା କଲେ ସଫଳତାର ଶିଡ଼ି ଚଢ଼ିପାରିବ। ସମ୍ପ୍ରତି ଲୋଭରେ ବୃଦ୍ଧ ମାତାପିତାଙ୍କ ସେବା କରନ୍ତୁନି, ଭବିଷ୍ୟତ ଅନ୍ଧକାରମୟ ହୋଇଯିବ। ପିଲାଙ୍କୁ ଭଲ, ମନ୍ଦ ଶିକ୍ଷା ଦିଅନ୍ତୁ। ଯେଉଁଭଳି କର୍ମ କରିବେ, ସେଭଳି ଫଳ ପାଇବେ। ଜନ୍ମଦିନରେ ମନ୍ଦିର ଯିବା, ଗୁରୁଜନଙ୍କ ଆଶୀର୍ବାଦ ନେବା ଏବଂ ଉତ୍ସବ, ପର୍ବପର୍ବାଣିରେ ପିଲାଙ୍କ ହସ୍ତରେ ଦାନଧର୍ମ କରାନ୍ତୁ। ଏହାଦ୍ୱାରା ପିଲାଙ୍କ ଉପରେ ସକାରାତ୍ମକ ପ୍ରଭାବ ପଡ଼ିବ ବୋଲି ଶୁକ୍ରବାର ସ୍ଥାନୀୟ ଜୟୀ ରାଜଗୁରୁ ଭବନ(ଟାଉନ୍‌ହଲ)ରେ ସାମାଜିକ ଅନୁଷ୍ଠାନ 'ପ୍ରତିଶ୍ରୁତି' ପରିବାର ପକ୍ଷରୁ ଅନୁଷ୍ଠିତ ମାତୃପିତୃ ପୂଜନ ଉତ୍ସବରେ ମୁଖ୍ୟବକ୍ତାଭାବେ ପଣ୍ଡିତ ବୀରେନ୍ଦ୍ର ପଣ୍ଡା ଯୋଗଦେଇ ଏହା କହିଛନ୍ତି।

ସେ ଆହୁରି କହିଥିଲେ, ବୟସର ଅପରାହ୍ନରେ ମାତାପିତାଙ୍କ ସହ ସମୟ ବିତାନ୍ତୁ। ସେମାନଙ୍କ ସହ ସ୍ନେହଭରା କଣ୍ଠରେ ବାର୍ତ୍ତାଳାପ ଏବଂ ସେମାନଙ୍କ ଇଚ୍ଛା ପୂରଣ କରିବାକୁ ଚେଷ୍ଟାକରନ୍ତୁ। ମାତାପିତାଙ୍କ ସେବା କରିବା ସହ ପିଲାଙ୍କୁ ମଧ୍ୟ ସେହି ଶିକ୍ଷା ଦିଅନ୍ତୁ। ଯେପରି ଆଗକୁ ପଶ୍ଚାତାପ କରିବାକୁ ପଡ଼ିବ ନାହିଁ। ସମାଜରେ ମାତାପିତାଙ୍କୁ ଅବହେଳାରୁ ଏଭଳି ପୂଜନ ସ୍ମରଣ କରାଯାଉଛି। ପ୍ରଥମତଃ ମାତାପିତାଙ୍କ ମୃତ୍ୟୁ ପର୍ଯ୍ୟନ୍ତ ଉପଯୁକ୍ତ ସେବା କରନ୍ତୁ। ଦ୍ୱିତୀୟରେ ପିଲାଙ୍କୁ ସଂସ୍କାରିତ କରନ୍ତୁ। ପିତାମାତାଙ୍କ ସେବା ହିଁ ପ୍ରକୃତ ଈଶ୍ୱର ସେବା। ମୁଖ୍ୟ ଅତିଥି ମହନ୍ତ ବିଶ୍ୱମ୍ଭର ମହାରାଜ ଆଦର୍ଶ ପରିବାର ଗଠନ ପାଇଁ ଆହ୍ୱାନ ଦେଇଥିଲେ। ମାତାପିତାଙ୍କ ଆଶୀର୍ବାଦ, ପ୍ରେରଣା ହିଁ ସଫଳତାର ମାର୍ଗ ପ୍ରଶସ୍ତ କରେ ବୋଲି କହିଥିଲେ। ଏହି ଅବସରରେ ପିଲାଙ୍କ ଉଦ୍ଦେଶ୍ୟରେ ଅନୁଷ୍ଠାନ ପକ୍ଷରୁ କ୍ଷୁଦ୍ର ପୁସ୍ତକ 'ସମ୍ପର୍କ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଯୁବ କାରିଗର ଆଶିଷ ରଣାଙ୍କୁ କଳାପୁତ୍ର ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ଆବାହକ ବ୍ରଜକିଶୋର ସାହୁ ଏହି ପୂଜନ ଉତ୍ସବର ଆଭିମୁଖ୍ୟ, ସ୍ୱାଗତ ଭାଷଣ ଏବଂ ବିବରଣୀ ପାଠ କରିଥିବା ବେଳେ ଦୀପ୍ତି ଦେବସ୍ମିତା ସଂଯୋଜନା କରିଥିଲେ। ସୁଶ୍ରୀ ସ୍ମୃତି ଅନନ୍ୟା ବେଦପାଠ କରିଥିଲେ। ତରଙ୍ଗ ପରିବାର କଳାକାରମାନେ ସଚ୍ଚି ରାଉତଙ୍କ କାଳଜୟୀ କବିତା 'ଛୋଟ ମୋର ଗାଁଟି' ମାତାପିତାଙ୍କ ଉଦ୍ଦେଶ୍ୟରେ ସଙ୍ଗୀତ ଗାନ କରିଥିଲେ। ଛାତ୍ରୀଛାତ୍ରମାନେ ପିତାମାତାଙ୍କୁ ପୂଜନ କରିଥିଲେ। ପ୍ରତିଦାନରେ ମାତାପିତା ସନ୍ତାନମାନଙ୍କୁ ଆଶୀର୍ବାଦ କରିଥିଲେ। ପ୍ରତିଶ୍ରୁତି ପରିବାରର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ୧୬୨୨ ଚୟନ, ୧୬ ଜଣଙ୍କୁ ତତ୍କାଳ ନିଯୁକ୍ତି


ନିଯୁକ୍ତିମେଳା ଉଦ୍‌ଘାଟନ ଅବସରରେ ଜିଲାପାଳ ଚଞ୍ଚଳ ରାଣା ଏବଂ ଅନ୍ୟ ଅତିଥି।

## ଜିଲାସ୍ତରୀୟ ନିଯୁକ୍ତି ମେଳା

■ ୪୨୬ ନେବେ ଦକ୍ଷତା ବିକାଶ ଟ୍ରେନିଂ

ଖୋର୍ଦ୍ଧା,୧୪।୨(ପ୍ରଭାତ ପାଣିଗ୍ରାହୀ)

ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଓଡ଼ିଶା ସରକାର ଏବଂ ଖୋର୍ଦ୍ଧା ଜିଲା ପ୍ରଶାସନ ଆନୁକୂଲ୍ୟରେ ଜିଲାସ୍ତରୀୟ ନିଯୁକ୍ତି ମେଳା ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳପଡ଼ିଆରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଚଞ୍ଚଳ ରାଣା ଏହି ନିଯୁକ୍ତି ମେଳାକୁ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଜିଲା ପରିଷଦ ଉନ୍ନୟନ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ଉପଜିଲାପାଳ କିଶୋର ଚନ୍ଦ୍ର ପଣ୍ଡା, ପ୍ରାଣନାଥ ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ବିନୋଦିନୀ ମିଶ୍ର, ନିଯୁକ୍ତି ବିଭାଗ ଆସିଷ୍ଟାଣ୍ଟ ଡାଇରେକ୍ଟର ବିଜୟ ପାତ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ନିଯୁକ୍ତି ପାଇଁ ଆସିଥିବା ଯୁବତୀ, ଯୁବକଙ୍କୁ ଉତ୍ସାହିତ କରିଥିଲେ। ଏହି ମେଳାରେ ମୋଟ ୨୭୫୬ଜଣ ଅଫ୍‌ଲାଇନ ଏବଂ ଅନ୍‌ଲାଇନରେ ନାମ ପଞ୍ଜୀକରଣ କରିଥିଲେ। ୧୬ଜଣଙ୍କୁ ତତ୍କାଳ ନିଯୁକ୍ତିପତ୍ର ଦିଆଯାଇଛି। ପ୍ରାଥମିକ ଭାବେ ୧୬୨୨ଜଣଙ୍କୁ ଚୟନ କରାଯାଇଛି। ରାଜ୍ୟ ସରକାରଙ୍କ ୯ଟି ପ୍ରକଳ୍ପ କାର୍ଯ୍ୟକାରିଣୀ ସଂସ୍ଥା ଯୋଗଦେଇଥିବା ବେଳେ ୪୨୬ ଜଣଙ୍କୁ ଦକ୍ଷତାଭିତ୍ତିକ ଟ୍ରେନିଂ ନେବା ପାଇଁ ଚୟନ କରାଯାଇଛି। ଏହି ମେଳାରେ ରାଜ୍ୟ ଏବଂ ରାଜ୍ୟ ବାହାରର ୨୯ ନିଯୁକ୍ତିଦାତା ସଂସ୍ଥା ଅଂଶଗ୍ରହଣ କରିଥିଲେ।

# 'ସଫଳତା ପାଇଁ ଚାପମୁକ୍ତ ହୋଇ ଅଧ୍ୟୟନ କର'


କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର ଏବଂ ଅନ୍ୟମାନେ।

ବୋଲଗଡ଼,୧୪।୨(ଦେବବ୍ରତ ହୋତା)

ସଂପୁରସ୍ଥିତ ଚତୁର୍ଭୁଜ ସରକାରୀ ଉଚ୍ଚ ବିଦ୍ୟାଳୟ ଦଶମ ଶ୍ରେଣୀ ବିଦ୍ୟାର୍ଥୀଙ୍କ ବିଦାୟକାଳୀନ ସମାରୋହ ଶୁକ୍ରବାର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷୟିତ୍ରୀ ଶୈବାଳିକା ମଲ୍ଲିକଙ୍କ ସଂଯୋଜନାରେ ଉକ୍ତ ସମାରୋହରେ କାଉତରାସ୍ଥିତ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ସୁବଳ ଛୁଆଳସିଂହ ମୁଖ୍ୟ ଅତିଥି, ଖଙ୍ଗୁରିଆ ପଞ୍ଚାୟତ ସମିତିସଭ୍ୟା ବିନୋଦିନୀ ଦତ୍ତ ମୁଖ୍ୟବକ୍ତା, ସାମାଜିକ କର୍ମୀ ସୁଶାନ୍ତ ପ୍ରଧାନ, ଚିତ୍ତରଞ୍ଜନ ଦେଓ ମହାପାତ୍ର, ପ୍ରଦୋଷ ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଶିକ୍ଷକ ବିଭୁପ୍ରସାଦ ମହାପାତ୍ର ଅତିଥିଙ୍କୁ ସ୍ୱାଗତ ଏବଂ ଶିକ୍ଷୟିତ୍ରୀ ସ୍ମିତାସିନ୍ଧୁ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ମାଟ୍ରିକ ପରୀକ୍ଷାର ସଫଳ ରୂପାୟନ ନିମିତ୍ତ ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବିଦ୍ୟାଳୟକୁ ମିଳିଥିବା ପରୀକ୍ଷା ଦର୍ପଣ ଅନୁଯାୟୀ ଏବଂ ବିଷୟଭିତ୍ତିକ ଶିକ୍ଷାଦାତା ଓ ଶିକ୍ଷାଦାତ୍ରୀଙ୍କ ଦ୍ୱାରା ଆଲୋଚିତ ସମସ୍ତ ସେଟ୍‌ର ଦୀର୍ଘ ଓ ସଂକ୍ଷିପ୍ତ ପ୍ରଶ୍ନକୁ ଆଧାରକରି ସେମାନଙ୍କ ଦ୍ୱାରା ପ୍ରସ୍ତୁତ ପ୍ରଶ୍ନ ଉପରେ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ପ୍ରଧାନ, ଶୁଭଶ୍ରୀ ଧଳ, ଶିକ୍ଷକ ଦୀପ୍ତିରଞ୍ଜନ ଦାସ ଯଥାକ୍ରମେ ସବଳ, ମଧ୍ୟମ ଓ ଦୁର୍ବଳ ଦଳ ମଧ୍ୟରେ ପରୀକ୍ଷା କରାଇଥିଲେ। ଉକ୍ତ ପରୀକ୍ଷାରେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ପ୍ରତି ଦଳର ପରୀକ୍ଷାର୍ଥୀଙ୍କୁ ଅତିଥିଭାବେ ଟ୍ରଫି ପ୍ରଦାନ କରିଥିଲେ। ଅତିଥି ଏବଂ ଶିକ୍ଷୟିତ୍ରୀଶିକ୍ଷକମାନେ ଅଭିଭାଷଣରେ ବିଦାୟୀ ଛାତ୍ରୀଛାତ୍ରଙ୍କୁ ଚାପମୁକ୍ତ ହୋଇ ପାଠ୍ୟସୂଚୀ ପ୍ରସ୍ତୁତକରି ଅଧ୍ୟୟନ କଲେ ନିଶ୍ଚିତ ସଫଳତା ହାସଲ କରିବ ବୋଲି କହିଥିଲେ। ଅନ୍ତିମ ପର୍ଯ୍ୟାୟରେ ଶିକ୍ଷୟିତ୍ରୀ ସୌଦାମିନୀ ସୁବୁଦ୍ଧି, ସୌଦାମିନୀ ପରିଡ଼ା ଏବଂ ସମ୍ବିତ୍ କେଦାର କରଙ୍କ ସହଯୋଗରେ ସମସ୍ତ ବିଦ୍ୟାର୍ଥୀଙ୍କୁ କୋଡିଏଟି ଉପଦେଶ ସମ୍ବଳିତ ଅଭିନନ୍ଦନିକା ବଣ୍ଟନ କରାଯାଇଥିଲା। ଶେଷରେ ଶିକ୍ଷୟିତ୍ରୀ ଶ୍ରୋତାଲିନ୍ ସାହୁ ଧନ୍ୟବାଦ ଦେଇଥିଲେ। ଗୌରାଙ୍ଗ ଆଢ଼ ଏବଂ ସ୍ନେହଲତା ପାଇକରାୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### ମାତୃପିତୃ ପୂଜନ ଦିବସ

ବାଘମାରୀ,୧୪।୨(ମିହିର ରଞ୍ଜନ ମହାପାତ୍ର)

ପୋଡ଼ାଡିହସ୍ଥିତ ଭାରତୀୟ ବିଦ୍ୟା ନିକେତନ ପରିସରରେ ମାତୃପିତୃ ପୂଜନ ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ସମ୍ପାଦକ ଶୁଭକାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ଶିକ୍ଷାବିତ୍ ରଙ୍କନିଧି ବଳିଆରସିଂହ, ମୁଖ୍ୟବକ୍ତା ସାହିତ୍ୟିକ ତଥା ଶିକ୍ଷକ ଅଖିଳେଶ ମହାପାତ୍ର, କୋଷାଧ୍ୟକ୍ଷ ସୁରେନ୍ଦ୍ର କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ଭାରତୀୟ ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ ରଖିବା ସହିତ ପିତାମାତା ହେଉଛନ୍ତି ମାର୍ଗଦର୍ଶକ ବୋଲି କହିଥିଲେ। ପ୍ରଧାନ ଆଚାର୍ଯ୍ୟା ସୁକାନ୍ତି ନାୟକ ସ୍ୱାଗତ ଭାଷଣ ଏବଂ ଦିବସର ତାତ୍ପର୍ଯ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଗୁରୁମା' ମୋନାଲିସା ପଟ୍ଟନାୟକ, ଜ୍ୟୋତ୍ସ୍ନାମୟୀ ଜେନା, ଗୀତାଞ୍ଜଳି ପ୍ରଧାନ, ଭାରତୀ ପ୍ରହରାଜ, ବିଷ୍ଣୁପ୍ରିୟା ତ୍ରିପାଠୀ, ସୁଜାତା ପାଣିଗ୍ରାହୀ, ସୁଜାତା ମହାନ୍ତି, ସୁଧଲତା ପାତ୍ର, ରୂପଶ୍ରୀ ବେହେରା ପ୍ରମୁଖ ସହଯୋଗ କରିଥିବା ବେଳେ କୁନି ପିଲାମାନେ 'ମା ମମତାମୟୀ' ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସମସ୍ତ ଶିକ୍ଷାର୍ଥୀ ମାତାପିତାଙ୍କୁ ପୂଜନ କରିଥିଲେ। ଶେଷରେ ଗୁରୁମା' ଚିନ୍ମୟୀ ମହାପାତ୍ର ଧନ୍ୟବାଦ ଦେଇଥିଲେ।

### ଦେଶୀମଦ ଜବତ, ୨ ଗିରଫ

ବେଗୁନିଆ,୧୪।୨(ସନ୍ଧ୍ୟାରାଣୀ ମିଶ୍ର)

ଖୋର୍ଦ୍ଧା ଜିଲା ଅବକାରୀ ବିଭାଗ ଅଧୀକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ଜିଲା ଭ୍ରାମ୍ୟମାଣ ଅବକାରୀ ଅଧିକାରୀ ଥାର୍ପା ମାରାଣ୍ଡିଙ୍କ ନେତୃତ୍ୱରେ ବେଗୁନିଆ ଅବକାରୀ ଥାନାର ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରାଯାଇ ଦୁଇ ଜଣଙ୍କୁ ଗିରଫ କରାଯାଇଛି। ଡିଙ୍ଗର ଗ୍ରାମର ବିକାଶ ଖୁଣ୍ଟିଆ ଏବଂ ବେଗୁନିଆର ଲଳିତା ସାହୁଙ୍କ ଠାରୁ ଦେଶୀମଦ ଜବତ କରାଯିବା ସହ ସେମାନଙ୍କୁ ଗିରଫ କରାଯାଇଥିଲା।

# ମାତାପିତା ହେଲେ ସର୍ବଶ୍ରେଷ୍ଠ ଦେବତା


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଛାତ୍ରୀଛାତ୍ର ଏବଂ ଅନ୍ୟମାନେ।

ବେଗୁନିଆ,୧୪।୨
(ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଚକାପଦା ଗ୍ରାମର ରାମଚଣ୍ଡୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶୁକ୍ରବାର ମାତାପିତା ପୂଜନ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିଜୟ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥିଭାବେ ବ୍ଲକ୍ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରିଣୀ ଚନ୍ଦ୍ରକାନ୍ତି ନାୟକ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଇଂ. ରାମ ମାନସ ପଣ୍ଡା ବକ୍ତାଭାବେ ଯୋଗଦେଇଥିବା ବେଳେ ଦୀପ୍ତିମୟୀ ପଣ୍ଡା, ଶିକ୍ଷକ ଦିପକ ପାଢ଼ଶାଣୀ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ବରିଷ୍ଠ ପ୍ରଧାନ ଶିକ୍ଷକ ବସନ୍ତ କୁମାର ପ୍ରହରାଜ ଅତିଥି ପରିଚୟ ଏବଂ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଶିଶୁମାନଙ୍କର ସାମଗ୍ରିକ ବିକାଶ ଦିଗରେ ମାତାପିତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ତୁଳସୀ ମିଶ୍ର, ଶୁଭସ୍ମିତା ପଟ୍ଟଯୋଶୀ, ଜୟନ୍ତୀ ଭୋଳ ସଭା ପରିଚାଳନା କରିଥିଲେ। ଉପସ୍ଥିତ ମାତାପିତାଙ୍କୁ ପିଲାମାନେ ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ କୁନି ପିଲାମାନେ ନାଟକ 'ଶ୍ରବଣ କୁମାର' ପରିବେଷଣ କରିଥିଲେ। ଶେଷରେ ପ୍ରଧାନ ଶିକ୍ଷକ ପ୍ରହରାଜ ଧନ୍ୟବାଦ ଦେଇଥିଲେ।

### ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲେ ବିଦ୍ୟାର୍ଥୀ

ପୁରୁଣା ଭୁବନେଶ୍ୱର,୧୪।୨
(ସୁବାସ ଚନ୍ଦ୍ର ପ୍ରଧାନ)

ପୁଲଓ୍ୱାମା ଆକ୍ରମଣକୁ ୬ବର୍ଷ ପୁରିଛି। ୨୦୧୯ ଫେବୃଆରୀ ୧୪ରେ ଆତଙ୍କବାଦୀଙ୍କ ଆତ୍ମଘାତୀ ବିସ୍ଫୋରଣରେ ସିଆର୍‌ପିଏଫ୍‌ର ୪୦ ଯବାନ ଶହୀଦ ହୋଇଥିଲେ। ପ୍ରତିବର୍ଷ ଫେବୃଆରୀ ୧୪ତାରିଖକୁ ଦେଶ ପାଳନ କରୁଛି ଶହୀଦଙ୍କ ବଳିଦାନ ଦିବସ। ଏହିକ୍ରମରେ ଶହୀଦ ଯବାନଙ୍କ ବୀରତ୍ୱର ଗାଥା ଓ ବଳିଦାନକୁ ଭୁବନେଶ୍ୱର ଉପକଣ୍ଠରେ ଅବସ୍ଥିତ ଆଦିବାସୀପଲ୍ଲୀର ବିଦ୍ୟାର୍ଥୀମାନେ ମନେପକାଇଛନ୍ତି। ପଲ୍ଲୀର ବିଦ୍ୟାର୍ଥୀମାନେ ଏକତ୍ରିତ ହୋଇ ପୁଲଓ୍ୱାମା ଶହୀଦଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧା ଓ ସମ୍ମାନର ସହ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ପୁଲଓ୍ୱାମା ଶହୀଦ ଅମର ରହେ ନାରାରେ କମ୍ପି ଉଠିଥିଲା ସମଗ୍ର ଅଞ୍ଚଳ। ସାମାଜିକ ଅନୁଷ୍ଠାନ 'ବୁଲ୍‌ସଆଇ' ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ସୁଶାନ୍ତ ସାହୁ, 'ବୁଲ୍‌ସଆଇ'ର ଅଧ୍ୟକ୍ଷ ତ୍ରିଲୋଚନ ବେଉରା, ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଚିତ୍ର କୁମାର ମାଝୀ, ଶିକ୍ଷକ ସୁବାସ ଓଝା ପ୍ରମୁଖ ଶହୀଦ ଯବାନଙ୍କ ସ୍ମୃତିଚାରଣ କରିଥିଲେ।

# ଶରଧାପୁର ସ୍ପୋର୍ଟ୍ସ ଆସୋସିଏଶନ ସେମିରେ


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ।

## ତଳଗଡ଼ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

ବାଘମାରୀ,୧୪।୨(ମିହିର ରଞ୍ଜନ ମହାପାତ୍ର)

ପୋଡ଼ାଡ଼ିହ ପଞ୍ଚାୟତ ତଳଗଡ଼ ଖେଳପଡ଼ିଆରେ ବାପୁଜୀ ସ୍ପୋର୍ଟିଂ ଆନୁକୂଲ୍ୟରେ ୧୨ତମ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ଅନ୍ତିମ ଲିଗ୍ ମ୍ୟାଚ୍ ଶରଧାପୁର ସ୍ପୋର୍ଟ୍ସ ଆସୋସିଏଶନ ଏବଂ ଟାଙ୍ଗୀ ରଘୁନାଥ ଫୁଟ୍‌ବଲ କ୍ଲବ ମଧ୍ୟରେ ହୋଇଥିଲା। ଶରଧାପୁର ସ୍ପୋର୍ଟ୍ସ ଆସୋସିଏଶନ ମ୍ୟାଚର ପ୍ରଥମାର୍ଦ୍ଧରେ ଗୋଟିଏ ଗୋଲ ଦେଇଥିଲା। ସେହିପରି ଦ୍ୱିତୀୟାର୍ଦ୍ଧରେ ପୁଣି ଶରଧାପୁର ସ୍ପୋର୍ଟ୍ସ ଆସୋସିଏଶନ ଆଉ ଗୋଟିଏ ଗୋଲ ଦେଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ଟାଙ୍ଗୀ ରଘୁନାଥ ଫୁଟ୍‌ବଲ କ୍ଲବ କୌଣସି ଗୋଲ ଦେଇ ନ ପାରି ପରାଜିତ ହୋଇଥିଲା। ୨–୦ ଗୋଲରେ ଶରଧାପୁର ସ୍ପୋର୍ଟ୍ସ ଆସୋସିଏଶନ ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ରେଫରି ଭାବେ ରାଜୁ ମହାନ୍ତି ଦାୟିତ୍ୱ ତୁଳାଇଥିବା ବେଳେ ବିଦେଶୀ ନାୟକ ଏବଂ ରମେଶ ଚନ୍ଦ୍ର ପାଇକରାୟ ଲାଇନରେ ସହାୟତା କରିଥିଲେ। ମ୍ୟାଚ କମିଶନର ଭାବେ ମନମୋହନ ସାମନ୍ତରାୟ ଦାୟିତ୍ୱ ତୁଲାଇଥିଲେ। ମିହିର ମହାପାତ୍ର ମ୍ୟାଚର ଧାରା ବିବରଣୀ ପ୍ରଦାନ କରିଥିଲେ। ଅତିଥିଭାବେ ରାଜ୍ୟ ସଂକୀର୍ତ୍ତନ ମଣ୍ଡଳୀ ସମ୍ପାଦକ ସୁଦର୍ଶନ ଚମ୍ପତି, ସାମାଜିକକର୍ମୀ ଗଣେଶ୍ୱର ସାମଲ, ଜଫରୁଲ୍ଲା ଖାଁ, ଅନଓ୍ୱାର ଖାଁ, ଗୋବିନ୍ଦ ସେଠୀ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ବାପୁଜୀ ସ୍ପୋର୍ଟିଂର ସଦସ୍ୟମାନେ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

# ଫୁଟ୍‌ବଲ: ରଘୁନାଥ ସ୍ପୋର୍ଟ୍ସ କ୍ଲବ ଫାଇନାଲରେ

ବେଗୁନିଆ,୧୪।୨(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ହୀରାପୁର ପଞ୍ଚାୟତ ଅନ୍ତର୍ଗତ ଗଉଡ଼ିଆପଡ଼ା–ଇନ୍ଦୁପୁର ଖେଳପଡ଼ିଆରେ ମହାବୀର ସ୍ପୋର୍ଟ୍ସ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଅଷ୍ଟମ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ଶୁକ୍ରବାର ପ୍ରଥମ ସେମିଫାଇନାଲ ମ୍ୟାଚ୍ ଟାଙ୍ଗୀର ରଘୁନାଥ ସ୍ପୋର୍ଟ୍ସ କ୍ଲବ୍ ଏବଂ ବୋଲଗଡ଼ର ସ୍ପୋର୍ଟ୍ସ ଇଲେଭେନ କ୍ଲବ ମଧ୍ୟରେ ହୋଇଥିଲା। ମ୍ୟାଚର ପ୍ରଥମାର୍ଦ୍ଧରେ ଉଭୟ ଟିମ୍ କେହି କାହାକୁ ଗୋଲ ଦେଇପାରି ନ ଥିଲେ। ଦ୍ୱିତୀୟାର୍ଦ୍ଧରେ ରଘୁନାଥ ସ୍ପୋର୍ଟ୍ସ କ୍ଲବ୍ ଦୁଇଟି ଗୋଲ ଦେଇ ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। ଶରତ ଛୋଟରାୟ ମ୍ୟାଚ୍ ରେଫରି ଦାୟିତ୍ୱ ତୁଲାଇଥିବା ବେଳେ ଚିତ୍ତରଞ୍ଜନ ପରିଡ଼ା ଏବଂ ସୁକାନ୍ତ ପ୍ରଧାନ ଲାଇନ୍‌ରେ ସହଯୋଗ କରିଥିଲେ। ମନୋଜ କୁମାର ସାମନ୍ତସିଂହାର ମ୍ୟାଚ୍‌ର ମୁଖ୍ୟ ପରିଚାଳକ ଦାୟିତ୍ୱ ତୁଲାଇଥିଲେ। ଅମିନ ମାନସିଂହ, ପ୍ରଶାନ୍ତ କୁମାର ପାଢ଼ଶାଣୀ ପ୍ରମୁଖ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆୟୋଜକ କ୍ଲବର ସଦସ୍ୟମାନେ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।


ପ୍ରଥମ ସେମିଫାଇନାଲ ମ୍ୟାଚ୍ ପୂର୍ବରୁ ଅତିଥିଙ୍କ ସହ ଖେଳାଳିମାନେ।

# ରସୁଲଗଡ଼କୁ ହରାଇ ସୁନ୍ଦରପଦା ଚାମ୍ପିୟନ

ନିରାକାରପୁର, ୧୪।୨(ମାନସ ଚନ୍ଦ୍ର ପଟ୍ଟନାୟକ)


ଅତିଥିଙ୍କ ଗହଣରେ ଖେଳାଳି ଏବଂ ଅନ୍ୟମାନେ।

ନିରାକାରପୁର ପଞ୍ଚାୟତସ୍ଥିତ ବାଳିକା ବିଦ୍ୟାଳୟ ପଡ଼ିଆରେ ଚାଲିଥିବା ତୃତୀୟ ବାର୍ଷିକ ଗୁରୁପ୍ରସାଦ ମେମୋରିଆଲ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଭୁବନେଶ୍ୱରର ସୁନ୍ଦରପଦା କ୍ଲବ୍ ଚାମ୍ପିୟନ ହୋଇଛି। ଶୁକ୍ରବାର ଫାଇନାଲ ମ୍ୟାଚ୍ ଭୁବନେଶ୍ୱରର ସୁନ୍ଦରପଦା କ୍ଲବ୍ ଏବଂ ରସୁଲଗଡ କ୍ରିକେଟ କ୍ଲବ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଟସ୍ ଜିତି ରସୁଲଗଡ଼ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୬ ଓଭରରେ ସମସ୍ତ ଉଇକେଟ ବିନିମୟରେ ୨୬ରନ ସଂଗ୍ରହ କରିଥିଲା। ଜବାବରେ ସୁନ୍ଦରପଦା ଟିମ୍ କୌଣସି ଉଇକେଟ ନ ହରାଇ ୨୭ ରନ ସଂଗ୍ରହ କରି ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ଟିଙ୍କୁ, ଅନିଲ କୁମାର ସେନାପତି, ଅମରେନ୍ଦ୍ର ବାରିକ ଏବଂ ଜୀବନରଶ୍ମି ମହାପାତ୍ର ମ୍ୟାଚ୍ ପରିଚାଳନା କରିଥିଲେ। ମୁଖ୍ୟ ଅତିଥିଭାବେ ଆଇନଜୀବୀ ଶକ୍ତି ଶଙ୍କର ମିଶ୍ର, ମୁଖ୍ୟବକ୍ତା ଅଧ୍ୟାପକ ଡ. ମୃତ୍ୟୁଞ୍ଜୟ ରଥ, ସମ୍ମାନିତ ଅତିଥିଭାବେ ଖବରଦାତା ମାନସ ଚନ୍ଦ୍ର ପଟ୍ଟନାୟକ, ଟାଙ୍ଗୀ ବ୍ଲକ ଉପାଧ୍ୟକ୍ଷ ଦୁର୍ଗା ପ୍ରସାଦ ନାଥଶର୍ମା, ଭାଜପା ମଣ୍ଡଳ ସଭାପତି ଅଜୟ କୁମାର ପାଇକରାୟ, ବ୍ୟବସାୟୀ ରଜନୀକାନ୍ତ ପରିଡା, ଇଂ. ପ୍ରଭାତ କୁମାର ସ୍ୱାଇଁ, ପୂର୍ବତନ ସରପଞ୍ଚ ହୃଷୀକେଶ ରାଉତରାୟ, ପ୍ରଶାନ୍ତ ସାହୁ, ଆର୍ତ୍ତତ୍ରାଣ ସାହୁ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଟିମକୁ ୧୮ ହଜାର ଟଙ୍କା ସହ ଟ୍ରଫି ଏବଂ ରନର୍ସଅପ୍ ଟିମକୁ ୧୪ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ଶ୍ରେଷ୍ଠ ଖେଳାଳିଭାବେ ସୁନ୍ଦରପଦା ଟିମ୍‌ର ଦେବାଶିଷ ପରିଡାଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ସେହିପରି ଅନୁଷ୍ଠାନ ପକ୍ଷରୁ ସ୍ଥାନୀୟ ବଣିକ ସଂଘକୁ ସମ୍ବର୍ଦ୍ଧିତ କରାଯାଇଥିଲା। ମାନସ ରଞ୍ଜନ ପଟ୍ଟନାୟକ, ଦେବାଶିଷ ରାଉତରାୟ, ଆର୍ତ୍ତତ୍ରାଣ ରାଉତରାୟ, ଦିବାକର ରାଉତରାୟ, ରାଜେଶ ସାହୁ, ବିଶ୍ୱଭୂଷଣ ସାମନ୍ତରାୟଙ୍କ ସମେତ କ୍ଲବର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

**ଯୁବତୀଙ୍କୁ ମରଣାନ୍ତକ ଆକ୍ରମଣ**

ପୁରୀ,(ଅଜିତ୍ କୁମାର ମହାନ୍ତି)-ବାସେଲୀ ସାହି ଥାନା ଅନ୍ତର୍ଗତ ମାଟିତୋଟା ଅଞ୍ଚଳରେ ଶୁକ୍ରବାର ବିଳମ୍ବିତ ରାତିରେ ଜଣେ ଯୁବତୀଙ୍କୁ କେତେଜଣ ଦୁର୍ବୃତ୍ତ ମରଣାନ୍ତକ ଆକ୍ରମଣ କରିଥିବା ସୂଚନା ମିଳିଛି। ଯୁବତୀ ଜଣଙ୍କ ପୁରୀ ମାଟିତୋଟା ଅଞ୍ଚଳର ସୋନାଲି ପଲେଇ ବୋଲି ଜଣାପଡ଼ିଛି। ସୋନାଲିଙ୍କ ମୁଣ୍ଡ ଓ ଦେହରେ ଗଭୀର ଆଘାତ ଲାଗିଛି। ତାଙ୍କୁ ଉଦ୍ଧାର ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପାରିବାରିକ ଶତ୍ରୁତାରୁ ତାଙ୍କୁ ଆକ୍ରମଣ କରାଯାଇଥିବା କୁହାଯାଉଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୪।୨।୨୦୨୫

| | |
|---|---|
| ୫,୧୩,୩୪୨ ଟଙ୍କା | |
| ସୁନା | ୧୫୦ ମିଲି ଗ୍ରାମ୍ |
| ରୁପା | ୫.୭୫୦ ଗ୍ରାମ୍ |

# ଭଙ୍ଗା ଚାଳିଆରେ ଭବିଷ୍ୟତ ଗଢ଼ା

ଅସ୍ତରଙ୍ଗ, ୧୪।୨(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଛୋଟ ଛୋଟ କୋମଳମତି ପିଲାଙ୍କ ଶାରୀରିକ, ମାନସିକ, ବୌଦ୍ଧିକ ବିକାଶ ପାଇଁ ଅଙ୍ଗନୱାଡି କେନ୍ଦ୍ରରେ ବିଭିନ୍ନ ବ୍ୟବସ୍ଥା କରାଯାଉଛି। ହେଲେ ଅସ୍ତରଙ୍ଗ ବ୍ଲକରେ କିଛି ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଗୃହ ନ ଥିବାରୁ କେଉଁଠି ଭଡ଼ାଘରେ, କେଉଁଠି ଗାଁ ରୋଷଘର ବାରଣ୍ଡା ତ ଆଉ କେଉଁଠି ସାଇକ୍ଲୋନ ସେଣ୍ଟରର ବିପଦସଂକୁଳ ଘରେ ପିଲାମାନେ ପାଠ ପଢୁଛନ୍ତି। ଆଉ ଜାଗା ନ ଥିବାରୁ ସେହି ସ୍ଥାନରେ ପିଲାଙ୍କ ପାଇ ରାନ୍ଧିବା ଓ ଖାଇବାକୁ ଦେବା ମଧ୍ୟ କଷ୍ଟସାଧ୍ୟ ହେଉଛି। ଅଞ୍ଚଳରେ ଅଙ୍ଗନୱାଡି ନୂତନ ଗୃହ ନିର୍ମାଣ ହୋଇଥିଲେ ମଧ୍ୟ କନିଷ୍ଠ ଯନ୍ତ୍ରୀ ଠିକାଦାରଙ୍କ ବକେୟା ଟଙ୍କା ଦେଇ ନ ଥିବାରୁ କୁନି କୁନି ପିଲାମାନେ ଏପରି ଅବସ୍ଥା ଭୋଗୁଥିବା ଜଣାପଡ଼ିଛି। ୧୫ଟି ନୂତନ ଅଙ୍ଗନୱାଡି ଘର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲେ ମଧ୍ୟ ତାହାକୁ ବିଡିଓ ହସ୍ତାନ୍ତର କରିନାହାନ୍ତି। ବ୍ଲକର ୧୫ ପଞ୍ଚାୟତରେ ୧୭୮ଟି ଅଙ୍ଗନୱାଡି କେନ୍ଦ୍ର ଥିବାବେଳେ ନିଜସ୍ୱ ଗୃହରେ ୧୦୬ଟି କେନ୍ଦ୍ର, କମ୍ୟୁନିଟି ସେଣ୍ଟରରେ ୨୫ଟି କେନ୍ଦ୍ର, ଭଡ଼ା ଘରେ ୧୨ଟି କେନ୍ଦ୍ର ଓ ସ୍କୁଲ ଘରେ ୩୫ଟି କେନ୍ଦ୍ରରେ କୁନି କୁନି ଶିଶୁ ପଢୁଛନ୍ତି। ସାଇକ୍ଲୋନ ସେଣ୍ଟରରେ ଥିବା ବ୍ଲକର ନାନପୁର ଅଙ୍ଗନୱାଡି କେନ୍ଦ୍ରଟି ବିପଦସଂକୁଳ ଅବସ୍ଥାରେ ରହିଛି। ଏନେଇ ନାନପୁର ଗ୍ରାମର ଶିବ ରାଉତ କହିଛନ୍ତି, ବାରମ୍ବାର ଜିଲା ପ୍ରଶାସନକୁ ଅବଗତ କରାଇଲେ ମଧ୍ୟ ବିଭାଗୀୟ ଅଧିକାରୀ ଶୁଣୁନାହାନ୍ତି। ଯଦି କେବେ କିଛି ଅଘଟଣ ଘଟେ ତେବେ ଏଥିପାଇଁ ପ୍ରଶାସନ ଦାୟୀ ରହିବ ବୋଲି ସେ କହିଛନ୍ତି। ତାଳଦା ପଞ୍ଚାୟତ ଡିଆ ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଘର ନ ଥିବାରୁ ଗାଁ ମନ୍ଦିର ରୋଷଘର ପିଣ୍ଡାରେ ପିଲାଙ୍କ ଭବିଷ୍ୟତ ଗଢ଼ା ଚାଲିଛି। ଏଠାରେ ବର୍ଷାଦିନେ ପାଠ ପଢିବା କଷ୍ଟକର ହୋଇପଡୁଛି। ଏନେଇ ପୁରୀ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ମହାପାତ୍ରଙ୍କୁ ପଚାରିବାରେ, ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରି ଖୁବ୍‌ଶୀଘ୍ର ଅଙ୍ଗନୱାଡି ଗୃହ ହସ୍ତାନ୍ତର କରାଯିବ ବୋଲି ମହାପାତ୍ର କହିଛନ୍ତି।



ଭଙ୍ଗା ଚାଳିଆରେ ଚାଲିଥିବା ଅଙ୍ଗନୱାଡି କେନ୍ଦ୍ରରେ ପିଲାମାନେ ପଢୁଛନ୍ତି ।

# ଦୀପଦାନ କରି ପୁଲ୍‌ୱାମା ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି




ସାକ୍ଷୀଗୋପାଳ ମନ୍ଦିର ସମ୍ମୁଖରେ ଦୀପଦାନ କରି ପୁଲ୍‌ୱାମା ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

ସାକ୍ଷୀଗୋପାଳ, ୧୪।୨(କିଶୋର ମହାପାତ୍ର/ପ୍ରଶାନ୍ତ ବାରିକ୍/ଭରତ ରାଉତ)

ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର ସମ୍ମୁଖରେ ଦୀପଦାନ କରି ଶୁକ୍ରବାର ସନ୍ଧ୍ୟାରେ ପୁଲ୍‌ୱାମା ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ୨୦୧୯ ଫେବୃଆରୀ ୧୪ ବିସ୍ଫୋରଣରେ ପୁଲ୍‌ୱାମା ଶହୀଦଙ୍କ ବୀରଗତିକୁ ମନେପକାଇ ସେମାନଙ୍କ ପରିବାରର ସୁଖଶାନ୍ତିକାମନା କରି ଠାକୁରଙ୍କ ନିକଟରେ ପ୍ରାର୍ଥନା କରାଯାଇଥିଲା। ଏଥିସହ ସତ୍ୟବାଦୀ ଅଞ୍ଚଳର ଶହୀଦ ଶ୍ୟାମ ସୁନ୍ଦର ବାରିକ୍ ଓ ଦେବାଶିଷ ବିଶ୍ୱାଳଙ୍କ ଉଦ୍ଦେଶ୍ୟରେ ୪୨ଟି ଦୀପଦାନ କରାଯାଇଥିଲା। ବୁଦ୍ଧିନାଥ ମଲ୍ଲିକ, ଯୋଗୀ ବେତାଳ, ପ୍ରଶାନ୍ତ ବିଶ୍ୱାଳ, କିଶୋର ଚନ୍ଦ୍ର ମହାପାତ୍ର, ମହେନ୍ଦ୍ର ପ୍ରଧାନ, ନିରଞ୍ଜନ ମିଶ୍ର, ହୃଷୀକେଶ ମହାପାତ୍ର, ଉମାଶଙ୍କର ମିଶ୍ର, ପ୍ରଶାନ୍ତ ମହାପାତ୍ର, ରାମଚନ୍ଦ୍ର ନନ୍ଦ, ବିଜୟ ନନ୍ଦ ଓ ବିଶ୍ୱନାଥ ମହାପାତ୍ର ପ୍ରମୁଖ ଦୀପଦାନରେ ଉପସ୍ଥିତ ଥିଲେ। ଜଗଦୀଶ ବିଶ୍ୱାଳ, ଚନ୍ଦନ ଘଣ୍ଟୁଆରୀ ଓ ଅଭିଷେକ ବେହେରା ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ୫ ବର୍ଷ ପୂର୍ବେ ଆରମ୍ଭ କରିଥିଲେ। ଅଭିଷେକ ଏବେ ସେନାବାହିନୀରେ ଲ୍ୟୁଟନାଣ୍ଟ ଭାବେ କାର୍ଯ୍ୟରତ ଅଛନ୍ତି।

## ସଂକ୍ଷେପରେ

### ନିଶାମୁକ୍ତ ଭାରତ ପାଇଁ ସଚେତନତା ଶୋଭାଯାତ୍ରା

ପୁରୀ, ୧୪।୨(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା ସାମାଜିକ ଓ ସୁରକ୍ଷା କାର୍ଯ୍ୟାଳୟ ସହଯୋଗରେ ନାରୀ ମଙ୍ଗଳ ମହିଳା ସମିତି ତରଫରୁ ନିଶାମୁକ୍ତ ଭାରତ ଅଭିଯାନ କ୍ରମରେ ଶୁକ୍ରବାର ଏକ ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି। ଶୋଭାଯାତ୍ରା ମେଡିକାଲ ଛକରୁ ବାହାରି ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ମୁଖ୍ୟ ଅତିଥି ଭାବେ ଜିଲା ସାମାଜିକ ଓ ସୁରକ୍ଷା ଅଧିକାରୀ ଶୁଭ୍ରାଂଶୁ ମହାରଣା ଯୋଗଦେଇ ପତାକା ହଲାଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରଦୀପ୍ତ କୁମାର ସେନାପତି ଯୋଗଦେଇଥିଲେ। ଶତାଧିକ ମହିଳା ବିଭିନ୍ନ ପ୍ଲାକାର୍ଡ ଧରି ସଚେତନତା ସୃଷ୍ଟି କରିଥିଲେ। ନିଶାଠୁ ଦୂରେଇ ରହିବା ପାଇଁ ସମସ୍ତେ ଶପଥ ନେବା ସହ ସମାଜକୁ ନିଶାମୁକ୍ତ କରିବା ଉପରେ ଆୟୋଜକମାନେ ଗୁରୁତ୍ୱାରୋପ କରିଥିଲେ। ମହିଳା ସମିତି ସମ୍ପାଦିକା ସସ୍ମିତା ପଣ୍ଡା, ଉପଦେଷ୍ଟା ପ୍ରକାଶ ରାଉତରାୟ ଓ ସାମାଜିକ କର୍ମୀ ପ୍ରଦୀପ୍ତ ରଥ ପ୍ରମୁଖ ଶୋଭାଯାତ୍ରା ପରିଚାଳନା କରିଥିଲେ।

### ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ ଆଣ୍ଡ୍ ଗାଇଡ୍ ୟୁଥ୍ କମିଟିର ଉପାଧ୍ୟକ୍ଷ ପ୍ରୟାସ

ପୁରୀ, ୧୪।୨(ଅଜିତ୍ କୁମାର ମହାନ୍ତି)

ପୁରୀ ଅଠରନଳାସ୍ଥିତ ନୀଳଚକ୍ର ନଗର ବାସିନ୍ଦା ପ୍ରୟାସ ମହାପାତ୍ର ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ ଆଣ୍ଡ୍ ଗାଇଡ୍ ୟୁଥ୍ କମିଟିର ଉପାଧ୍ୟକ୍ଷ ଭାବେ ଚୟନ ହୋଇଛନ୍ତି। ଏଥିସହ ସେ ଶ୍ରୀକ୍ଷେତ୍ର ରୋଭର ଆଣ୍ଡ ରେଞ୍ଜର ଟିମ୍‌ର ରୋଭର ରହିଛନ୍ତି। ପ୍ରଦୀପ୍ତ କିଶୋର ମହାପାତ୍ର ଏବଂ ମା' ଜ୍ୟୋତ୍ସ୍ନାରାଣୀ ମହାପାତ୍ରଙ୍କ ପୁତ୍ର ହେଉଛନ୍ତି ପ୍ରୟାସ। ସେ ଘୋଡ଼ାବଜାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପାଠ ପଢିବାବେଳେ ସ୍କାଉଟରେ ଯୋଗଦେଇଥିଲେ। ପରେ ରୋଭର ଭାବେ ବିଭିନ୍ନ ସେବାରେ ନିୟୋଜିତ ଥିଲେ। ପରବର୍ତ୍ତୀ ସମୟରେ ୟୁଥ୍ କମିଟି ସଦସ୍ୟ ଭାବେ ଦାୟିତ୍ୱ ତୁଲାଇଥିଲେ। ସମାଜର ଶୃଙ୍ଖଳା ଓ ସୁରକ୍ଷା ସହ କଲ୍ୟାଣ ସାଧନ ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଶ୍ରୀକ୍ଷେତ୍ର ରୋଭର ଆଣ୍ଡ ରେଞ୍ଜର ଟିମ୍ କର୍ମକର୍ତ୍ତାଙ୍କ ସମେତ ପ୍ରୟାସଙ୍କ ବନ୍ଧୁବାନ୍ଧବ ଓ ଶୁଭେଚ୍ଛୁମାନେ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# କୋଣାର୍କ ଲୋକକଳା ମହୋତ୍ସବ ଉଦ୍‌ଘାଟିତ



କୋଣାର୍କ ଲୋକକଳା ମହୋତ୍ସବରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

କୋଣାର୍କ, ୧୪।୨(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଥିବା ରାଜାରାମ ମଠ ପ୍ରାଙ୍ଗଣରେ ତ୍ରିଦିବସୀୟ ଷଷ୍ଠ କୋଣାର୍କ ଲୋକକଳା ମହୋତ୍ସବ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। କୋଣାର୍କର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ନାଟ୍ୟଦୀପ ଆନୁକୂଲ୍ୟରେ ଭାରତ ସରକାରଙ୍କ ସଂସ୍କୃତି ବିଭାଗ ଓ ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମିଳିତ ସହଯୋଗରେ ଏହା ଆୟୋଜିତ ହେଉଛି। କୋଣାର୍କ ନାଟ୍ୟଦୀପ ନିର୍ଦ୍ଦେଶକ କାଳନ୍ଦୀ ଚରଣ ସ୍ୱାଇଁ ଏଥିରେ ଅଧ୍ୟକ୍ଷତା କରୁଛନ୍ତି। ଉଦ୍‌ଘାଟନୀ ସମାରୋହରେ ଅତିଥି ଭାବେ ପୁରୀ ଜିଲା ଭାଜପା ସଭାପତି ଦେବେନ୍ଦ୍ର ନାଥ ତରାଇ, ବରିଷ୍ଠ ସାମାଜିକ କର୍ମୀ ପ୍ରଫୁଲ୍ଲ ପାତ୍ର, ଗବେଷକ ସଞ୍ଜୟ ବରାଳ, ନାଟ୍ୟ ଚେତନା ନିର୍ଦ୍ଦେଶକ ଡ. ସୁବୋଧ ପଟ୍ଟନାୟକ, ସାମାଜିକ କର୍ମୀ ସୁରେନ ପାଲ, ମନୋଜ ନାୟକ ପ୍ରମୁଖ ଯୋଗଦେଇଥିଲେ। ପ୍ରୋତ୍ସାହନ ଅଭାବରୁ ବିଲୁପ୍ତ ଲୋକକଳାକୁ ଉଜ୍ଜୀବିତ ରଖିବାକୁ ସାମୂହିକ ସହଯୋଗ ଅପରିହାର୍ଯ୍ୟ। ପ୍ରାଚୀନ କାଳରୁ ଭାରତୀୟ ସଂସ୍କୃତି ଓ ଅସ୍ମିତାର ପ୍ରତୀକ ଏହି ଲୋକକଳା ଜନମାନସର ଚିତ୍ରପଟରେ ସର୍ବଦା ବଞ୍ଚାଇ ରଖିବାକୁ ସାମଗ୍ରିକ ପ୍ରୟାସ ଜରୁରୀ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଏହି ପରିପ୍ରେକ୍ଷୀରେ ଓଡ଼ିଶୀ, ସମ୍ବଲପୁରୀ ନୃତ୍ୟ ସମେତ ଚେତନାଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ନାଟ୍ୟଦୀପର ସହନିର୍ଦ୍ଦେଶକ ନିତ୍ୟାନନ୍ଦ ମହାରଣାଙ୍କ ସମେତ ଅନୁଷ୍ଠାନର କର୍ମକର୍ତ୍ତା ପରିଚାଳନା କରିଥିଲେ।

## ୧୯ରେ କୋଣାର୍କ ନୃତ୍ୟ, ସଙ୍ଗୀତ ଉତ୍ସବ

କୋଣାର୍କ, ୧୪।୨(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ଅର୍କବିହାରସ୍ଥିତ ସ୍ୱର୍ଗତ ପଦ୍ମଶ୍ରୀ ଗୁରୁ ଗଙ୍ଗାଧର ପ୍ରଧାନଙ୍କ ଦ୍ୱାରା ପ୍ରତିଷ୍ଠିତ କୋଣାର୍କ ନାଟ୍ୟ ମଣ୍ଡପ ପରିସରରେ ୩୯ତମ କୋଣାର୍କ ନୃତ୍ୟ ଓ ସଙ୍ଗୀତ ଉତ୍ସବ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ନାଟ୍ୟମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। କୋଣାର୍କ ନାଟ୍ୟ ମଣ୍ଡପ ଉପଦେଷ୍ଟା ସଙ୍ଗଠକ ଉମେଶ ଚନ୍ଦ୍ର ସ୍ୱାଇଁ ଏଥିରେ ସଭାପତିତ୍ୱ କରିଥିଲେ। ବୈଠକରେ ନାଟ୍ୟମଣ୍ଡପ ସମ୍ପାଦକ ଶିବାଶିଷ ପ୍ରଧାନ, ଗୁରୁ ଜୟକୃଷ୍ଣ ନାୟକ, ରମଣୀ ରଞ୍ଜନ ଜେନା ପ୍ରମୁଖ ଯୋଗଦେଇଥିଲେ। ଆସନ୍ତା ୧୯ ତାରିଖ ସନ୍ଧ୍ୟାରେ ଉତ୍ସବ ପ୍ରାରମ୍ଭରେ ଘଣ୍ଟ ମର୍ଦ୍ଦଳ ଓ ଶଙ୍ଖ ଧ୍ୱନି ତାଳେତାଳେ ବାବା ବାଲୁଙ୍କେଶ୍ୱର ମହାଦେବଙ୍କ ଆଜ୍ଞାମାଳ ମଞ୍ଚରେ ବିଜେ କରାଯିବ। ପରେ କଳାକାରମାନେ ନୃତ୍ୟ ପରିବେଷଣ କରିବେ। ଏହି ଅବସରରେ ୨୫ତମ କୋଣାର୍କ ସାହିତ୍ୟ ଉତ୍ସବ ନିମନ୍ତେ ବିଭିନ୍ନ ସ୍ଥାନରୁ ସାହିତ୍ୟିକ, କବୟିତ୍ରୀ, କବି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଅନ୍ୟମାନଙ୍କ ମଧ୍ୟରେ ସଞ୍ଜୀବନୀ ପ୍ରଧାନ, ସୁଦେଷ୍ଣା ସାସ୍ମଲ ପ୍ରମୁଖ ନାଟ୍ୟମଣ୍ଡପର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ସୁଭଦ୍ରା ଟଙ୍କା ହାତେଇ ପୁଣି ଫେରାଇଲେ

ଗୋପ, ୧୪।୨(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ବ୍ଲକରେ ଭତ୍ତା ପାଉଥିବା କେତେଜଣ ହିତାଧିକାରୀ ସରକାରଙ୍କ ନିୟମକୁ ବେଖାତିର କରି ସୁଭଦ୍ରା ଯୋଜନା ଟଙ୍କା ହାତେଇବା ପରେ ଏବେ ପ୍ରଶାସନ ଚାପରେ ତାହାକୁ ଫେରାଇଥିବା ଜଣାପଡ଼ିଛି। ଏହି ଘଟଣାରେ ସଂପୃକ୍ତ ଅଧିକାରୀମାନଙ୍କୁ ଘଣ୍ଟ ଘୋଡାଇବାକୁ ଉଦ୍ୟମ ଚାଲିଛି। ସୂଚନା ଅନୁଯାୟୀ, ରାଜ୍ୟରେ ନୂତନ ଭାଜପା ସରକାର ମହିଳାଙ୍କ ପାଇଁ ସୁଭଦ୍ରା ଯୋଜନା ଆରମ୍ଭ କରିଛନ୍ତି। ଯେଉଁ ହିତାଧିକାରୀ ୧୮ ବର୍ଷରୁ ଉର୍ଦ୍ଧ୍ୱ ସେମାନେ ଏହି ଯୋଜନାରେ ସାମିଲ ହୋଇପାରିବେ। ୬୦ ବର୍ଷରୁ ଉର୍ଦ୍ଧ୍ୱ ମହିଳା କିମ୍ବା ଅନ୍ୟ ଭତ୍ତା ପାଉଥିବା ହିତାଧିକାରୀ ଏଥିଲାଗି ଆବେଦନ କରିପାରିବେ ନାହିଁ। ହେଲେ ନିୟମ ଉଲ୍ଲଂଘନ କରି ଗୋପ ବ୍ଲକ ଦେଓ୍ୱଳି ପଞ୍ଚାୟତର କେତେଜଣ ଭତ୍ତା ପାଉଥିବା ହିତାଧିକାରୀ ସୁଭଦ୍ରା ଯୋଜନାରେ ଟଙ୍କା ହାତେଇ ଥିବା ଅଭିଯୋଗ ଉଠିଥିଲା। ଏହାପରେ ଆରମ୍ଭ ହୋଇଥିଲା ତନାଘନା। ବିଡିଓ ଛବିରାଣୀ ସାହୁ ଏହାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ଦିଆଯିବା ପରେ ଦୁଇଜଣ ମହିଳା ହିତାଧିକାରୀ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ସୁଭଦ୍ରା ଟଙ୍କା ଫେରାଇବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ଗୋପ ଓ ଦେଓ୍ୱଳି ପଞ୍ଚାୟତରେ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ଆହୁରି ଏଭଳି ଘଟଣା ସାମ୍ନାକୁ ଆସିବ ବୋଲି ଆଲୋଚନା ହେଉଛି। ଏ ସମ୍ପର୍କରେ ବିଡିଓ ସାହୁ କହିଛନ୍ତି, ଦୁଇଜଣ ହିତାଧିକାରୀ ପାଇଥିବା ସୁଭଦ୍ରା ଟଙ୍କା ଫେରସ୍ତ କରିଦେଇଛନ୍ତି। ତେବେ ସେମାନଙ୍କ ଭତ୍ତାକୁ ବନ୍ଦ ରଖାଯାଇଛି।

# କ୍ରୀଡ଼ା କ୍ଷେତ୍ରରେ ଆଗେଇ ଆସିବାକୁ ପରାମର୍ଶ

ଚାରିଛକ, ୧୪।୨(ଶିଶିର ସ୍ୱାଇଁ)

**ଗ୍ରାମପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ବାର୍ଷିକୋତ୍ସବ**

ନିମାପଡ଼ା ବ୍ଲକ ଅଧୀନ ସାଇଲୋସ୍ଥିତ ଗ୍ରାମପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଶକୁନ୍ତଳା ମହାନ୍ତି ଏଥିରେ ସଭାପତିତ୍ୱ କରିଥିଲେ। ବିଦ୍ୟାଳୟ ପୂର୍ବତନ ଶିକ୍ଷକ ଅଦ୍ୟୁତ ଖୁଣ୍ଟିଆ ଅତିଥି ପରିଚୟ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ହିମାଂଶୁ ଭୂଷଣ ସମର୍ଥ, ମୁଖ୍ୟବକ୍ତା ଭାବେ ପୂର୍ବତନ ମଣ୍ଡଳ ଶିକ୍ଷା ଅଧିକାରୀ ସାମନ୍ତ ଶେଖର ରଥ, ସମ୍ମାନିତ ଅତିଥି ଭାବେ ଭୋଗସାଳଦା ସରପଞ୍ଚ ବିଶ୍ୱନାଥ ସେନାପତି ଯୋଗଦେଇଥିଲେ। ନିମାପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ଉପାଧ୍ୟକ୍ଷ ସନ୍ତୋଷ ଦାସ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସୁଶାନ୍ତ ମୁଦୁଲି, ଶିକ୍ଷକ ସୁକାନ୍ତ ସ୍ୱାଇଁ, ବାବାଜୀ ଚରଣ ବଡ଼ୁଆ, ଗଙ୍ଗାଧର ବେହେରା, ଶିକ୍ଷକ ଶିବ ସୁନ୍ଦର ଦାସ ପରିଚାଳନା କରିଥିଲେ। ବିଦ୍ୟାଳୟ ପୂର୍ବତନ ଛାତ୍ର ତଥା ଟ୍ରାକ୍ ଆଣ୍ଡ ଫିଲ୍ଡର ସମ୍ପାଦକ ସନ୍ତୋଷ ଦାସ, ମୁଖ୍ୟ ପ୍ରଶିକ୍ଷକ କଳିଙ୍ଗ ପ୍ରସାଦ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ କ୍ରୀଡ଼ା କ୍ଷେତ୍ରରେ ଆଗେଇ ଆସିବାକୁ ପରାମର୍ଶ ଦେଇଥିଲେ। ବାର୍ଷିକୋତ୍ସବରେ କ୍ରୀଡ଼ା, ବିଜ୍ଞାନ, ସାହିତ୍ୟ, ଚିତ୍ରାଙ୍କନ ଓ ସାଂସ୍କୃତିକ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଛାତ୍ରୀଛାତ୍ରମାନେ ସାଂସ୍କୃତିକ ନୃତ୍ୟ ଏବଂ କଳା ପ୍ରଦର୍ଶନ କରିଥିଲେ।



ସାଇଲୋସ୍ଥିତ ଗ୍ରାମପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥି ।

## ନୂତନ ଏସ୍‌ଡିପିଓ ଭାବେ ଦେବାଶିଷ ମିଶ୍ରଙ୍କ ଯୋଗଦାନ

ପିପିଲି, ୧୪।୨(ଦୁର୍ଗାମାଧବ ମିଶ୍ର)

ପୁରୀ ଜିଲା ପିପିଲି ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଭାବେ ଦେବାଶିଷ ମିଶ୍ର କାର୍ଯ୍ୟରେ ଯୋଗ ଦେଇଛନ୍ତି। ପୂର୍ବରୁ ପିପିଲି ଏସ୍‌ଡିପିଓ ବିରଞ୍ଚି ନାରାୟଣ ପତି ଅଞ୍ଚଳରେ ସୁଚାରୁରୂପେ କାର୍ଯ୍ୟ କରି ସାଲେପୁର ବଦଳି ହେବା ପରେ ତାଙ୍କ ସ୍ଥାନରେ ମିଶ୍ର ଯୋଗ ଦେଇଛନ୍ତି। ମିଶ୍ର ବଳଙ୍ଗା ଥାନାରେ ଭାରପ୍ରାପ୍ତ ଥାନା ଅଧିକାରୀ ଭାବେ କାର୍ଯ୍ୟ କରିଥିବାବେଳେ ପଦୋନ୍ନତି ପାଇ ଡେଲାଙ୍ଗ ଥାନା ଆଇଆଇସି, ପରେ ନିମାପଡ଼ାରେ ଏସ୍‌ଡିପିଓ, ବରଗଡ଼ଠାରେ ଏସ୍‌ଡିପିଓ ଭାବେ କାର୍ଯ୍ୟ କରିଛନ୍ତି। ମିଶ୍ରଙ୍କୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଛି।

# ଫାଇନାଲରେ ବ୍ଲାକ୍‌ପାନ୍ଥର ଓ ଲୟଲ ଲାୟନ

ପୁରୀ, ୧୪।୨(ଅଜିତ୍ କୁମାର ମହାନ୍ତି)

**ଶହୀଦ ରଞ୍ଜନ ଷଡ଼ଙ୍ଗୀ କ୍ରିକେଟ ଟୁର୍ନାମେଣ୍ଟ**

ଶହୀଦ ହାବିଲଦାର ରଞ୍ଜନ ଷଡ଼ଙ୍ଗୀ ସ୍ମାରକୀ ଅଷ୍ଟମ ସଂସ୍କରଣ କ୍ରିକେଟ ଟୁର୍ନାମେଣ୍ଟ ପୁରୀ ପୋଲିସ ଲାଇନ ପଡ଼ିଆରେ ଜାରି ରହିଛି। ଶୁକ୍ରବାର ବ୍ଲାକ ପାନ୍ଥର ବନାମ ହଣ୍ଟର ଚିତା ମଧ୍ୟରେ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ବ୍ଲାକ ପାନ୍ଥର ଅଧିନାୟକ ଦୁଷ୍ମନ୍ତ ସାହୁ ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲେ। ହଣ୍ଟର ଚିତାର ରମେଶଙ୍କ ଧୂଆଁଧାର ୫୮ ରନ ସହାୟତାରେ ଦଳ ୧୬ ଓଭରରେ ୧୯୦ ରନ କରିଥିଲା। ୧୯୧ ରନ୍ ବିଜୟ ଲକ୍ଷ୍ୟର ପିଛା କରି ବ୍ଲାକ ପାନ୍ଥରର ରାଜା ପଣ୍ଡା ୩୨ ବଲ୍‌ରେ ୫୯, ଉଦିତ ୨୨ ବଲ୍‌ରେ ୩୫, ହିମାଂଶୁ ଶେଷ ବଲ୍‌ରେ ୭ ରନ ଆବଶ୍ୟକ ଥିବାବେଳେ ଏକ ଛକା ମାରିଥିବାବେଳେ ପରେ ଦଳକୁ ଜିତାଇଥିଲେ। ସେହିପରି ଅନ୍ୟ ଏକ ସେମିଫାଇନାଲ ମ୍ୟାଚ୍‌ରେ ଲୟଲ ଲାୟନ ବିଜୟ ଲାଭ କରି ଫାଇନାଲରେ ପ୍ରବେଶ କରିଛି। ଆସନ୍ତା ୧୯ ତାରିଖରେ ବ୍ଲାକ ପାନ୍ଥର ବନାମ ଲୟାଲ ଲାୟନ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ପୋଲିସ ଆର୍‌ଆଇ ଚିତ୍ତରଞ୍ଜନ ମହାନ୍ତି, ପୋଲିସ ସଂଘ ସଭାପତି ସନ୍ତୋଷ ମହାନ୍ତି, ଉପସଭାପତି ସନ୍ତୋଷ ସାହୁ, ସମ୍ପାଦକ ସୂର୍ଯ୍ୟପ୍ରତାପ ଜେନା, କୋଷାଧ୍ୟକ୍ଷ ଦିଲୀପ ଭୋଇ, ପ୍ରହ୍ଲାଦ ଭୋଇ, ଆଲୋକ ମିଶ୍ର, ପ୍ରଶାନ୍ତ ବିଶ୍ୱାଳ, ରଞ୍ଜନ ପଲେଇ, ଅଂଶୁମାନ ପ୍ରଧାନ, ତ୍ରିଲୋଚନ ହୋତା ଓ ଶୁଭ୍ରଜିତ ବରାଳ ଖେଳ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ, ରଞ୍ଜନ ଷଡ଼ଙ୍ଗୀ ବ୍ରହ୍ମଗିରିରେ ବୋମା ନିଷ୍କ୍ରିୟ କରିବାକୁ ଯାଇ ବିସ୍ଫୋରଣରେ ଶହୀଦ ହୋଇଥିଲେ।

# ଉତ୍ତମ ଶିକ୍ଷା ହିଁ ଚରିତ୍ର ଗଠନ, ସଫଳତାର ମାପକାଠି



ମଞ୍ଚାସୀନ ଅତିଥିମାନେ କଲେଜ କ୍ୟାଲେଣ୍ଡରକୁ ଉନ୍ମୋଚନ କରୁଛନ୍ତି।

ନିମାପଡ଼ା, ୧୪।୨(ବିଚିତ୍ରାନନ୍ଦ ସାହୁ)

**ନିମାପଡ଼ା ଇନ୍ଦିରା ଗାନ୍ଧୀ ଡିଗ୍ରୀ ମହିଳା ମହାବିଦ୍ୟାଳୟର ବାର୍ଷିକୋତ୍ସବ**

ନିମାପଡ଼ା ଇନ୍ଦିରା ଗାନ୍ଧୀ ଡିଗ୍ରୀ ମହିଳା ମହାବିଦ୍ୟାଳୟର ୩୦ତମ ବାର୍ଷିକୋତ୍ସବ, ପୁରସ୍କାର ବିତରଣ ଓ ସମ୍ବର୍ଦ୍ଧନା ସମାରୋହ କଲେଜ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ଫକୀରମୋହନ ୟୁନିଭର୍ସିଟିର କୁଳପତି ପ୍ରଫେସର ଡ. କୁମରବର ଦାସ ଯୋଗଦେଇ ଉତ୍ତମ ଶିକ୍ଷା ହିଁ ଚରିତ୍ର ଗଠନ ଓ ସଫଳତାର ମାପକାଠି। ପାଠ ହେଉଛି ଅନ୍ତର୍ନିହିତ ଶକ୍ତି, ମାତୃଶକ୍ତିର ଆଧାର। ବ୍ୟକ୍ତିତ୍ୱର ମୂଳପିଣ୍ଡ ହେଉଛି ଶୃଙ୍ଖଳା ଓ ଆତ୍ମବିଶ୍ୱାସ, ଆତ୍ମବିଶ୍ୱାସ ଗଢ଼ିବାର ପ୍ରକ୍ରିୟା ହେଉଛି ଶିକ୍ଷା ଓ ପାଠପଢ଼ା। ତେଣୁ ଆଜିର ଛାତ୍ରସମାଜ ଭଲ ମଣିଷ ଓ ଉତ୍ତମ ନାଗରିକ ହେବା ପାଇଁ ଏ ଦିଗରେ ବ୍ରତୀ ହେବାକୁ ପ୍ରଫେସର ଡ. ଦାସ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଶିଷ୍ଟ କବି, ଲେଖକ, ସାହିତ୍ୟିକ ଡ. ବେଣୁଧର ପାଢ଼ୀ, ବିଶିଷ୍ଟ ଆଇନଜୀବୀ, ସାମାଜିକ କର୍ମୀ ରତ୍ନପର୍ଣ୍ଣା ମହାନ୍ତି, ଶିକ୍ଷାବିତ୍ ଅନନ୍ତରାମ ପଣ୍ଡା, କଲେଜ ପ୍ରତିଷ୍ଠାତା ବରିଷ୍ଠ ଆଇନଜୀବୀ ସୁଧୀର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଉତ୍ସବରେ କଲେଜ ଅଧ୍ୟକ୍ଷା ଶିକ୍ଷାବିତ୍ ଶ୍ରଦ୍ଧାଞ୍ଜଳି ସାହୁ ଅଧ୍ୟକ୍ଷତା କରି ସ୍ୱାଗତ ଭାଷଣ ଦେଇଥିଲେ। ଉପାଧ୍ୟକ୍ଷା ଅଧ୍ୟାପିକା ଚପଳଛନ୍ଦା ବିଶ୍ୱାଳ କଲେଜର ବାର୍ଷିକ ବିବରଣୀ ପାଠ କରିଥିଲେ। ଅତିଥିମାନେ ମହାବିଦ୍ୟାଳୟର କ୍ୟାଲେଣ୍ଡର ଉନ୍ମୋଚନ କରିଥିଲେ। କଲେଜ ପକ୍ଷରୁ ମଞ୍ଚାସୀନ ଅତିଥିଙ୍କୁ ଉତ୍ତରୀୟ ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାର ୫୦ କୃତୀ ଛାତ୍ରୀଙ୍କୁ ଅତିଥିମାନେ ଟ୍ରଫି ଓ ମାନପତ୍ର ପ୍ରଦାନ କରିଥିଲେ। ଅଧ୍ୟାପକ ରାଜନ ପରିଡ଼ା, ମାନସ ରଞ୍ଜନ ବେହେରା, ସ୍ୱରୂପ ରଞ୍ଜନ ସାମନ୍ତରାୟ, ରତ୍ନକାନ୍ତ ଓଝା, କୃଷ୍ଣମୋହନ ପରିଡ଼ା, ସଂଯୁକ୍ତା ମହାନ୍ତି ପ୍ରମୁଖ ଉତ୍ସବରେ ସଂଯୋଜନା ଓ ପରିଚାଳନା କରିଥିଲେ। ଛାତ୍ରୀମାନେ ନୃତ୍ୟ, ସଙ୍ଗୀତ ପରିବେଷଣ କରିଥିଲେ।

# ବିଭିନ୍ନ କ୍ଷେତ୍ରରେ ଅବଦାନ ପାଇଁ ୨୪ ସମ୍ମାନିତ

ପୁରୀ, ୧୪।୨(ଅଜିତ୍ କୁମାର ମହାନ୍ତି)

**'ବାସ୍ କଥା ତ ଏତିକି', 'ପୁରାଣ କଥା' ଉନ୍ମୋଚିତ**

'ପ୍ରିୟପତ୍ର'ର ୩୮ତମ ବାର୍ଷିକ ଉତ୍ସବ ଶୁକ୍ରବାର ସ୍ଥାନୀୟ ୟୁଥ୍ ହଷ୍ଟେଲ ସଭାଗୃହରେ ପାଳିତ ହୋଇଯାଇଛି। ଓଡ଼ିଆ ଭାଷା ପ୍ରତିଷ୍ଠାନର ପ୍ରାକ୍ତନ ନିର୍ଦ୍ଦେଶକ ଡ. କୈଳାସ ଚନ୍ଦ୍ର ଟିକାୟତରାୟ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଚକ୍ରଧର ମହାପାତ୍ର, ବିଶ୍ୱପ୍ରକାଶ ପଟ୍ଟନାୟକ, ସନ୍ତୋଷ କୁମାର ସେଠୀ, ବିଜୟଲକ୍ଷ୍ମୀ ଦାଶ ମିଶ୍ର, ବିପିନ ମହାନ୍ତି, ଡ. ତୋଫାନ ଜେନା, ରମାକାନ୍ତ ମହାପାତ୍ର, ଡ. ପ୍ରତିମାରାଣୀ ମିଶ୍ର ଷଡ଼ଙ୍ଗୀ ପ୍ରମୁଖ ବିଶିଷ୍ଟ ଅତିଥି ଭାବେ ମଞ୍ଚାସୀନ ଥିଲେ। ସମ୍ପାଦକ ବିପିନ ବିହାରୀ ଦଳାଇ ସମ୍ପାଦକୀୟ ବିବରଣୀ ପାଠ କରିବା ସହ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଓଡ଼ିଆ ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଡ. ତୋଫାନ ଜେନା, ପୂର୍ଣ୍ଣଚନ୍ଦ୍ର ସିଂହ, ଭଗବାନ ଦାଶ, ପ୍ରଦୀପ୍ତଭାନୁ ମହାନ୍ତି, ସୁରେନ୍ଦ୍ରନାଥ ଜେନା, ରବୀନ୍ଦ୍ରନାଥ ବାରିକ, ଦୀପକ ମହାନ୍ତି, ରିଜ୍‌ୱାନ ମହମ୍ମଦ, ପ୍ରଦ୍ୟୁମ୍ନ ପରିଡ଼ା, ରଞ୍ଜିତା ମିଶ୍ର, ଦୀପିକା ଦାଶ ଏବଂ ଅନୁପମା ବିଶ୍ୱାଳଙ୍କୁ ପ୍ରିୟପତ୍ର ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ରସରାଜ ଏମ୍‌ଆର୍ କେ.ଆର୍ ସ୍ମୃତି ସମ୍ମାନରେ ରମାକାନ୍ତ ମହାପାତ୍ର, ଶତୃଘ୍ନ ମହାନ୍ତି ସ୍ମୃତି ସମ୍ମାନରେ ନୃସିଂହାନନ୍ଦ ମହାପାତ୍ର, ମାନବବାଦୀ ପ୍ରଗତିଶୀଳ ଲେଖକ ଗଙ୍ଗାଧର ମିଶ୍ର ସ୍ମୃତି ସମ୍ମାନରେ ସୁରେଶ କୁମାର ପଟ୍ଟନାୟକ, ରାମଚନ୍ଦ୍ର ଦଳାଇ ସ୍ମୃତି ସମ୍ମାନରେ ଦାସଶ୍ରୀ କବି ଧର୍ମପଦ, ଶକୁନ୍ତଳା ଦଳାଇ ସ୍ମୃତି ସମ୍ମାନରେ ନମିତା ସ୍ୱାଇଁ, ବୀରବଳଭଦ୍ରପୁର ନିବାସୀ ରଘୁନାଥ ମହାପାତ୍ର ସ୍ମୃତି ସମ୍ମାନରେ ବିଜୟ କୁମାର ପଣ୍ଡା, ଅନୁବାଦକ ବଳଭଦ୍ର ଦାସ ସ୍ମୃତି ସମ୍ମାନରେ ପଣ୍ଡିତ ମୃତ୍ୟୁଞ୍ଜୟ ଶତପଥୀ, ଅଭିନେତା ସୁବଳ ଦାସ ସ୍ମୃତି ସମ୍ମାନରେ ରାଜକିଶୋର ମହାରଣା ଓ ସନ୍ତୋଷ କୁମାର ବାରିକ, ଅଧ୍ୟାପକ ସରୋଜକାନ୍ତ ତ୍ରିପାଠୀ ସ୍ମୃତି ସମ୍ମାନରେ ମନୋଜ କୁମାର ମିଶ୍ର, ଅଭିଜିତ ପୂଜାହାରୀ ସ୍ମୃତି ସମ୍ମାନରେ ଅଭୀପ୍ସା ପ୍ରିୟଦର୍ଶିନୀ, ସଦାନନ୍ଦ ମଲ୍ଲିକ ସ୍ମୃତି ସମ୍ମାନରେ ପ୍ରଜ୍ଞାଲୀନ ସାହୁଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରିୟପତ୍ର ବାର୍ଷିକ ସଂଖ୍ୟା ଉନ୍ମୋଚିତ ହୋଇଥିଲା। ପ୍ରବାସିନୀ ମିଶ୍ର, ସୁଚିତ୍ରା ନାୟକ, ପ୍ରଜ୍ଞାଲୀନ ସାହୁଙ୍କ ସଂଯୋଜନାରେ ୭୦ରୁ ଉର୍ଦ୍ଧ୍ୱ କବି ସ୍ୱରଚିତ କବିତା ପାଠ କରିଥିଲେ। ଏହି ଅବସରରେ ଡ. ସୁମିତା ବେହେରାଙ୍କ ରଚିତ ସଂକଳନ 'ବାସ୍ କଥା ତ ଏତିକି' ଏବଂ ଲକ୍ଷ୍ମୀପ୍ରିୟା ଦାଶଙ୍କ ରଚିତ 'ପୁରାଣ କଥା' ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମକୁ ବିମଳକୃଷ୍ଣ ଦାସ, ରଜତ ମହାନ୍ତି, ଜାନକୀବଲ୍ଲଭ ଦାଶ, ରତ୍ନାକର ବେହେରା, ଦେବଦତ୍ତ ବିଶ୍ୱରଞ୍ଜନ ମିଶ୍ର, ଅବିନାଶ ଦଳାଇ, ମିନତି ମିଶ୍ର, ଡ. ସସ୍ମିତା ମିଶ୍ର, ଲକ୍ଷ୍ମୀପ୍ରିୟା ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଲକ୍ଷ୍ମୀପ୍ରିୟା ମହାପାତ୍ର ଓ ରୋଜାରାଣୀ ସାହୁ ନୃତ୍ୟ ପ୍ରଦର୍ଶନ କରିଥିଲେ। ପ୍ରବାସିନୀ ମିଶ୍ର ଧନ୍ୟବାଦ ଦେଇଥିଲେ।



'ପ୍ରିୟପତ୍ର'ର ୩୮ତମ ବାର୍ଷିକ ଉତ୍ସବରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିବିଶେଷ ।

# ଛିନ୍‌ତାଇ ମାମଲାରେ ଗଣେଶ, ଦୀପକଙ୍କୁ ୨ବର୍ଷ ଜେଲ ଦଣ୍ଡ

ଭୁବନେଶ୍ୱର,୧୪।୨(ସୂର୍ଯ୍ୟକାନ୍ତ ବେହେରା)

ନୟାପଲ୍ଲୀ ଥାନା ଅଞ୍ଚଳରେ ୨୦୨୩ରେ ଘଟିଥିବା ଏକ ସୁନା ଚେନ ଛିନ୍‌ତାଇ ମାମଲାର ରାୟ ଶୁକ୍ରବାର ଭୁବନେଶ୍ୱର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ କୋର୍ଟ-୩ରେ ପ୍ରକାଶ ପାଇଛି। ବିଚାରପତି ପୂଜା ଜୈନ ମାମଲାର ବିଚାର କରି ଗଣେଶ ସାହୁ ଏବଂ ଦୀପଙ୍କର କୁଲୁଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୨ ବର୍ଷର ଜେଲ ଦଣ୍ଡ ଶୁଣାଇଛନ୍ତି। ଏହାସହ ୧ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଏହି ମାମଲାକୁ ସରକାରଙ୍କ ତରଫରୁ ସହକାରୀ ପବ୍ଲିକ ପ୍ରସିକ୍ୟୁଟର କଳ୍ପତରୁ ସାହୁ ଓ ସରୋଜ କୁମାର ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ ୯ ଜୁନ୍ ୨୦୨୩ ରେ ଏହି ଘଟଣା ଘଟିଥିବା ବେଳେ ଲୁଟ୍ ଶିକାର ହୋଇଥିଲେ ନୟାପଲ୍ଲୀ ଥାନା ଅନ୍ତର୍ଗତ ଆଇଆର୍‌ସି ଭିଲେଜରେ ରହୁଥିବା ସୁଜାତା ବେହେରା ।

# ରଥଯାତ୍ରା ପାଇଁ ଉତ୍ତରାଛକରୁ ପୁରୀ ଲାଗିବ ସିସି କ୍ୟାମେରା

ଭୁବନେଶ୍ୱର,୧୪।୨(ସତ୍ୟଜିତ୍ ରାଉତ)

ଆସନ୍ତା ଜୁନ ୨୭ରେ ପୁରୀରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହେବ। ରଥଯାତ୍ରାକୁ ଶୃଙ୍ଖଳିତ ତଥା ବ୍ୟବସ୍ଥିତ ଭାବେ ଆୟୋଜନ କରିବା ପାଇଁ ରାଜ୍ୟ ପୋଲିସ ପକ୍ଷରୁ ଏବେଠାରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଶୁକ୍ରବାର ଭୁବନେଶ୍ୱରସ୍ଥିତ ଡିଜିପି କ୍ୟାମ୍ପ ଅଫିସରେ ଏସଂକ୍ରାନ୍ତରେ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ପୋଲିସ ଡିଜି ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରଥଯାତ୍ରା ଆୟୋଜନକୁ ନେଇ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା ହୋଇଥିଲା। ରଥଯାତ୍ରାରେ ସମ୍ଭାବ୍ୟ ଭିଡ଼ ନିୟନ୍ତ୍ରଣ ଓ ଗତ ବର୍ଷ ହୋଇଥିବା ବିଭିନ୍ନ ସମସ୍ୟାକୁ ଦୃଷ୍ଟିରେ ରଖି ଏବେଠାରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ କରିବା ପାଇଁ ଡିଜିପି ଖୁରାନିଆ ବରିଷ୍ଠ ପୋଲିସ

## ରାଜ୍ୟ ପୋଲିସ ପକ୍ଷରୁ ପ୍ରଥମ ପ୍ରସ୍ତୁତି ବୈଠକ



ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ବିଭିନ୍ନ ପ୍ରସଙ୍ଗରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା। ଭୁବନେଶ୍ୱର ଉତ୍ତରା ଛକଠାରୁ ପୁରୀ ଯାଏ ସିସିଟିଭି ଲଗାଇବା, ଟ୍ରାଫିକ ସମସ୍ୟାର ସୁପରିଚାଳନା, ଦଳାଚକଟା ଭଳି ପରିସ୍ଥିତିକୁ ଏଡାଇବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା, ଗାଡି ପାର୍କିଂ, ଅତି ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କ ପାଇଁ ସ୍ୱତନ୍ତ୍ର ହେଲିପ୍ୟାଡ୍, ପୋଲିସ ଫୋର୍ସଙ୍କ ରହଣୀ ପାଇଁ ସ୍ୱତନ୍ତ୍ର ସୁବିଧା, ଶୃଙ୍ଖଳିତ ରଥଟଣା, ବ୍ୟାରିକେଡ଼ ବ୍ୟବସ୍ଥା, ଜିଲା ପ୍ରଶାସନ ସହ ମିଶି ବିଭିନ୍ନ ଅସୁବିଧାର ସମାଧାନ ଏବଂ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ସ୍ୱତନ୍ତ୍ର ସୁବିଧା ଆଦି ସମ୍ପର୍କରେ ଡିଜିପି ଆଲୋଚନା କରିଥିଲେ। ଏହି ବୈଠକରେ କ୍ରାଇମବ୍ରାଞ୍ଚ ଏଡିଜି ବିନୟତୋଷ ମିଶ୍ର, ଏସସିଆରବି ନିର୍ଦ୍ଦେଶକ ସନ୍ତୋଷ ବାଲା, ଆଧୁନିକୀକରଣ ଏଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀ, ଆଇନ ଶୃଙ୍ଖଳା ଏଡିଜି ସଞ୍ଜୟ କୁମାର, ମୁଖ୍ୟାଳୟ ଏଡିଜି ଦୟାଲ ଗଙ୍ଗୱାର, ଏସଏପି ଏଡିଜି ରାଜେଶ କୁମାର, ଟ୍ରେନିଂ ଆଇଜି ଅନୁପ କୁମାର ସାହୁ, ଅପରେସନ୍ ଡିଆଇଜି ଅଖିଳେଶ୍ୱର ସିଂ, କେନ୍ଦ୍ରାଞ୍ଚଳ ଡିଆଇଜି ଚରଣ ସିଂ ମିନା, ଏସ୍‌ଆଇଡବ୍ଲ୍ୟୁ ଡିଆଇଜି କନୱର ବିଶାଳ ସିଂ, ଭୁବନେଶ୍ୱର ଡିସିପି ପିନାକ ମିଶ୍ର, ମୁଖ୍ୟାଳୟ ଏଆଇଜି ଯୁଗଳ କିଶୋର କୁମାର ବିନୋଥ, ମୁଖ୍ୟାଳୟ ଏଆଇଜି ବିବେକାନନ୍ଦ ଶର୍ମା ଏବଂ ପୁରୀ ଏସପି ଭିନିତ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

# ହୋଟେଲ ରୁମ୍‌ରେ ବନ୍ଦୀ କରି ମହିଳାଙ୍କୁ ଯୌନ ନିର୍ଯାତନା

ଭୁବନେଶ୍ୱର,୧୪।୨(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ୟୁନିଟ-୩ ଅଞ୍ଚଳର ଏକ ହୋଟେଲ ରୁମରେ ଜଣେ ମହିଳାଙ୍କୁ ରାତି ସାରା ବନ୍ଦ କରି ଯୌନ ନିର୍ଯାତନା ଦିଆଯାଇଥିବା ଅଭିଯୋଗ ହୋଇଛି। ଜଗନ୍ନାଥ ନଗରରେ ରହୁଥିବା ପୀଡ଼ିତା ମହିଳା ଜଣକ ଶୁକ୍ରବାର ଖାରବେଳନଗର ଥାନାରେ ଏତଲା ଦେଇଛନ୍ତି। ପୋଲିସ ତାଙ୍କ ଏତଲାକୁ ଆଧାର କରି ଅଭିଯୁକ୍ତଙ୍କ ବିରୋଧରେ ଏକ ମାମଲା (ନଂ.୬୦/୨୦୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ, ସମ୍ପୃକ୍ତ ଅଭିଯୁକ୍ତଙ୍କ ସହ ମହିଳା ଜଣକ ପୂର୍ବରୁ ବିୟୁଟି ପାର୍ଲର ଓ ଅନ୍ୟାନ୍ୟ ବ୍ୟବସାୟ କରିବାକୁ କଥା ହୋଇଥିଲେ। ଏହି ବ୍ୟବସାୟରେ ଉଭୟ ଅଧା ଅଧା ନିବେଶ କରିବେ ବୋଲି ନିଷ୍ପତ୍ତି ହୋଇଥିଲା। ଗୁରୁବାର ରାତିରେ ପୀଡ଼ିତା ଜଣକ ବ୍ୟବସାୟ ବିଷୟରେ କଥା ହେବା ପାଇଁ ଉକ୍ତ ହୋଟେଲକୁ ଯାଇଥିଲେ। ହୋଟେଲ ରୁମ୍‌ରେ ପହଞ୍ଚିବା ପରେ ଅଭିଯୁକ୍ତ ଜଣକ ତାଙ୍କ ସହ ଅଶ୍ଳୀଳ ଇଙ୍ଗିତ କରିବା ସହ ବିଭିନ୍ନ ଲୋଭ ଦେଖାଇଥିଲେ। ଏଥିସହ ତାଙ୍କୁ ରାତି ବିତେଇବାକୁ ବାଧ କରିଥିଲେ। ମହିଳା ଜଣକ ଏଥିରେ ରାଜି ନ ହେବାରୁ ଅଭିଯୁକ୍ତ ତାଙ୍କ ମୋବାଇଲ ଫୋନ୍ ଛଡ଼ାଇ ନେଇ ରୁମ୍‌ରେ ବନ୍ଦ କରିଦେଇଥିଲେ। ରାତିସାରା ଅଭିଯୁକ୍ତ ଜଣକ ନାନା ଧମକ ଦେବା ସହ ଯୌନ ନିର୍ଯାତନା ଦେଇଥିଲେ। ମହିଳା ଜଣକ କୌଣସି ମତେ ଅଭିଯୁକ୍ତଙ୍କ କବଳରୁ ଖସି ଆସ ସ୍ୱାମୀ ଓ ଭାଇ ଜଣାଇଥିଲେ ବୋଲି ଏତଲାରେ ଦର୍ଶାଇଛନ୍ତି। ପୋଲିସ ଘଟଣାକୁ ଗୁରୁତ୍ୱର ସହ ନେଇ ଛାନଭିନ୍ କରିବା ସହ ପ୍ରମାଣ ପାଇବାକୁ ହୋଟେଲର ସିସିଟିଭି ଫୁଟେଜ୍ ଯାଞ୍ଚ କରୁଛି। ଏଥିସହ ହୋଟେଲ କର୍ମଚାରୀଙ୍କୁ ଘଟଣା ବିଷୟରେ ପଚରାଉଚରା କରିଛି।




ପୁରୀ ନୀଳାଦ୍ରି ବେଳାଭୂମି ମୁକ୍ତାକାଶ ରଙ୍ଗମଞ୍ଚରେ ଜାତୀୟ ଯୁବ ସମନ୍ୱିତ କେନ୍ଦ୍ର ଆନୁକୂଲ୍ୟରେ ଆୟୋଜିତ 'ଗ୍ଲୋରିଫେଷ୍ଟ-୨୦୨୫'ର ଉଦ୍‌ଯାପନୀ ଉତ୍ସବରେ ଶୁକ୍ରବାର ଗ୍ଲୋରି କୁଇନ୍ ଓ ଗ୍ଲୋରି କିଙ୍ଗ ଟାଇଟଲ୍ ବିଜୟୀଙ୍କ ସହ ଅନ୍ୟ କୃତି ପ୍ରତିଯୋଗୀ। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

# ସମନ୍ୱିତା ଗ୍ଲୋରି କୁଇନ୍, ଶୟନଦୀପ ଗ୍ଲୋରି କିଙ୍ଗ୍

ପୁରୀ,୧୪।୨(ଅଜିତ୍ କୁମାର ମହାନ୍ତି)

**ଗ୍ଲୋରି ଫେଷ୍ଟ-୨୦୨୫ ଉଦ୍‌ଯାପିତ**

- ଏସ୍‌ସିଏସ୍ କଲେଜକୁ ଦଳଗତ ଚାମ୍ପିୟନ ଟ୍ରଫି
- ତିଲକ ଚକ୍ରବର୍ତ୍ତୀଙ୍କ ଗୀତରେ ଝୁମିଲେ ଦର୍ଶକ

ଶ୍ରୀକ୍ଷେତ୍ରର ସାଂସ୍କୃତିକ ଅନୁଷ୍ଠାନ ଜାତୀୟ ଯୁବ ସମନ୍ୱିତ କେନ୍ଦ୍ର ଆନୁକୂଲ୍ୟରେ ଗତ ୪ଦିନ ଧରି ଚାଲିଥିବା 'ଗ୍ଲୋରିଫେଷ୍ଟ-୨୦୨୫' ଶୁକ୍ରବାର ନୀଳାଦ୍ରି ବେଳାଭୂମି ମୁକ୍ତାକାଶ ରଙ୍ଗମଞ୍ଚରେ ଉଦ୍‌ଯାପିତ ହୋଇଯାଇଛି। ଚଳିତବର୍ଷ ତିରୁପତି ବିଶ୍ୱବିଦ୍ୟାଳୟର ସମନ୍ୱିତା କେ ନାୟୋଥିରି ଗ୍ଲୋରି କୁଇନ୍ ମୁକୁଟ ପିନ୍ଧିଛନ୍ତି। ଯାଜପୁରସ୍ଥିତ ବିରଜା ମହିଳା ମହାବିଦ୍ୟାଳୟର ଛାତ୍ରୀ ଅର୍ପିତା ପ୍ରିୟଦର୍ଶିନୀ ମିଶ୍ର ପ୍ରଥମ ରନର୍ସଅପ୍ ଏବଂ ବଲାଙ୍ଗୀରସ୍ଥିତ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ଛାତ୍ରୀ ଗୀତାଞ୍ଜଳି ମେହେର ଦ୍ୱିତୀୟ ରନର୍ସଅପ୍ ହୋଇଛନ୍ତି। ସେହିପରି ଭୁବନେଶ୍ୱର ହାଇଟେକ୍ କଲେଜର ଶୟନଦୀପ ପଣ୍ଡା ଗ୍ଲୋରି କିଙ୍ଗ-୨୦୨୫ ମୁକୁଟ ପିନ୍ଧିଛନ୍ତି। ଅଗରତାଲାସ୍ଥିତ ସଂସ୍କୃତ ବିଶ୍ୱବିଦ୍ୟାଳୟର ରନିତ ଦେବନାଥ ପ୍ରଥମ ରନର୍ସଅପ୍ ଏବଂ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ର ସତ୍ୟଜିତ ବେହୁରିଆ ଦ୍ୱିତୀୟ ରନର୍ସଅପ ହୋଇଛନ୍ତି। ପୁରୀସ୍ଥିତ ସାମନ୍ତ ଚନ୍ଦ୍ରଶେଖର (ଏସ୍‌ସିଏସ୍) ସ୍ୱୟଂଶାସିତ ମହାବିଦ୍ୟାଳୟ ଦଳଗତ ଚାମ୍ପିୟନ ଟ୍ରଫି ହାତେଇ ଥିବାବେଳେ ଉକ୍ତ ମହାବିଦ୍ୟାଳୟର ଛାତ୍ରୀ ଆୟୁଶ୍ରୀ ପ୍ରଧାନ ଟ୍ୟାଲେଣ୍ଟ ଅଫ୍ ଦି ଇୟର ଭାବେ ପୁରସ୍କୃତ ହୋଇଛନ୍ତି। ସେହିପରି ଝାଡ଼ଖଣ୍ଡର ସେଣ୍ଟ ଅଗଷ୍ଟିନ ମହାବିଦ୍ୟାଳୟର ଟିମ୍‌କୁ ଶୃଙ୍ଖଳିତ ଦଳ ଭାବେ ପୁରସ୍କୃତ କରାଯାଇଛି। ଏଥିସହ ଅନ୍ୟାନ୍ୟ ୧୩ଟି ବିଭାଗର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଛି। ଏହି ଉତ୍ସବରେ ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରୁ ୩୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ, ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ, ରାଜ୍ୟ ଭାଜପା ଉପସଭାପତି ଗୋଲକ ମହାପାତ୍ର, ସାମାଜିକ କର୍ମୀ ଚକ୍ରଧର ମହାପାତ୍ର, ପୂର୍ବତନ ନଗରପାଳ ଗୌରହରି ପ୍ରଧାନ, ଇଂ. ସୂର୍ଯ୍ୟ ରଥ, ହୋଟେଲିୟର ରାଜକିଶୋର ପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ରବି ନନ୍ଦଙ୍କ ବିୟୋଗରେ ତାଙ୍କ ଆତ୍ମାର ସଦ୍‌ଗତି ନିମିତ୍ତ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ସନ୍ଧ୍ୟାରେ ସୁନ୍ଦର ସଙ୍ଗୀତ ପରିବେଷଣ କରି ମନ ମୋହିଥିଲେ ତିଲକ ଚକ୍ରବର୍ତ୍ତୀ। କାର୍ଯ୍ୟକ୍ରମକୁ ଆଙ୍କର ପିୟୂଷ ଓ ପୂର୍ଣ୍ଣେନ୍ଦୁ ସଂଯୋଜନା କରିଥିଲେ। ଏହି ଉତ୍ସବରେ ଅନୁଷ୍ଠାନର ଅଧ୍ୟକ୍ଷ ପ୍ରଫେସର ହରେକୃଷ୍ଣ ଶତପଥୀ, କାର୍ଯ୍ୟକାରୀ ଅଧ୍ୟକ୍ଷ ରାଜେଶ କୁମାର ମହାନ୍ତି, ଯୁଗ୍ମ-ଉପାଧ୍ୟକ୍ଷ ପୂର୍ଣ୍ଣେନ୍ଦୁ ପଟ୍ଟନାୟକ, ଦାମୋଦର ଶତପଥୀ, ସାଧାରଣ ସମ୍ପାଦକ ବିଦ୍ରୋହ କେଶରୀ ସିଂ, ସଙ୍ଗଠନ ସମ୍ପାଦକ ସୌମ୍ୟ ରଞ୍ଜନ ମିଶ୍ର, କୋଷାଧ୍ୟକ୍ଷ ଦେବେନ୍ଦ୍ର ପ୍ରସାଦ ମହାପାତ୍ର, ସାଂସ୍କୃତିକ ସମ୍ପାଦକ ଜିତେନ୍ଦ୍ର ନାଥ କଟିସ, ମୁଖପାତ୍ର ତଥା ସାମ୍ବାଦିକ ପ୍ରଦ୍ୟୁମ୍ନ ସାଥୁଆ ଓ ସୌମିତ୍ର ହରିଚନ୍ଦନ, ବରିଷ୍ଠ ସଦସ୍ୟ ଶିବ ଶଙ୍କର ପ୍ରଧାନ ଏବଂ ଚିଦାନନ୍ଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ତୃତୀୟଥର ବିଜେବି କଲେଜକୁ ମିଳିଲା ନାକ୍-ଏ ଗ୍ରେଡ୍ ମାନ୍ୟତା

ଭୁବନେଶ୍ୱର,୧୪।୨(ସୁଚିସ୍ମିତା ସାହୁ)

ରାଜ୍ୟର ଅନ୍ୟତମ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ବିଜେବି କଲେଜକୁ ତୃତୀୟଥର ପାଇଁ ନାକ୍-ଏ ଗ୍ରେଡ୍ ମାନ୍ୟତା ମିଳିଛି। ସେଭେନ ପଏଣ୍ଟ ସ୍କେଲ୍‌ରେ ୩.୧୧ ସିଜିପିଏ ହାସଲ କରିଛି। ଦୀର୍ଘ ୯ବର୍ଷ ପରେ ପୁଣି ଏ-ଗ୍ରେଡ୍ ମାନ୍ୟତା ପାଇବା ପରେ ମହାବିଦ୍ୟାଳୟ ପରିସରରେ ଉତ୍ସାହର ପରିବେଶ ଦେଖିବାକୁ ମିଳିଛି। ଏହା ଏକ ଐତିହାସିକ ମୁହୂର୍ତ୍ତ ବୋଲି କଲେଜ ପକ୍ଷରୁ କୁହାଯାଇଛି। ବର୍ତ୍ତମାନ ନାକ୍ ମାନ୍ୟତା ନିୟମ ପରିବର୍ତ୍ତନ ହୋଇଥିବାରୁ ସରକାରୀ କଲେଜରେ ଏ-ଗ୍ରେଡ୍ ମାନ୍ୟତା ପାଇବା କଷ୍ଟକର ହୋଇପଡିଛି। ଏହା ସତ୍ତ୍ୱେ ଏହି ମାନ୍ୟତା ପାଇବାକୁ ବହୁ ଉଦ୍ୟମ କରାଯାଇଥିଲା। ସମସ୍ତଙ୍କ ଉଦ୍ୟମ ଓ ସହଯୋଗରେ ଏହି ସଫଳତା ମିଳିଛି। ଏବେ ବିଜେବି କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇଁ ଉଦ୍ୟମ ଚାଲିଛି ବୋଲି ପୂର୍ବତନ ପ୍ରିନ୍ସିପାଲ ଇତିଶ୍ରୀ ପାଢ଼ୀ କହିଛନ୍ତି। ଏ-ଗ୍ରେଡ୍ ପାଇବା ପାଇଁ ଏବେ ମାର୍କ ପଦ୍ଧତିରେ ପରିବର୍ତ୍ତନ ହୋଇଛି। ତେବେ ଏହି ମାନ୍ୟତା ମିଳିଥିବାରୁ ପ୍ରିନ୍ସିପାଲ ରୁମ୍‌କି ରଥ ଖୁସିବ୍ୟକ୍ତ କରିବା ସହ ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷା ଓ କଲେଜର ଭିତ୍ତିଭୂମି ଆହୁରି ବଢାଇବାକୁ ଉଦ୍ୟମ କରାଯିବ ବୋଲି କହିଛନ୍ତି। ଅନ୍ୟପକ୍ଷରେ ନାକ୍ ପକ୍ଷରୁ ମାନତା ଘୋଷଣା ପରେ ଛାତ୍ରୀଛାତ୍ର ବାଣ ଫୁଟାଇବା ସହିତ କଲେଜ ପରିସରରେ ଡିଜେ ଲଗାଇ ନାଚିବା ସହ ଖୁସି ମନାଇଥିଲେ।

# ଔପନ୍ୟାସିକ ନବକିଶୋର ରାଜଙ୍କ ପରଲୋକ

କଟକ,୧୪।୨(କାର୍ତ୍ତିକ ସାହୁ)

ଝାଞ୍ଜିରିମଙ୍ଗଳା ନିବାସୀ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ତଥା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଔପନ୍ୟାସିକ ନବକିଶୋର ରାଜା(୭୯)ଙ୍କର ଗୁରୁବାର ରାତିରେ ପରଲୋକ ହୋଇଯାଇଛି। ସେ ଅସୁସ୍ଥ ହୋଇ ଲିଙ୍କ୍‌ରୋଡ୍‌ସ୍ଥିତ ଏକ ଘରୋଇ ନର୍ସିଂହୋମ୍‌ରେ ଚିକିତ୍ସାଧୀନ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କ ରଚିତ ଛାୟା ପୁରୁଷ ଉପନ୍ୟାସ ପାଇଁ ସେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ। ସେ ନୀଳଶୈଳ ଏବଂ ବିଶ୍ୱ ଓଡ଼ିଆ ସମ୍ମିଳନୀର ମୁଖ୍ୟ ପୃଷ୍ଠପୋଷକ ଥିଲେ। ତାଙ୍କ ବିୟୋଗରେ ବିଶ୍ୱ ଓଡ଼ିଆ ସମ୍ମିଳନୀ ଅଧ୍ୟକ୍ଷ ମୁରଲୀ ମନୋହର ଶର୍ମା, ସମ୍ପାଦକ ବିଭୁ ପ୍ରସାଦ ନାୟକ, ନୀଳଶୈଳର ସଭାପତି ଆଡ୍‌ଭୋକେଟ୍ ଧରଣୀଧର ନାୟକ, ରାଜକିଶୋର ରାଜ ସ୍ମୃତି ସଂସଦର ସଭାପତି ମନୋରଞ୍ଜନ ମହାନ୍ତି ପ୍ରମୁଖ ଶୋକପ୍ରକାଶ କରିଛନ୍ତି।



# ଏମ୍‌ସରେ ଦେଶର ପ୍ରଥମ ଏଚ୍‌ପିବି ରେଡିଓଲୋଜି ପାଠ୍ୟକ୍ରମ




ଏମ୍ସ ଏଚ୍‌ପିବି ରେଡିଓଲୋଜି ପାଠ୍ୟକ୍ରମରେ ଯୋଗଦେଇଥିବା ଅଂଶ ଗ୍ରହଣ କରିଥିବା ଛାତ୍ରୀଛାତ୍ର ଓ ଅନ୍ୟମାନେ।

ଭୁବନେଶ୍ୱର ୧୪।୨ (ବନ୍ଦନା ସେଠୀ)

ଭାରତର ପ୍ରଥମ ହେପାଟୋ-ପାନ୍‌କ୍ରିଏଟୋ-ବିଲିଆରି (ଏଚ୍‌ପିବି) ରେଡିଓଲୋଜି ପାଠ୍ୟକ୍ରମକୁ ସଫଳତାର ସହିତ ଆୟୋଜନ କରି ଏମ୍ସ ଭୁବନେଶ୍ୱର ଚିକିତ୍ସା ବିଜ୍ଞାନ, ଶିକ୍ଷା ଏବଂ ତାଲିମ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି। ସର୍ଜିକାଲ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ଏବଂ ରେଡିଓ-ଡାଇଗ୍ନୋସିସ୍ ବିଭାଗ ଦ୍ୱାରା ପରିଚାଳିତ ଏହି ପାଠ୍ୟକ୍ରମ ଅନ୍ତର୍ଜାତୀୟ ହେପାଟୋ-ପାନ୍‌କ୍ରିଏଟୋ-ବିଲିଆରି ଆସୋସିଏଶନ (ଆଇଏଚପିବିଏ) ଭାରତୀୟ ଶାଖା ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା। ଜଟିଳ ଏଚ୍‌ପିବି ସର୍ଜିକାଲ ଆନାଟୋମିର ବୁଝାମଣାକୁ ବୃଦ୍ଧି କରିବା ପାଇଁ ଡିଜାଇନ କରାଯାଇଥିବା ଏହି ପାଠ୍ୟକ୍ରମ ଏଚ୍‌ପିବି ରୋଗରେ ଅଲଟ୍ରା ସୋନୋଗ୍ରାଫି, ସିଟି ସ୍କାନ, ଏମ୍‌ଆର୍‌ଆଇ ଏବଂ ପେଟ୍ ସିଟି ସ୍କାନ ପ୍ରୟୋଗ ସମ୍ବନ୍ଧରେ ଗଭୀର ଅନ୍ତର୍ଦୃଷ୍ଟି ପ୍ରଦାନ କରିଥିଲା। ଯେକୌଣସି ଜଟିଳ ରୋଗର ଠିକ୍ ନିରୂପଣ, ଅସ୍ତ୍ରୋପଚାର ନିମନ୍ତେ ସଫଳ ଯୋଜନା ଏବଂ ଅସ୍ତ୍ରୋପଚାର ପରବର୍ତ୍ତୀ



ଅବସ୍ଥାରେ ଉତ୍ସାହଜନକ ଫଳାଫଳ ମିଳିବା ଏହି ପାଠ୍ୟକ୍ରମର ମୂଳ ଲକ୍ଷ୍ୟ ଭାବେ ବିବେଚନା କରାଯାଇଥାଏ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଏଚ୍‌ପିବି ରେଡିଓଲୋଜିର ମୌଳିକ ତତ୍ତ୍ୱଗୁଡ଼ିକୁ ତିନୋଟି ଅନ୍‌ଲାଇନ ଅଧିବେଶନରେ ତାଲିମ ପ୍ରଦାନ ସହିତ ଦୁଇଦିନିଆ ପ୍ରାକ୍ଟିକାଲ ତାଲିମ ଅନୁଷ୍ଠିତ ହୋଇଥିଲା। ଏଚ୍‌ପିବି ଓ ଯକୃତ ପ୍ରତିରୋପଣ ଅସ୍ତ୍ରୋପଚାର, ଏଚ୍‌ପିବି ଇଣ୍ଟରଭେନ୍‌ଶନାଲ ରେଡିଓଲୋଜି ଏବଂ ଉନ୍ନତ ଇମେଜିଂ କୌଶଳ ବାବଦରେ ବିଶେଷଜ୍ଞମାନେ ତଥ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଏମ୍ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇଏଚ୍‌ପିବିଏ-ଇଣ୍ଡିଆର ସମ୍ପାଦକ ଡା. ବିଜୁ ପୋଟ୍ଟାକଟ, ଆଇଏଚପିବିଏ-ଇଣ୍ଡିଆର ପୂର୍ବତନ ସଭାପତି ଡା. ସଞ୍ଜୟ ଗୋଭିଲ, ଡା. ନୈମିଶ ମେହତା, ଏମ୍ସ ଭୁବନେଶ୍ୱର ରେଡିଓଡାଇଗ୍ନୋସିସ ବିଭାଗ ମୁଖ୍ୟ ଡା. ସୁପ୍ରଭା ନାୟକ, ଡା. ଅଶୋକ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ମୌସୁମୀ



@ ଲୋପାଲିଶା



@ ସୁମନ୍ତ



@ ପ୍ରେମାନନ୍ଦ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# କଙ୍ଗୋରେ ଓଡ଼ିଆ ଇଞ୍ଜିନିୟରଙ୍କ ମୃତ୍ୟୁ

**୧୦ଦିନ ପରେ ବି ଫେରିନି ମୃତଦେହ**

ବାଣପୁର,୧୪।୨(ଦିଲୀପ କୁମାର ସ୍ୱାଇଁ)

ଆଫ୍ରିକାର କଙ୍ଗୋରେ କାର୍ଯ୍ୟରତ ଜଣେ ଓଡ଼ିଆ ଇଞ୍ଜିନିୟରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଖୋର୍ଦ୍ଧ ଜିଲା ଚିଲିକା ବ୍ଲକର ନଇରୀ ଗ୍ରାମର ଆଦିତ୍ୟ ଦଳାଇ(୨୪)। ତେବେ ତାଙ୍କ ମୃତ୍ୟୁକୁ ୧୦ଦିନ ବିତିଯାଇଥିଲେ ମଧ୍ୟ ସେଠାରୁ ମୃତଦେହ କିପରି ଆସିବ ପରିବାର ଲୋକେ ଚିନ୍ତାରେ ପଡ଼ିଛନ୍ତି। ପ୍ରଶାସନ ଏବଂ ଜନପ୍ରତିନିଧି ଏଥିପ୍ରତି ଦୃଷ୍ଟି ଦେବା ସହ ଆଦିତ୍ୟଙ୍କ ମୃତଦେହ ଫେରାଇ ଆଣିବାକୁ ଅନୁରୋଧ କରିଛନ୍ତି। ସୂଚନା ମୁତାବକ, କଙ୍ଗୋସ୍ଥିତ ଏକ କନ୍‌ଷ୍ଟ୍ରକ୍ସନ କମ୍ପାନୀରେ ଆଦିତ୍ୟ ଇଲେକ୍ଟ୍ରିକାଲ ଇଞ୍ଜିନିୟର ଭାବେ କାର୍ଯ୍ୟରତ ଥିଲେ। ସେ ଗତ ୪ ତାରିଖରେ ଅସୁସ୍ଥ ହେବାରୁ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।



ଆଦିତ୍ୟ ଦଳାଇ

ଖବରପାଇ ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡିଛନ୍ତି। ଅନ୍ୟପଟେ ୧୦ଦିନ ବିତିଯାଇଥିଲେ ମଧ୍ୟ ମୃତଦେହ ଘରକୁ ନ ଫେରିବାରୁ ଚିନ୍ତାରେ ପଡ଼ିଛନ୍ତି ପରିବାର ଲୋକେ। ଏନେଇ ସ୍ୱେଚ୍ଛାସେବୀ ସଙ୍ଗଠନ 'ଆବାହନ'ର କାର୍ଯ୍ୟନିର୍ବାହୀ ସମ୍ପାଦକ ଡ. ନୀଳଲୋହିତ ହରିଚନ୍ଦନ, ସାମାଜିକ କର୍ମୀ ପ୍ରଦୋଷ କୁମାର ଦାସ ପ୍ରମୁଖ ପୁରୀ ଏମ୍‌ପି ଡା. ସମ୍ବିତ୍ ପାତ୍ରଙ୍କୁ ଯୋଗଯୋଗ କରିବା ସହ ଆଦିତ୍ୟଙ୍କ ମୃତଦେହ ଫେରାଇ ଆଣିବାକୁ ଅନୁରୋଧ କରିଛନ୍ତି। ଏଥିସହ ଚିଲିକା ବିଧାୟକ ତଥା ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ନିବେଦନ କରିଛନ୍ତି।

# ନୀଳଚକ୍ରରେ ଲାଗିଥିବା ବାଉଁଶ ଅଧାରୁ ଭାଙ୍ଗିଲା

ପୁରୀ,୧୪।୨(ଅଜିତ୍ କୁମାର ମହାନ୍ତି)

ଶୁକ୍ରବାର ଅପରାହ୍ନରେ ନୀଳଚକ୍ରରେ ବାନା ଓଲାଗି ସହ ବାନାବନ୍ଧା ସମୟରେ ଅଘଟଣ ଦେଖିବାକୁ ମିଳିଛି। ନୀଳଚକ୍ରରେ ପତିତପାବନ ବାନା ଲାଗିହୋଇ କିଛି ସମୟ ଉଡ଼ିବା ପରେ ନୀଳଚକ୍ରରେ ଲାଗିଥିବା ବାଉଁଶଟି ଅଧାରୁ ଭାଙ୍ଗିଯାଇଥିଲା। ଫଳରେ ବାଉଁଶ ସହ ବାନା ପ୍ରାୟ ୧୫ ମିନିଟ୍ ଧରି ଝୁଲି ରହିଥିଲା। ପରେ ସେଠାରେ ଥିବା ଚୂନରା ସେବାୟତମାନେ ବାଉଁଶକୁ ଟେକି ପୁନର୍ବାର ବାନା ବାନ୍ଧିଥିଲେ। ତେବେ ଏହି ଅଘଟଣ ପାଇଁ ନୀତିରେ କୌଣସି ବ୍ୟତିକ୍ରମ ହୋଇନାହିଁ। ସୂଚନାଯୋଗ୍ୟ, ପ୍ରତ୍ୟେକ ଦିନ ଅପରାହ୍ନ ସମୟରେ ଚୂନରା ସେବାୟତମାନେ ଶ୍ରୀମନ୍ଦିର ଉପରକୁ ଯାଇ ନୀଳଚକ୍ରରେ ପୂର୍ବଦିନରୁ ଲାଗି କରାଯାଇଥିବା ବାନାକୁ ଓଲାଗି କରିବା ସହ ନୂତନ ବାନା ଲାଗି କରିଥାନ୍ତି। ନୀଳଚକ୍ରରେ ଗୋଟିଏ ପ୍ରାୟ ୧୬ ହାତିଆ ବାଉଁଶ ଲାଗିଥାଏ। ଉକ୍ତ ବାଉଁଶରେ ଗୋଟିଏ ବାନା ବନ୍ଧାଯାଇଥିବା ବେଳେ ଅନ୍ୟବାନା ଗୁଡିକ ନୀଳଚକ୍ରରେ ଲାଗି କରାଯାଇଥାଏ। କିଛି ମାସ ବ୍ୟବଧାନରେ ବାଉଁଶ ପରିବର୍ତ୍ତନ କରାଯାଇଥାଏ। ତେବେ ଅନେକ ଦିନ ହେବ ବାଉଁଶଟି ପରିବର୍ତ୍ତନ କରାଯାଇ ନ ଥିବାରୁ ଦୁର୍ବଳ ହୋଇପଡ଼ିଥିଲା, ଫଳରେ ଅଧାରୁ ଭାଙ୍ଗିଯାଇଥିଲା। ତେବେ ଦିନେ ଦୁଇଦିନ ମଧ୍ୟରେ ନୂତନ ବାଉଁଶ ଅଣାଯାଇ ବିଧିବିଧାନ ଅନୁଯାୟୀ ଲଗାଯିବ ବୋଲି ସୂଚନା ମିଳିଛି।

## ଆସ୍ଥା ଭୋଟରେ ହାରିଲେ ପାଟଣା ବ୍ଲକ୍ ଅଧକ୍ଷା

ପାଟଣା,(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପାଟଣା ବ୍ଲକ୍ ଅଧକ୍ଷା ଶୁକାନ୍ତି ନାଏକ ଆସ୍ଥା ଭୋଟରେ ହାରିଛନ୍ତି। ଶୁକାନ୍ତିଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ନେଇ ଗତ ଜାନୁଆରୀ ୪ରେ ବ୍ଲକ୍ ସଭାଗୃହରେ ମତଦାନ ହୋଇଥିଲା। ଶୁକ୍ରବାର ପୂର୍ବାହ୍ନ ୧୧ଟା ୩୦ରେ କଡ଼ା ସୁରକ୍ଷା ମଧ୍ୟରେ ଭୋଟ ଗଣତି ହୋଇଥିଲା। ୩୪ ଭୋଟ ମଧ୍ୟରୁ ଅନାସ୍ଥା ସପକ୍ଷରେ ୩୩ ଭୋଟ ପଡ଼ିଥିବା ବେଳେ ବିପକ୍ଷରେ ମାତ୍ର ଗୋଟିଏ ଭୋଟ ପଡ଼ିଥିଲା।

# ନୋଟାକୁ ଭୋଟ କମୁଛି

ନୂଆଦିଲ୍ଲୀ,୧୪।୨




ନିର୍ବାଚନୀ ମଇଦାନରେ ପସନ୍ଦର ପ୍ରାର୍ଥୀ ନ ଥିଲେ ନନ୍ ଅଫ୍ ଦି ଏବଭ୍ (ଉପରୋକ୍ତ ମଧ୍ୟରୁ କେହି ନୁହନ୍ତି ବା ନୋଟା) ବଟନ୍ ଦବାଇବା ବିକଳ୍ପ ଇଭିଏମ୍‌ରେ ରହିଛି। ୨୦୧୪ ଲୋକ ସଭା ନିର୍ବାଚନଠାରୁ ଭାରତର ନିର୍ବାଚନ କମିଶନ (ଇସିଆଇ) ଭୋଟିଂ ମେଶିନ୍‌ରେ ନୋଟା ବିକଳ୍ପକୁ ସାମିଲ କରିଥିଲେ। ତେବେ ୨୦୨୪ ଲୋକ ସଭା ନିର୍ବାଚନରେ ସବୁଠୁ କମ୍ ଭୋଟର ନୋଟାକୁ ବାଛିଥିବା ଜଣାପଡ଼ିଛି। ଇସିଆଇଙ୍କ ପକ୍ଷରୁ ପ୍ରକାଶିତ ଆଟଲାସ୍-୨୦୨୪ ପୁସ୍ତକରେ ଉଲ୍ଲେଖ କରାଯାଇଛି ଯେ, ଗତ ୩ଟି ଲୋକ ସଭା ନିର୍ବାଚନର ଟ୍ରେନ୍‌କୁ ଦେଖିଲେ, ନୋଟା ଭୋଟରଙ୍କ ସଂଖ୍ୟା କମିଆସୁଛି। ୨୦୧୪ରେ ୧.୦୮ପ୍ରତିଶତ ଭୋଟର ନୋଟା ବଟନ୍ ଦବାଇଥିବାବେଳେ ୨୦୨୪ରେ ଅନୁଷ୍ଠିତ ଲୋକ ସଭା ନିର୍ବାଚନ ବେଳେ ନୋଟା ଭୋଟ ହାର ୦.୯୯% ରହିଥିଲା।

# ପ୍ରୀତିରଞ୍ଜନ ଦଳୀୟ ଚକ୍ରାନ୍ତର ଶିକାର ହୋଇଥିଲେ: ପ୍ରଫୁଲ୍ଲ

## ଜବାବ ରଖିଲେ ପ୍ରମିଳା

ଭୁବନେଶ୍ୱର ୧୪।୨, (ବନ୍ଦନା ସେଠୀ)




ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ଓ ପ୍ରୀତିରଞ୍ଜନ ଘଡ଼ାଇ।

ବିଜେଡିର ପରାଜୟ ପରେ ଜଣଙ୍କ ପରେ ଜଣେ ନେତା ସାମ୍ନାକୁ ଆସି ସେମାନଙ୍କର ତୁଣ୍ଡ ଖୋଲୁଛନ୍ତି। ବରିଷ୍ଠ ବିଜେଡି ନେତା ଅମର ଶତପଥୀ, ପ୍ରସନ୍ନ ପାଟଶାଣୀଙ୍କ ପରେ ଏବେ ସାମ୍ନାକୁ ଆସି ନିଜର ଅସନ୍ତୋଷ ବ୍ୟକ୍ତ କରିଛନ୍ତି ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ। ଏକ କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଫୁଲ୍ଲ ପୁଅ ପ୍ରୀତିରଞ୍ଜନଙ୍କ ସମ୍ପର୍କରେ କହିଛନ୍ତି, ଦଳରେ ଷଡ଼ଯନ୍ତ୍ର ଚାଲିଥିଲା, ଯାହାର ଶିକାର ହୋଇଥିଲେ ପ୍ରୀତିରଞ୍ଜନ। ଫଳରେ ପ୍ରୀତିରଞ୍ଜନଙ୍କୁ କୋରେଇ ଆସନ ଛାଡ଼ିବାକୁ ପଡିଥିଲା। ପ୍ରୀତିରଞ୍ଜନ ଓ କୋରେଇବାସୀଙ୍କ ଇଚ୍ଛା ବିରୋଧରେ ତାଙ୍କୁ ସୁକିନ୍ଦା ଯିବାକୁ ପଡିଥିଲା। ସୁକିନ୍ଦା ପାଇଁ ନୋମିନେଶନ ଫାଇଲ୍ କରିବାକୁ ଯିବାବେଳେ ପ୍ରୀତିରଞ୍ଜନଙ୍କ ଆଖିରୁ ଲୁହ ଝରିପଡୁଥାଏ। କୋରେଇବାସୀ କହୁଥାନ୍ତି ଡାନିଭାଇ ଆମ କୋରେଇ ପାଇଁ ନୋମିନେଶନ କର, ସୁକିନ୍ଦା ପାଇଁ କରନାହିଁ। ସେ ଦୃଶ୍ୟ ମୁଁ ଦେଖିଛି। ସେହି ସମୟରେ ମୋ ଆଖିରୁ ମଧ୍ୟ ଲୁହ ଆସିଯାଉଥାଏ। ଦଳୀୟ ରାଜନୀତିର ଶିକାର ହୋଇ ସେଦିନ ଠାରୁ ସକ୍ରିୟ ରାଜନୀତିରୁ ସେ ଦୂରେଇ ଯାଇଥିବା ପ୍ରଫୁଲ୍ଲ କହିଥିଲେ। ଆଉ କେବଳ ଅହଙ୍କାର ପାଇଁ ବିଜେଡିର ପରାଜୟ ହୋଇଥିବା ସେ ସୂଚିତ କରିଥିଲେ।

ଅପରପକ୍ଷେ ଶୁକ୍ରବାର ପ୍ରଫୁଲ୍ଲଙ୍କ ଏହି ବୟାନର ଜବାବ ରଖିଛନ୍ତି ବିଜେଡି ନେତ୍ରୀ ତଥା ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ। ସେ କହିଛନ୍ତି, କିଏ କେଉଁଠି ଷଡ଼ଯନ୍ତ୍ର କରିଥିଲା ତାହା ପ୍ରଫୁଲ୍ଲ ଜାଣିଥିବେ, ମାତ୍ର ଆମେ ଜାଣିନୁ। ଦଳରେ କୌଣସି ଜାଗାରେ ଷଡ଼ଯନ୍ତ୍ର ଚାଲିନି। ଆଗରୁ ହୋଇ ନଥିଲା କି ଏବେ ବି ହେଉନି। ଦଳ ଯେମିତି ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଚାଲିଥିଲା ସେମିତି ଚାଲିଛି। ଦଳରେ କାହାର ଅହଙ୍କାର ବଢ଼ିନି। ତେବେ ପ୍ରଫୁଲ୍ଲ ଘଡ଼ାଇ କାହିଁକି ଏପରି କହୁଛନ୍ତି ତାଙ୍କୁ ପଚାରନ୍ତୁ ବୋଲି ପ୍ରମିଳା କହିଛନ୍ତି।

### ପ୍ରୀତିରଞ୍ଜନଙ୍କୁ କୋରେଇ ପଠାଇବାକୁ ପ୍ରଫୁଲ୍ଲ ଯୋଜନା କରୁଛନ୍ତି: ପ୍ରଦୀପ ବଳ ସାମନ୍ତ

ସମବାୟ ମନ୍ତ୍ରୀ ତଥା ସୁକିନ୍ଦା ବିଧାୟକ ପ୍ରଦୀପ ବଳସାମନ୍ତ କହିଛନ୍ତି, ପ୍ରଫୁଲ୍ଲ ଘଡ଼ାଇ ଯେଉଁ କଥା କହିଛନ୍ତି ତା'ର ଅର୍ଥ ପ୍ରୀତିରଞ୍ଜନ ଆଉ ସୁକିନ୍ଦାରେ ଜିତି ପାରିବେନି। ସେଥିପାଇଁ ତାଙ୍କୁ କୋରେଇ ପଠାଇବାକୁ ସେ ଯୋଜନା କରୁଛନ୍ତି। ସେହିପରି ନିଜେ ପ୍ରଫୁଲ୍ଲ ସୁକିନ୍ଦାରୁ ପୁଣି ଲଢିବାକୁ ଇଚ୍ଛା ରଖିଛନ୍ତି ବୋଲି ପ୍ରଦୀପ କଟାକ୍ଷ କରିଛନ୍ତି।



ପ୍ରୟାଗରାଜର ମହାକୁମ୍ଭ ମେଳାରେ ପୂଜାର୍ଚ୍ଚନା କରୁଛନ୍ତି ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ୍।

# ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ପାଇଁ ୬୪ କି.ମି. ପଦଯାତ୍ରା କରିବୁ: ଭକ୍ତ



ପିସିସି ସଭାପତି ଭକ୍ତ ଚରଣ ଦାସଙ୍କୁ ଦଳୀୟ କାର୍ଯ୍ୟକର୍ତ୍ତା ଶୁଭେଚ୍ଛା ଜଣାଉଛନ୍ତି।

ଭବାନୀପାଟଣା,୧୪।୨ (ଉତ୍ତମ କୁମାର ଦାଶ)

## ଭବାନୀପାଟଣାରେ ପିସିସି ସଭାପତି

ବରିଷ୍ଠ କଂଗ୍ରେସ ନେତା ଭକ୍ତ ଚରଣ ଦାସ ପିସିସି ସଭାପତି ହେବା ପରେ ପ୍ରଥମଥର ପାଇଁ ଶୁକ୍ରବାର ନିଜ ମାଟି ଭବାନୀପାଟଣାକୁ ଆସିଛନ୍ତି। ସକାଳେ ତାଙ୍କ ବାସଭବନରେ ଜିଲାର ବିଭିନ୍ନ ସ୍ଥାନରୁ ଶତାଧିକ ଦଳୀୟ କାର୍ଯ୍ୟକର୍ତ୍ତା ଓ ବିଭିନ୍ନ ସଙ୍ଗଠନର ସଦସ୍ୟ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଥିଲେ। ଏହି ସମୟରେ ପିସିସି ସଭାପତି ଦାସ ଗଣମାଧ୍ୟମ ଆଗରେ କହିଥିଲେ, ଆସନ୍ତା ଦିନରେ ଓଡ଼ିଶା ମାଟି ପାଇଁ ଯେଉଁ ସଂଗ୍ରାମ ହେବ ତାହାକୁ ଆଗକୁ ନେବା ଲାଗି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ନିହାତି ଆବଶ୍ୟକ। ସେହି ଆଶୀର୍ବାଦ ଲାଭ ପାଇଁ ଆମେ ଗାଡି ମୋଟରରେ ଯିବାକୁ ପସନ୍ଦ କରୁନାହୁଁ। ଭୁବନେଶ୍ୱର ଏୟାର ପୋର୍ଟଠାରୁ ପୁରୀକୁ ଆମେ ୬୪କି.ମି. ପାଦରେ ଚାଲିକି ଯିବୁ। ୩ଦିନ ଏହି ପଦଯାତ୍ରା ଚାଲିବ ଏବଂ ଏଥିରେ ୫ହଜାର ଲୋକ ସାମିଲ ହେବେ। ଏହି ସଂକଳ୍ପ ଯାତ୍ରା ଜରିଆରେ ଆମେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ଭିକ୍ଷା କରିବୁ ବୋଲି ସେ କହିଥିଲେ।

# ଦଳ ଛାଡ଼ିଥିବା ନେତାଙ୍କୁ ଫେରି ଆସିବାକୁ ପିସିସି ସଭାପତିଙ୍କ ନିବେଦନ

ଭୁବନେଶ୍ୱର,୧୪।୨(ସୁନୀତ ମିଶ୍ର)

## ନିଲମ୍ବନ ଓ ବହିଷ୍କାର ଆଦେଶ ପ୍ରତ୍ୟାହାର କଲେ ନୂଆ ସଭାପତି

କଂଗ୍ରେସରୁ ବିଗତ ଦିନରେ ଦଳ ବିରୋଧୀ କାର୍ଯ୍ୟ ହେଉ ବା ଅନ୍ୟ କୌଣସି କାରଣରୁ ନିଲମ୍ବିତ ନେତାମାନଙ୍କୁ ପୁଣି ଥରେ ଦଳକୁ ଫେରାଇ ଅଣାଯିବ। ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଭକ୍ତ ଚରଣ ଦାସ ଶୁକ୍ରବାର ଏନେଇ ଏକ ଚିଠି ଜାରି କରିଛନ୍ତି। ସେଥିରେ ସେ ଉଲ୍ଲେଖ କରିଛନ୍ତି, ଯେଉଁମାନଙ୍କୁ ବିଗତ ଦିନରେ କୌଣସି ପରିସ୍ଥିତି ନେଇ ନିଲମ୍ବନ ବା ବହିଷ୍କାର କରାଯାଇଥିଲା, ତାକୁ ପ୍ରତ୍ୟାହାର କରିନିଆଗଲା। ବିଭିନ୍ନ ସମୟରେ କୌଣସି ନା କୌଣସି କାରଣରୁ ଯେଉଁମାନେ ଦଳ ଛାଡ଼ି ଚାଲିଯାଇଛନ୍ତି, ସେମାନେ ପୁନର୍ବାର ଫେରି ଆସିବାକୁ ସଭାପତି ନିବେଦନ କରିଛନ୍ତି।

ସେ ଆହୁରି ଉଲ୍ଲେଖ କରିଛନ୍ତି, ଯେଉଁମାନେ ଦଳର ନୀତି ଓ ଆଦର୍ଶ ପ୍ରତି ଆସ୍ଥା ପ୍ରକଟ କରି ଯୋଗଦାନ କରିବାକୁ ଇଚ୍ଛୁକ, ସେମାନଙ୍କୁ କଂଗ୍ରେସ ତରଫରୁ ସମ୍ମାନର ସହ ସ୍ୱାଗତ କରାଯିବ। ଗତ ସାଧାରଣ ନିର୍ବାଚନ ସମୟରେ ପୂର୍ବତନ ବିଧାୟକ ତଥା ବରିଷ୍ଠ ନେତା ସୁରେଶ କୁମାର ରାଉତରାୟଙ୍କୁ ଦଳରୁ ବହିଷ୍କାର କରାଯାଇଥିଲା। ତେବେ ଏହି ନିଲମ୍ବନ ଆଦେଶ ପ୍ରତ୍ୟାହାର ପରେ ସୁରେଶ କହିଛନ୍ତି ଯେ, ଦଳକୁ ଫେରାଇ ନେଲେ କଂଗ୍ରେସ ପାଇଁ ସେ ଫୁଲ୍ ଦମ୍‌ରେ କାମ କରିବେ। କଂଗ୍ରେସର ପୁରୁଣା ନେତା ଓ ତାଙ୍କ ପ୍ରତି ଅନ୍ୟାୟ କରାଯାଇଛି। ନୂଆ ସଭାପତି ସମସ୍ତଙ୍କୁ ସାଙ୍ଗରେ ନେଇ ଚାଲନ୍ତୁ ବୋଲି ସେ କହିଛନ୍ତି।

# ୧୮ରୁ କଂଗ୍ରେସର ସଂକଳ୍ପ ପଦଯାତ୍ରା

ଭୁବନେଶ୍ୱର,୧୪।୨(ସୁନୀତ ମିଶ୍ର)

ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଆସନ୍ତା ୧୮ରୁ ସଂକଳ୍ପ ପଦଯାତ୍ରା ଆରମ୍ଭ ହେବ। ଏହା ଭୁବନେଶ୍ୱର ବିମାନବନ୍ଦରଠାରୁ ଆରମ୍ଭ ହୋଇ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଚାଲିବ। ପଦଯାତ୍ରାରେ ଦଳର ସମସ୍ତ କାର୍ଯ୍ୟକର୍ତ୍ତା ସାମିଲ ହେବା ନେଇ ପିସିସି ସଭାପତି ଶୁକ୍ରବାର ନିର୍ଦ୍ଦେଶ ଦେଇଛନ୍ତି। ପଦଯାତ୍ରାକୁ ଶୃଙ୍ଖଳିତ କରିବା ନେଇ ଦଳ ପକ୍ଷରୁ ଏକ କମିଟି ଗଠନ କରାଯାଇଛି। ପୂର୍ବତନ ବିଧାୟକ ଦେବାଶିଷ ପଟ୍ଟନାୟକଙ୍କୁ କମିଟିର ଅଧ୍ୟକ୍ଷ କରାଯାଇଥିବାବେଳେ ତାଙ୍କ ବ୍ୟତୀତ ୧୫ ଜଣ ଏହି କମିଟିରେ ଅଛନ୍ତି। ତାଲିକାରେ ପୂର୍ବତନ ବିଧାୟକ ମହମ୍ମଦ ମୋକିମ୍, ବିଧାୟକ ରମେଶ ଜେନା, ଦାଶରଥି ଗମାଙ୍ଗ, ସିଏସ୍ ରାଜନ ଏକ୍କା, କାଡ୍ରାକା ଆପାଲାସ୍ୱାମୀ, ଅଶୋକ କୁମାର ଦାସ, ପୂର୍ବତନ ବିଧାୟକ ଉମାବଲ୍ଲଭ ରଥ, ଦଳୀୟ ନେତା ନବଜ୍ୟୋତି ପଟ୍ଟନାୟକ, ମୀନାକ୍ଷୀ ବାହିନୀପତି, ବିଶ୍ୱଜିତ ଦାସ, ବିଶ୍ୱଭୂଷଣ ଦାସ, ମନୋଜ ଜେନା, ରଞ୍ଜିତ ପାତ୍ର, ୟାଶିର ନୱାଜ ଏବଂ ଛାତ୍ର କଂଗ୍ରେସ ସଭାପତି ଉଦିତ ନାରାୟଣ ପ୍ରଧାନ ପ୍ରମୁଖ ରହିଛନ୍ତି।

ସୂଚନାଯୋଗ୍ୟ, ଭକ୍ତ ଦାସଙ୍କୁ ସଭାପତି ଘୋଷଣା ପରେ ଏହା କଂଗ୍ରେସର ପ୍ରଥମ ପଦଯାତ୍ରା କାର୍ଯ୍ୟକ୍ରମ ହେବାକୁ ଯାଉଛି। ପୂର୍ବରୁ କଂଗ୍ରେସର ଗଡ଼ କୁହାଯାଉଥିବା ଉପକୂଳ ରାଜନୀତିରେ ପଦଯାତ୍ରାର ପ୍ରଭାବ କିପରି ରହୁଛି, ତାହା ଆଗାମୀ ଦିନରେ ଜଣାପଡ଼ିବ। ଅନ୍ୟପଟେ କମିଟି ସଦସ୍ୟମାନେ ସଭାପତିଙ୍କ ଏହି ପ୍ରଥମ କାର୍ଯ୍ୟକ୍ରମକୁ ସଫଳ କରିବା ଲାଗି କେତେମାତ୍ରାରେ ଅଣ୍ଟା ଭିଡୁଛନ୍ତି, ତାହା ଉପରେ ସମସ୍ତଙ୍କ ନଜର ରହିବ।

# ଫେବୃଆରୀ ଶେଷ ସୁଦ୍ଧା ବୋର୍ଡ, ନିଗମ, କମିଶନ ଅଧ୍ୟକ୍ଷ ପ୍ରକ୍ରିୟା ସରିବ

ଭୁବନେଶ୍ୱର,୧୪।୨(ସୁନୀତ ମିଶ୍ର)

- ଭାଜପା କୋର୍ କମିଟି ବୈଠକ
- ସରକାର ଓ ସଂଗଠନ ମଧ୍ୟରେ ସମନ୍ୱୟ ରଖିବାକୁ ନେଇ ଆଲୋଚନା

ରାଜ୍ୟରେ ଭାଜପା ସରକାରକୁ ଆସିବାର ୮ ମାସ ହୋଇଥିବାବେଳେ ଦଳୀୟ ସଂଗଠନ ଏବଂ ସରକାର ମଧ୍ୟରେ କିପରି ସମନ୍ୱୟ ରକ୍ଷା କରାଯାଇ ଆଗକୁ ବଢ଼ିହେବ, ତା' ଉପରେ ଶୀର୍ଷ ନେତୃତ୍ୱ ଗୁରୁତ୍ୱ ଦେବା ଆରମ୍ଭ କରିଛନ୍ତି। ଏନେଇ ଶୁକ୍ରବାର ଦଳର ରାଜ୍ୟ କାର୍ଯ୍ୟାଳୟଠାରେ କୋର୍ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ମଧ୍ୟାହ୍ନ ୧୨ଟା ୩୦ ମିନିଟ ସମୟରୁ ଆରମ୍ଭ ହୋଇଥିବା ଏହି ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟ ପ୍ରଭାରୀ ବିଜୟ ପାଲସିଂ ତୋମାର, ୨ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଓ ପ୍ରଭାତୀ ପରିଡ଼ା, ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ସାଂଗଠନିକ ମନ୍ତ୍ରୀ ମାନସ ମହାନ୍ତି ପ୍ରମୁଖ ଏଥିରେ ଯୋଗଦେଇଥିଲେ। ବୈଠକ ପରେ ଗଣମାଧ୍ୟମକୁ ମନ୍ତ୍ରୀ ପୂଜାରୀ କହିଛନ୍ତି, ଖୁବ୍‌ଶୀଘ୍ର ରାଜ୍ୟରେ ଖାଲି ପଡ଼ିଥିବା ସମସ୍ତ ନିଗମ, ବୋର୍ଡ ଓ କମିଶନରେ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହେବ। ନିଗମ, ବୋର୍ଡ, କମିଶନ ଏବଂ ଜିଲା ପ୍ଲାନିଂ ବୋର୍ଡକୁ ନେଇ ବୈଠକରେ ଆଲୋଚନା ହୋଇଛି। ଚଳିତମାସ ଶେଷ ସୁଦ୍ଧା ଏହାର ଚୟନ ଓ ନିଯୁକ୍ତି ପ୍ରକ୍ରିୟା ଶେଷ ହେବ। ଏହାଛଡ଼ା ଦଳର ସାଂଗଠନିକ ନିର୍ବାଚନ, ରାଜ୍ୟ ସଭାପତି ଚୟନ, ୮ ମାସ ସରକାରଙ୍କ ଗତିବିଧି ଓ କାର୍ଯ୍ୟକୁ ନେଇ ଆଲୋଚନା ହୋଇଛି। ସରକାର ଓ ସଂଗଠନ ମଧ୍ୟରେ କିପରି ସମ୍ପର୍କ ଭଲ ଭାବରେ ରହିପାରିବ, ସେନେଇ ଆଲୋଚନା ହୋଇଥିବା ସେ କହିଛନ୍ତି। ଅନ୍ୟପଟେ ରାଜ୍ୟ ସଭାପତି ଚୟନ ନେଇ କୋର୍ କମିଟିରେ କୌଣସି ଆଲୋଚନା ହୋଇ ନ ଥିବା ବାଲେଶ୍ୱର ଏମ୍‌ପି ପ୍ରତାପ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଭାଜପାର ରାଜ୍ୟ ସାଂଗଠନିକ ନିର୍ବାଚନୀ ପ୍ରକ୍ରିୟା ଜାରିରହିଛି। ତେବେ ଦଳ କାହାକୁ ସଭାପତି କରିବ ତାହା ଚର୍ଚ୍ଚାର ବିଷୟବସ୍ତୁ ପାଲଟିଛି। କେତେଜଣ ନେତା ବର୍ତ୍ତମାନର ସଭାପତି ମନମୋହନ ସାମଲଙ୍କୁ ପୁଣି ଥରେ ଏହି ଦାୟିତ୍ୱ ମିଳିପାରେ ବୋଲି କହୁଥିବାବେଳେ ଆଉ କେତେଜଣ ନେତାଙ୍କ ନାଁ ମଧ୍ୟ ଚର୍ଚ୍ଚାରେ ରହିଛି। ଗତ ୨ ଦିନ ତଳେ ଅନୁଷ୍ଠିତ ଭାଜପା ବିଧାୟକ ଦଳ ବୈଠକରେ କେତେଜଣ ବିଧାୟକ ସରକାର ଓ ମନ୍ତ୍ରୀଙ୍କ କାର୍ଯ୍ୟକ୍ରମକୁ ନେଇ ପ୍ରଶ୍ନ ଉଠାଇଥିବା କଥା ଚର୍ଚ୍ଚାକୁ ଆସିଥିଲା। ମନ୍ତ୍ରୀମାନେ ବିଧାୟକଙ୍କ ଦାବିକୁ ଅଣଦେଖା କରୁଛନ୍ତି ବୋଲି ବୈଠକରେ କେତେଜଣ ବିଧାୟକ ମତ ରଖିଥିବା ଦଳୀୟ ମହଲରେ ଆଲୋଚନା ହେଉଛି। ଗତ ବିଧାନସଭା ଅଧିବେଶନ ପୂର୍ବରୁ ଅନୁଷ୍ଠିତ ବିଧାୟକ ଦଳ ବୈଠକରେ ମଧ୍ୟ ସମାନ ପରିସ୍ଥିତି ସୃଷ୍ଟି ହୋଇଥିଲା। ବିଧାୟକଙ୍କର ଏହି ଅସନ୍ତୋଷକୁ ପ୍ରଶମିତ କରିବା ନେଇ କୋର୍ କମିଟି ବୈଠକରେ ଆଲୋଚନା ହୋଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

ଜଣେ ବରିଷ୍ଠ ନେତା ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ଦଳର ସାଙ୍ଗଠନିକ ନିର୍ବାଚନୀ ପ୍ରକ୍ରିୟା ନେଇ ଶୀର୍ଷ ନେତୃତ୍ୱ ଗୁରୁତ୍ୱ ଦେଉଛନ୍ତି। ଯଥାଶୀଘ୍ର ଏହି ପ୍ରକ୍ରିୟା ଶେଷ ହେବ। ଆସନ୍ତା ୨୨ ତାରିଖରେ ଦଳର ରାଜ୍ୟ ସଭାପତି ନିର୍ବାଚନ ନେଇ ନାମାଙ୍କନ ଦାଖଲ କରାଯିବା କଥା ଶୁଣିବାକୁ ମିଳୁଛି। ଏହା ସମ୍ପୂର୍ଣ୍ଣ ଶୀର୍ଷ ନେତୃତ୍ୱଙ୍କ ଉପରେ ନିର୍ଭର କରେ ବୋଲି ସେ କହିଛନ୍ତି। ଏହି କୋର୍ କମିଟି ବୈଠକରେ ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ତରୁଣ ଚୁଘ ମଧ୍ୟ ଉପସ୍ଥିତ ଥିଲେ। ତେବେ ଦିଲ୍ଲୀ ନେତୃତ୍ୱ ଦଳର ରାଜ୍ୟ ସାଂଗଠନିକ ପ୍ରକ୍ରିୟାକୁ ସହଜ କରିବା ନିମନ୍ତେ ଚୁଘଙ୍କୁ ଦାୟିତ୍ୱ ଦେଇ ପଠାଇଥିବା କୁହାଯାଉଛି।

# ଚିତ୍ରକୋଣ୍ଡା ବିଧାୟକଙ୍କ ବିରୋଧରେ ମାମଲା

ମାଲକାନଗିରି, ୧୪।୨ (ଦୁର୍ଯ୍ୟୋଧନ ପାତ୍ର)

## ନିର୍ବାଚନ ସମୟରେ ପ୍ରକୃତ ତଥ୍ୟ ଦେଇ ନ ଥିବା ଅଭିଯୋଗ

ନିର୍ବାଚନ ପ୍ରକ୍ରିୟା ସମୟରେ ଚିତ୍ରକୋଣ୍ଡାର କଂଗ୍ରେସ ବିଧାୟକ ମଙ୍ଗୁ ଖିଲ ମିଥ୍ୟା କାଗଜପତ୍ର ଦର୍ଶାଇବା ଓ ତାଙ୍କ ନାମରେ ମାମଲା ଥିବା ସତ୍ତ୍ୱେ ତାହା ଆଫିଡେଭିଟ୍ ସମୟରେ ଉଲ୍ଲେଖ ନ କରିବା ଅଭିଯୋଗ ନେଇ ଚିତ୍ରକୋଣ୍ଡାର ଆପ୍ ବିଧାୟକ ପ୍ରାର୍ଥୀ ଶରତ ବୁରୁଦା ମାଲକାନଗିରି ଆଦର୍ଶ ଥାନାରେ ଶୁକ୍ରବାର ଲିଖିତ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗକୁ ଭିତ୍ତିକରି ଖିଲଙ୍କ ନାମରେ ନଂ.୧୬/୨୫ରେ ଏକ ମାମଲା ରୁଜୁ ହୋଇଛି।

ବୁରୁଦାଙ୍କ ଅଭିଯୋଗ ଅନୁଯାୟୀ, ୨୦୨୪ସାଧାରଣ ନିର୍ବାଚନ ସମୟରେ ମଙ୍ଗୁ ପ୍ରାର୍ଥିପତ୍ର ଦାଖଲ ସମୟରେ ବହୁ ବିଷୟ ଉଲ୍ଲେଖ କରି ନ ଥିବା ଅଭିଯୋଗ କରିଛନ୍ତି। ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲଙ୍କୁ ଏ ସମ୍ପର୍କରେ ପଚାରିବାରୁ ଶରତ ବୁରୁଦା ଯେଉଁ ଅଭିଯୋଗ କରିଛନ୍ତି, ତାହା ମିଥ୍ୟା ଓ କପୋଳକଳ୍ପିତ। ଏଥିରେ କୌଣସି ସତ୍ୟତା ନାହିଁ ବୋଲି ସେ କହିଛନ୍ତି।

# ଅଜୟ କୁମାରଙ୍କ ସ୍ଥାନରେ ଅଜୟ ଲଲ୍ଲୁ

ଭୁବନେଶ୍ୱର, (ସୁନୀତ୍ ମିଶ୍ର) ୧୪।୨

## ବଦଳିଲେ କଂଗ୍ରେସ ପ୍ରଭାରି

### ସପ୍ତଗିରୀଙ୍କୁ ୪ ରାଜ୍ୟ ଦାୟିତ୍ୱ

ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଶୁକ୍ରବାର ଓଡ଼ିଶା ସମେତ କେତୋଟି ରାଜ୍ୟର କଂଗ୍ରେସ ସାଙ୍ଗଠନିକ ପଦବୀରେ ପରିବର୍ତ୍ତନ କରିଛନ୍ତି। ଓଡ଼ିଶାର କଂଗ୍ରେସ ପ୍ରଭାରୀ ଥିବା ଅଜୟ କୁମାରଙ୍କୁ ହଟାଇ ତାଙ୍କ ସ୍ଥାନରେ ଅଜୟ କୁମାର ଲଲ୍ଲୁଙ୍କୁ ନୂଆ ପ୍ରଭାରୀ ଦାୟିତ୍ୱ ଦିଆଯାଇଛି। ସେହିପରି ଛତିଶଗଡ଼ର ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲାଙ୍କୁ ପଞ୍ଜାବ କଂଗ୍ରେସର ସାଧାରଣ ସମ୍ପାଦକ କରାଯାଇଛି। ଏଆଇସିସି ଅଧ୍ୟକ୍ଷ ଦାୟିତ୍ୱରେ ଥିବା ସୟଦ ନାଶିର ହୁସେନଙ୍କୁ ଜମ୍ମୁ -କଶ୍ମୀର ଓ ଲଦାଖର ସାଧାରଣ ସମ୍ପାଦକ ନିଯୁକ୍ତ କରାଯାଇଛି। କୋରାପୁଟ ଏମ୍‌ପି ସପ୍ତଗିରି ଶଙ୍କର ଉଲ୍ଲାକାଙ୍କୁ ମଣିପୁର, ତ୍ରିପୁରା, ସିକିମ୍ ଓ ନାଗାଲାଣ୍ଡର ପ୍ରଭାରୀ କରାଯାଇଛି। ନୂଆ ପ୍ରଭାରୀ ଦାୟିତ୍ୱ ପାଇଥିବା ଅନ୍ୟମାନେ ହେଲେ ରଜନୀ ପାଟିଲ(ହିମାଚଳ ପ୍ରଦେଶ ଓ ଚଣ୍ଡିଗଡ଼), ବି.କେ. ହରିପ୍ରସାଦ (ହରିୟାଣା), ହରିଶ ଚୌଧୁରୀ (ମଧ୍ୟପ୍ରଦେଶ), ଗିରିଶ ଚୋଦନକର (ତାମିଲନାଡୁ ଓ ପୁଡୁଚେରୀ), କେ. ରାଜୁ (ଝାଡ଼ଖଣ୍ଡ), ମିନାକ୍ଷୀ ନଟରାଜନ (ତେଲଙ୍ଗାନା) ଏବଂ କ୍ରିଷ୍ଣା ଅଲ୍ଲା ଭରୁ (ବିହାର)। ନୂଆ ସାଧାରଣ ସମ୍ପାଦକ ଏବଂ ପ୍ରଭାରୀଙ୍କ ନିଯୁକ୍ତି ସମ୍ପର୍କରେ ଏଆଇସିସି ପକ୍ଷରୁ ପ୍ରେସ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

# ବିଜେଡି ଛାଡ଼ିଲେ କାହ୍ନୁଚରଣ

ବାଙ୍କୀ, ୧୪।୨(ଶୁଭେନ୍ଦୁ ମହାପାତ୍ର)

କଟକ ଜିଲା ବିଜେଡି ଉପସଭାପତି ତଥା ବାଙ୍କୀର ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ କାହ୍ନୁ ଚରଣ ସିଂହ ଶୁକ୍ରବାର ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କାହ୍ନୁ ୧୯୮୭ରେ ଛାତ୍ର ଜୀବନରୁ ରାଜନୀତିରେ ଯୋଗଦେଇଥିଲେ। ୧୯୯୨ରେ ସରପଞ୍ଚ ଓ୨୦୦୨ରେ ଜିଲା ପରିଷଦ ସଭ୍ୟ ଭାବେ କାର୍ଯ୍ୟ କରିଥିଲେ। ୨୦୦୭ରେ ବାଙ୍କୀ ବ୍ଲକ୍ ଅଧ୍ୟକ୍ଷ ଭାବେ କାର୍ଯ୍ୟ ସମ୍ପାଦନ କରିବା ସହ ଦୀର୍ଘ ବର୍ଷ ଧରି ଦଳର ବିଭିନ୍ନ ପଦ ପଦବୀରେ ଥିଲେ। ବିଭିନ୍ନ କାରଣରୁ ଦଳ ଉପରେ ଅସନ୍ତୋଷ ବ୍ୟକ୍ତ କରି ସେ ଦଳ ଛାଡ଼ିଥିବା ପ୍ରକାଶ କରିଛନ୍ତି। କାହ୍ନୁ ତାଙ୍କ ଇସ୍ତଫାପତ୍ର ବିଜୁ ଜନତା ଦଳ ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଇ-ମେଲ୍ ଜରିଆରେ ପଠାଇ ଦେଇଥିବା କହିଛନ୍ତି।

**GOVERNMENT OF ODISHA**
**OFFICE OF THE PANCHAYAT SAMITI, JAGANNATH PRASAD, GANJAM**
**RE-TENDER CALL NOTICE:- 02/2024-25, DATED:**
**INVITATION FOR COMPETATIVE BIDDING**

**Bid Notice No.526** **Dated:13.02.2025**

**No.i-487:**The Block Development Officer, Jagannath Prasad on behalf of Govt. of Odisha, invites sealed tender in confirming with sealed tender call notice (D.T.C.N.) from the Registered contractor of state PWD or equivalent class of CPWD/ Railway/MES/Central Govt./ State Govt. Undertaking for the following works to be eventually drawn up in the percent rate contractor from (P-1).

| Sl. No. | Name of the Work | Value of Work (in Rs.) (Excluding GST 18%) | Bid Security @1% (in Rs.) | Cost of Tender Paper (in Rs.) | Class of Bidder | Period of Completion |
|---|---|---|---|---|---|---|
| 1 | Construction of GPLF Building with Market Complex at Adheigam GP | 23,63,590 | 23700 | 6000/- | Class- B & C | 6 (Six) Calendar Months |
| 2 | Construction of GPLF Building with Market Complex at Alladi GP | 23,63,590 | 23700 | 6000/- | Class- B & C | 6 (Six) Calendar Months |
| 3 | Construction of GPLF Building with Market Complex at B D Pur GP | 23,63,590 | 23700 | 6000/- | Class- B & C | 6 (Six) Calendar Months |
| 4 | Construction of GPLF Building with Market Complex at Gandadhara GP | 23,63,590 | 23700 | 6000/- | Class- B & C | 6 (Six) Calendar Months |
| 5 | Construction of GPLF Building with MarketComplex at Kumpapada GP | 23,63,590 | 23700 | 6000/- | Class- B & C | 6 (Six) Calendar Months |
| 6 | Construction of GPLF Building with Market Complex at Khetamundali GP | 23,63,590 | 23700 | 6000/- | Class- B & C | 6 (Six) Calendar Months |
| 7 | Construction of GPLF Building with Market Complex at Kokalaba GP | 23,63,590 | 23700 | 6000/- | Class- B & C | 6 (Six) Calendar Months |

**Terms and Conditions:** 1. Cost of Tender paper: The tender specification can be obtained from the office of the Block Development Officer, JN Prasad on payment towards the cost of Tender Papers as mentioned above (Non-Refundable) in shape of Bank Draft or Demand Draft only (No other modes will be entertained) drawn in favour of Block Development Officer, JN Prasad in any Nationalised Bank having its branch at J.N. Prasad on any working day from Dt.17.02.2025 to Dt.24.02.2025 for the above work. **2. Sale of Tender Papers:** The tender documents will be sold from Dt.17.02.2025 to Dt.24.02.2025 at Block Office, JN Prasad between 10.00 AM to 5.00 PM on working days only. **3. Date of receipt and mode of submission of Tender Papers:** The tenderers have to submit the sealed tender papers in complete shape through **Registered Post/ Speed Post** only, by directly sending it to the BDO, JN Prasad in his official postal address. The last date of receipt of tender papers 24.02.2025 upto 5.00 PM. The undersigned will not be responsible for postal delay if any or non receipt of the papers in time. **The tenders must superscribe the name of the work/ project on the sealed envelope. 4. Date of Opening of Tender Paper:** The tender paper shall be opened on 25.02.2025 at 11.00 AM in the presence of the tenderers or their authorised representatives having written authorization for the purpose and the members of tender committee. **5. Earnest Money Deposit:** 1% (One percent) of the bid value in shape of post office Term Deposit/ Short Term Deposit/ N.S.C./ K.V.P./ Deposit Receipt of any Nationalised Bank duly pledged in favour of Block Development Officer, JN Prasad. The tender papers without required amount of E.M.D. will not be considered and transfer or adjustment of E.M.D. is also inadmissible. 6. The Block Development Officer, JN Prasad reserves the right to reject any or all the tenders without assigning any reasons thereof. Other details can be seen in the bidding documents.

OIPR-19289/11/0004/2425 — Sd./- Block Development Officer, Jagannath Prasad

ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ଓ ବିପଣନ ସମିତି
ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡ଼ିଶା ସରକାର
**Odisha Rural Development & Marketing Society**
*creating competence and values in rural Odisha*
Panchayati Raj and DW Department, Government of Odisha

ORMAS BHUBANESWAR

**No. 341** **Date : 14.02.2025**
**File No. : ORMAS-mkt-Event-0001-2024**

**REQUEST FOR PROPOSAL (RFP)**

**Selection of an Event Management Agency for Designing, Fabricating, Erection of stall with other allied works and Management of Event for Sisir Saras- 2025 in Bhubaneswar, Odisha**

**No.CAD-2581** : ORMAS under the Panchayati Raj & Drinking Water Department, Government of Odisha (The Client) invites sealed two bid systems from the eligible bidders through e-tender process for **"Selection of an Event Management Agency for Designing, Fabricating, Erection of stall with other allied works and Management of Event for Sisir Saras- 2025 in Bhubaneswar, Odisha"** in Bhubaneswar, Odisha". Bidders fulfilling the prescribed eligibility criteria of the RFP can access and download the complete RFP Document and other details from www.ormas.org/panchayat.odisha.gov.in/ www.tendersodisha.gov.in.The bid calendar under the end to end process are :

| Date of Isue of RFP | Date of Pre-Bid Meeting | Last Date for Submission of Bid | Date of Opening of Technical Bid | Date of Technical Presentation & Opening of Financial Bid | Bid Processing Fee in Rs. | EMD in Rs. |
|---|---|---|---|---|---|---|
| 14/02/2025 | 21/02/2025 4 P.M. | 06/03/2025 up to 3 P.M. | 06/03/2025 4 P.M. | 07/03/2025 10.30 A.M. & 4.30 P.M. | 10,000/- Including GST | 2,00,000/- |

The bidders must apply their proposal through e-tender process latest by 06/03/2025 up to 3 PM clearly mentioning "REQUEST FOR PROPOSAL - "**Selection of an Event Management Agency for Designing, Fabricating, Erection of stall with other allied works and Management of Event for SISIR SARAS- 2025 in Bhubaneswar, Odisha**". The proposals received beyond the last date and time will be rejected without assigning any reason. The authority reserves all the rights to reject any/ all proposals at any stage without assigning any reason thereof.

**OIPR-19004/11/0009/2425** **Sd./- Chief Executive Officer, ORMAS**

**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା**
**(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)**
**ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ୍-୮**
**ଭୁବନେଶ୍ୱର-୭୫୧୦୧୨**

ସଂଖ୍ୟା 2920 IND-II-PH-୧୨୫୬ ତା.13.02.2025
No. CAD-2567

**ବିଜ୍ଞାପନ**

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମେସର୍ସ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (National Highways Authority of India) ଓଡ଼ିଶାର ସମ୍ବଲପୁର ଜିଲ୍ଲାରେ ଡିଜାଇନ୍ ସିଏଚ୍: ୦+୦୦୦ ରୁ ୩୫+୩୮୩.୯୦୭ ପର୍ଯ୍ୟନ୍ତ ୩୫.୩୮୪ କିଲୋମିଟର ଲମ୍ବ ରିଙ୍ଗ ରୋଡ୍ ସହିତ ଭାରତମାଳା ପରିଯୋଜନା (ପ୍ୟାକେଜ୍ ୫/ଲଟ୍ସ-୫) ଅଧୀନରେ ଭାରତରେ ମାଲ ପରିବହନର ଦକ୍ଷତା ବୃଦ୍ଧି କରିବା ପାଇଁ ଅର୍ଥନୈତିକ କରିଡର ଏବଂ ଫିଡର ରୁଟ୍‌ର ବିକାଶ ପାଇଁ ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ପାଇଁ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ (MoEF&CC) ଭାରତ ସରକାରଙ୍କ ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା୧୪.୦୯.୨୦୦୬ରିଖ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି। ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ ପ୍ରକଳ୍ପ ଯୋଗୁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁଁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତିପତ୍ର ଆହ୍ୱାନ କରୁଛନ୍ତି। ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁଥିବା ଯେ କୌଣସି ବ୍ୟକ୍ତି।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକ ଯୋଗେ ଜଣାଇପାରିବେ। ଏହାଛଡ଼ା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ **ତା୧୮.୦୩.୨୦୨୫ ରିଖ ଦିବା ୧୧.୦୦ ଘଟିକା ସମୟରେ ସମ୍ବଲପୁର ଜିଲ୍ଲା, ସମ୍ବଲପୁର ସଦର ଥାନା, ପୋଷ୍ଟ ଅଫିସ ଜୟନ୍ତପୁର, ଏନ୍ଏଚ୍-୫୩ ନିକଟ ଜୟନ୍ତପୁର ଛକସ୍ଥିତ ଜୟନ୍ତପୁର ଉଚ୍ଚ ବିଦ୍ୟାଳୟ ଖେଳପଡିଆଠାରେ** ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, **ସମ୍ବଲପୁର**।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, **ସମ୍ବଲପୁର**।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟ, **ସମ୍ବଲପୁର**।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର-୭୫୧୦୧୨।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, **ସମ୍ବଲପୁର**।
୬. ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର।

ଏତଦ୍‌ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ https://ospcboard.odisha.gov.in ରୁ ମଧ୍ୟ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, **ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, ସମ୍ବଲପୁର**ସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

OIPR-08012/11/0186/2425 **ସ୍ୱା./- ସଦସ୍ୟ ସଚିବ**

# ଶିଶୁପୁତ୍ର ଅପହରଣକାରୀ ଗିରଫ

## ରେଳ ଷ୍ଟେଶନରେ ମା'କୋଳରୁ ନେଇଯାଇଥିଲେ

ବ୍ରହ୍ମପୁର,୧୪।୨(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ରେଳ ଷ୍ଟେଶନର ୩ନଂ. ପ୍ଲାଟଫର୍ମରୁ ଗୁରୁବାର ବିଳମ୍ବିତ ରାତିରେ ମା' କୋଳରୁ ଅପହରଣ ହୋଇଥିବା ଶିଶୁପୁତ୍ରକୁ କିଛି ଘଣ୍ଟା ପରେ ସରକାରୀ ରେଲୱେ ପୋଲିସ (ଜିଆରପି) ଲାଞ୍ଜିପଲିରୁ ଉଦ୍ଧାର କରିଛି। ସେଠାରୁ ଅପହରଣକାରୀ ଗୁପ୍ତସେଡ୍ ରୋଡ୍‌ର ଲିଙ୍ଗରାଜ ମିଶ୍ର(୪୨)ଙ୍କୁ ବାନ୍ଧିଛି। ମାମଲା ନଂ ୨୦/୨୫ରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ତଦନ୍ତକାରୀ ଅଧିକାରୀ ବି.ଏନ. ମଲିକ କହିଛନ୍ତି।

ଖଲ୍ଲିକୋଟ ଅଞ୍ଚଳର ଜଣେ ମହିଳା ତାଙ୍କ ଶିଶୁପୁତ୍ରକୁ ଧରି ଗୁରୁବାର ରାତି ପ୍ରାୟ ୧୧ଟାରେ ବ୍ରହ୍ମପୁର ରେଳ ଷ୍ଟେଶନର ୩ ନଂ. ପ୍ଲାଟଫର୍ମକୁ ଆସିଥିଲେ। ଟ୍ରେନ୍ ଆସିବା ସମୟ ହୋଇ ନ ଥିବାରୁ ସେଠାରେ ପୁଅକୁ ଧରି ଶୋଇ ପଡ଼ିଥିଲେ। ରାତ୍ର ପ୍ରାୟ ୧ଟାରେ କୋଳରେ ପୁଅ ନ ଥିବା ଦେଖି ସେ ବିଚଳିତ ହୋଇପଡ଼ିଥିଲେ। ବହୁ ଖୋଜାଖୋଜି କରିବା ପରେ ମଧ୍ୟ ନ ପାଇବାରୁ ରେଲୱେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାର ତଦନ୍ତ କରିଥିଲା। ଅନ୍ୟପଟେ ବିଳମ୍ବିତ ରାତିରେ ଗୁପ୍ତସେଡ୍ ରୋଡ୍ ନିକଟସ୍ଥ ଏକ ମନ୍ଦିର ପାଖରେ ଶିଶୁଟିଏ ଚିତ୍କାର କରି କାନ୍ଦୁଥିବା ସ୍ଥାନୀୟ ଲୋକେ ଶୁଣି ପାଖକୁ ଯାଇଥିଲେ। ସେଠାରେ ଲିଙ୍ଗରାଜ ଶିଶୁଟିକୁ ରଖିଥିବା ଜଣାପଡିଥିଲା। ତାଙ୍କୁ ପଚରାଉଚରା ବେଳେ ପିଲାଟି ତାଙ୍କର ନୁହେଁ ବୋଲି ଜାଣିବା ପରେ ସ୍ଥାନୀୟ ଲୋକେ ମାଡ଼ ମାରି କେଉଁଠୁ ଆଣିଛନ୍ତି ବୋଲି ପଚାରିଥିଲେ। ଏହାପରେ ଲୋକେ ଜିଆରପିକୁ ଖବର ଦେବା ପରେ ପୋଲିସ ପହଞ୍ଚି ଶିଶୁକୁ ଉଦ୍ଧାର କରିବା ସହ ଲିଙ୍ଗରାଜଙ୍କୁ ହେପାଜତକୁ ନେଇଥିଲା। ତଦନ୍ତ ବେଳେ ସେ ସବୁଦିନ ଭଳି ରେଳ ଷ୍ଟେଶନ ଦେଇ କାମରୁ ଫେରୁଥିବା ବେଳେ ଗୁରୁବାର ଶିଶୁଟିକୁ ମା' କୋଳରୁ ଅପହରଣ କରି ନେଇଯାଇଥିବା ସାମ୍ନାକୁ ଆସିଥିଲା।



ଗିରଫ ଅଭିଯୁକ୍ତ

# ପ୍ରେମ ନିବେଦନକୁ ପ୍ରତ୍ୟାଖ୍ୟାନ

# ଯୁବତୀଙ୍କୁ ଏସିଡ୍ ମାଡ଼, ଛୁରିରେ ଆକ୍ରମଣ

ବିଶାଖାପାଟଣା,୧୪।୨

ଶୁକ୍ରବାର ପ୍ରେମ ପ୍ରତିକ ଭାଲେଣ୍ଟାଇନ୍ସ ଡେ'ରେ ପ୍ରେମ ନିବେଦନ କରି ବିଫଳ ହେବାରୁ ଜଣେ ଯୁବକ ଗୌତମୀ ନାମ୍ନୀ ଜନୈକା ଯୁବତୀ(୨୪)ଙ୍କୁ ଏସିଡ୍ ମାଡ଼ କରିବା ସହ ଛୁରିରେ ଆକ୍ରମଣ କରିଛନ୍ତି। ଏଭଳି ଜଘନ୍ୟ କାଣ୍ଡ ଘଟିଛି ଆନ୍ଧ୍ରପ୍ରଦେଶର ଦକ୍ଷିଣ-ପୂର୍ବାଞ୍ଚଳ ଜିଲା ଆନ୍ନାମାୟାର ଗୁରାମକୋଣ୍ଡା ମଣ୍ଡଳ ଅନ୍ତର୍ଗତ ପେରାମପାଲିରେ। ଗୌତମୀଙ୍କୁ ତୁରନ୍ତ ନିକଟସ୍ଥ ମାଡ଼ନାପାଲି ସରକାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏସିଡ୍ ପଡ଼ିବା ଯୋଗୁ ତାଙ୍କ ମୁହଁରେ କ୍ଷତ ସୃଷ୍ଟି ହୋଇଥିବାବେଳେ ଛୁରି ମାଡ଼ ଯୋଗୁ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ସେ ଆସନ୍ତା ଏପ୍ରିଲ ୨୯ ତାରିଖରେ ଶ୍ରୀକାନ୍ତ ନାମକ ଜଣେ ଯୁବକଙ୍କୁ ବିବାହ କରିବାକୁ ସ୍ଥିର ହୋଇଛି। ଏହାପୂର୍ବରୁ ସେ ଆକ୍ରମଣର ଶିକାର ହୋଇଛନ୍ତି। ଅଭିଯୁକ୍ତ ଜଣକ ହେଲେ ମାଡ଼ନାପାଲିର ଆମ୍ମାଚେରୁଭୁ ମିଟ୍ଟା ଅଞ୍ଚଳର ଗଣେଶ। ଏହି ଘଟଣା ରାଜ୍ୟରେ ଚାଞ୍ଚଲ୍ୟ ଖେଳାଇ ଦେଇଥିବାବେଳେ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

### ଭାଲେଣ୍ଟାଇନ୍ସ ଡେ'ରେ ନୃଶଂସ ପାଲଟିଲେ ଯୁବକ

ସୂଚନାନୁଯାୟୀ, ଗୌତମୀ କଲେଜରେ ପଢୁଥିବା ସମୟରୁ ଗଣେଶ ତାଙ୍କୁ ଏକତରଫା ଭଲ ପାଉଥିଲେ। ଶୁକ୍ରବାର ଭାଲେଣ୍ଟାଇନ୍ସ ଡେ' ଥିବାରୁ ଗୌତମୀଙ୍କୁ ତାଙ୍କ ମନର କଥା କହିବାକୁ ନିଷ୍ପତ୍ତି ନେଇଥିଲେ ଗଣେଶ। ତଦନୁଯାୟୀ ଗଫି କରି ଫେରୁଥିବା ଗୌତମୀଙ୍କୁ ଗଣେଶ ପ୍ରେମ ନିବେଦନ କରିଥିଲେ। କିନ୍ତୁ ଗୌତମୀ ତାହାକୁ ପ୍ରତ୍ୟାଖ୍ୟାନ କରିଦେଇଥିଲେ। ଏଥିରେ ଗଣେଶ ଉତ୍କ୍ଷିପ୍ତ ହୋଇ ଗୌତମୀଙ୍କ ମୁହଁ ଉପରକୁ ଏସିଡ୍ ଫିଙ୍ଗି ଦେଇଥିଲେ। ସେ ଯନ୍ତ୍ରଣାରେ ଛଟପଟ ହେଉଥିବାବେଳେ ଗଣେଶ ସାଙ୍ଗରେ ଆଣିଥିବା ଏକ ଛୁରିରେ ତାଙ୍କ ମୁଣ୍ଡକୁ ଭୁସି ଦେଇଥିଲେ। ଗୌତମୀଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଚାଲିଆସିଥିବାରୁ ଗଣେଶ ସେଠାରୁ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଗୌତମୀଙ୍କୁ ଗୁରୁତର ଅବସ୍ଥାରେ ମାଡ଼ନାପାଲି ସରକାରୀ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ଚିକିତ୍ସା ଚାଲିଥିବାବେଳେ ସରକାରଙ୍କ ପକ୍ଷରୁ ସମସ୍ତ ଖର୍ଚ୍ଚ ବହନ କରାଯାଉଛି। ଅଭିଯୁକ୍ତ ଗଣେଶଙ୍କୁ ଧରିବାକୁ ପୋଲିସ ଉଦ୍ୟମ ଚଳାଇଛି।



ଅଭିଯୁକ୍ତ ଯୁବକ ଗଣେଶ

# ପୂର୍ବତନ ଫରେଷ୍ଟରଙ୍କୁ ୪ବର୍ଷ ଜେଲ

ସୁନ୍ଦରଗଡ଼,୧୪।୨(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ଭିଜିଲାନ୍ସ କୋର୍ଟରେ ସ୍ୱତନ୍ତ୍ର ଜଜ୍ ଶୁକ୍ରବାର ଏକ ଲାଞ୍ଚ ମାମଲାର ଶୁଣାଣି କରି ରାଉଲଡେଗା ଫରେଷ୍ଟ ସେକ୍ସନର ପୂର୍ବତନ ଫରେଷ୍ଟର ଜଗଦୀଶ ପ୍ରଧାନଙ୍କୁ ଦୋଷୀସାବ୍ୟସ୍ତ କରି ୪ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହିତ ୧୦ହଜାର ଟଙ୍କା ଜରିମାନା ଓ ଅନାଦାୟେ ଅଧିକ ୬ମାସ ଜେଲଦଣ୍ଡ ପାଇଁ ବିଚାରପତି ତାଙ୍କ ରାୟରେ ଆଦେଶ ଦେଇଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ, ତଳସରା ଥାନା ଅନ୍ତର୍ଗତ ଝିଲିମାଲ ଗ୍ରାମର ଅଭିଯୋଗକାରୀ ଯୋଗେନ୍ଦ୍ର ପଟେଲଙ୍କ ଘରେ ବନବିଭାଗ ପକ୍ଷରୁ ୨୦୧୫ ନଭେମ୍ବର ୮ରେ ତଲାସି କରାଯାଇଥିଲା। ତଲାସି ପରେ ଅଭିଯୋଗକାରୀଙ୍କ ଘରୁ କୌଣସି ବେଆଇନ ଜଙ୍ଗଲଜାତ ଦ୍ରବ୍ୟ ଉଦ୍ଧାର କରାଯାଇ ନ ଥିଲା ଏବଂ ଅଭିଯୁକ୍ତ ପୂର୍ବତନ ଫରେଷ୍ଟ ସେତେବେଳେ ଅଭିଯୋଗକାରୀଙ୍କୁ ୫,୦୦୦ ଟଙ୍କା ଲାଞ୍ଚ ଦେବାକୁ ଦାବି କରିଥିଲେ। ନଚେତ ତାଙ୍କ ବିରୋଧରେ ଜଙ୍ଗଲ ମାମଲା ରୁଜୁ କରି କୋର୍ଟରେ ହାଜର କରାଯିବ ବୋଲି କହିଥିଲେ। ଫଳରେ ଅଭିଯୋଗକାରୀ ଏ ସମ୍ପର୍କରେ ଭିଜିଲାନ୍ସ ବିଭାଗକୁ ଜଣାଇଥିଲେ। ଯୋଜନା ମୁତାବକ ଅଭିଯୋଗକାରୀଙ୍କ ନିକଟରୁ ୫ହଜାର ଟଙ୍କା ଲାଞ୍ଚ ଗ୍ରହଣ ବେଳେ ଫରେଷ୍ଟର ଭିଜିଲାନ୍ସ ହାତରେ ଧରାପଡିଥିଲେ। ଭିଜିଲାନ୍ସ ବିଭାଗ ପକ୍ଷରୁ ପୂର୍ବତନ ଫରେଷ୍ଟରଙ୍କ ବିରୋଧରେ ସମ୍ବଲପୁର ଭିଜିଲାନ୍ସ ଥାନା କେସ୍ ନଂ. ୯/୧୬ରେ ଲାଞ୍ଚ ମାମଲା ରୁଜୁ କରାଯାଇ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ଶୁକ୍ରବାର ସେ ଦୋଷୀସାବ୍ୟସ୍ତ ହେବାପରେ ବିଚାରପତି ତାଙ୍କୁ ସୁନ୍ଦରଗଡ଼ ଜେଲ ହାଜତକୁ ପଠାଦେଇଛନ୍ତି। ଭିଜିଲାନ୍ସ ଦେବଗଡ଼ ୟୁନିଟ୍ ଡିଏସପି ଜେ.ପି. ପଟେଲ ମାମଲାର ତଦନ୍ତ କରିଥିଲେ। ସରକାରଙ୍କ ପକ୍ଷରୁ ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଶ୍ୟାମ ସୁନ୍ଦର ମିଶ୍ର ଏବଂ ଆସିଷ୍ଟାଣ୍ଟ ପବ୍ଲିକ ପ୍ରସିକ୍ୟୁଟର ସନ୍ଦୀପ ପଣ୍ଡା ଏହି ମାମଲା ପରିଚାଳନା କରୁଥିଲେ।



ଜଗଦୀଶ ପ୍ରଧାନ

# ଡାକ୍ତର ମଗାଇଥିଲେ ଲାପ୍‌ଟପ୍, ଆସିଲା ମାର୍ବଲ

ସମ୍ବଲପୁର,୧୪।୨
(ପ୍ରମୋଦ ବହିଦାର)

ଅନ୍‌ଲାଇନ୍‌ରେ ଏକ ଲାପ୍‌ଟପ୍ କ୍ରୟ କରି ସମ୍ବଲପୁରର ଦନ୍ତରୋଗ ବିଶେଷଜ୍ଞ ଡା. ଚୌବର୍ଗ ନାଏକ ଠକେଇର ଶିକାର ହୋଇଛନ୍ତି। ଟାଉନଥାନାରେ ଅଭିଯୋଗ କରିବା ପରେ ଶୁକ୍ରବାର ସନ୍ଧ୍ୟାରେ ପୋଲିସ ଡା. ନାଏକଙ୍କୁ ଥାନାକୁ ଡ଼କାଇ ପଚରାଉଚରା କରୁଛି। ସେ ଅନ୍‌ଲାଇନ୍‌ରେ ଏକ ଲାପ୍‌ଟପ୍ କ୍ରୟ କରିଥିଲେ। ମାତ୍ର ତାଙ୍କୁ ସିଲ୍ ପ୍ୟାକେଟ୍‌ରେ ଏକ ମାର୍ବଲ୍ ପଥରଖଣ୍ଡ ମିଳିଥିଲା। ଏନେଇ ସେ ସମ୍ବଲପୁର ଟାଉନ ଥାନାରେ ଏତଲା ଦେଇଛନ୍ତି। ତାଙ୍କ ଏତଲା ଆଧାରରେ ଟାଉନ୍ ଥାନାରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ତଦନ୍ତ କରୁଛି।

ଠକେଇର ଶିକାର ହୋଇଥିବା ଦନ୍ତରୋଗ ବିଶେଷଜ୍ଞ ଡା. ନାଏକ ପୂର୍ବରୁ ଭିମ୍‌ସାର ଦନ୍ତରୋଗ ବିଭାଗର ସହକାରୀ ପ୍ରଫେସର ଭାବେ କାର୍ଯ୍ୟ କରୁଥିଲେ। ବର୍ତ୍ତମାନ ଟାଉନଥାନା ଅନ୍ତର୍ଗତ ସମ୍ବଲପୁର ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ନିଜର ଘରୋଇ କ୍ଲିନିକରେ ରୋଗୀଙ୍କୁ ସେବା ଯୋଗାଉଛନ୍ତି।

ଡା. ନାଏକଙ୍କ କହିବା ଅନୁସାରେ ସେ ଗତ ଫେବୃଆରୀ ୪ରେ ଆମାଜନ ଭଳି ଏକ ନିର୍ଭରଶୀଳ ଅନଲାଇନ୍ ସଂସ୍ଥାରୁ ଅଗ୍ରିମ ଟଙ୍କା ପ୍ରଦାନ କରି ଏକ ଲାପ୍‌ଟପ୍ କ୍ରୟ କରିଥିଲେ। ସେ ଏଚ୍‌ପି କମ୍ପାନୀର ୨୪୦ ଜି୯(୨୦୨୪) ଇଣ୍ଟେଲ କୋର୍ ଆଇ-୭ ଲାପ୍‌ଟପ୍ ପାଇଁ ଅର୍ଡର ଦେଇ ୬୦,୭୯୯ ଟଙ୍କା ବ୍ୟାଙ୍କ ମାଧ୍ୟମରେ ପଇଠ ମଧ୍ୟ କରିଥିଲେ। ତାଙ୍କ ଅର୍ଡର ଅନୁଯାୟୀ ଉକ୍ତ ସଂସ୍ଥା ପକ୍ଷରୁ ଗତ ଫେବୃଆରୀ ୧୧ରେ ସମ୍ବଲପୁରସ୍ଥିତ ତାଙ୍କ ଘରୋଇ କ୍ଲିନିକ୍‌ରେ ସିଲ୍ ହୋଇଥିବା ଏକ ପ୍ୟାକେଟ୍‌ରେ ଲାପ୍‌ଟପ୍‌କୁ ଡେଲିଭେରି ଦିଆଯାଇଥିଲା। ସେ ସିଲ୍ ନ ଖୋଲି ସେହିପରି ଭାବେ ଏହାକୁ କ୍ଲିନିକ୍‌ରେ ଛାଡ଼ି ଘରକୁ ଚାଲିଯାଇଥିଲେ। ପରଦିନ ଅର୍ଥାତ ୧୨ ତାରିଖରେ ଲାପ୍‌ଟପ୍‌ରେ ସଫ୍ଟୱେର ଇନଷ୍ଟଲେଶନ କରିବାକୁ କମ୍ପ୍ୟୁଟର ଇଞ୍ଜିନିୟରଙ୍କୁ ଡକାଇ ଏହାର ସିଲ୍‌କୁ ଖୋଲିଥିଲେ। ମାତ୍ର ସିଲ୍ ଖୋଲିଲା ବେଳକୁ ସେଥିରେ ଲାପ୍‌ଟପ୍ ବଦଳରେ ଲାପ୍‌ଟପ୍ ଆକାରର ଏକ ମାର୍ବଲ ପଥରଖଣ୍ଡ ବାହାରିଥିଲା। ଯାହାର ସମ୍ପୂର୍ଣ୍ଣ ଭିଡିଓଚିତ୍ର ତାଙ୍କ କ୍ଲିନିକ୍‌ରେ ଥିବା ସିସି କ୍ୟାମେରାରେ ଉତ୍ତୋଳନ ହୋଇଛି। ସେ ସଙ୍ଗେ ସଙ୍ଗେ ସମ୍ବଲପୁରରେ ଥିବା ଆମାଜନ କାର୍ଯ୍ୟାଳୟକୁ ଜଣାଇଥିଲେ। ମାତ୍ର ଉକ୍ତ କାର୍ଯ୍ୟାଳୟ ପକ୍ଷରୁ ତାଙ୍କୁ ସିଧାସଳଖ ଆମାଜନ୍ କମ୍ପାନୀ ସହିତ ଯୋଗାଯୋଗ କରାଯିବାକୁ କୁହାଯାଇଥିଲା। ସେ ସିଧାସଳଖ ଯୋଗାଯୋଗ କରିବାରୁ ଏହାର ସମାଧାନ ପାଇଁ ଠିକ୍ ଭାବେ କିଛି ଉତ୍ତର ନ ଦେଇ କିଛି ଦିନ ସମୟ ମାଗିଥିଲେ। ଆମାଜନ୍ କମ୍ପାନୀର ଫେରସ୍ତ ସୁବିଧା ଥିଲେ ହେଁ ଉକ୍ତ ସାମଗ୍ରୀକୁ ଫେରସ୍ତ ପାଇଁ କମ୍ପାନୀ ୱେବସାଇଟ୍‌ରେ କୌଣସି ସୁବିଧା ବା ଅପ୍‌ଶନ ଦୃଶ୍ୟମାନ ହୋଇ ନ ଥିଲା। ଏହାପରଦିନ ପୁଣି ଏନେଇ ଲିଖିତ ଭାବେ ଅଭିଯୋଗ କରିବା ପରେ ଆମାଜନ କମ୍ପାନୀ ପକ୍ଷରୁ ଏକ ମେଲ୍ ଜରିଆରେ ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ କେତେଦିନ ମଧ୍ୟରେ ସମାଧାନ କରାଯିବ ସେ ସମ୍ପର୍କରେ କିଛି ଜଣାଇ ନ ଥିଲା। ତେଣୁ ସେ ବାଧ୍ୟହୋଇ ଫେବୃଆରୀ ୧୩ରେ ଟାଉନଥାନାରେ ଏତଲା ଦେଇଥିଲେ ବୋଲି କହିଛନ୍ତି।





# ପନିକିରେ ମହିଳାଙ୍କ ଗଳା କାଟି ହତ୍ୟା

କଟକ,୧୪।୨
(କାର୍ତ୍ତିକ ସାହୁ)

କଟକ ଜିଲା ସିଆର୍‌ଆର୍‌ଆଇ ଥାନା ଅନ୍ତର୍ଗତ ପୋତାପୋଖରୀ ଗାନ୍ଧୀପଲ୍ଲୀ ନିକଟସ୍ଥ କୁଷ୍ଠାଶ୍ରମ କଲୋନୀରେ ଶୁକ୍ରବାର ପନିକିରେ ଜଣେ ମହିଳାଙ୍କ ଗଳା କାଟି ହତ୍ୟା କରାଯାଇଛି। ମୃତା ମହିଳା ହେଲେ ସମୀର ଗୋଚ୍ଛାୟତଙ୍କ ସ୍ତ୍ରୀ ପ୍ରିୟତମା ଦଳାଇ(୩୬)। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ହତ୍ୟାକାଣ୍ଡରେ ବ୍ୟବହୃତ ପନିକି ଜବତ କରିଛି। ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇଛି। ଘର ମଝିରେ ପଡିଥିବା ବାଡକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଏନେଇ ପ୍ରିୟତମାଙ୍କ ପରିବାର ଲୋକେ ଅଭିଯୋଗ କରିବା ପରେ ଥାନାରେ ଏକ ହତ୍ୟା ମାମଲା(ନଂ.୩୪/୨୫) ରୁଜୁ ହୋଇଛି। ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ପଡ଼ୋଶୀ ସନ୍ତୋଷ ସିହ୍ନାଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରାଯାଉଥିବା ଏସିପି ଅରୁଣ ସ୍ୱାଇଁ ସୂଚନା ଦେଇଛନ୍ତି।

ପୋଲିସ ସୂଚନା ମୁତାବକ, ଦୁଇ ପଡ଼ୋଶୀଙ୍କ ମଧ୍ୟରେ ବିଭିନ୍ନ ସମୟରେ ଛୋଟ ଛୋଟ କଥାକୁ ନେଇ କଳିଝଗଡ଼ା ଲାଗି ରହୁଥିଲା। ପ୍ରିୟତମା ଘର ଆଗରେ କେତେକ ଗଛ ଲଗାଇଥିଲେ। ତାହାକୁ ଗାଈ ଦାଉରୁ ରକ୍ଷା କରିବା ପାଇଁ ବାଉଁଶ ବାଡ଼ ତିଆରି କରିଦେଇଥିଲେ। ହେଲେ ଯାତାୟତରେ ସମସ୍ୟା ହେବାରୁ ସନ୍ତୋଷ ଉକ୍ତ ବାଡ଼ ହଟାଇବାକୁ କହିଥିଲେ। ଏହାକୁ ନେଇ ଦୁଇ ପରିବାର ମଧ୍ୟରେ ବିବାଦ ଦେଖାଦେଇଥିଲା। ଏପରି କି ପ୍ରିୟତମାଙ୍କୁ ସନ୍ତୋଷ ଗାଳିଗୁଲଜ କରିଥିଲେ। ଶୁକ୍ରବାର ପୂର୍ବାହ୍ନ ପ୍ରାୟ ସାଢେ ୧୧ଟାରେ ସନ୍ତୋଷ ଓ ପ୍ରିୟତମାଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ସନ୍ତୋଷ ଉତ୍କ୍ଷିପ୍ତ ହୋଇ ପାଖରେ ଥିବା ଏକ ଧାରୁଆ ପନିକିରେ ପ୍ରିୟତମାଙ୍କ ବେକକୁ ଚୋଟ ମାରିଥିଲେ। ଫଳରେ ପ୍ରିୟତମା ଚିତ୍କାର କରିଥିଲେ। ଏହି ଚିତ୍କାର ଶୁଣି ସନ୍ତୋଷଙ୍କ ମା' ବିଜୁଳିରାଣୀ ଘଟଣାସ୍ଥଳରେ ପହଞ୍ଚି ପୁଅକୁ ଅଟକାଇବାକୁ ଉଦ୍ୟମ କରିଥିଲେ। ହେଲେ ସନ୍ତୋଷଙ୍କ ଆକ୍ରମଣରେ ତାଙ୍କ ମା' ମଧ୍ୟ ଗୁରୁତର ହୋଇଥିଲେ। ଚିକିତ୍ସା ଲାଗି ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଖବରପାଇ ସିଆର୍‌ଆର୍‌ଆଇ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ଶନିବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଥାନା ଅଧିକାରୀ ବିଜୟ କୁମାର ବାରିକ ସୂଚନା ଦେଇଛନ୍ତି।



ପ୍ରିୟତମା ଦଳାଇ

# ନବ ଦାସଙ୍କ ରୋଷେୟା ଲଳିତ ସାହୁଙ୍କ ସନ୍ଦେହଜନକ ମୃତ୍ୟୁ ମାମଲା

# ପୁଣି ତଦନ୍ତ ନିର୍ଦ୍ଦେଶ ଦେଲେ ଡିଜିପି

ଝାରସୁଗୁଡ଼ା,୧୪।୨(ଆଶିଷ ରଞ୍ଜନ ଦାଶ)

ପୂର୍ବତନ ମନ୍ତ୍ରୀ ନବ ଦାସଙ୍କ ରୋଷେୟା ଲଳିତ ସାହୁଙ୍କ ସନ୍ଦେହଜନକ ମୃତ୍ୟୁ ମାମଲାର ପୁଣି ତଦନ୍ତ କରିବାକୁ ପୋଲିସ ଡିଜି ଉତ୍ତରାଞ୍ଚଳ ଆଇଜିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୨ ବର୍ଷ ୧୦ ମାସ ବ୍ୟବଧାନ ପରେ ପୁଣି ଏହାର ତଦନ୍ତ ଫାଇଲ ଖୋଲିବ। ଘଟଣାର ନିରପେକ୍ଷ ତଦନ୍ତ ପାଇଁ ଲଳିତଙ୍କ ବାପା ବେଲାଳସେନ ସାହୁ ଡିଜିପିଙ୍କୁ ନିବେଦନ କରିଥିଲେ। ପ୍ରକୃତ ଖୋଳତାଡ଼ ହେଲେ ସତ୍ୟ ସାମ୍ନାକୁ ଆସିବ। ଏଥିପାଇଁ ତଦନ୍ତକାରୀ ଅଧିକାରୀ ଭାବେ ଜଣେ ଆଇଆଇସି ଏବଂ ସୁପରଭିଜନ ପାଇଁ ଜଣେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କୁ ଦାୟିତ୍ୱ ଦିଆଯାଇଛି।

ସୂଚନାଯୋଗ୍ୟ ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ଡେଙ୍ଗବୋରେଇ ଗାଁର ଲଳିତ ସାହୁ ନବ ଦାସଙ୍କ ଝାରସୁଗୁଡ଼ାସ୍ଥିତ ସରବାହାଲ ବାସଭବନରେ ବ୍ୟକ୍ତିଗତ କର୍ମଚାରୀଙ୍କ ପାଇଁ ରୋଷେଇ କରୁଥିଲେ। ୨୦୨୨ ଏପ୍ରିଲ ୧୭ ସନ୍ଧ୍ୟାରେ ରୋଷେୟାଙ୍କ ଝୁଲନ୍ତା ମୃତଦେହ ମନ୍ତ୍ରୀଙ୍କ ସରବାହାଲସ୍ଥିତ ବାସଭବନରୁ ମିଳିଥିଲା। ସନ୍ଧ୍ୟାରେ ମୃତଦେହ ବ୍ୟବଚ୍ଛେଦ କରିବା ନିୟମ ନ ଥିଲାବେଳେ ସନ୍ଧ୍ୟାରେ ହିଁ ବ୍ୟବଚ୍ଛେଦ କରାଯାଇଥିଲା। ଲଳିତଙ୍କ ବାପା ବେଲାଳସେନଙ୍କ କହିବା ଅନୁଯାୟୀ, ମୃତ୍ୟୁର କିଛି କାରଣ କୁହା ନ ଯାଇ କେବଳ ୧୫ରୁ ୨୦ଟି କାଗଜରେ ଦସ୍ତଖତ କରାଯାଇଥିଲା। ବ୍ୟବଚ୍ଛେଦ ରିପୋର୍ଟ ପ୍ରଦାନ କରାଯାଇ ନ ଥିଲା। ଭିସେରା ରିପୋର୍ଟ ହଜିଯାଇଥିବା କୁହାଯାଇଥିଲା। ଏଭଳି ଏକ ସନ୍ଦେହଜନକ ମୃତ୍ୟୁକୁ ନେଇ ସେତେବେଳର ଜିଲାପାଳ, ଆରକ୍ଷୀ ଅଧୀକ୍ଷକ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ, ପୋଲିସ ଏବଂ ବ୍ୟବଚ୍ଛେଦ କରିଥିବା ଡାକ୍ତରଙ୍କ ଭୂମିକା ଉପରେ ପ୍ରଶ୍ନ ଉଠିଥିଲା। ବେଲାଳସେନ କହିଛନ୍ତି, ମୃତ୍ୟୁର ୭/୮ ଦିନ ପୂର୍ବରୁ ପୁଅ ମାନସିକ ଚାପରେ ରହୁଥିଲେ। ତେଣୁ ତାଙ୍କୁ ଗାଁକୁ ଫେରି ଆସିବାକୁ କହିଥିଲେ। କିନ୍ତୁ ଲଳିତ ରାଜି ହୋଇ ନ ଥିଲେ। ପରେ ନବ ଦାସଙ୍କ ବାସଭବନରେ ଝୁଲନ୍ତା ଅବସ୍ଥାରେ ଲଳିତଙ୍କ ମୃତଦେହ ମିଳିଥିଲା। ଏଠି ପ୍ରଶ୍ନ ଉଠୁଛି, କାହିଁକି ମାନସିକ ଚାପରେ ଥିଲେ ଲଳିତ। କିଏ ତାଙ୍କୁ ଏଭଳି ମାନସିକ ଚାପ ଦେଲା ଯେ, ଜୀବନ ହାରିବା ଯାଏଁ କଥା ଗଲା। ରାତାରାତି ବ୍ୟବଚ୍ଛେଦ ପଛର ଉଦ୍ଦେଶ୍ୟ କ'ଣ। ଏହାକୁ ନେଇ ବିଭିନ୍ନ ପ୍ରଶ୍ନ ଉଠୁଥିବା ବେଳେ ତରବରିଆ ଭାବେ ବ୍ୟବଚ୍ଛେଦ କରାଯାଇ ଘଟଣାକୁ ରଫାଦଫା କରାଯାଇଥିବା ସେତେବେଳେ ଚର୍ଚ୍ଚା ହୋଇଥିଲା। ଅନ୍ୟପଟେ ଲଳିତଙ୍କ ମୃତ୍ୟୁ ଘଟଣାର ୫ ଦିନ ପରେ ନୂଆ ମୋଡ଼ ଆସିଥିଲା। ପୁଅର ଆତ୍ମହତ୍ୟାକୁ ନେଇ ଭାଜପା ରାଜନୀତି କରୁଥିବା ଅଭିଯୋଗ କରିଥିଲେ ବେଲାଳସେନ। ଏପରି କି ଭାଜପା ନେତା ତଥା ବର୍ତ୍ତମାନର ବିଧାୟକ ଟଙ୍କଧର ତ୍ରିପାଠୀ ଏବଂ ନେତାମାନେ ତାଙ୍କୁ ଗଭୀର ମାନସିକ ଚାପ ଦେଉଥିବା ଅଭିଯୋଗ କରି ଝାରସୁଗୁଡା ଟାଉନ ଥାନାରେ ଅଭିଯୋଗ କରିଥିଲେ। ଏଭଳି ମାନସିକ ଚାପ ଫଳରେ ପରିବାରର କେହି ସଦସ୍ୟ ଆତ୍ମହତ୍ୟା କଲେ ଏହି ନେତାମାନେ ଦାୟୀ ରହିବେ ବୋଲି ଏତଲାରେ ଦର୍ଶାଇଥିଲେ ବେଲାଳସେନ। ପୁଅ କୌଣସି କର୍ମସଂସ୍ଥାନ ପାଉ ନ ଥିବାବେଳେ ସୌଭାଗ୍ୟରୁ ମନ୍ତ୍ରୀ ନବଙ୍କ ଘରେ ରୋଷେୟା ଭାବେ ନିଯୁକ୍ତି ପାଇଥିଲେ। କିନ୍ତୁ ଅବାଟରେ ଯାଇ ମାନସିକ ଚାପରେ ରହୁଥିଲେ ଓ ଶେଷରେ ଆତ୍ମହତ୍ୟା କରିଦେଲେ ବୋଲି ସେ ଏତଲାରେ ଲେଖିଥିଲେ। ତେଣୁ ଏକ ଆତ୍ମହତ୍ୟାକୁ ଭାଜପା ନେତାମାନେ ବାରମ୍ବାର ଆତ୍ମହତ୍ୟା ନୁହେଁ ବୋଲି ପ୍ରଚାର କରୁଥିବା ସେ ଅଭିଯୋଗରେ ଦର୍ଶାଇଥିଲେ। ଝାରସୁଗୁଡା ଟାଉନ ଥାନାରେ ଲିଖିତ ଅଭିଯୋଗ କରିବା ସହ ଥାନା ଅଧିକାରୀଙ୍କ ଜରିଆରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମଧ୍ୟ ଚିଠି ଲେଖିଥିଲେ ବେଲାଳସେନ। ହେଲେ ୩୪ ମାସ ପରେ ବେଲାଳସେନ ଡିଜିପିଙ୍କ ନିକଟରେ ଲଳିତଙ୍କ ମୃତ୍ୟୁ ଘଟଣାର ନିରପେକ୍ଷ ତଦନ୍ତ ଦାବି କରିବା ସହ ନ୍ୟାୟ ମାଗିଛନ୍ତି। ପ୍ରକୃତ ଖୋଳତାଡ ହେଲେ ସତ୍ୟ ସାମ୍ନାକୁ ଆସିବ ବୋଲି ସେ କହିଛନ୍ତି। ଏହି ଘଟଣାର ତଦନ୍ତ କରୁଥିବା ଅଧିକାରୀଙ୍କ ସ୍ଥାନରେ ନୂଆ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି ବୋଲି ଏସ୍‌ପି ସ୍ମିଥ ପରମାର କହିଛନ୍ତି। ଏହି ପୁନଃ ତଦନ୍ତ ନିର୍ଦ୍ଦେଶ ପୁଣି ଥରେ ଝାରସୁଗୁଡ଼ା ଜିଲା ସହିତ ଓଡ଼ିଶାରେ ଚହଳ ସୃଷ୍ଟି କରିଛି। ତଦନ୍ତରେ କ'ଣ ଫଳାଫଳ ବାହାରୁଛି ତାହା ଦେଖିବାକୁ ବାକି ରହିଲା।

# ଯୌତୁକ ପାଇଁ ବଧୂହତ୍ୟା

ତିହିଡ଼ି,୧୪।୨(ସଞ୍ଜିତ ବଳ)

ଭଦ୍ରକର ତିହିଡି ଥାନା ଅନ୍ତର୍ଗତ ଦହପାଣିଆ ଗ୍ରାମରେ ସୁମିତ୍ରା ଦାସ(୨୭) ନାମ୍ନୀ ଜଣେ ମହିଳାଙ୍କୁ ଶୁକ୍ରବାର ଯୌତୁକ ପାଇଁ ହତ୍ୟା କରାଯାଇଛି। ସୁମିତ୍ରାଙ୍କ ଭାଇ ସଦାନନ୍ଦ ଏ ସମ୍ପର୍କରେ ତିହିଡିଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ସୁମିତ୍ରାଙ୍କ ସ୍ୱାମୀ ସିଦ୍ଧାର୍ଥ ମଲିକଙ୍କୁ ଗିରଫ କରିଛି। ଅଭିଯୋଗରୁ ପ୍ରକାଶ ଯେ, ଚାନ୍ଦବାଲି ଥାନା ଅଧୀନ ବଡ଼ସିଂହପୁର ଗ୍ରାମର ଖଗେଶ୍ୱର ଦାସଙ୍କ ଝିଅ ସୁମିତ୍ରା ୩୦ ମେ ୨୦୨୩ରେ ଦହପାଣିଆ ଗ୍ରାମର ସିଦ୍ଧାର୍ଥଙ୍କୁ ବିବାହ କରିଥିଲେ। ବିବାହ ସମୟରେ ବରପକ୍ଷଙ୍କ ଦାବି ମୁତାବକ ଯୌତୁକ ଦିଆଯାଇଥିଲେ ମଧ୍ୟ ଅଧିକ ଯୌତୁକ ଦାବି କରି ସୁମିତ୍ରାଙ୍କୁ ତାଙ୍କ ଶାଶୁଘର ଲୋକେ ନିର୍ଯାତନା ଦେଉଥିଲେ। ଏପରି କି ଖାଇବାକୁ ନ ଦେଇ ମାଡ଼ ମାରୁଥିଲେ। ଶୁକ୍ରବାର ସକାଳେ ଭଉଣୀର ମୃତ୍ୟୁ ଖବର ପାଇବା ପରେ ସଦାନନ୍ଦ ତିହିଡି ଡାକ୍ତରଖାନାରେ ପହଞ୍ଚିଥିଲେ। ସୁମିତ୍ରାଙ୍କ ମୃତଦେହକୁଦେଖିବା ପରେ ଶାଶୁଘର ଲୋକେ ମାରି ଝୁଲାଇ ଦେଇଥିବା ସେ ଅଭିଯୋଗ କରିଥିଲେ। ପୋଲିସ ସୁମିତ୍ରାଙ୍କ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।





ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଠେକା ପଚାରଇ ବେକାରେ**
**ତୁ କେଉଁ ମଣିଷରେ ଲେଖାରେ।**

ସାଧାରଣତଃ ମଣିଷ କେତେ ଦକ୍ଷ ବା ଯୋଗ୍ୟ ତାହା ତାଙ୍କ କାର୍ଯ୍ୟଶୈଳୀରୁ ହିଁ ଜଣାପଡ଼ିଥାଏ। ତେବେ କ୍ଷମତାଶାଳୀ ହୋଇ ନ ଥିବା ବା ଦକ୍ଷତା ନ ଥିବା ବ୍ୟକ୍ତି ଅନ୍ୟ ଆଗରେ ନିଜର ବୃଥା ବଡିମା ଦେଖାଇ ବସିଲେ ପରିହାସର ପାତ୍ର ହେବାକୁ ପଡ଼ିଥାଏ। ମଣିଷର ଯୋଗ୍ୟତା ଆକଳନ କରାଯିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଠାଆରୁ ନ ଉଠେ ବର,**
**ତାକୁ ଧରିଧାରି ବାହାକର।**

ସାଧାରଣତଃ ଅସମର୍ଥ ଲୋକ ଦ୍ୱାରା କୌଣସି କାର୍ଯ୍ୟ ଠିକ୍ ଭାବେ ହୋଇପାରି ନ ଥାଏ। ଏପରି ଅସମର୍ଥ ବା ଅପାରଗ ଲୋକ ଦ୍ୱାରା ଜବରଦସ୍ତ କରି କୌଣସି କାର୍ଯ୍ୟ କରାଇବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ୨୦୧୯ ବେଲେଶ୍ୱର ଡବଲ ମର୍ଡର ମାମଲା

# ଚାକର ସାଜି ଅଭିଯୁକ୍ତଙ୍କୁ ଧରିଲା ପୋଲିସ

କଟକ,୧୪।୨(କାର୍ତ୍ତିକ ସାହୁ)

କଟକ ଜିଲା ମଧୁପାଟଣା ଥାନା ଅନ୍ତର୍ଗତ ବେଲେଶ୍ୱର ଡବଲ ମର୍ଡର ଘଟଣାର ରହସ୍ୟ ଉନ୍ମୋଚନ ହୋଇଛି। ପ୍ରାୟ ୫ ବର୍ଷ ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସନ୍ତୋଷ ଓରଫ ଏମନ ସାମଦ ଓ ତାଙ୍କ ସ୍ତ୍ରୀ ବାସନ୍ତୀ ସାମଦ। ସନ୍ତୋଷ ମୁଖ୍ୟ ଅଭିଯୁକ୍ତ ବୋଲି କଟକ ଡିସିପି ଅଫିସ୍‌ରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ କହିଛନ୍ତି।

କମିଶନରଙ୍କ ସୂଚନାନୁସାରେ, ୨୦୧୯ ଡିସେମ୍ବର ୧୨ରେ ବେଲେଶ୍ୱରର ଶ୍ରୀନାଥ ସାମଲ (୭୦) ଓ ତାଙ୍କ ସ୍ତ୍ରୀ ବିଦ୍ୟୁଲତା ସାମଲ (୬୫)ଙ୍କୁ ହତ୍ୟା କରାଯାଇଥିଲା। ମଧୁପାଟଣା ପୋଲିସ ଏକ ମାମଲା(ନଂ.୨୩୫/୧୯) ରୁଜୁ କରି ୪ ଜଣଙ୍କ ଲାଏ ଡିଟେକ୍ସନ ଟେଷ୍ଟ କରିଥିଲା। ସେହିପରି ତିନିଘରିଆ ଅଞ୍ଚଳର ଜଣେ ଠିକାଦାର ଓ କାମବାଲୀ ବାସନ୍ତୀଙ୍କୁ ଜେରା କରିଥିଲା। ହେଲେ କୋଭିଡ୍ କାରଣରୁ ତଦନ୍ତରେ ଅଗ୍ରଗତି ହୋଇପାରି ନ ଥିଲା। ଘଟଣାସ୍ଥଳରୁ ମିଳିଥିବା ତଥ୍ୟ, ପ୍ରମାଣକୁ ନେଇ ଯେତେ ଖୋଳତାଡ଼ କରିଥିଲେ ବି ପୋଲିସ ଅଭିଯୁକ୍ତଙ୍କ ନିକଟରେ ପହଞ୍ଚିପାରି ନ ଥିଲା। ମାମଲାର ତଦନ୍ତକାରୀ ଅଧିକାରୀଙ୍କ ଇତିମଧ୍ୟରେ ବଦଳି ହୋଇସାରିଥିଲା। ପୋଲିସ କମିଶନର ସିଂ ମାମଲାକୁ ଗୁରୁତ୍ୱର ସହ ନେଇ ମୃତକଙ୍କ ପରିବାର ଲୋକଙ୍କୁ ଭେଟିଥିଲେ। ତାଙ୍କ ଉଦ୍ୟମକ୍ରମେ ଏସିପି ମନୋଜ ଶତପଥୀଙ୍କ ନେତୃତ୍ୱରେ ଗଠିତ ତଦନ୍ତକାରୀ ଦଳରେ ଇନ୍ସପେକ୍ଟର ସନ୍ତୋଷିନୀ ବେହେରା, ଏସ୍‌ଆଇ ସୁନୀଲ ଯାଦବ, ହାବିଲଦାର ତୋଫାନ ବେହେରା, ସଜନ ଦିବ୍ୟଦର୍ଶନ ଜେନା ଓ ଫିରୋଜ ରାଉତ ସାମିଲ ହୋଇ ପୂରା ଘଟଣାକ୍ରମକୁ ଅନୁଧ୍ୟାନ କରିଥିଲେ। ମୃତକଙ୍କ ପରିବାର ଲୋକଙ୍କ ସହ ପ୍ରଥମେ ଆଲୋଚନା କରାଯାଇ ସନ୍ଦିଗ୍ଧ ବ୍ୟକ୍ତିମାନଙ୍କର ଏକ ତାଲିକା ପ୍ରସ୍ତୁତ କରାଯାଇଥିଲା। ସିଡିଆର୍ (କଲ୍ ଡିଟେଲ୍ ରେକର୍ଡ) ତଥ୍ୟକୁ ଭିତ୍ତିକରି ସନ୍ଦେହ ଘେରରେ ଥିବା ଅଭିଯୁକ୍ତମାନଙ୍କ ଉପରେ ପୋଲିସ ନଜର ରଖିଥିଲା। ପାଖାପାଖି ୨୫ ସନ୍ଦିଗ୍ଧଙ୍କ ସିଡିଆର୍ ଯାଞ୍ଚ କରାଯାଇଥିଲା। ଫଳରେ ପୋଲିସକୁ ଏକ ରହସ୍ୟଜନକ ତଥ୍ୟ ମିଳିଥିଲା ଯେ ବାସନ୍ତୀଙ୍କ ମୋବାଇଲରୁ ୨୦୧୯ ଡିସେମ୍ବର ୧୧ ଅପରାହ୍ନରୁ ୧୩ ତାରିଖ ସକାଳ ପର୍ଯ୍ୟନ୍ତ ବାସନ୍ତୀଙ୍କ ମୋବାଇଲରୁ କୌଣସି କଲ୍ ହୋଇନାହିଁ। ଏହାକୁ ନେଇ ପୋଲିସର ସନ୍ଦେହ ବଢ଼ିଥିଲା। ତଦନ୍ତକାରୀ ଦଳ ବାସନ୍ତୀଙ୍କ ପରିବାର ଲୋକ ଓ ସ୍ୱାମୀ ସନ୍ତୋଷଙ୍କ ସାଙ୍ଗମାନଙ୍କ ଉପରେ ନଜର ରଖିଥିଲା। ୨ ପୋଲିସ କର୍ମଚାରୀ ମିଛ ଚାକର ସାଜି ସନ୍ତୋଷଙ୍କ ସାଙ୍ଗ ହୋଇଥିଲେ। ସେମାନେ ଧନଶାଳୀ ବୃଦ୍ଧ ଦମ୍ପତିଙ୍କ ଘରେ କାମ କରୁଥିବା ମିଥ୍ୟାରେ ସନ୍ତୋଷଙ୍କୁ କହିଥିଲେ। ଏହି କଥା ଶୁଣି ଅର୍ଥଲୋଭରେ ସନ୍ତୋଷ ହତ୍ୟା ଯୋଜନା କରିଥିଲେ। ଏହା ଜାଣିବା ପରେ ସାଙ୍ଗର ଅଭିନୟ କରିଥିବା ପୋଲିସ ଦ୍ୱୟ ଆଶ୍ଚର୍ଯ୍ୟ ହୋଇଥିଲେ। ମାତ୍ର ସନ୍ତୋଷ କହିଥିଲେ, ୫ ବର୍ଷ ତଳେ ବେଲେଶ୍ୱରରେ ୨ ଜଣଙ୍କୁ ହତ୍ୟା କରିଥିଲେ ବି ଏପର୍ଯ୍ୟନ୍ତ ପୋଲିସ ତାଙ୍କୁ ଧରିପାରି ନାହିଁ। ଏହା ହିଁ ପୋଲିସ ପାଇଁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ଥିଲା। ଅପରପକ୍ଷରେ ଉଭୟେ ଧରାପଡ଼ିବା ପରେ ପୋଲିସ ନିକଟରେ ଦୋଷ ସ୍ୱୀକାର କରିଛନ୍ତି। ତଦନ୍ତରୁ ପୋଲିସ ଜାଣିବାକୁ ପାଇଛି ଯେ, ସନ୍ତୋଷଙ୍କର କୌଣସି ମୋବାଇଲ ଫୋନ୍ ନ ଥିବାବେଳେ ବାସନ୍ତୀଙ୍କ ଏକ ମୋବାଇଲ ଫୋନ୍ ଥିଲା। ଦୁହେଁ ୨୦୧୯ ଡିସେମ୍ବର ୧୧ରେ ସୁନ୍ଦରଗଡ଼ର ସାହଜବାହାଲରୁ କଟକ ଅଭିମୁଖେ ଆସିଥିଲେ। ମାତ୍ର ବାସନ୍ତୀ ସେଠାରେ ନିଜ ମୋବାଇଲକୁ ସୁଇଚ୍ ଅଫ୍ କରିଦେଇଥିଲେ। ୧୨ ତାରିଖ ସକାଳେ କଟକରେ ପହଞ୍ଚିବା ପରେ ବାସନ୍ତୀ ଶ୍ରୀନାଥଙ୍କ ଘରେ ରହିଥିଲେ। ସନ୍ତୋଷ ଶ୍ରୀନାଥଙ୍କ ଘରକୁ ରାତିରେ ଯାଇଥିଲେ। ସେତେବେଳେ ବିଦ୍ୟୁତ୍ ନ ଥିଲା। ସେ ପ୍ରଥମେ କଟୁରିରେ ଶ୍ରୀନାଥଙ୍କୁ ଆକ୍ରମଣ କରିଥିଲେ। ତାଙ୍କୁ ବଞ୍ଚାଇବା ପାଇଁ ସ୍ତ୍ରୀ ବିଦ୍ୟୁଲତା ପନିକି ଧରି ଧାଇଁଆସିବାବେଳେ ସନ୍ତୋଷ ତାଙ୍କୁ ମଧ୍ୟ ହତ୍ୟା କରିଥିଲେ। ଏହାପରେ ସନ୍ତୋଷ ଓ ବାସନ୍ତୀ ଟଙ୍କା, ସୁନା ଅଳଙ୍କାର ନେଇଯିବା ପାଇଁ ଖୋଜାଖୋଜି କରିଥିଲେ ମଧ୍ୟ କିଛି ପାଇ ନ ଥିଲେ। କଟୁରିକୁ ସେଠାରେ ଛାଡ଼ି ସେମାନେ ପଳାଇ ଯାଇଥିଲେ, ଯାହାକୁ ପ୍ରଥମ ତଦନ୍ତକାରୀ ଅଧିକାରୀ ଜବତ କରିଥିଲେ। ସନ୍ତୋଷ ରକ୍ତଭିଜା ଲୁଗା ତାଳଦଣ୍ଡା କେନାଲରେ ଧୋଇବା ପରେ ଉଭୟେ ସୁନ୍ଦରଗଡ଼ ପଳାଇ ଯାଇଥିଲେ। ତା'ପରେ ବାସନ୍ତୀ ମୋବାଇଲ ଫୋନ୍ ଅନ୍ କରିଥିଲେ। ଏହି ୪୦ ଘଣ୍ଟାର ବ୍ୟବଧାନ ପୋଲିସକୁ ଅଭିଯୁକ୍ତଙ୍କୁ ଧରାଇବାରେ ସକ୍ଷମ ହେଲା।



ମୃତ ଦମ୍ପତି ଶ୍ରୀନାଥ ଓ ବିଦ୍ୟୁଲତା



ଗିରଫ ଅଭିଯୁକ୍ତ ସନ୍ତୋଷ ଓ ତାଙ୍କ ସ୍ତ୍ରୀ ବାସନ୍ତୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ସୋନିଆ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୨୦୨୭ ସୁଦ୍ଧା ୪,୦୦,୦୦୦ ଚାର୍ଜ ପଏଣ୍ଟ ଲକ୍ଷ୍ୟ

## ଟାଟା ଇଭିର ନୂଆ ମାଇଲଖୁଣ୍ଟ




**ନୂଆଦିଲ୍ଲୀ,୧୪।୨**

ଦେଶର ପ୍ରମୁଖ ଇଲେକ୍ଟ୍ରିକ୍ ଭେହିକଲ୍(ଇଭି) କାର୍ ନିର୍ମାତା ତଥା ଟାଟା ମୋଟର୍ସର ସହାୟକ ସଂସ୍ଥା ଟାଟା ଇଭିକୁ ନିକଟରେ ଆଉ ସଫଳତା ମିଳିଛି। ଏପରିକି ଟାଟା ଇଭିର ଚାର୍ଜ ପଏଣ୍ଟ ସଂଖ୍ୟା ନିକଟରେ ୨,୦୦,୦୦୦ ଅତିକ୍ରମ କରି ନୂଆ ମାଇଲଖୁଣ୍ଟ ହାସଲ କରିଛି। ଏହି ପରିପ୍ରେକ୍ଷୀରେ ଟାଟା ଇଭି ଦେଶର ଚାର୍ଜିଂ ମୌଳିକ ସୁବିଧା କ୍ଷେତ୍ରରେ ଦ୍ରୁତ ପରିବର୍ତ୍ତନ କରିବା ପାଇଁ ଏକ ସାହସିକ ଏବଂ ଯୁଗାନ୍ତକାରୀ ପଦକ୍ଷେପ ସମ୍ପର୍କରେ ଘୋଷଣା କରିଛି। ଏପରିକି ୨୦୨୭ ସୁଦ୍ଧା ଟାଟା ଇଭି ୪,୦୦,୦୦୦ ଚାର୍ଜିଂ ପଏଣ୍ଟ ସ୍ଥାପନ ପାଇଁ ଲକ୍ଷ୍ୟ ରଖିଛି। ବର୍ତ୍ତମାନଠାରୁ ୨ଗୁଣରୁ ଅଧିକ ପଏଣ୍ଟ ସାରା ଦେଶରେ ଉପଲବ୍ଧ ହେବ ବୋଲି କମ୍ପାନୀ ପକ୍ଷରୁ ବିସ୍ତୃତ ଭାବେ କୁହାଯାଇଛି। ଉଲ୍ଲେଖଯୋଗ୍ୟ, ୨୦୧୯ରୁ ଦେଶର ଇଭି ଚାର୍ଜିଂ ସୁବିଧା ଆରମ୍ଭ ହୋଇଥିଲାବେଳେ ଏହି ମୌଳିକ ସୁବିଧା ବିସ୍ତାର କରିବା ପାଇଁ ଟାଟା ଇଭି ପ୍ରଥମରୁ ପ୍ରଚେଷ୍ଟା ଜାରି ରଖିଛି। ପ୍ରଥମେ ଟାଟା ଗ୍ରୁପ୍ କମ୍ପାନୀଗୁଡିକର ସହଭାଗିତାରେ ସିମ୍ପ୍ଲେସ୍ ଘରୋଇ/ହୋମ୍ ଚାର୍ଜିଂ ସମାଧାନର ଶୁଭାରମ୍ଭ କରିଛି ଏବଂ ତା'ପରେ ଇଭି ବହୁଳ ଭାବେ ବ୍ୟବହାର ହେଉଥିବା ସହର ଏବଂ ଏହାର ଆଖପାଖରେ ସାର୍ବଜନୀନ ଚାର୍ଜିଂ ମୌଳିକ ସୁବିଧା ଆରମ୍ଭ କରିବ।

ପରବର୍ତ୍ତୀ ଅଭିବୃଦ୍ଧି ପର୍ଯ୍ୟାୟକୁ ତ୍ୱରାନ୍ୱିତ କରିବା ପାଇଁ ଟାଟା ଇଭି ୨୦୨୩ରେ ଏହାର 'ଖୋଲା ସହଯୋଗିତା' ଢାଞ୍ଚାର ଶୁଭାରମ୍ଭ କରିଥିଲା। ଏଥିପାଇଁ ଚାର୍ଜ ପଏଣ୍ଟ ଅପରେଟର ଏବଂ ଅଏଲ୍ ମାର୍କେଟିଂ କମ୍ପାନୀ ସହ ଯୋଜନାଭୁକ୍ତ ସହଯୋଗିତା ସ୍ଥାପନ କରିଥିଲା।

ଏ ନେଇ ଶୈଳେଶ ଚନ୍ଦ୍ର ପରିଚାଳନା ନିର୍ଦ୍ଦେଶକ ଟାଟା ମୋଟର୍ସ ପାସେଞ୍ଜର ଯାନବାହନ ଏବଂ ଟାଟା ପାସେଞ୍ଜର ଇଲେକ୍ଟ୍ରିକ୍ ମୋବିଲିଟି କହିଥିଲେ, ଟାଟା ଇଭି ହେଉଛି ଭାରତର ଇଭି ବିପ୍ଳବର ଅଗ୍ରଣୀ, କେବଳ ବିଶ୍ୱସ୍ତରୀୟ ଇଲେକ୍ଟ୍ରିକ୍ ଭେହିକଲ୍ ପ୍ରସ୍ତୁତ କରୁଛି, ତାହା ନୁହେଁ ଆମେ 'ଖୋଲା ସହଯୋଗୀତା ୨.୦' ମଧ୍ୟ ଶୁଭାରମ୍ଭ କରିଛୁ ଯାହାର ଲକ୍ଷ୍ୟ ହେଉଛି ଆଗାମୀ ୨ବର୍ଷ ମଧ୍ୟରେ ଅଗ୍ରଣୀ ସିପିଓ ସହଭାଗିତାରେ ଚାର୍ଜିଂ ନେଟ୍‌ୱର୍କକୁ ୪୦୦,୦୦୦ ରୁ ଅଧିକ ପଏଣ୍ଟ ସ୍ଥାପନ କରିବା। ଏହି ପ୍ରଚେଷ୍ଟା ଉପଭୋକ୍ତାମାନଙ୍କର ଚାର୍ଜିଂ ସ୍ପିଡ୍ ବିଶ୍ୱାସଯୋଗ୍ୟତା ଏବଂ ଅନୁଭବ ବୃଦ୍ଧି କରିବ, ଏବଂ ଏହା ସିପିଓମାନଙ୍କର ବ୍ୟବସାୟିକ ଲାଭଦାୟକତା ସମ୍ଭବ କରିବା ସଙ୍ଗେ ସଙ୍ଗେ ସେମାନଙ୍କର ଅଭିବୃଦ୍ଧିରେ ସହାୟକ ହେବ।

## ଶେୟାର ବଜାର କାରବାରରେ ହ୍ରାସ

**ମୁମ୍ବାଇ,୧୪।୨**

କ୍ରମାଗତ ୮ମ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୨୦୦(୧୯୯.୭୬) ପଏଣ୍ଟ କମି୭୫,୯୩୯ (୭୫,୯୩୯.୨୧) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନଏସଇ)ର ନିଫ୍ଟି-୫୦ରେ ମଧ୍ୟ ୧୦୨ (୧୦୨.୧୫) ପଏଣ୍ଟ ହ୍ରାସ ଘଟି ୨୨,୯୨୯(୨୨,୯୨୯.୨୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ପରିବର୍ତ୍ତନ ହୋଇଛି।

# ବିଓବିର ଗ୍ରାହକ ସଂଯୋଗୀକରଣ କାର୍ଯ୍ୟକ୍ରମ



ବିଓବିର ବରିଷ୍ଠ ଅଧିକାରୀ ଜଣେ ଗ୍ରାହକଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

**ଭୁବନେଶ୍ୱର,୧୪।୨**

ବ୍ୟାଙ୍କ ଅଫ୍ ବରୋଦା(ବିଓବି)ର ଗ୍ରାହକ ସଂଯୋଗୀକରଣ କାର୍ଯ୍ୟକ୍ରମ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏପରିକି ବିଓବି ଭୁବନେଶ୍ୱର କ୍ଷେତ୍ର ପକ୍ଷରୁ ଖୋର୍ଦ୍ଧା ଏବଂ ନୟାଗଡ଼ ଜିଲାର ୫ଟି ଶାଖାରେ ଗ୍ରାହକ ସଂଯୋଗୀକରଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସେହିଭଳି ବିଓବି ଭୁବନେଶ୍ୱର କ୍ଷେତ୍ରର ଉପ ମହାପ୍ରବନ୍ଧକ ତଥା କ୍ଷେତ୍ରୀୟ ମୁଖ୍ୟ ଭିଏମ୍‌ଏନ୍‌ଏସ୍ ସାଇବାବୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଓବିର କ୍ଷେତ୍ରୀୟ କାର୍ଯ୍ୟାଳୟ ଅଧିକାରୀ ଓ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

ଏହି ପରିପ୍ରେକ୍ଷୀରେ ବିଓବିର ପ୍ରମୁଖ ଉତ୍ପାଦ (କାସା, ରିଟେଲ ଆସେଟ୍ସ, ଏମ୍‌ଏସ୍‌ଏମ୍‌ଇ, ଖୁଚୁରା ସମ୍ପତ୍ତି ଏବଂ କୃଷି ସମ୍ବନ୍ଧୀୟ ଉତ୍ପାଦ)ଗୁଡ଼ିକୁ ପ୍ରଦର୍ଶିତ କରାଯାଇଥିଲା। ଏହି ଅବସରରେ ପ୍ରତ୍ୟେକ ଶାଖାର ଜଣେ ମହିଳା ଏବଂ ଜଣେ ବରିଷ୍ଠ ନାଗରିକ ଗ୍ରାହକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ପିଏନ୍‌ବିର ଏମ୍‌ଏସ୍‌ଏମ୍‌ଇ ଏକ୍ସପୋ

**ଭୁବନେଶ୍ୱର,୧୪।୨**

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି)ର ବହୁ ପ୍ରତୀକ୍ଷିତ ପ୍ରଦର୍ଶନୀ 'ଏମ୍‌ଏସ୍‌ଏମ୍‌ଇ ଏକ୍ସପୋ-୨୦୨୫' ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏପରିକି ଏହି ମେଳା ଉଭୟ ଘରୋଇ ଏବଂ ଜାତୀୟ ବଜାରରେ ଆୟୋଜିତ ହୋଇଥିଲାବେଳେ ଓଡ଼ିଶାର ଭୁବନେଶ୍ୱର, କଟକ, ବ୍ରହ୍ମପୁର, ସମ୍ବଲପୁର, ବାଲେଶ୍ୱର, ଅନୁଗୋଳ ଏବଂ ଢେଙ୍କାନାଳଠାରେ ମଧ୍ୟ ଆୟୋଜନ କରାଯାଇଥିଲା। ସେହିଭଳି ଭୁବନେଶ୍ୱର ମଣ୍ଡଳ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏମ୍‌ଏସ୍‌ଏମ୍‌ଇ ଏକ୍ସପୋକୁ ଓଡ଼ିଶା ସରକାରଙ୍କ ପ୍ରମୁଖ ସଚିବ ସଞ୍ଜୀବ କୁମାର ମିଶ୍ର ଉଦ୍‌ଘାଟନ କରିଥିଲେ। ଏଥିରେ ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳ ମୁଖ୍ୟ ରାଜେଶ କୁମାର, ନୂଆଦିଲ୍ଲୀସ୍ଥିତ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟର ମହାପ୍ରବନ୍ଧକ ଦେବାର୍ଚ୍ଚନ ସାହୁ ଏବଂ ଭୁବନେଶ୍ୱର ମଣ୍ଡଳ ମୁଖ୍ୟ ଲକ୍ଷ୍ମୀକାନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଗ୍ରାହକଙ୍କ ସମେତ ବ୍ୟାଙ୍କର ବରିଷ୍ଠ ଅଧିକାରୀ ଓ କର୍ମଚାରୀଗଣ ଯୋଗଦେଇଥିଲେ।

# ବଜାରରେ ମହିନ୍ଦ୍ରା ଇଲେକ୍ଟ୍ରିକ୍ ଅରିଜିନ୍ ଏସ୍‌ୟୁଭି ରେଞ୍ଜ




ଅଲ୍ ନ୍ୟୁ ବିଇ୬ ଏବଂ ଏକ୍ସଇଭି ୯ଇ'ର ଅନାବରଣ ଉତ୍ସବରେ ନିମନ୍ତ୍ରିତ ଅତିଥି, ଶୋ'ରୁମ୍ କର୍ତ୍ତୃପକ୍ଷ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

**ଭୁବନେଶ୍ୱର,୧୪।୨(ଅଭୟ ଦାଶ)**

ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରାର ଇଲେକ୍ଟ୍ରିକ୍ ଭେହିକଲ (ଇଭି) ମଡେଲ ତଥା ମହିନ୍ଦ୍ରା ଇଲେକ୍ଟ୍ରିକ୍ ଅରିଜିନ୍ ଏସ୍‌ୟୁଭି ରେଞ୍ଜ 'ଅଲ୍ ନ୍ୟୁ ବିଇ୬ ଏବଂ ଏକ୍ସଇଭି ୯ଇ'ର ଅନାବରଣ ସର୍ବଭାରତୀୟ ସ୍ତରରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ସ୍ୱୀକୃତିପ୍ରାପ୍ତ ଅଟୋ ଡିଲର ଉତ୍କଳ ମହିନ୍ଦ୍ରା (ଉତ୍କଳ ଅଟୋମୋବାଇଲ୍ସ ଭୁବେନଶ୍ୱର ମଞ୍ଚେଶ୍ୱର) ଶୋ'ରୁମ୍ ଭୁବନେଶ୍ୱରରେ ଏକ ସ୍ୱତନ୍ତ୍ର ଅନାବରଣ ଉତ୍ସବର ଆୟୋଜନ କରାଯାଇଥିଲା। ଏହି ଅବସରରେ ଓଲିଉଡ୍ ଅଭିନେତ୍ରୀ ଶୀତଲ ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଅନାବରଣ ସହ ଉକ୍ତ ମଡେଲକୁ ବଜାର ପ୍ରବେଶ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହିନ୍ଦ୍ରା ଅଟୋର ଆର୍‌ଏସ୍‌ଏମ୍ ସୁମିତ ଅରୋରା, ଏଏସ୍‌ଏମ୍ ସମୀର ଜୋଷୀଙ୍କ ସମେତ ଉତ୍କଳ ମହିନ୍ଦ୍ରା (ଉତ୍କଳ ଅଟୋମୋବାଇଲ୍ସ)ର ଏମ୍‌ଡି ସୌନୋକ ପାରିଖ, ନିର୍ଦ୍ଦେଶିକା ସୁଦୀପ୍ତା ପାରିଖ, ଜିଏମ୍ ଶୁଭେନ୍ଦୁ ପଟ୍ଟନାୟକ ଏବଂ ଏଜିଏମ୍ ଦେବୀ ମିଶ୍ର ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ, ଅଲ୍ ନ୍ୟୁ ବିଇ୬ ଏବଂ ଏକ୍ସଇଭି ୯ଇରେ ସମସ୍ତ ପ୍ରକାର ଅତ୍ୟାଧୁନିକ ସୁରକ୍ଷା ବ୍ୟବସ୍ଥା ସାଙ୍ଗକୁ ବର୍ତ୍ତମାନ ସମୟରେ ପ୍ରଚଳିତ ସମସ୍ତ ଫିଚର ଆଦି ସାମିଲ ରହିଛି। ଏହି ମଡେଲ ଭିନ୍ନ ଭିନ୍ନ ଭାରିଆଣ୍ଟରେ ଉପଲବ୍ଧ ହେଉଥିଲାବେଳେ ଆକର୍ଷଣୀୟ କଲର ଏବଂ ଦରରେ ମଧ୍ୟ ଉପଲବ୍ଧ। ଏପରିକି ବିଇ୬ର ପ୍ରାରମ୍ଭିକ ମୂଲ୍ୟ ୧୮.୯୦ ଲକ୍ଷରୁ ଆରମ୍ଭ ହେଉଥିଲାବେଳେ ଏକ୍ସଇଭି ୯ଇ ପ୍ରାରମ୍ଭିକ ମୂଲ୍ୟ ୨୧.୯୦ ଲକ୍ଷରୁ ଆରମ୍ଭ ହେଉଛି।

# ଜୟଆଲୁକ୍କାସ୍‌ରେ ସର୍ବବୃହତ୍ ଅଳଙ୍କାର ସେଲ୍

Joyalukkas
World's favourite jeweller

## ମେକିଂ ଚାର୍ଜ ଉପରେ ଫ୍ଲାଟ୍ ୫୦% ରିହାତି

**ଭୁବନେଶ୍ୱର,୧୪।୨**

ଦେଶର ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନ ତଥା ବୈଶ୍ୱିକ ଗହଣା ବ୍ରାଣ୍ଡ 'ଜୟଆଲୁକ୍କାସ୍'ର ବହୁ ପ୍ରତୀକ୍ଷିତ ବିକ୍ରୟ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ବର୍ଷର ସର୍ବବୃହତ୍ ଅଳଙ୍କାର ବିକ୍ରୟ (ଦି ବିଗେଷ୍ଟ ଜୁଏଲେରି ସେଲ୍‌ସ ଅଫ୍ ଦି ଇୟର) ନିକଟରେ ଆରମ୍ଭ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆକର୍ଷଣୀୟ ଅଫର ସାଙ୍ଗକୁ ମେକିଂ ଚାର୍ଜ (ଭିଏ) ଉପରେ ଫ୍ଲାଟ୍ ୫୦% ରିହାତି ପ୍ରଦାନ କରାଯାଉଛି। ସେହିଭଳି ବ୍ରାଣ୍ଡର କଟ୍ ଓ ଅନ୍‌କଟ ହୀରା, ସୁନା, ରୁପା ଏବଂ ପ୍ଲାଟିନମ ଓ ମୂଲ୍ୟବାନ୍ ପଥରର ଆକର୍ଷଣୀୟ ଅଳଙ୍କାର ଡିଜାଇନ ଏବଂ କଲେକ୍ସନ ଉପରେ ଆକର୍ଷଣୀୟ ରିହାତି ପ୍ରଦାନ କରୁଛି।

ଏ ସମ୍ପର୍କରେ ଜୟଅଲୁକ୍କାସ୍‌ର ଚେୟାରମ୍ୟାନ ଜୟ ଆଲୁକ୍କାସ୍ କହିଛନ୍ତି, ଆମେ ଆମର ବର୍ଷର ସର୍ବବୃହତ୍ ଅଳଙ୍କାର ସେଲ୍ ସମ୍ପର୍କରେ ଘୋଷଣାକରି ବେଶ୍ ଉତ୍ସାହିତ ଅଛି। ଏପରିକି ଆମେ ଏକ ଅତୁଳନୀୟ ଅଳଙ୍କାର କ୍ରୟ ଅଭିଜ୍ଞତା ପ୍ରଦାନ କରିବାକୁ ପ୍ରତିବଦ୍ଧ ରହିଛୁ। ସେହିଭଳି ଗ୍ରାହକମାନଙ୍କୁ ବ୍ରାଣ୍ଡ୍‌ର ସମସ୍ତ ଅଳଙ୍କାରର ମେକିଂ ଚାର୍ଜ (ଭିଏ) ଉପରେ ଫ୍ଲାଟ୍ ୫୦%ର ରିହାତି ଯୋଗାଇଦେଉଛୁ।


# Classified Everyday

**0674-2580101, 9692975378**



## AUTOMOBILE SALE

Honda Grazia Scooter, Yellow, Three year old, done 9000 kilometers immediate sale 67000/- . 9090057547. D-2896



## REAL ESTATE SALE

ହଂସପାଳ ଛକରୁ 8K.M. ଭିଙ୍ଗାରପୁରରେ 1300sqft. 7,80,000/- ପ୍ଲଟ୍ ବିକ୍ରିହେବ। 9114705579. D-76238

**Ready to move 2BHK and 3BHK flat for sale near Anandabana at Kalinga Nagar. Contact: 9437309741.** D-2801

Ready to move 4BHK flat 1st floor with double parking, Saubhagya Nagar near Narula Sweets, 2049 SBA, 6500/- per sqft. Contact: 7978584549. D-75594

ଆଶ୍ଚର୍ଯ୍ୟଜନକ ଅପ୍ରିୟ ସତ୍ୟ, ଦଶହଜାରରୁ ତିନିଲକ୍ଷ ମଧ୍ୟରେ best investment project-8917622925. D-2923

Duplex at Retang Medical, Station near C.V. Raman, 4BHK Apartment near Sum Hospital, Kalinganagar, DAV, KV, Bhubaneswar-7008459987. D-76232

**Gharabari converted Plots available near Hitech Square, Sundarpada, Bhubaneswar. For more Details Contact- 9778832554, 9437226965.** D-2930

Luxury flat all amenity and newly full furnished (1350sqft) at M.J. Woods Andharua, Jagannath Prasad, Bhubaneswar, Mob- 9078280148 ready to move (no broker). D-2848

Indivisual Re-Sale Plot sale Sundarpada, Hi-Tech Plaza @ 1400/- Nakhara- 1700/. 9776866520. D-76235

ଫୁଲନଖରା ନିକଟସ୍ଥ **Sum Hospital-2** ଓ **Grand Bazar** ସମ୍ମୁଖରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଘରବାରି ପ୍ଲଟ୍ କିଣନ୍ତୁ। 6372509299. D-76239

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




For Rent/Lease: Commercial space at Palasuni, behind Bhubaneswar Water Works, 6000sqft Godown & 1500sqft Office. Contact: 9437468247/ 9437035347. D-2838

For Rent/Lease: Commercial space at Keshura, Puri Bypass Road, ideal for Office, Bank or Showroom. Ground Floor: 3000sqft, 1st & 2nd Floor: 4800sqft each. Contact: 9437468247/ 9437035347. D-2839

Office/ Residence 1475 sqft. 4th Lane, Somanath Nagar, Berhampur. Ph No.- 8847842379, 9437423568. D-2929




Newly open Jyoti spa positively health benefits (Expert therapist). 8458067955 D- 76192

**Full body massage experience, good looking therapist @999 (Bhubaneswar). 9078484455.** D-2815

**Take wellness herbal full body relax massage by trend therapist. 7008773793.** D-76193

## AFFIDAVIT

By virtue of an affidavit sworn before the Executive Magistrate, Bari, dated 14.02.2025, I, Rabinarayan Behera, Address: At-Malada, P.O.- Udayapur, P.S.- Bariramachandrapur, Dist.-Jajpur, Odisha-755017 declare that I have changed my name from Rabi Behera to Rabinarayan Behera. Henceforth, I shall be known as Rabinarayan Behera for all purposes. D-2926

By virtue of an affidavit sworn before the Executive Magistrate, Dharmasala, dated 14.02.2025, I, Rasananda Dehuri, Address: At-Chheliapada, P.O.-Mahisara, P.S.-Dharmasala, Dist.-Jajpur, Odisha-755023 declare that I have changed my son's name from Anada Dehuri to Ananda Dehuri. Henceforth, he shall be known as Ananda Dehuri for all purposes. D-2927

By virtue of an affidavit sworn before the Executive Magistrate, Keonjhar, dated 13.02.2025, I, Chandrasekhar Das, Address: At-Kusumjodi, P.O.-Sagadapata, P.S.-Harichandanpur, Dist.-Keonjhar, Odisha-758080 declare that I have changed my name from Chandrasekhar Das So-Ramakanta Das to Chandrasekhar Das. Henceforth, I shall be known as Chandrasekhar Das for all purposes. D-2925

By virtue of an affidavit sworn before the Executive Magistrate, Rajgangpur, No.-390, dated 14.02.2025, I, Chandrika Sahu, W/o- Gopal Krishna Behera, R/o- Govt. Medical Campus, Ward No.-4, P.O./P.S.- Rajgangpur, Dist.- Sundargarh, Odisha declare that I have changed my daughter's name from Madhusmita Sahu to Madhusmita Behera. Henceforth, she shall be known as Madhusmita Behera for all purposes.
Chandrika Sahu
D-2928

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue of an affidavit sworn before the Notary Public, Bhubaneswar, (No.73AA573253) dt. 10.02.2025 that I have changed my name Bandana Kumari Nayak to Bandana Routray, W/o- Ajaya Kumar Routray, Vill/ P.O.- Kulasukarpada, P.S.- Nischintakoili, Dist.- Cuttack for all purposes. D-2924

By an affidavit notarized on Dtd.13.02.2025, I, Karishma Parwin, W/o- Mirza Afroz Baig, Vill.- Akarapada, PO- Nalipur, PS- Mahanga, Dist.- Cuttack, Odisha- 754205 declare that I have changed my name from Sk Karisma to Karishma Parwin. Henceforth, I shall be known as Karishma Parwin for all purposes. D-2933

By virtue of an affidavit sworn before Executive Magistrate, Basudevpur, dated- 10.02.2025, I, Harihar Biswal, S/o- Sibaprasad Biswal, At- Chhatrapur, P.O.- Patnamishrapur, P.S.- Nayakanidhi, Dist.- Bhadrak, declare that my minor daughter wrongly named as Rojalin Biswal in Aadhaar Card. Henceforth. She will be named as Rojali Biswal for all purposes. D-2935

## ମନେ ପଡ଼ନ୍ତି

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ସନ୍ୟାସୀ ଲେଙ୍କା**
ଦେଢ଼ପଛ ଅରାଡ଼, ଫୁଲାଡ଼ି, ବାଲେଶ୍ୱର
ଆବିର୍ଭାବ: ୧୧।୧୨।୧୯୪୪
ତିରୋଧାନ: ୦୫।୦୨।୨୦୨୫
ଆଜି ଆପଣଙ୍କ ତିରୋଧାନର ଏକାଦଶାହରେ ଆପଣଙ୍କ ଆମର ଅମ୍ଳାନ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ କୋଟି କୋଟି ପ୍ରଣାମ ଜଣାଉଛୁ।
ହତଭାଗ୍ୟ ପତ୍ନୀ- ପୂର୍ଣ୍ଣିମା ଲେଙ୍କା, ଭାଇ ଦନା, ଘୁଗୁନା, ରବି ଓ ଶୋକସନ୍ତପ୍ତ ଅନ୍ୟାନ୍ୟ ପରିବାର ସଦସ୍ୟ ମାମା, ହରିଆ, ଶିବ, ମୁନ୍ନ, ଯନ୍ତୁ, ଲୁଚୁନ୍ତୁ, ଲିକୁନ, ଲକି, ପାୟଲ, ଗଣେଶ, ବାପୁନ୍ତୁ, ଦିବ୍ୟାଂଶୁ, ରୁନାଲ ଓ ଆତ୍ମୀୟସ୍ୱଜନ ବୃନ୍ଦ।
ଧ-୨୯୩୧

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପେଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

# ସହଜୀବୀ ମୋର ଜିଇବା ଓ ଲେଖିବା

କିମ୍ବଦନ୍ତୀପ୍ରତିମ ହିନ୍ଦୀ ଲେଖିକା କୃଷ୍ଣା ସୋବତୀଙ୍କ ଜନ୍ମକୁ ଶହେବର୍ଷ ପୂରିବ ଏଇ ୧୮ ଫେବୃଆରୀରେ। ଜିଇଥିଲେ ସେ ପାଦ ଦେଇଥା'ନ୍ତେ ୧୦୧ ବର୍ଷରେ। ଜନ୍ମ-ଶତବାର୍ଷିକୀରେ ଆଜି ଖୁବ୍ ମନେପଡ଼ନ୍ତି କୃଷ୍ଣା। ଯେଉଁମାନେ ତାଙ୍କ ଲେଖା ମନଦେଇ ପଢ଼ିଛନ୍ତି, ଅବଶ୍ୟ ଅଭିଭୂତ ହୋଇଛନ୍ତି ଜୀବନ ଓ ସମାଜ ପ୍ରତି ଥିବା ତାଙ୍କ ସଶ୍ରଦ୍ଧ ପ୍ରତିବଦ୍ଧତାରେ। ଅତ୍ୟନ୍ତ ସ୍ୱାଭିମାନୀ, ଜନଦରଦୀ ଏଇ ଲେଖିକା ନିଜର ଲେଖକୀୟ ହକ୍ ପାଇଁ ବରାବର ଥିଲେ ଯୁଯୁତ୍ସୁ। ତାଙ୍କରି ସ୍ମୃତିରେ ଆଜିର ଏ ଆଲେଖ୍ୟ 'ସାହିତ୍ୟାୟନ'ର ପାଠିକାପାଠକଙ୍କ ପାଇଁ...

ପ୍ରସ୍ତୁତି ଡ. ହୃଷୀକେଶ ମଲ୍ଲିକ



– କୃଷ୍ଣା ସୋବତୀ

ଭାରତ-ଭାରତୀ

କୃଷ୍ଣା ସୋବତୀଙ୍କ ଜନ୍ମ ୧୮ ଫେବୃଆରୀ ୧୯୨୫ରେ ବ୍ରିଟିଶ୍ ଭାରତର ପଞ୍ଜାବ ପ୍ରଦେଶ ଅନ୍ତର୍ଗତ ଗୁଜରାଟ (ଏବର ପାକିସ୍ତାନ)ରେ। ଲାହୋରର ଫତେ ଚାନ୍ଦ ମହିଳା ମହାବିଦ୍ୟାଳୟରେ ପଢୁଥିବାବେଳେ ହେଲା ଭାରତ ବିଭାଜନ। ତାଙ୍କର ବାକି ଶିକ୍ଷା ଦିଲ୍ଲୀ ଓ ସିମ୍ଲାରେ। ରାଜସ୍ଥାନ ସିରୋହିର ନାବାଳକ ମହାରାଜା ତେଜସିଂହଙ୍କ ଗୃହଶିକ୍ଷୟିତ୍ରୀ ଭାବେ ଦୁଇବର୍ଷ ପାଇଁ ପାଇଥିଲେ ସେ ନିଯୁକ୍ତି। ୭୦ ବର୍ଷ ବୟସରେ ସମବୟସ୍କ ଡୋଗ୍ରୀ ଲେଖକ ଶିବନାଥଙ୍କ ସହ ବିବାହ ଓ ସ୍ୱାମୀଙ୍କ ବିୟୋଗ ପରେ ଦିଲ୍ଲୀସ୍ଥିତ ମୟୂର ବିହାର ଘରେ ଆମୃତ୍ୟୁ ବସବାସ। ୨୫ ଜାନୁଆରୀ ୨୦୧୯ରେ ପରଲୋକ।

୯୩ ବର୍ଷର ଦୀର୍ଘ ଜୀବଦ୍ଦଶାରେ କୃଷ୍ଣା ଅନେକ କାଳଜୟୀ କୃତି ଛାଡ଼ି ଯାଇଛନ୍ତି, ଯାହାକୁ ଯେତେଥର ପଢ଼ିଲେ ବି ପ୍ରଥମଥର ପଢ଼ିଲା ପରି ଲାଗେ। ନିଜର ଅଙ୍ଗେନିଭା ଅନୁଭୂତି ଓ ନିଜ ସମୟର ଆଖିଦେଖା ବାସ୍ତବତାର ସତ୍ୟନିଷ୍ଠ ଉପସ୍ଥାପନା ତାଙ୍କର ଗଳ୍ପ, ଉପନ୍ୟାସ ଓ ନିବନ୍ଧମାନ। କୃଷ୍ଣାଙ୍କ ପ୍ରସିଦ୍ଧ ରଚନା ମଧ୍ୟରେ ରହିଛି ଉପନ୍ୟାସ: 'ଜିନ୍ଦଗିନାମା', 'ମିତ୍ର ମରଜାନି', 'ଡାର୍ ସେ ବିଛଡ଼ି', 'ସୂରଜମୁଖୀ ଅନ୍ଧେରେ କେ' ଓ 'ୟାରୋଁ କେ ୟାର୍' ଇତ୍ୟାଦି। ଖ୍ୟାତନାମା ଗଳ୍ପ ମଧ୍ୟରେ ରହିଛି– 'ନସିଫା', 'ସିକା ବଦଲ ଗୟା', 'ବାଦଲୋଁ କେ ଘେରେ'। 'ସୋବତୀ ଏକ୍ ସୋହାବତ୍' ଶିରୋନାମରେ ପ୍ରକାଶିତ ତାଙ୍କ ପ୍ରମୁଖ ରଚନାଚୟ। 'ହସ୍‌ମତ' (ଛଦ୍ମନାମ)ରେ ପ୍ରକାଶ ପାଇଛି ପୁସ୍ତକ 'ହମ୍ ହସ୍‌ମତ'। ହସ୍‌ମତ ଏକ ପୁରୁଷ ନାମ। ଏ ସମ୍ପର୍କରେ କୃଷ୍ଣା କହନ୍ତି: ''ହସ୍‌ମତ ଓ କୃଷ୍ଣା ଦୁହେଁ ଭିନ୍ନ ଲୋକ। ଜଣେ ପୁରାତନ ଜଣେ ନୂତନ। ଦୁଇ ବିପରୀତ ଦିଗରୁ ଦୁହିଁଙ୍କର କାମ।''

୧୯୪୪ରେ ପ୍ରକାଶପାଏ କୃଷ୍ଣାଙ୍କର ଗଳ୍ପ 'ଲାମା' (ଜଣେ ତିବ୍ବତୀୟ ବୌଦ୍ଧ ପୁରୋହିତଙ୍କୁ ନେଇ)। ଏଇଠୁ ଆରମ୍ଭ ତାଙ୍କ ଲେଖିକା ଜୀବନ। ସେହିବର୍ଷ ପ୍ରକାଶ ପାଏ ଗଳ୍ପ 'ନସିଫା' ଓ 'ସିକା ବଦଲ ଗୟା' (ଭାରତ-ବିଭାଜନକୁ ନେଇ)। 'ସିକା ବଦଲ ଗୟା' ପ୍ରକାଶ ପାଏ ସଚ୍ଚିଦାନନ୍ଦ ବାତ୍ସାୟନଙ୍କ ସମ୍ପାଦିତ ପତ୍ରିକା 'ପ୍ରତୀକ'ରେ, ବିନା କୌଣସି କାଣ୍ଟଛାଣ୍ଟରେ। 'ଲେଖାକୁ ଯେ ମୁଁ ପେସା କରିପାରିବି'– ଏହି ଆତ୍ମପ୍ରତ୍ୟୟର ଏହା ହିଁ ଥିଲା ସ୍ୱୀକୃତି ବୋଲି କହନ୍ତି ଲେଖିକା। ୧୯୫୨ରେ କୃଷ୍ଣା ତାଙ୍କର ପ୍ରଥମ ଉପନ୍ୟାସ 'ଚନ୍ନା'ର ପାଣ୍ଡୁଲିପି ଛାପିବାକୁ ଦିଅନ୍ତି ଆହ୍ଲାବାଦର ଲିଡର୍ ପ୍ରେସ୍‌କୁ, ପାଣ୍ଡୁଲିପିର କେତେକ ଅଂଶ ଓ ଶବ୍ଦକୁ ଆପତ୍ତିଜନକ ଭାବେ ବଦଳାଇ ଦେବାରୁ ଲେଖିକା କ୍ଷୁବ୍ଧ ହୋଇ ଫେରାଇ ଆଣନ୍ତି ପାଣ୍ଡୁଲିପି। ପରେ ଏହି ଉପନ୍ୟାସ କିଛିଟା ବଦଳାବଦଳି ସହ 'ଜିନ୍ଦଗୀନାମା: ଜିନ୍ଦା ରୁଖ୍' ଶୀର୍ଷକରେ ପ୍ରକାଶ ପାଏ ରାଜକମଲ୍ ପ୍ରକାଶନ ସଂସ୍ଥା ଦ୍ୱାରା ୧୯୭୯ରେ। ଉପନ୍ୟାସର ପୃଷ୍ଠଭୂମି ଉନବିଂଶ ଶତକର ଗ୍ରାମ୍ୟ ପଞ୍ଜାବ ହୋଇଥିଲେ ବି ଏହାର କଥାବସ୍ତୁ ସମକାଳର ରାଜନୈତିକ ଓ ସାମାଜିକ ବାସ୍ତବତାଠାରୁ ଦୂରବର୍ତ୍ତୀ ନ ଥିଲା। ସମାଲୋଚକମାନେ ମତ ଦିଅନ୍ତି ଯେ, ପ୍ରେମଚାନ୍ଦଙ୍କ ପରେ କୃଷି ଓ କୃଷକଙ୍କୁ ପ୍ରସଙ୍ଗ କରି ଲେଖାଯାଇଥିବା ହିନ୍ଦୀ ଉପନ୍ୟାସ ସାରଣୀରେ 'ଜିନ୍ଦଗୀନାମା' ହେଉଛି ସବୁଠୁଁ ସୁଲିଖିତ ଉପନ୍ୟାସ। ମହାକାବ୍ୟର ଉଚ୍ଚତାକୁ ଛୁଇଁ ଛୁଇଁ ଭାରତୀୟ ସାହିତ୍ୟରେ ଏକ ମାଇଲଖୁଣ୍ଟ ଭାବେ ଆଜି ବି ଏହି ଉପନ୍ୟାସ ଉଭା।

୧୯୫୮ରେ ପ୍ରକାଶପାଏ ସୋବତୀଙ୍କ ଉପନ୍ୟାସ 'ଡାର୍ ସେ ବିଛଡ଼ି' (ଦୁଆରରୁ ବିଚ୍ୟୁତି), ଯାହାର ପୃଷ୍ଠଭୂମି ବିଭାଜନ ପୂର୍ବବର୍ତ୍ତୀ ଭାରତ ଓ ପ୍ରସଙ୍ଗ ଏକ ଶିଶୁର ଜୀବନ, ଯାହାର ମାଆବାପା ଅଲଗା ଅଲଗା ଧର୍ମର। ୧୯୬୬ରେ ପ୍ରକାଶପାଏ 'ମିତ୍ର ମରଜାନି' (ମିତ୍ର, ମୁଁ ମରିଯାଏଁ), ଯାହାର ପୃଷ୍ଠଭୂମି ବି ସେଇ ଗ୍ରାମ୍ୟ ପଞ୍ଜାବ ଓ ପ୍ରସଙ୍ଗ ଜଣେ ବିବାହିତା ଯୁବତୀର ଯୌନଜୀବନର ଗ୍ଲାନିହୀନ ସ୍ୱୀକାରୋକ୍ତି। ଗୀତା ରାଜନ ଓ ରାଜି ନରସିଂହା ଏହାର ଇଂଲିଶ୍ ଅନୁବାଦ କରିଛନ୍ତି– 'To Hell you, mitro' ଶୀର୍ଷକରେ। ଉପନ୍ୟାସଟି ସୋବତୀଙ୍କ ଲେଖକୀୟ ଖ୍ୟାତିକୁ ଊର୍ଦ୍ଧ୍ୱମୁଖୀ କରିଛି। ସେ ପର୍ଯ୍ୟନ୍ତ ହିନ୍ଦୀ ଉପନ୍ୟାସରେ ନାରୀ ଓ ସମାଜ-ବାସ୍ତବବାଦକୁ ନେଇ ଯେଉଁ ଗଡ୍ଡାଳିକା ପ୍ରବାହ ଚାଲିଥିଲା, ଏ ଉପନ୍ୟାସଟି ତହିଁରେ ପୂର୍ଣ୍ଣଚ୍ଛେଦ ଟାଣିଥିଲା ଓ ହିନ୍ଦୀ ଉପନ୍ୟାସରେ ସୂତ୍ରପାତ ହୋଇଥିଲା ଏ ନୂଆ ଯୁଗର।

୧୯୬୮ରେ ପ୍ରକାଶ ପାଇଲା ଉପନ୍ୟାସିକା 'ୟାରୋଁ କେ ୟାର' (ବନ୍ଧୁଙ୍କର ବନ୍ଧୁ) ଓ ୧୯୭୨ରେ 'ସୂରଜମୁଖୀ ଅନ୍ଧେରେ କେ' (ଅନ୍ଧକାରର ସୂର୍ଯ୍ୟମୁଖୀ)। 'ଶୈଶବର ଦୁରୁପଯୋଗ' 'ସୂରଜମୁଖୀ ଅନ୍ଧେରେ କେ' ଉପନ୍ୟାସର ପ୍ରସଙ୍ଗ। ସୋବତୀଙ୍କ ଲେଖିକା ଜୀବନର ଶେଷ ପର୍ଯ୍ୟାୟର ଲେଖା ଆତ୍ମଜୀବନୀମୂଳକ ଉପନ୍ୟାସ 'ଗୁଜରାଟ ପାକିସ୍ତାନ ସେ ଗୁଜରାଟ ହିନ୍ଦୁସ୍ତାନ ତକ୍' (ପାକିସ୍ତାନର ଗୁଜରାଟରୁ ଭାରତର ଗୁଜରାଟ), ଯାହା ବହୁ ଭାବେ ଚର୍ଚ୍ଚିତ।

କୃଷ୍ଣାଙ୍କ ଲେଖାର ଭାଷା ଯଦିଓ ହିନ୍ଦୀ, ତେବେ ବର୍ଣ୍ଣିତ ଚରିତ୍ର ଓ ଘଟଣାଗୁଡ଼ିକୁ ଜୀବନ୍ତ କରିବା ପାଇଁ ପ୍ରୟୋଜନସ୍ଥଳେ ସେ ପଞ୍ଜାବୀ, ଉର୍ଦ୍ଦୁ ଓ ରାଜସ୍ଥାନୀ ଶବ୍ଦର ପ୍ରୟୋଗ କରନ୍ତି। ଲେଖାରେ ଲୋକଶବ୍ଦର ଉପଯୋଗ ହେତୁ ତାଙ୍କ ଲେଖାରେ ଥାଏ ଏକ ଘରୋଇ ଖୁସ୍‌ବୁ। ସାଂସ୍କୃତିକ ମୌଳିକତାକୁ ସାହିତ୍ୟରେ ପ୍ରତିଷ୍ଠା ଦିଏ ଶବ୍ଦ–ଏହା ଭଲଭାବେ ଜଣା କୃଷ୍ଣାଙ୍କୁ। ତାଙ୍କ ଚରିତ୍ରମାନେ ଖୁବ୍ ସଶକ୍ତ ଓ ଜୀବନର ପ୍ରତ୍ୟେକଟି ଆହ୍ୱାନକୁ ଛାତି ପତାଇ ମୁକାବିଲା କରିବାରେ ଥାଏ ଦମ୍। 'ମହିଳା ପରିଚିତି' ଓ 'ଯୌନତା'ରେ ଯଦିଓ ଦାଉଦାଉ ତାଙ୍କ ରଚନାଚୟ, ତେବେ ତାଙ୍କର ବରଦାସ୍ତ ହୁଏନାହିଁ ଯଦି ତାଙ୍କ ଉପରେ କେହି ବସାଇ ଦିଏ 'ନାରୀ ଲେଖକ'ର ମୋହର। ସେ କହନ୍ତି: ''ଯିଏ ଲେଖକ, ସେ ନାରୀ ଓ ପୁରୁଷ– ଉଭୟ ଆଖି ନେଇ ଜଗତକୁ ଦେଖେ। ଲିଙ୍ଗଭେଦରେ ତାକୁ ଭାଗଭାଗ କରି ହେବନି।''

ଜୀବନବ୍ୟାପୀ ସାଧନା ପାଇଁ କୃଷ୍ଣା ବହୁ ସମ୍ମାନ ଓ ପୁରସ୍କାରରେ ଭୂଷିତା, ଯହିଁରେ ସାମିଲ – 'ସାହିତ୍ୟ ଏକାଡେମୀ ପୁରସ୍କାର' (୧୯୮୦), 'ଶିରୋମଣି ପୁରସ୍କାର' (୧୯୮୧), 'ହିନ୍ଦୀ ଏକାଡେମୀ ପୁରସ୍କାର' (୧୯୮୨), 'ସାହିତ୍ୟ ଏକାଡେମୀ ଫେଲୋଶିପ୍' (୧୯୯୬), 'କଥା ଚୂଡ଼ାମଣି ପୁରସ୍କାର' (୧୯୯୯) ଓ 'ଜ୍ଞାନପୀଠ ପୁରସ୍କାର' (୨୦୧୭)। ତାଙ୍କର ବହୁ ଗ୍ରନ୍ଥ ଏକାଧିକ ଭାରତୀୟ ଭାଷା ତଥା ସ୍ୱିଡିଶ୍, ରୁଷୀୟ ଓ ଇଂଲିଶ୍ ଭାଷାରେ ଅନୂଦିତ ହୋଇ ବିପୁଳ ପାଠକୀୟ ଆଦୃତି ସାଉଁଟିଛି। 'ଦିଲ୍-ଓ-ଦାନିଶ୍' ଉପନ୍ୟାସ 'The Heart Has Its Reasons' ଶିରୋନାମରେ ରୀମା ଆନନ୍ଦ ଓ ମୀନାକ୍ଷୀ ସ୍ୱାମୀଙ୍କ ଦ୍ୱାରା ଅନୂଦିତ ହୋଇ 'ଅନୂଦିତ ଭାରତୀୟ ଉପନ୍ୟାସ' ବର୍ଗରେ ସମ୍ମାନଜନକ 'Crossword Award' ଲାଭ କରିଛି।

କୃଷ୍ଣାଙ୍କ ସାରସ୍ୱତ ଉପଲବ୍ଧିର ଭୁଙ୍ଗିମାକୁ ଚିହ୍ନେଇବା ପାଇଁ ତାଙ୍କର କେତୋଟି ପ୍ରସିଦ୍ଧ ଉକ୍ତିକୁ ଏଠାରେ ଉଦ୍ଧାର କରାଯାଉଛି ତାଙ୍କ ପ୍ରଣୀତ 'ଲେଖକ କା ଜନତନ୍ତ୍ର' ଗ୍ରନ୍ଥରୁ– ୧. ''ସାହିତ୍ୟ ମାତ୍ର ଭାଷାକୀ କୌଶଳପୂର୍ଣ୍ଣ ଉପସ୍ଥିତି ନହୀଁ, ଶବ୍ଦ ଔର୍ ବିଚାରକେ ସଂଯୋଜକ କୀ ୱହ ବୈଚାରିକ ପ୍ରସ୍ତୁତି ହୈ।'' ୨. ''ଲେଖକୀୟ ଅସ୍ତିତ୍ୱ ମେଁ ଲେଖକ ଅପନି ଜୀନେ କୀ ସାଧାରଣତା କୋ ସୃଜନ କୀ ଅସାଧାରଣତା ମେଁ ଜୀତା ହୈ।'' ୩. ''ଗଦ୍ୟବାଲୋଁ କୋ ମାନଲେନା ଚାହିଏ କି ୱେ ନମ୍ବର ଦୋ ପର ହୈଁ, ନମ୍ବର ଏକ ପର କବି ହୈ।'' ୪. ''କବିତା କା ଅଙ୍କୁରଣ୍ ମାତ୍ର ପ୍ରଯତ୍ନୋଁ ସେ ନହୀଁ ହୋ ସକତା।'' କୃଷ୍ଣା ଅନୁଭବ କରୁଥିଲେ ଯେ ତାଙ୍କ ଭିତରେ ଗଭୀର ଉଦାସୀନତାର ଏକ ସ୍ରୋତ ଯେପରି ସର୍ବଦା ପ୍ରବାହିତ। ଜିଇବା ଓ ଲେଖିବା ଥିଲା ତାଙ୍କ ସହଜୀବୀ, ଯେପରି ଦେହ ଓ ଆତ୍ମା। ତାତ୍କାଳିକତାର ଊର୍ଦ୍ଧ୍ୱକୁ ଯାଇ ସାହିତ୍ୟର ଗଂଭୀର, ନ୍ୟାୟୋଚିତ ଅଭିଜ୍ଞାନକୁ ଆପଣାର ସୃଷ୍ଟିରେ ଜିଆଇ ରଖିବାର ତପସ୍ୟାରେ ସେ ଆମୃତ୍ୟୁ ଥିଲେ ଏକନିଷ୍ଠ ତପସ୍ୱିନୀ।




## ପୁସ୍ତକ ପରିଚୟ

### ସ୍ମୃତିର ଈଶ୍ୱର




**କବି:** ଦିଲୀପ ନାୟକ
**ପ୍ରକାଶକ:** ବର୍ଷା ପବ୍ଲିକେଶନ୍, ନୟାପଲ୍ଲୀ, ଭୁବନେଶ୍ୱର-୧୨
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୨୦୦/-

ମୋଟ ୬୬ଟି କବିତା ୧୦୨ ପୃଷ୍ଠାର କଳେବରରେ। କବିତାଗୁଡ଼ିକର ପ୍ରସଙ୍ଗ ଭିନ୍ନ, କେବେ ସ୍ମୃତି ତ କେବେ ସାମ୍ପ୍ରତିକ ଜୀବନ; କେବେ ମେଘ, ପବନ ତ କେବେ ପାହାଡ଼ ଓ ପଥର। କେବେ ଅନ୍ଧାର ତ କେବେ ଜହ୍ନରାତି, କେବେ ପ୍ରାପ୍ତି ତ କେବେ ଶୂନ୍ୟତା। ଜୀବନ କବି ପାଇଁ କେତେ କିସମର ଅନୁଭବ ସମୟର ପସରାରେ ତୋଳି ଧରିଥାଏ। ଅନୁଭବ ସହ ସଂଘାତ ହିଁ ଯଦି ହୁଏ କବିତା, ତେବେ ଦିଲୀପଙ୍କ କବିତାବହିର ଅନେକ କବିତା ଭଲ କବିତାର ଦାବି ରଖନ୍ତି। କବିଙ୍କ କବିତାର ପ୍ରଶସ୍ତ କାନ୍‌ଭାସ୍‌କୁ ବୁଝିବା ପାଇଁ କେତୋଟି ଦୃଷ୍ଟାନ୍ତ ଏଠାରେ ଉଦ୍ଧାର କରାଯାଇପାରେ– ୧. ''ନିର୍ଜନ ଜହ୍ନ ଆଲୁଅରେ/ କାହାର ଶବ ଶଢ଼େ/ କାହାର ଅବରୁଦ୍ଧ ଲୁହ/ ବାଷ୍ପ ହୋଇ ମିଶେ ଏ ମେଘରେ x x ମୁଁ ତାକୁ ଖୋଜେ ମୋର ଜୀବନର ଅଜ୍ଞାତବାସରେ।'' (ଖୋଜିବାର କ୍ଷୟ, ପୃ: ୦୭), ୨. ''ଦହଗଞ୍ଜ ହୁଏ ପ୍ରାଣ ଛେଚିକୁଟି ଦେହର ଜଡ଼ତା,/ ନିଜକୁ ସେ ପୂରାପୂରି ବିନାସର୍ତ୍ତେ ଦେଇଦେବ,/ ଭୁଲିଯିବ ଅଫିସ୍ ଓ ହାଟ ବଜାରର ହୋହଲ୍ଲା/ ବଢୁ ନ ଥିବା ଦରମା ଓ ପଢ଼ି ହେଉ ନ ଥିବା ଦସ୍ତଖତ/ ସନ୍ଧ୍ୟାର ଟାଉନ୍‌ବସ୍ ଭିଡ଼।'' (ଅନାମିକା, ପୃ: ୧୭), ୩. ''ଆକାଶ ଯେମିତି ତୁମେ ଆସିନାହଁ, ସେମିତି।'' (ପୁରୁଣା ଘାସରେ ସଜ କାକର, ପୃ:୮୦), ୪. ''ସେ ନାହିଁ/ ସେ ଆଉ କେଉଁଠି ବି ନାହିଁ/ ସେ ଆଉ କେବେହେଲେ ନାହିଁ/ ନ ଥିବାରେ ଯାହା ନାହିଁ ତାହା ସେ।'' (ଅନେକ ବର୍ଷ ପରେ, ପୃ: ୫୬)। ଏସବୁ ଉଦ୍ଧୃତିରୁ ମନେହୁଏ କବିଙ୍କ ଚେତନା ଜାଗତିକତାରେ ଛନ୍ଦିହୋଇ ତା'ର ଊର୍ଦ୍ଧ୍ୱରେ ବରାବର ବିଚରଣ ପ୍ରୟାସୀ। ଗୋଟିଏ ଗୋଟିଏ ଚିତ୍ର, ଯାହା ଅସ୍ପଷ୍ଟ ଅଥଚ ଅବୋଧ ନୁହେଁ। ଅର୍ଥରୁ ଅର୍ଥାନ୍ତରକୁ ଘେନିଯିବାର ଉଦ୍ୟମ ଦିଲୀପଙ୍କ କବିତାକୁ ପାଠକମୁଖୀ କରାଏ ଅନୁଭବର ଏକ ଅନନ୍ୟତାରେ।

### ଶକ୍ତି ଉପାସନା ଓ ବୈଦିକ ଦେବୀତତ୍ତ୍ୱ



**ଲେଖକ:** ଅଶ୍ୱିନୀ କୁମାର ଶତପଥୀ
**ପ୍ରକାଶକ:** ବ୍ଲାକ୍ ଈଗଲ ବୁକ୍ସ, ଭୁବନେଶ୍ୱର, ଓଡ଼ିଶା
**ପ୍ରଥମ ପ୍ରକାଶ:** ୨୦୨୪,
**ମୂଲ୍ୟ:** ଟ.୬୦୦/-

ଆଲୋଚ୍ୟ ଗ୍ରନ୍ଥଟି ପାଞ୍ଚଶହ ପୃଷ୍ଠାରୁ ଊର୍ଦ୍ଧ୍ୱ ପରିସରରେ ଶକ୍ତି ଉପାସନା ଓ ବୈଦିକ ଦେବୀତତ୍ତ୍ୱ ସମ୍ବନ୍ଧୀୟ ଏକ ତଥ୍ୟନିଷ୍ଠ ଗ୍ରନ୍ଥ। ସୂକ୍ତ ଓ ସ୍ତୋତ୍ର ସମୂହକୁ ବାଦ୍ ଦେଲେ ନାନା ଅଧ୍ୟାୟରେ ଭାରତୀୟ ସଂସ୍କୃତିରେ ବିଦ୍ୟମାନ ଶକ୍ତି ଉପାସନାର ଉଜ୍ଜ୍ୱଳ ପରମ୍ପରା, ଭାରତୀୟ ପର୍ବପର୍ବାଣି ଓ ଓଷାବ୍ରତରେ ଶାକ୍ତ ଉପାସନାର ସ୍ୱରୂପ, ଉପନିଷଦରେ ଶକ୍ତି ଉପାସନା, ମହାଳୟା ଶ୍ରାଦ୍ଧପକ୍ଷ ପାଳନର ବୈଶିଷ୍ଟ୍ୟ, ଗୟାରେ ପିଣ୍ଡଦାନର ମହତ୍ତ୍ୱ, ବାସନ୍ତିକ ନବରାତ୍ରରେ ଶ୍ରୀଶ୍ରୀ ସପ୍ତଚଣ୍ଡୀ ପଠନର ଫଳାଫଳ, ମହାକାଳୀ ମହାଲକ୍ଷ୍ମୀ ମହାସରସ୍ୱତୀଙ୍କ ପ୍ରାକଟ୍ୟ ରହସ୍ୟ ଓ ତ୍ରିଶକ୍ତି ତତ୍ତ୍ୱ, ଶ୍ରୀକ୍ଷେତ୍ରରେ ଶକ୍ତି ଉପାସନାର ଅନନ୍ୟ ପରମ୍ପରା ଗୋସାଣୀ ଯାତ, ମାର୍ଗଶିର ମାସ ମାଣବସା ଗୁରୁବାର ବ୍ରତ ଓ ଲକ୍ଷ୍ମୀ ଉପାସନା, କାଳୀତତ୍ତ୍ୱ ଓ ତାଙ୍କ ଆରାଧନା, ଉତ୍କଳରେ ଶାକ୍ତ ଉପାସନାର ପରମ୍ପରା ଓ ପ୍ରାଚୀନତା, ଶାକ୍ତ ଚେତନାରେ ଚତୁଃଷଷ୍ଟୀ ଯୋଗିନୀ ଉପାସନାର ବୈଶିଷ୍ଟ୍ୟ, ଶ୍ରୀଜଗନ୍ନାଥ ସଂସ୍କୃତିରେ ଶାକ୍ତ ଉପାସନା ଓ ତାନ୍ତ୍ରିକ ରୀତିନୀତିର ପ୍ରାଧାନ୍ୟ, ଅବତାରବାଦ ଓ ଶକ୍ତିତତ୍ତ୍ୱ ଇତ୍ୟାଦିର ସବିଶେଷ ଆଲୋଚନା ଗ୍ରନ୍ଥଟିକୁ ସାଧାରଣ ପାଠକ ତଥା ତତ୍ତ୍ୱଜ୍ଞ ବ୍ୟକ୍ତିବିଶେଷଙ୍କ ପ୍ରଣିଧାନଯୋଗ୍ୟ କରିପାରିଛି। 'ଆତ୍ମ କଥନ'ରେ ଲେଖକ କହିଛନ୍ତି: ''ଆଲୋଚିତ ପୁସ୍ତକ x x ପିଢ଼ି ପରେ ପିଢ଼ି ଆମର ଭାବୀ ବଂଶଧରମାନଙ୍କୁ ସଂସ୍କାର ଯୋଗାଇ ଚାଲିବ।'' ଲେଖକ 'ଲୋକକଲ୍ୟାଣ ଗ୍ରନ୍ଥମାଳା' ଶୀର୍ଷକରେ ଧର୍ମ ଓ ସଂସ୍କୃତିର ନାନା ଗୂଢ଼ ବିଷୟକୁ ଧାରାବାହିକ ଭାବେ ଆଲୋଚନା କରିବା ଆଜିର କ୍ରମାବକ୍ଷୟୀ ସମାଜ ପାଇଁ ଯେ ଏକାନ୍ତ ଶିକ୍ଷଣୀୟ, ଏଥିରେ ସନ୍ଦେହ ନାହିଁ।

## କାଳକାଳକୁ

''ହସ କୌତୁକଠୁଁ ବଳି ସଂକ୍ରାମକ ପୃଥିବୀରେ ଆଉ କିଛି ନାହିଁ''
– ଚାର୍ଲସ୍ ଡିକେନ୍‌ସ



ଚାର୍ଲସ୍ ଡିକେନ୍‌ସଙ୍କ ଜନ୍ମ ୭ ଫେବୃଆରୀ ୧୮୧୨ ଓ ପରଲୋକ ୯ ଜୁନ୍ ୧୮୭୦ରେ। ଏହି ଲେଖକ ଏକାଧାରରେ ଔପନ୍ୟାସିକ, କଥାକାର, ବାର୍ତ୍ତାଜୀବୀ ଓ ଚିନ୍ତକ। ତାଙ୍କ ଉଲ୍ଲେଖନୀୟ କୃତିଗୁଡ଼ିକ ମଧ୍ୟରେ ଅନ୍ତର୍ଭୁକ୍ତ 'ଦ ପିକ୍‌ୱିକ୍ ପେପର୍‌ସ', 'ଓଲିଭର୍ ଟୁଇଷ୍ଟ', 'ଏ କ୍ରୀଷ୍ଟମାସ୍ କେରୋଲ', 'ଡେଭିଡ୍ କପର୍‌ଫିଲ୍ଡ', 'ବ୍ଲିକ୍‌ହାଉସ୍', 'ଲିଟିଲ୍ ଡୋରିଟ୍', 'ଏ ଟେଲ୍ ଅଫ୍ ଟୁ ସିଟିଜ୍' ଓ 'ଗ୍ରେଟ୍ ଏକ୍ସପେକ୍ଟେସନ୍‌ସ'। ଭିକ୍ଟୋରୀୟ ଯୁଗର ଶ୍ରେଷ୍ଠତମ ଲେଖକର ମାନ୍ୟତା ଦିଆଯାଏ ଡିକେନ୍‌ସଙ୍କୁ। ସେ କହନ୍ତି: ''ଆମର ଉଚିତ ହେଉଛି ନିଜର ଲୁହ ପାଇଁ କେବେ ବି ଲଜ୍ଜିତ ନ ହେବା।''

## କବିତା

### ସୁଚିତ୍ରା ଗାଙ୍ଗୁଲି

ତନ୍ମୟଜ୍ୟୋତି ନାୟକ

''ଆବାର୍ ବଛର୍ କୁଡ଼ି ପରେ ତାର୍ ସାଥେ ଦେଖାହଏ ଯଦି!''– ଜୀବନାନନ୍ଦ ଦାସ

୧ ||
ତୁମ ଠିକଣା ମୁଁ ଜାଣେ ନାହିଁ
ତୁମ ଅଙ୍କା ତୈଳଚିତ୍ର ଦେଖିଥିଲି ଥରେ
ନନ୍ଦନ ମେଳାର ଏକ ଚିତ୍ରିତ ଗୃହରେ
ତଳେ ଖାଲି ଲେଖାଥିଲା 'ସୁଚିତ୍ରା ଗାଙ୍ଗୁଲି'
ସୁଚିତ୍ରା ! ତୁମରି ସେ ଚିତ୍ର ମୋତେ
କରିଥିଲା ରାତିକ ଅନିଦ୍ରା।
ସନ୍ଧାନ କରି ଏତକ ପାଇଲି ଖବର
ଛାତ୍ରୀ ଥିଲ କଳା ଭବନର।
(ଆହୁରି ବି କେତେ କଥା)
ତୁମେ କାଳେ ଆଙ୍କିପାର
ଆବ୍‌ଷ୍ଟ୍ରାକ୍ଟ, ସିମ୍ବଲିଷ୍ଟ, ନ୍ୟାରେଟିଭ
ଆଉ ତୈଳ ଚିତ୍ର।
ପୁଣି ବିଧାତା ତୁମକୁ କାଳେ ଗଢ଼ିଚି ବିଚିତ୍ର ;
ବାମ ପାଖ ହସ୍ତ ନାହିଁ, ଆଜନ୍ମରୁ ଏକ ଚକ୍ଷୁହୀନା
ତଥାପି ତ କରିପାର ସୁନ୍ଦର ସର୍ଜନା !

୨ ||
ତୁମରି କଳ୍ପିତ ଛବି କଳ୍ପନାରେ ହଜିଗଲା ପରେ
ଭେଟିଥିଲି ତାକୁ ପୁଣି ଗୌର ପ୍ରାଙ୍ଗଣର
ଆନନ୍ଦ ମେଳାରେ।
କାନଭାସ୍‌ରେ ଅଙ୍କାଥିଲା ବିସ୍ତୀର୍ଣ୍ଣ ଧାନର କ୍ଷେତ,
ଆକାଶରେ ଝଡ଼
ଆଉ ପକ୍ଷୀମାନେ ଫେରୁଛନ୍ତି ନୀଡ଼।
ସେଇ କ୍ଷେତ କଡ଼େ କଡ଼େ କିଶୋରୀଟେ
ଯାଉଅଛି ଚାଲି
ତଳ କୋଣେ ଲେଖା ଥିଲା
ଛଟା ଛଟା ବଙ୍ଗଳାରେ
'ସୁଚିତ୍ରା ଗାଙ୍ଗୁଲି'।

୩ ||
ଛବି ସିନା ଦେଖିଥିଲି, ଦେଖିନାହିଁ ଛବିର ସ୍ରଷ୍ଟାକୁ
କରିନାହିଁ ତୁମକୁ ସାକ୍ଷାତ
ତଥାପି ମୁଁ ତୁମ ପ୍ରଶଂସକ।
ଆଜି ପୁଣି ଏତେ ବର୍ଷ ପରେ
ଖବରକାଗଜେ ଦେଖେ
ତୁମେ କାଳେ ପାଉଅଛ ଜାତୀୟ ସମ୍ମାନ।
କିଏ ଜଣେ କହୁଥିଲେ ବିକୃତ ସେ
ସ୍ରଷ୍ଟାଙ୍କର ସୁନ୍ଦର ଅଙ୍କନ
ସ୍ରଷ୍ଟା କେବେ ବିକୃତ କି ?
ମୋର ଏଇ ପ୍ରଶ୍ନ
ବିକଳାଙ୍ଗ ହେଇପାରେ ଦେହ ତୁମ
ସୃଷ୍ଟି ତୁମ ସୁନ୍ଦର ଶାଳୀନ।
ଆଜି ପୁଣି ଏତେ ବର୍ଷ ପରେ
ମନେପଡ଼େ ଶାନ୍ତିନିକେତନ ଆଉ
ସୁନ୍ଦର ପାଚେରିଘେରା କଳାର ଭବନ।

ମୋ: ୭୨୦୫୭୯୫୦୨୨

ଗୀତି-କବିତା

### ବାସନା

ବିଷ୍ଣୁ ମୋହନ

ବଣମଲ୍ଲୀ ପରି ତୁମ ନିରୀହତା
ବିବଶ କରେ ପରାଣ
ଗୋରାଦେହ ତବ ପ୍ରେମର ମାଣିକ
ଯେପରି ଚଇତି ଜହ୍ନ।

ରୂପର ମାଧୁରୀ ମଦିରାକ୍ତ କରେ
କବିର କବିତା ଲେଖା
କେତେବେଳେ କରେ ଲାବଣ୍ୟବତୀ ତ
କେବେ ପୁଣି ଚିତ୍ରଲେଖା।

ତୁମେ ସପନର ରାଜଜେମା ମୋର
ଥାଅ ପଛେ ଯେତେ ଦୂର
ଚିର ଈପ୍‌ସିତ ଆଶାର କିରଣ
ମୁରଲୀର ମିଠା ସୁର।

ତୁମ ମମତାର ପଣତ ତଳେ ମୁଁ
ଲୋଟିଯିବି ଚିରଦିନ
ତୁମରି ନୀଡ଼ରୁ ନିର୍ବାଣଯାଏଁ
ହେବିନାହିଁ ଆନମନ।

ମୋ: ୭୨୦୫୭୫୮୨୫୫

## ଲଘୁଗଳ୍ପ

### ଆଦର

ଦେବେନ୍ଦ୍ର କର

ବାବୁଘର ଛାତ ଉପରେ ଭଳିକିଭଳି ଫୁଲଗଛର ସମ୍ଭାର। ଗୋଟେ କୁଣ୍ଡରେ ଗୋଲାପ ଗଛର ଥିଲା ସ୍ୱତନ୍ତ୍ର ଆକର୍ଷଣ। ଶାଖାପ୍ରଶାଖାରେ ଶୋଭାପାଉଥାଏ ବଡ଼ ବଡ଼ ଲାଲ୍ ରଙ୍ଗର ଗୋଲାପ। ଫୁଲର ସୁଗନ୍ଧ ଚତୁଃପାର୍ଶ୍ୱରେ ଅହରହ ମହକୁଥାଏ। ବାବୁ, ବାବୁଆଣୀ ଘଡ଼ି ଘଡ଼ି ଆସି ଗୋଲାପ କୁଣ୍ଡକୁ ଚାହିଁ ରୁହନ୍ତି। ବନ୍ଧୁବାନ୍ଧବ କେହି ଆସିଲେ ଗୋଲାପ କୁଣ୍ଡ ନିକଟକୁ ଡାକି ଆଣନ୍ତି। ଧୀରେ ଧୀରେ ଗୋଲାପ ମନରେ ଗର୍ବ ଅହଙ୍କାର ବଢ଼ିବାକୁ ଲାଗିଲା। ସାଥୀ ଫୁଲଗଛମାନଙ୍କ ସହିତ ତା'ର ଆଉ ପଡ଼ିଲା ନାହିଁ। ଦିନେ ବର୍ଷାଭିଜା ସକାଳେ ଗୋଲାପ କୁଣ୍ଡରେ ଦୂବଟେ କଅଁଳି ଉଠିଥାଏ। ତା'ର କୁନି ଶାଖାରେ କାକରବୁନ୍ଦା ମୋତି ପରି ଚିକ୍‌ଚିକ୍ କରୁଥାଏ। ବାବୁ ବାବୁଆଣୀଙ୍କ ଖୁସି କହିଲେ ନସରେ। ବାବୁ କହିଲେ, ଆମ ପାଖରେ ସବୁ ଗଛଥିଲା ଏଇ ଗୋଟିକୁ ଛାଡ଼ି। ଗଛ ଲଗେଇବା ଆଜି ଆମର ସାର୍ଥକ ହୋଇଛି। ବାବୁଆଣୀ କହିଲେ, ଯାହାହେଉ ପୂଜାବେଳେ ଆଉ ମତେ କାହାରି ବାରିକୁ ଯିବାକୁ ପଡ଼ିବ ନାହିଁ। ଏତେସବୁ କଥା ଶୁଣି ଗୋଲାପ ଈର୍ଷାରେ ଜଳି ଉଠିଲା। କୁନି ଦୂବକୁ ଛିଗୁଲେଇ କହିଲା, ତୁ ଭାବେନି କାଲି ସକାଳେ ଆସିକି ଏଠି ସଭିଙ୍କର ଆଦର ପ୍ରଶଂସା ପାଇଯିବୁ। ମୁଁ କେତେ ଯେ ଦୁଃଖକଷ୍ଟ ସହି ଏତେ ବାଟ ଆସିଛି ତା'ର କଳନା ନାହିଁ। ତୋ ସୃଷ୍ଟି ମୋ' ପାଦ ତଳେ, ଆଉ ତୁ ଗୋଟେ ଘାସ ବୋଲି କେବେ ବି ଭୁଲିଯିବୁନି। ନିଜ ସ୍ଥିତି ଦେଖିକି ଚଳୁଥା, ଅନ୍ୟଥା ନିଜେ ହିଁ ଅକଳରେ ପଡ଼ିବୁ। କୁନି ଦୂବଘାସଟି ବଲବଲ କରି ଚାହିଁ ରହିଥାଏ। ହଠାତ୍ ଏତେ ସବୁ କଥା ଶୁଣି ସେ ପୂରାପୂରି ଅବାକ୍ ହେଇଗଲା।

ସେଦିନ ଗୋଲାପ ଗଛଟି କହିବାର ସବୁ ସୀମା ଟପିଗଲା। ସକାଳୁ ସକାଳୁ ଦୂବଘାସ ଉପରେ ଖୁବ୍ ବର୍ଷିଲା। ତୁ ମୋ' ପାଦ ତଳକୁ ବି ସରି ହେବୁନି। ମୋର ସୁଗନ୍ଧିତ ଫୁଲ ସମସ୍ତଙ୍କର ପ୍ରିୟ, ମଣିଷ ତ ମଣିଷ ଦେବତା ବି ମତେ ଦେଖିଲେ ଲୋଭେଇ ଯିବେ। ସବୁ ଶୁଣି ଦୂବଘାସ କହିଲା– ବନ୍ଧୁ ରାଗନି, ତୁମ କଥାରେ ମୁଁ ଏକମତ। ତୁମେ ଯେପରି ଭାବୁଛ ମୋ' ବିଷୟରେ ସେ ସବୁ ତୁମ ମନର ବୃଥା ସନ୍ଦେହ। ଆସ, ହସି ହସାଇ ମନଭରି ଜିଇବା। ମନରୁ କ୍ରୋଧ, ହିଂସା, ଗର୍ବ, ଅହଙ୍କାର, ଘୃଣା, ସନ୍ଦେହ ପରିହାର କରି ସ୍ନେହ ଶ୍ରଦ୍ଧା ବାଣ୍ଟିବା। ଆଉ ବନ୍ଧୁ ଏ ଦୁନିଆ ରଙ୍ଗମଞ୍ଚରେ ଆମେ ସମସ୍ତେ ସ୍ୱଳ୍ପ ଦିନର ଅତିଥି, ବେଳବୁଡ଼ିଲେ ନା ତୁମେ ଥିବ ନା ମୁଁ। ଆଜି ତୁମେ ଆଦର ପାଉଛ, କାଲି ହୁଏତ ମୁଁ ସେଇ ଆଦରର ହକ୍‌ଦାର ହେବି। ସମୟ ସଦାକାଳେ ପରିବର୍ତ୍ତନଶୀଳ। ଥିଲା ଥିଲା ଚିହିଁକି ଉଠିଲା ଗୋଲାପ। ତୋ' ଉପଦେଶ ତୋ' ପାଖରେ ରଖ। ତୁ ଜାଣିନୁ ବାବୁଘର ଲୋକ ମତେ କେତେ ଆଦର କରନ୍ତି। ମୋ' ନାଆଁଟି ଗୋଲାପ, ଫୁଲ ଭିତରେ ମୁଁ ଶ୍ରେଷ୍ଠ। ମୋ' ଫୁଲର ରଙ୍ଗ ଆକର୍ଷଣୀୟ ଆଉ ଅପୂର୍ବ ସୁଗନ୍ଧରେ ମୁଁ ସଭିଙ୍କ ମନ ମୋହିନିଏ। ମୋ' ଦେହକୁ ଯିଏ ଛୁଇଁବ ତାକୁ ମୁଁ କଣ୍ଟାରେ ଆଘାତ ଦେବି। ଦୂବଘାସଟି ଆଉ କିଛି ନ କହି ଚୁପ୍ ରହିଲା।

ଦିନ ପରେ ଦିନ ବିତିଲା। ନୂଆ ଋତୁର ଆଗମନ ହୋଇସାରିଥାଏ। ଦୂବଘାସଟି ଏବେ ଏବେ ଲତାର ରୂପ ନେଇ ସାରିଲାଣି। ଗୋଲାପ ଗଛଟି ଆଗ ପରି ଆଉ ନା ସତେଜ ଦିଶୁଥାଏ ନା ସୁନ୍ଦର। ଶାଖାପ୍ରଶାଖାରେ ଫୁଲ ତ ଦୂରର କଥା କଢ଼ିଟେ ବି ଦିଶୁ ନଥାଏ। ପତ୍ରଝଡ଼ା ଦେବାପରେ ଶାଖା ପ୍ରଶାଖାରେ କଣ୍ଟାସବୁ ସ୍ପଷ୍ଟ ଦିଶୁଥାଏ। ବାବୁ ଦେଖିଲେ ଗୋଲାପ ଗଛରେ ଫୁଲ ତ ଆଉ ଫୁଟୁନାହିଁ କି ନୂଆ ପତ୍ର କଅଁଳୁ ନାହିଁ ସେ ଲାଗି ଦିନେ ଗୋଲାପର ସବୁ ଡାଳ କାଟି ଫିଙ୍ଗିଦେଲେ। ଗୋଲାପ ଏବେ ଖୁବ୍ ଦୁର୍ବଳ ଆଉ ଅସହାୟ। ମାଟି ଉପରେ ସାମାନ୍ୟ ଡାଙ୍ଗ ସଦୃଶ ସେ ଏବେ ଦଣ୍ଡାୟମାନ। ମନରେ ଭରି ରହିଥିବା ଗର୍ବ ଅହଙ୍କାର ଭାଙ୍ଗି ଚୂର୍ମାର ହୋଇଗଲା। ଦୂବଘାସ କହିଥିବା କେଇପଦ କଥା ତା' କାନ ପାଖରେ ଗୁଞ୍ଜରିତ ହେଲା। ବନ୍ଧୁ ଆଜି ତୁମେ ଆଦର ପାଉଛ କାଲି ହୁଏତ ମୁଁ ଆଦରର ହକ୍‌ଦାର ହେଇଯିବି। ପରିବର୍ତ୍ତନ ସୃଷ୍ଟିର ନିୟମ। କୋହ ସମ୍ଭାଳି ନ ପାରି କଇଁକଇଁ ହୋଇ କାନ୍ଦିଉଠିଲା ଗୋଲାପ। ସେପଟେ ବାବୁଆଣୀ ଶ୍ରଦ୍ଧାର ସହିତ କେରାଏ କେରାଏ ଦୂବ ତୋଳି ନେଇ ଫୁଲଟାଙ୍ଗୁଡ଼ିରେ ସାଇତି ଦେଉଥିଲେ।

ମୋ: ୯୯୩୭୯୬୩୯୧୦



ଧରିତ୍ରୀ DHARITRI 51 Years

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ଫେବୃଆରୀ ୧୫/୨୦୨୫ Bhubaneswar, Saturday, February 15/ 2025

# କଳିଙ୍ଗରେ ଆଜିଠୁ ଏଫ୍ଆଇଏଚ୍ ପ୍ରୋ ଲିଗ୍



ଜର୍ମାନୀ, ଭାରତ, ସ୍ପେନ୍ ଓ ଇଂଲଣ୍ଡ ମହିଳା ହକି ଦଳର ଅଧିନାୟିକା। (ଫଟୋ: ବିକାଶ ନାୟକ)

**ଭୁବନେଶ୍ୱର, ୧୪।୨ (ତପନ ସ୍ୱାଇଁ)**

ଏଫ୍ଆଇଏଚ୍ ପ୍ରୋ ଲିଗ୍‌ର ଭୁବନେଶ୍ୱର ଚରଣ ଶନିବାରଠାରୁ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଉଭୟ ମହିଳା ଓ ପୁରୁଷ ବିଭାଗରେ ଏଠାରେ ମୁକାବିଲା ହେବ। ଏଥିପାଇଁ ଶୁକ୍ରବାର ଅନୁଷ୍ଠିତ ପ୍ରି-ମ୍ୟାଚ ଖବରଦାତା ସମ୍ମିଳନୀରେ ଭାରତୀୟ ଦଳର ଅଧିନାୟକ ହରମନପ୍ରୀତ ସିଂ, ସ୍ପେନ୍‌ର ଉପଅଧିନାୟକ ଆଲେକ୍ସ ଆଲୋଁସୋ ଓ ଇଂଲଣ୍ଡ ଅଧିନାୟକ ଟିମ୍ ନର୍ସ ସେମାନଙ୍କ ପ୍ରସ୍ତୁତି ଏବଂ ଲକ୍ଷ୍ୟ ସମ୍ପର୍କରେ ପ୍ରକାଶ କରିଛନ୍ତି। ଭାରତୀୟ ଦଳର ମୁଖ୍ୟ କୋଚ୍ କ୍ରେଗ୍ ଫୁଲଟନ ପ୍ରସ୍ତୁତିକୁ ନେଇ ସନ୍ତୋଷ ପ୍ରକାଶ କରିଛନ୍ତି। ସେହିପରି ମହିଳା ବିଭାଗରେ ୪ ଦଳର ଅଧିନାୟିକା ଭାରତର ସାଲିମା ଟେଟେ, ଜର୍ମାନୀର ଲଇସା ନୋଲ୍‌ଟେ, ସ୍ପେନର ଲୁସିଆ ଜିମେଞ୍ଜ ଓ ଇଂଲଣ୍ଡର ଲିଲି ୱାକର ସେମାନଙ୍କ ମତ ରଖିଛନ୍ତି। ଶନିବାର ପ୍ରଥମ ଦିବସରେ ଭାରତୀୟ ମହିଳା ଦଳ ଇଂଲଣ୍ଡକୁ ଅପରାହ୍ନ ୫ଟା ୧୫ ଓ ପୁରୁଷ ଦଳ ସନ୍ଧ୍ୟା ୭ଟା ୩୦ରେ ସ୍ପେନ୍ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ। ଅପରାହ୍ନ ୩ଟାରେ ଅନୁଷ୍ଠିତ ମହିଳା ବିଭାଗ ମ୍ୟାଚରେ ଜର୍ମାନୀ ଓ ସ୍ପେନ୍ ମଧ୍ୟରେ ମୁକାବିଲା ହେବ।

ଭାରତୀୟ ପୁରୁଷ ଦଳ ଏବେ ବିଶ୍ୱ ର୍‍ୟାଙ୍କିଙ୍ଗ୍‌ରେ ୫ ନମ୍ବର ଏବଂ ପ୍ରଥମ ପ୍ରତିଦ୍ୱନ୍ଦ୍ୱୀ ସ୍ପେନ ୭ ନମ୍ବରରେ ରହିଛି। ଚଳିତ ସିଜନରେ ଭାରତ କଳିଙ୍ଗ ଷ୍ଟାଡିୟମରୁ ଅଭିଯାନ ଆରମ୍ଭ କରିବାକୁ ଯାଉଛି। ତେଣୁ ଘରୋଇ ପରିବେଶରୁ ଫାଇଦା ଉଠାଇ ମୋମେଣ୍ଟମ ହାସଲ କରିବା ଲକ୍ଷ୍ୟରେ ରହିଛି। ୨୦୨୪ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ବିଜୟୀ ଭାରତୀୟ ଦଳ ହରମନପ୍ରୀତଙ୍କ ନେତୃତ୍ୱରେ ଅନ୍ତର୍ଜାତୀୟ ସ୍ତରରେ ପୁଣିଥରେ ଦକ୍ଷତା ପ୍ରମାଣର ସୁଯୋଗ ପାଇଛି। ୨୦୨୪ ଅକ୍ଟୋବରରେ ଭାରତୀୟ ଦଳ ଶେଷ ଥରପାଇଁ ଜର୍ମାନୀ ବିପକ୍ଷରେ ୨ ମ୍ୟାଚ ବିଶିଷ୍ଟ ସିରିଜ ଖେଳିଥିଲା।

ମୁଖ୍ୟ କୋଚ୍ କ୍ରେଗ୍ ଫୁଲଟନ କହିଛନ୍ତି ଯେ, ‘‘ଆଗାମୀ କିଛି ଦିନ ଆମପାଇଁ ଅଲିମ୍ପିକ୍ସରେ ଖେଳିବା ସହ ସମାନ ରହିବ। ଲାଗଲାଗ ମ୍ୟାଚ ଥିବାରୁ ଆମେ ଏକ ବୃହତ୍ ଦଳ ଚୟନ କରିଛୁ। ଏଠାରେ ଆମେ ଚଳିତ ସିଜନ ପାଇଁ ଅଭିଯାନ ଆରମ୍ଭ କରିବୁ। ତେଣୁ ର୍‍ୟାଙ୍କିଙ୍ଗ୍ ପଏଣ୍ଟ ଅପେକ୍ଷା ଖେଳାଳିଙ୍କ ପ୍ରଦର୍ଶନ ଆମପାଇଁ ଗୁରୁତ୍ୱପୂର୍ଣ୍ଣ। ଏଠାରେ ଖେଳିବାକୁ ଯାଉଥିବା ଦଳ ଗୁଡ଼ିକ ୟୁରୋପରେ କେତେଗୁଡ଼ିଏ ମ୍ୟାଚ ଖେଳି ସାରିଛନ୍ତି। ତେଣୁ ଭଲ ପ୍ରଦର୍ଶନ କରି ମ୍ୟାଚ ଜିତିବା ଆମର ମୁଖ୍ୟ ଲକ୍ଷ୍ୟ ରହିବ’’।

### ଏଫ୍ଆଇଏଚ୍ ପ୍ରୋ ଲିଗ୍

**ଆଜିର ମ୍ୟାଚ (ମହିଳା)**

ଜର୍ମାନୀ ବନାମ ସ୍ପେନ୍

ସମୟ: ଅପରାହ୍ନ ୩ଟା

ଭାରତ ବନାମ ଇଂଲଣ୍ଡ

ସମୟ: ଅପରାହ୍ନ ୫ଟା ୧୫

**ଆଜିର ମ୍ୟାଚ (ପୁରୁଷ)**

ଭାରତ ବନାମ ସ୍ପେନ୍

ସମୟ: ସନ୍ଧ୍ୟା ୭ଟା ୩୦

ସ୍ଥାନ: କଳିଙ୍ଗ ଷ୍ଟାଡିୟମ

ପ୍ରସାରଣ: ସ୍ପୋର୍ଟ୍ସ୧୮, ଷ୍ଟାର ସ୍ପୋର୍ଟ୍ସ

### ଭାରତୀୟ ମହିଳା ଦଳ ଇଂଲଣ୍ଡ ଓ ପୁରୁଷ ଦଳ ସ୍ପେନ୍‌କୁ ଭେଟିବ

ଭାରତୀୟ ପୁରୁଷ ଦଳ ଏହାର ପରବର୍ତ୍ତୀ ମ୍ୟାଚ ୧୬ରେ ସ୍ପେନ୍, ୧୮ରେ ଜର୍ମାନୀ, ୧୯ରେ ଜର୍ମାନୀ, ୨୧ରେ ଆୟର୍ଲାଣ୍ଡ, ୨୨ରେ ଆୟର୍ଲାଣ୍ଡ, ୨୪ରେ ଇଂଲଣ୍ଡ ଓ ୨୫ରେ ଇଂଲଣ୍ଡ ବିପକ୍ଷରେ ଖେଳିବ। ସେହିପରି ମହିଳା ଦଳ ୧୬ରେ ଇଂଲଣ୍ଡ, ୧୮ରେ ସ୍ପେନ୍, ୧୯ରେ ସ୍ପେନ୍, ୨୧ରେ ଜର୍ମାନୀ, ୨୨ରେ ଜର୍ମାନୀ, ୨୪ରେ ନେଦରଲାଣ୍ଡ୍ସ ଓ ୨୫ରେ ନେଦରଲାଣ୍ଡ୍ସ ବିପକ୍ଷରେ ଖେଳିବ।

### ‘ଏଠାରେ ସିଜନ ଆରମ୍ଭ କରିବୁ’



ହରମନପ୍ରୀତ ସିଂ

‘‘ନିକଟରେ ଶେଷ ହୋଇଥିବା ହକି ଇଣ୍ଡିଆ ଲିଗ୍‌ରେ ଆମ ଦଳର କେତେକ ଖେଳାଳି ଚମତ୍କାର ପ୍ରଦର୍ଶନ କରିଛନ୍ତି। ଯୁଗରାଜ ସିଂ ଟପ୍ ସ୍କୋରର ପୁରସ୍କାର ଜିତିଥିବାରୁ ମୁଁ ବ୍ୟକ୍ତିଗତଭାବେ ବହୁତ ଖୁସି। ଆମ ଡ୍ରାଗ୍‌ଫ୍ଲିକ୍‌ରେ ଏହା ନୂଆ ଆଶା ସଞ୍ଚାର କରିଛି’’ ବୋଲି ଭାରତୀୟ ଦଳର ଅଧିନାୟକ ହରମନପ୍ରୀତ ସିଂ ପ୍ରକାଶ କରିଛନ୍ତି। ଆମପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ବର୍ଷ। ପ୍ରୋ ଲିଗ୍‌ରୁ ଆମର ଅନ୍ତର୍ଜାତୀୟ ସିଜନ ଏବଂ ନୂଆ ଅଲିମ୍ପିକ୍ ସାଇକେଲ (ଚକ୍ର) ଆରମ୍ଭ ହେବ। ଆଗକୁ ୨୦୨୫ ଏସିଆ କପ୍ ଅଛି। ଏହାକୁ ଜିତିପାରିଲେ ଆମେ ବିଶ୍ୱକପ ଯୋଗ୍ୟତା ପାଇପାରିବୁ। ତେଣୁ ପ୍ରୋ ଲିଗ୍‌ରେ ଆମେ ନିଜକୁ ପରୀକ୍ଷା କରିପାରିବୁ। ଆମର ପ୍ରଦର୍ଶନ କିପରି ଅଛି ଏବଂ ଦୋଷ ଦୁର୍ବଳତା ସମ୍ପର୍କରେ ଜାଣି ପାରିବୁ। ସ୍ପେନ୍, ଜର୍ମାନୀ ଓ ଇଂଲଣ୍ଡ ସମସ୍ତେ ଶକ୍ତିଶାଳୀ ଦଳ। ତେଣୁ ଆମେ ମ୍ୟାଚ ପରେ ମ୍ୟାଚ ରଣନୀତି ପ୍ରସ୍ତୁତ କରି ପଡ଼ିଆକୁ ଓହ୍ଲାଇବୁ ବୋଲି ହରମନପ୍ରୀତ କହିଛନ୍ତି। ଏଫ୍ଆଇଏଚ୍ ପ୍ରୋ ଲିଗ୍‌ର ଗତ ସଂସ୍କରଣରେ ଭାରତ ୭ମ ସ୍ଥାନରେ ରହିଥିଲା।


# ତୀର୍ଥ ଭ୍ରମଣ ସ୍ପେଶାଲ

ORGR- BANAMALI PANDA, KHAIRABAD, JAJPUR, M-9437310046, 9668114682

ପ୍ୟାକେଜ୍ ଟ୍ରେନ୍ ଟୁର୍: ୧ମ ଯାତ୍ରା: ତା.୧୯.୦୪.୨୫ରେ ଭୁବନେଶ୍ୱରରୁ ବାହାରି ପ୍ରୟାଗରାଜ ସଙ୍ଗମ, ଅଯୋଧ୍ୟା, ବନାରସ, ଗୟା ଓ ବୁଦ୍ଧଗୟା ହୋଇ ତା.୨୫.୦୪ ରିଖରେ ପୁରୀ ପହଞ୍ଚିବ। ୨ୟ ଯାତ୍ରା (ପୂର୍ବ ଭାରତ ଓ ନେପାଳ): ତା.୦୭.୦୫ରେ ଭୁବନେଶ୍ୱରରୁ ବାହାରି କୋଲକାତା ହୋଇ ନିୟୁ ଜଲପାଇଗୁଡ଼ି, ସିଲିଗୁଡି, ଗ୍ୟାଙ୍ଗଟକ୍, ସିକିମ୍, ବାବାଧାମ, ଦାର୍ଜିଲିଂ, ଟାଇଗର ହିଲ୍, ନେପାଳ, ଜନକପୁର, କାଠମାଣ୍ଡୁ, ସୀତା ଜନ୍ମସ୍ଥାନ, ସୀତା ବିବାହ ମଣ୍ଡପ, ଜ୍ୟୋତିର୍ଲିଙ୍ଗ ବାବା ପଶୁପତି ନାଥ, ବୁଢା ନୀଳକଣ୍ଠ, ଶମ୍ଭୁନାଥ, ଗୌହାଟୀ, ଶକ୍ତିପୀଠ ମା' କାମାକ୍ଷୀ ଦେବୀ, ନବଦ୍ୱୀପଧାମ, ମାୟାପୁରୀ ହୋଇ ତା.୧୯.୦୫ରେ ଭୁବନେଶ୍ୱରରେ ପହଞ୍ଚିବ। ୩ୟ ଯାତ୍ରା (ଉତ୍ତର ଭାରତ): ଭୁବନେଶ୍ୱରରୁ ତା.୨୪.୦୫ରେ ବାହାରି ପ୍ରୟାଗରାଜ, ଆହ୍ଲାବାଦ (ତ୍ରିବେଣୀସଙ୍ଗମ), ଆଗ୍ରା, ଗୋପ, ମଥୁରା, ବୃନ୍ଦାବନ, ଦିଲ୍ଲୀ, ଅମୃତସର, ୱାଘାବର୍ଡର, ଜାମ୍ମୁ, କଟରା, ବୈଷ୍ଣବଦେବୀ, ହରିଦ୍ୱାର, ଋଷିକେଶ, ବଦ୍ରିନାରାୟଣ ଧାମ, କେଦାରନାଥ, ନୂଆ ଅଯୋଧ୍ୟା, କାଶୀ, ବାରଣାସୀ, ଗୟା (ପିଣ୍ଡଦାନ), ବୁଦ୍ଧଗୟା ହୋଇ ତା.୧୦.୦୬ ରିଖରେ ପୁରୀ ପହଞ୍ଚିବ। ୪ର୍ଥ ଯାତ୍ରା: ଉତ୍ତରାଖଣ୍ଡ ଚାରିଧାମ ତା.୨୯.୦୫ରେ ଭୁବନେଶ୍ୱରରୁ ବାହାରି ହରିଦ୍ୱାର, ଋଷିକେଶ, ବଦ୍ରିନାରାୟଣ ଧାମ, ଜ୍ୟୋତିର୍ଲିଙ୍ଗ କେଦାରନାଥ, ଗଙ୍ଗୋତ୍ରୀ ଓ ଯମୁନୋତ୍ରୀ ଦର୍ଶନ ସାରି ତା. ୧୨.୦୬ରେ ପୁରୀ ପହଞ୍ଚିବ।

ବ୍ୟବସ୍ଥା: ଭଲ ଗାଇଡ୍/ ସମ୍ପୂର୍ଣ୍ଣ ଦାୟିତ୍ୱ- ସକାଳ ଚା, ଦୁଇଓଳି ଖାଦ୍ୟ, ଲଜିଂ, ଧର୍ମଶାଳା ରହଣି ଓ ପାର୍ଶ୍ୱ ଗାଡିଖର୍ଚ୍ଚ ସହ ଜଣପ୍ରତି ୧ମ ଯାତ୍ରା- ଟ.୮,୫୦୦ଙ୍କା, ୩ ଏ ଟ.୧୨,୫୦୦ଙ୍କା। ୨ୟ ଯାତ୍ରା - ଟ.୨୭,୫୭୫ଙ୍କା, ୩ ଏ ଟ.୩୦,୫୫୫ଙ୍କା। ୩ୟ ଯାତ୍ରା- ଟ.୧୮,୫୦୦ଙ୍କା, ୩ ଏ ଟ.୨୬,୫୦୦ଙ୍କା। ୪ର୍ଥ ଯାତ୍ରା- ଟ.୧୭,୫୦୦ଙ୍କା, ୩ ଏ ଟ.୨୦,୫୦୦ଙ୍କା। ପ୍ରତ୍ୟେକ ଯାତ୍ରା ପାଇଁ ଅଗ୍ରିମ ୨୦୦୦/୫୦୦୦ ଟଙ୍କା ଦେଇ ନିମ୍ନ ଠିକଣାରେ କିମ୍ବା ପରିଚାଳକଙ୍କ ସହ ଯୋଗାଯୋଗ କରି ସିଟ୍ ଶୀଘ୍ର ବୁକିଂ କରନ୍ତୁ। ବିଜ୍ଞାପନ ପ୍ରକାଶ ପାଇବାର ୧୦ ଦିନ ପର୍ଯ୍ୟନ୍ତ ଅଗ୍ରିମ ଗ୍ରହଣ କରାଯିବ ନଚେତ୍ ଟିକେଟ୍ ମିଳିବାର ସମ୍ଭାବନା ଯଥେଷ୍ଟ କମ୍।

କଟକ-୯୪୩୮୪୦୮୬୦୫, ଭୁବନେଶ୍ୱର- ୮୮୯୫୮୧୩୨୨୨, ସମ୍ବଲପୁର-୯୪୩୭୫୮୮୪୬୪, ପୁରୀ-୯୪୩୭୪୩୫୦୦୨, ଅନୁଗୁଳ- ୯୮୬୧୪୫୩୬୪୧, ବାରିପଦା- ୭୮୫୪୮୬୧୨୨୩, ଆଠମଲ୍ଲିକ- ୮୯୧୭୪୯୯୧୭୩, ଢେଙ୍କାନାଳ- ୮୫୯୬୮୦୬୬୯୦, ବାଲେଶ୍ୱର- ୯୯୩୭୦୭୪୦୨୩, କେନ୍ଦୁଝର-୯୯୩୮୬୮୦୨୩୦, ବ୍ରହ୍ମପୁର- ୯୮୬୧୧୭୦୬୮୩, ବଲାଙ୍ଗୀର- ୯୪୩୭୧୯୫୦୫୮, ରାଉରକେଲା- ୬୩୭୦୭୪୭୧୯୭, କଳାହାଣ୍ଡି- ୭୮୯୪୭୩୧୭୭୪, ଭଦ୍ରକ- ୯୬୬୮୧୧୪୬୮୨, ବୌଦ୍ଧ- ୯୭୭୮୮୧୭୩୦୫, କେନ୍ଦ୍ରାପଡା- ୯୦୪୦୪୧୬୬୦୪, ନୟାଗଡ଼- ୬୩୭୧୨୩୩୭୦୫, ଜଗତସିଂହପୁର-୯୯୩୭୧୭୮୨୫୫


# ଓଡ଼ିଶା ଏଫ୍‌ସିର ସପ୍ତମ ବିଜୟ



ବିଜୟରେ ଉଲ୍ଲସିତ ଓଡ଼ିଶା ଏଫ୍‌ସି ଖେଳାଳି।

**ଭୁବନେଶ୍ୱର, ୧୪।୨ (ତପନ ସ୍ୱାଇଁ)**

### ଇଣ୍ଡିଆନ ସୁପର ଲିଗ୍

କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାର ଅନୁଷ୍ଠିତ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍) ମ୍ୟାଚରେ ଓଡ଼ିଶା ଏଫ୍‌ସି ୩-୧ ଗୋଲରେ ହାଇଦ୍ରାବାଦ ଏଫ୍‌ସିକୁ ପରାସ୍ତ କରିଛି। ଫଳରେ ଓଡ଼ିଶା ଏଫ୍‌ସିର ପ୍ଲେ-ଅଫ୍ ପ୍ରବେଶ ଆଶା ଉଜ୍ଜୀବିତ ରହିଛି। ହାଇଦ୍ରାବାଦ ଏଫ୍‌ସି ପକ୍ଷରୁ ଷ୍ଟିଫାନ ସାପିକ୍ ୩୦ତମ ମିନିଟରେ ଗୋଲ ଦେଇ ଦଳକୁ ଅଗ୍ରଣୀ କରିଥିଲେ। ମାତ୍ର ବିଜୟୀ ଦଳ ପକ୍ଷରୁ ମୋର୍ତାଦା ଫଲ୍ ୪୭, ହ୍ୟୁଗୋ ବୌମସ ୪୯ ଓ ରହିମ ଅଲୀ ୭୦ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରି ଓଡ଼ିଶା ଏଫ୍‌ସିକୁ ବିଜୟୀ କରିଥିଲେ। ୨୧ ମ୍ୟାଚରୁ ୭ମ ବିଜୟ ସହ ୨୯ ପଏଣ୍ଟ ପାଇ ଓଡ଼ିଶା ଦଳ ଟେବୁଲର ୭ମ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ହାଇଦ୍ରାବାଦ ଏଫ୍‌ସି ୨୦ ମ୍ୟାଚରୁ ୧୨ଶ ପରାଜୟ ବରଣ କରିଛି। ଚଳିତ ସିଜନ ପ୍ରାରମ୍ଭରେ ହୋଇଥିବା ମୁକାବିଲାରେ ମଧ୍ୟ ଓଡ଼ିଶା ଏଫ୍‌ସି ୬-୦ ଗୋଲରେ ହାଇଦ୍ରାବାଦ ଏଫ୍‌ସିକୁ ପରାସ୍ତ କରିଥିଲା।

# ଭାରତ ଅଲିମ୍ପିକ୍ସ ଆୟୋଜନ ପାଇଁ ପ୍ରସ୍ତୁତ: ଶାହା



ଜାତୀୟ କ୍ରୀଡ଼ାର ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ଅଛନ୍ତି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ, ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି, ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ସଭାପତି ପି.ଟି. ଉଷା ଓ ଅନ୍ୟମାନେ।

**ହଲ୍‌ଦ୍ୱାନୀ, ୧୪।୨(ପି.ଟି.)**

୩୮ତମ ଜାତୀୟ କ୍ରୀଡ଼ାର ପ୍ରତିଯୋଗିତାଗୁଡ଼ିକ ଗୁରୁବାର ଶେଷ ହୋଇଥିବା ବେଳେ ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଇଣ୍ଟରନ୍ୟାଶନାଲ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ଉଦ୍‌ଯାପନୀ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସେ ଉଦ୍‌ବୋଧନ ଦେଇ କ୍ରୀଡ଼ାରେ ଭାରତର ଭବିଷ୍ୟତ ଉଜ୍ଜ୍ୱଳ ଏବଂ ୨୦୩୬ ଅଲିମ୍ପିକ୍ସ ଆୟୋଜନ ପାଇଁ ଆମ ଦେଶ ପ୍ରସ୍ତୁତ ବୋଲି ସେ କହିଛନ୍ତି। ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ସଭାପତି ପି.ଟି. ଉଷା ଗେମ୍ସର ପରିସମାପ୍ତି ଘୋଷଣା କରିଥିଲେ। ପରେ ସେ ଗେମ୍ସର ପରବର୍ତ୍ତୀ ଆୟୋଜକ ରାଜ୍ୟ ମେଘାଳୟ ମୁଖ୍ୟମନ୍ତ୍ରୀ କୋନରାଡ୍ ସାଙ୍ଗ୍‌ମାଙ୍କୁ ପତାକା ହସ୍ତାନ୍ତର କରିଥିଲେ। ଶାହାଙ୍କ ବ୍ୟତୀତ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ମଧ୍ୟ ଇଭେଣ୍ଟରେ ଯୋଗଦାନ କରିଥିଲେ। ଗତ ଦୁଇସପ୍ତାହ ଧରି ଆଥ୍‌ଲେଟମାନଙ୍କ ପ୍ରଦର୍ଶନର ସେ ଉଚ୍ଚ ପ୍ରଶଂସା କରିଥିଲେ। ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ସ୍ୱରାଷ୍ଟ୍ରମନ୍ତ୍ରୀ ଶାହାଙ୍କୁ ସ୍ମାରକୀ, ଏକ ଶାଲ୍ ଏବଂ ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ।

### ଜାତୀୟ କ୍ରୀଡ଼ାରେ ଓଡ଼ିଶାକୁ ୪୬ ପଦକ

#### ସ୍ୱର୍ଣ୍ଣ ୬, ରୌପ୍ୟ ୪, ବ୍ରୋଞ୍ଜ ପାଇଁ ୩ ଲକ୍ଷ ଟଙ୍କା

**ଭୁବନେଶ୍ୱର, ୧୪।୨ (ତପନ ସ୍ୱାଇଁ)**

ଉତ୍ତରାଖଣ୍ଡରେ ଆୟୋଜିତ ଜାତୀୟ କ୍ରୀଡ଼ାରେ ଓଡ଼ିଶା କ୍ରୀଡ଼ାବିତମାନେ ୪୬ଟି ପଦକ ହାସଲ କରିଛନ୍ତି। ଏହା ମଧ୍ୟରେ ୧୪ ସ୍ୱର୍ଣ୍ଣ, ୧୫ ରୌପ୍ୟ ଓ ୧୭ ବ୍ରୋଞ୍ଜ ପଦକ ରହିଛି। ଜାତୀୟ କ୍ରୀଡ଼ାର ସର୍ବଭାରତୀୟ ସ୍ତରରେ ଓଡ଼ିଶା ୧୨ଶ ସ୍ଥାନ ହାସଲ କରିଛି। ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଓଡ଼ିଶା କ୍ରୀଡ଼ାବିତଙ୍କ ପାଇଁ ୬ଲକ୍ଷ, ରୌପ୍ୟ ପଦକ ପାଇଁ ୪ ଲକ୍ଷ ଓ ବ୍ରୋଞ୍ଜ ପଦକ ପାଇଁ ୩ ଲକ୍ଷ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ଓଡ଼ିଶା କ୍ରୀଡ଼ାବିତଙ୍କ ଉଲ୍ଲେଖନୀୟ ସଫଳତା ସମ୍ବନ୍ଧରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ, ‘‘ଚଳିତ ବର୍ଷ ଜାତୀୟ କ୍ରୀଡ଼ାରେ ଓଡ଼ିଶା ଟପ୍ ୧୫ ରେ ସ୍ଥାନ ପାଇଛି। ଓଡ଼ିଶାକୁ ଏଥର ସର୍ବମୋଟ ୪୬ଟି ପଦକ ପଦକ ମିଳିଛି। ମୁଁ ସମସ୍ତ କ୍ରୀଡ଼ାବିତମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି।

# ପ୍ରଗତି, ବାପୁଜି କ୍ଲବ ସେମିରେ

**ଭୁବନେଶ୍ୱର, ୧୪।୨ (ତପନ ସ୍ୱାଇଁ)**

ମୁନ୍ ଲାଇଟ୍ ୟୁଥ୍ କ୍ଲବ ଆନୁକୂଲ୍ୟରେ ବିଜେବି କଲେଜ ପଡ଼ିଆରେ ଚାଲିଥିବା ୮ମ ନବ ଦାଶ ଏବଂ ୪ର୍ଥ ପ୍ରଶାନ୍ତ ମହାପାତ୍ର ସ୍ମାରକୀ ଟି୨୦ କ୍ରିକେଟ ଟୁର୍ନାମେଣ୍ଟର ଶୁକ୍ରବାର ଅନୁଷ୍ଠିତ ୨ଟି ମ୍ୟାଚରେ ପ୍ରଗତି ସ୍ପୋର୍ଟିଂ ଓ ବାପୁଜି କ୍ରିକେଟ କ୍ଲବ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ତୃତୀୟ କ୍ୱାର୍ଟର ଫାଇନାଲରେ ସୋଲାର କ୍ଲବ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୯ ଉଇକେଟ ହରାଇ ୧୪୧ ରନ କରିଥିଲା। ବିଜୟ ଲକ୍ଷ୍ୟକୁ ପ୍ରଗତି ସ୍ପୋର୍ଟିଂ ୧୮.୫ ଓଭରରେ ୭ ଉଇକେଟ ହରାଇ ହାସଲ କରି ନେଇଥିଲା। ୪ ଉଇକେଟ ସଫଳତା ପାଇଥିବା ପ୍ରଗତିର ସୁମନ ଦାସ ଅତିଥି ରାକେଶ ମହାନ୍ତିଙ୍କଠାରୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ଗ୍ରହଣ କରିଥିଲେ। ଚତୁର୍ଥ କ୍ୱାର୍ଟର ଫାଇନାଲରେ ବାପୁଜି କ୍ରିକେଟ କ୍ଲବ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୬ ଉଇକେଟ ହରାଇ ୧୭୪ ରନ କରିଥିଲା। ଜବାବରେ ମୁକ୍ତେଶ୍ୱର କ୍ରିକେଟ କ୍ଲବ ୨୦ ଓଭରରେ ୮ ଉଇକେଟ ହରାଇ ୧୬୪ ରନରେ ସୀମିତ ରହିଥିଲା। ବିଜୟୀ ଦଳ ପକ୍ଷରୁ ଦ୍ରୁତ ୫୬ ରନ କରିଥିବା ଆର୍ଯ୍ୟଶ୍ରୀ ଭଞ୍ଜ ଅତିଥି କୈଳାସ ପାତ୍ରଙ୍କଠାରୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ନେଇଥିଲେ।

# ନ୍ୟାୟ ଆଶାରେ ଜାତୀୟ ପଦକ ବିଜେତା ଶକ୍ତିଉତ୍ତୋଳକ

**ଭୁବନେଶ୍ୱର, ୧୪।୨ (ତପନ ସ୍ୱାଇଁ)**



ଖବରଦାତା ସମ୍ମିଳନୀରେ ଶକ୍ତିଉତ୍ତୋଳକମାନେ ସେମାନଙ୍କ ପଦକ ପ୍ରଦର୍ଶନ କରୁଛନ୍ତି।

ରାଜ୍ୟରେ କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କ ଉନ୍ନତି ପାଇଁ ଅନେକ ପଦକ୍ଷେପ ନିଆଯାଉଛି। ଆହୁରି ମଧ୍ୟ ଅନେକ ପଦକ୍ଷେପ ନିଆଯିବାକୁ ନିଷ୍ପତ୍ତି ହୋଇଛି। ମାତ୍ର ଏପରି ଅନେକ କ୍ରୀଡ଼ାବିତ୍ ଅଛନ୍ତି ଯେଉଁମାନେ କି ସିନିୟର ଜାତୀୟ ସ୍ତରରେ ଗଣ୍ଡାଗଣ୍ଡା ପଦକ ଜିତିଥିଲେ ମଧ୍ୟ ସେମାନଙ୍କୁ ଅଣଦେଖା କରାଯାଉଛି। ସମସ୍ତ ଯୋଗ୍ୟତା ଥାଇ ମଧ୍ୟ ସେମାନଙ୍କୁ ସରକାରୀ ନିଯୁକ୍ତିରୁ ବଞ୍ଚିତ କରାଯାଉଛି। ହକ୍ ପାଇଁ ସେମାନଙ୍କୁ ଲଢ଼େଇ କରିବାକୁ ପଡୁଛି। ଶୁକ୍ରବାର ଏଠାରେ ଏକ ଖବରଦାତା ସମ୍ମିଳନୀ କରି ଏପରି ଗୁରୁତର ଅଭିଯୋଗ ଆଣିଛନ୍ତି ଡଜନେରୁ ଅଧିକ ଜାତୀୟ ପଦକ ବିଜେତା ଶକ୍ତିଉତ୍ତୋଳକ। ସେମାନଙ୍କ ମଧ୍ୟରେ ଅଛନ୍ତି ଦେବୀ ସିଂ, ଦେବାଶିଷ ମହାନ୍ତି, ଦୀପକ ନାୟକ, ଅଭିଷେକ ମହନ୍ତ, ଭାରତୀ ପାତ୍ର, ଶିମରଣୀ ସିଂ, ସୁଷମା ରାୟ, ସ୍ୱାଗତିକା ଖଟେଇ, ଧନମଣି ଟୁଡ୍ଡୁ, ତେଜବ ସୁନା, ରାଜସ୍ମିତା ସାହୁ ଓ ପ୍ରଭାତୀ ସିଂ। ୨୦୧୫ରୁ ସରକାରଙ୍କ ଯୋଜନା ଅନୁସାରେ ୨୬ଟି ଖେଳରେ ସିନିୟର ଜାତୀୟ ପ୍ରତିଯୋଗିତାରେ ପଦକପ୍ରାପ୍ତ ଖେଳାଳିଙ୍କୁ ସରକାର ଓଡ଼ିଶା ପୋଲିସରେ ଗ୍ରୁପ୍-ସି ଓ ଗ୍ରୁପ୍-ଡିରେ ସିଧାସଳଖ ନିଯୁକ୍ତି ବ୍ୟବସ୍ଥା ରହିଛି। ଏହି କ୍ରୀଡ଼ା ଶୃଙ୍ଖଳାଗୁଡ଼ିକ ମଧ୍ୟରେ ଶକ୍ତିଉତ୍ତୋଳନ ଅନ୍ୟତମ।

ପ୍ରକାଶଯୋଗ୍ୟ ଯେ ଭାରତୀୟ ପାୱାରଲିଫ୍ଟିଂ ଫେଡେରେଶନ ପୂର୍ବରୁ ଏହି କ୍ରୀଡ଼ାରେ ବିଶ୍ୱର ସର୍ବୋଚ୍ଚ ସଂଘ ଅନ୍ତର୍ଜାତୀୟ ପାୱାରଲିଫ୍ଟିଂ ଫେଡେରେଶନ ସହ ଅନୁବନ୍ଧିତ ଥିଲା। ତାହାକୁ ଅନ୍ତର୍ଜାତୀୟ ସଂଘ ୨୦୧୭ରେ ଭାଙ୍ଗି ଭାରତରେ ଶକ୍ତିଉତ୍ତୋଳନର ସୁପରିଚାଳନା ନିମନ୍ତେ ଏକ ଆଡ୍‌ହକ କମିଟି ଗଠନ କରିଥିଲା। ଏହି କମିଟି ଜରିଆରେ ବିଧିବଦ୍ଧଭାବେ ଭାରତର ସମସ୍ତ ଶକ୍ତିଉତ୍ତୋଳକ ସଂଘକୁ ନେଇ ସେହିବର୍ଷ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଅନ୍ତର୍ଜାତୀୟ ସଂଘର ନିର୍ଦ୍ଦେଶରେ ଜାତୀୟ ଶକ୍ତିଉତ୍ତୋଳନ ସଂଘର ନାମ ପାୱାରଲିଫ୍ଟିଂ ଇଣ୍ଡିଆ ରଖାଯାଇଥିଲା। ଏହାକୁ ଅନ୍ତର୍ଜାତୀୟ ପାୱାରଲିଫ୍ଟିଂ ସଂଘ ସ୍ୱୀକୃତି ମଧ୍ୟ ଦେଇଥିଲା। ତେଣୁ ପାୱାରଲିଫ୍ଟିଂ ଇଣ୍ଡିଆ ଭାରତରେ ଏକମାତ୍ର ଜାତୀୟ ଶକ୍ତିଉତ୍ତୋଳନ ସଂଘଭାବେ ସ୍ୱୀକୃତ ଅନୁଷ୍ଠାନ। ୨୦୨୧ରେ ଏହି ସଂଘ ଅଧୀନରେ ଜାତୀୟ ପ୍ରତିଯୋଗିତାରେ ସଫଳତା ହାସଲ କରି ୩ ଜଣ ଓଡ଼ିଆ ପୋଲିସ ବିଭାଗରେ ନିଯୁକ୍ତି ପାଇଛନ୍ତି। ୨୦୨୨ରେ ଅନ୍ୟ ୯ ଜଣଙ୍କୁ ପୋଲିସ ଡିଜି ଅଫିସକୁ ସାର୍ଟିଫିକେଟ ଭେରିଫିକେଶନ ପାଇଁ ଡକାଯାଇଥିଲା। ମାତ୍ର ସେତେବେଳେ କ୍ରୀଡ଼ା ବିଭାଗର ଅଧିକାରୀ ଦ୍ୱନ୍ଦ୍ୱରେ ରହିବାରୁ ସାର୍ଟିଫିକେଟଗୁଡ଼ିକୁ ପୁଣିଥରେ ଭେରିଫିକେଶନ ପାଇଁ ପଠା ଯାଇଥିଲା, ଯାହାର ଉତ୍ତର ଆଜି ପର୍ଯ୍ୟନ୍ତ କ୍ରୀଡ଼ା ବିଭାଗ ପକ୍ଷରୁ ପୋଲିସ ବିଭାଗକୁ ଦିଆଯାଇନାହିଁ। ଫଳରେ ୨୦୨୨ରୁ ଏପର୍ଯ୍ୟନ୍ତ ଜାତୀୟ ଶକ୍ତିଉତ୍ତୋଳନରେ ସଫଳତା ଲାଭ କରିଥିବା କୌଣସି କ୍ରୀଡ଼ାବିତ୍ ଚାକିରି ପାଇବା ସମ୍ଭବ ହୋଇନାହିଁ ବୋଲି ଶକ୍ତିଉତ୍ତୋଳକ ଦେବାଶିଷ ମହାନ୍ତି ପ୍ରକାଶ କରିଛନ୍ତି। ଏହାକୁ ବିରୋଧ କରି ୯ ଜଣ ଶକ୍ତିଉତ୍ତୋଳକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ମକଦ୍ଦମାକୁ ଗ୍ରହଣ କରି କେସ୍ ନ ସରିବା ମଧ୍ୟରେ ସରକାର ଚାହିଁଲେ ଶକ୍ତିଉତ୍ତୋଳକଙ୍କୁ ନିଯୁକ୍ତି ଦେଇପାରିବେ ବୋଲି ମତ ରଖିଥିଲେ। ମାତ୍ର ଏହାସତ୍ତ୍ୱେ କ୍ରୀଡ଼ା ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ ବୋଲି ସେ ପ୍ରକାଶ କରିଛନ୍ତି। ସେହିପରି ଡଜନେରୁ ଊର୍ଦ୍ଧ୍ୱ ପଦକ ଜିତି ବେକାର ହୋଇ ରହିଥିବା ଦେବୀ ସିଂ କହିଛନ୍ତି ଯେ, ମୁଁ ଅନେକ ପରିଶ୍ରମ କରି ଜାତୀୟ ସ୍ତରରେ ପଦକ ଜିତି ରାଜ୍ୟକୁ ଗର୍ବିତ କରିଛି। ମାତ୍ର ଏବେ ଛେଳି ଚରାଇ ଜୀବନ ଅତିବାହିତ କରିବାକୁ ପଡୁଛି। ତେଣୁ ନୂଆ ସରକାର ଶୀଘ୍ର ଆମକୁ ନ୍ୟାୟ ପ୍ରଦାନ କଲେ ଆମେ ଉପକୃତ ହେବୁ। ଧନମଣି ଟୁଡୁ ମଧ୍ୟ ସମାନ ମତ ରଖିଛନ୍ତି। ଚାକିରି ନ ମିଳିବାରୁ ପୋଟ ପୋଷିବା ପାଇଁ ମୁଁ ତାମିଲନାଡୁରେ କାମକରି ଚଳୁଛି। ସରକାର ରାଜ୍ୟର ଯୋଗ୍ୟ ଶକ୍ତିଉତ୍ତୋଳକଙ୍କୁ ନ୍ୟାୟ ପ୍ରଦାନ କରିବେ ବୋଲି ସେ ଆଶା ରଖିଛନ୍ତି।

# କିଟ୍‌କୁ ସ୍ପୋର୍ଟ ଷ୍ଟାର ଏସେସ୍ ପୁରସ୍କାର

**ଭୁବନେଶ୍ୱର, ୧୪।୨ (ବିଜୟ ରଣା)**



ପୁରସ୍କାର ଗ୍ରହଣ କରୁଛନ୍ତି କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ (ମଝି)।

କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ସକାଶେ କିଟ୍ ବିଶ୍ୱବିଦ୍ୟାଳୟକୁ ସ୍ପୋର୍ଟଷ୍ଟାର ଏସେସ୍ ପୁରସ୍କାର୨୦୨୫ ମିଳିଛି। କିଟ୍ ନିରବଚ୍ଛିନ ଭାବେ କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କୁ ପ୍ରୋତ୍ସାହନ ଯୋଗାଇ ଦେଇଆସୁଛି। ଶୁକ୍ରବାର ମୁମ୍ବାଇଠାରେ ‘ସ୍ପୋର୍ଟଷ୍ଟାର’ ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କିଟ୍‌କୁ ପୁରସ୍କୃତ କରାଯାଇଛି। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏହି ସମ୍ମାନ ଗ୍ରହଣ କରିଥିଲେ। ୨୦୨୨ ପରେ କିଟ୍ ବିଶ୍ୱବିଦ୍ୟାଳୟକୁ ଏହି ପୁରସ୍କାର ଦ୍ୱିତୀୟ ଥର ମିଳିଛି। ସେହିପରି କ୍ରୀଡ଼ାକୁ ପ୍ରୋତ୍ସାହନ ଦେଉଥିବା ରାଜ୍ୟ ଭାବରେ ମଧ୍ୟପ୍ରଦେଶ, କର୍ପୋରେଟ ଭାବେ ରିଲାଏନ୍ସ ଓ ପବ୍ଲିକ ସେକ୍ଟର ୟୁନିଟ ଭାବରେ ରେଲୱେ (ଆରଏସପିବି)କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ବିଶ୍ୱନାଥନ୍ ଆନନ୍ଦଙ୍କ ସମେତ ବହୁ କ୍ରୀଡ଼ାବିତ୍ କୋଚ୍ ଓ ପ୍ରାକ୍ତନ କ୍ରୀଡ଼ାବିତ୍ ପ୍ରମୁଖ ଉପସ୍ଥିତ ଥିଲେ। ୨୦୦୪ ମସିହାରୁ ପ୍ରତିଷ୍ଠାତା ଶ୍ରୀ ସାମନ୍ତଙ୍କ ନେତୃତ୍ୱରେ କିଟ୍ ଓ କିସ୍ ଅନ୍ତର୍ଜାତୀୟ ସ୍ତରର କ୍ରୀଡ଼ା ଭିତ୍ତିଭୂମି ଜରିଆରେ ଇତିମଧ୍ୟରେ ୨୩ ଜଣ ଅଲିମ୍ପିଆନ୍, ୩ଜଣ ପାରାଅଲିମ୍ପିଆନ୍, ୧୧ ଅର୍ଜୁନ ପୁରସ୍କାର ବିଜେତା ଓ ଜଣେ ଖେଳରତ୍ନ ପୁରସ୍କାର ବିଜେତା ସୃଷ୍ଟି ହୋଇପାରିଛନ୍ତି।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ